بِسْمِ اللّٰهِ الرَّحْمٰنِ الرَّحِيْمِ    نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ    وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଈଶ୍ୱରଙ୍କ ଅସ୍ତିତ୍ୱ


ସଂଖ୍ୟା
52-53
ବାର୍ଷିକ ଦେୟ
500 ଟଙ୍କା



ସାପ୍ତାହିକ    କାଦିୟାନ

# ବଦର

The Weekly
**BADAR** Qadian
**ODIA**


ବର୍ଷ
5
ସମ୍ପାଦକ
କମ୍‌ରୁଲ ହକ୍ ଖାନ
ସହ ସମ୍ପାଦକ
ମକ୍‌ସୁଦ୍ ଅଲୀ ଖାନ
(ଏଚ.ଏ. ଏମ୍.ଏ.)


**Postal Reg. No. GDP/40/2020-22 • 24-31 ଡିସେମ୍ବର 2020 • 24-31 ଫତାହ 1399 ହିଜ୍ରି ଶମ୍‌ସୀ • 08-15 ଜମାଦିଲ୍ ଅୱ୍ୱଲ 1442 ହିଜ୍ରି କମରୀ**

قُلِ ادْعُوا اللّٰهَ اَوِ ادْعُوا الرَّحْمٰنَ ؕ اَيًّا مَّا تَدْعُوْا فَلَهُ الْاَسْمَآءُ الْحُسْنٰى (الاسراء:111)

କୁଲିଦ୍ ଉଲ୍ଲାହା ଅୱିଦ୍‌ଉର୍ ରହମାନ; ଅୟାମ୍ମା ତଦ୍‌ଉ'ଫଲହୁଲ୍ ଅସ୍‌ମା'ଉଲ ହୁସ୍‌ନା

"ତୁମେ କହିଦିଅ ଯେ ଅଲ୍ଲାହ୍‌ଙ୍କୁ ଡାକ ଅବା ରହମାନ୍‌ଙ୍କୁ । ଯେଉଁ ନାମ ଧରି ତୁମେ ଡାକିଲେ ମଧ୍ୟ ସକଳ ଉତ୍କୃଷ୍ଟ ନାମ କେବଳ ତାଙ୍କରି ।" (ବନି ଇସ୍ରାଇଲ ୧୧୧)






୯ ଅଗଷ୍ଟ ୨୦୨୦ ତାରିଖରେ ଜଲସା ସାଲାନା ବ୍ରିଟେନ ଅବସରରେ ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ] ମଞ୍ଚାସୀନ ହୋଇ ପ୍ରାର୍ଥନାରତ



୯ ଅଗଷ୍ଟ ୨୦୨୦ ତାରିଖରେ ଜଲସା ସାଲାନା ବ୍ରିଟେନ ଅବସରରେ ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ] ଉଦବୋଧନ ଦେଉଛନ୍ତି



୧୫ ଡିସେମ୍ବର ୨୦୧୯ ଦିନ ହଜୁରଙ୍କ ସହିତ ଜାମିଆ ଅହମଦିୟା ବ୍ରିଟେନର ଶିକ୍ଷାର୍ଥୀମାନଙ୍କର ଏକ ବୈଠକ



୩୧ ଅକ୍ଟୋବର ୨୦୨୦ ଦିନ ହଜୁରଙ୍କ ସହିତ ଜାମିଆ ଅହମଦିୟା ଇଣ୍ଡୋନେସିଆର ଶିକ୍ଷାର୍ଥୀମାନଙ୍କର ଏକ ଅନଲାଇନ କ୍ଲାସ



୧୨ ଡିସେମ୍ବର ୨୦୨୦ ତାରିଖରେ ହଜୁରଙ୍କ ସହିତ ମଜଲିସ ଆମିଲା ଓ ମଜଲିସ ଖୁଦାମୁଲ ଅହମଦିୟା ଅଷ୍ଟ୍ରେଲିଆର କାଏଦମାନଙ୍କର ଅନଲାଇନ ସଭା



୨୫ ଅକ୍ଟୋବର ୨୦୨୦ ତାରିଖରେ ହଜୁରଙ୍କ ସହିତ ମରିସସର ଶିକ୍ଷାଦାତା, ଜାତୀୟ ମଜଲିସ ଆମିଲାର ସଦସ୍ୟ ତଥା ସହାୟକ ସଂଗଠନଗୁଡିକର ଅନଲାଇନ ସଭା

بسم اللہ الرحمٰن الرحیم
نحمدہ و نصلی علی رسولہ الکریم
وعلیٰ عبدہ المسیح الموعود
خدا کے فضل اور رحم کے ساتھ
ھو الناصر

اسلام آباد ٹلفورڈ
MA 30-11-2020

**ଆଜିକାଲି ଯେବେ କି ସଂସାର ବସ୍ତୁବାଦୀ ହୋଇପଡିଛି, ଧର୍ମଠାରୁ ଦୂରେଇ ଯାଇଛି ଏବଂ ନିଜର ସ୍ରଷ୍ଟାଙ୍କୁ ପାଶୋରି ପକାଇଛି..**
**ଏହି ପରିସ୍ଥିତିରେ ପ୍ରତ୍ୟେକ ଅହମଦିଙ୍କର ଏହା କର୍ତ୍ତବ୍ୟ ହେଉଛି ଯେ 'ଈଶ୍ୱରଙ୍କ ଅସ୍ତିତ୍ୱ'ର ପ୍ରମାଣମାନ ଶିଖନ୍ତୁ,**
**ଅଲ୍ଲାଃଙ୍କ ସହିତ ସଂପର୍କ ସ୍ଥାପନ କରିବାରେ ଉନ୍ନତି କରନ୍ତୁ ଏବଂ ସମଗ୍ର ଜଗତକୁ ଏହି ପ୍ରାଣ ସଞ୍ଜୀବନି ବାସ୍ତବିକତାର**
**ଆଲୋକରେ ଆଲୋକିତ କରାନ୍ତୁ**
**ଅଲ୍ଲାଃତାଲା ଆପଣମାନଙ୍କୁ ଏଥି ସକାଶେ ସାମର୍ଥ୍ୟ ପ୍ରଦାନ କରନ୍ତୁ**

## ହଜରତ ଅମିରୁଲ୍ ମୁ'ମେନିନ୍ ଖଲିଫତୁଲ୍ ମସିହ ପଞ୍ଚମ[ଅବ]ଙ୍କର ପ୍ରେମଭରା ମର୍ମସ୍ପର୍ଶୀ ବାର୍ତ୍ତା

ପ୍ରିୟ ପାଠକ ସାପ୍ତାହିକ ବଦର କାଦିୟାନ !

ମୁଁ ଏହା ଜାଣି ଅତ୍ୟନ୍ତ ପ୍ରୀତ ହେଲି ଯେ ସମ୍ବାଦପତ୍ର 'ବଦର୍' ଈଶ୍ୱରଙ୍କ ଅସ୍ତିତ୍ୱ (ହସ୍ତି ବାରିତା'ଲା) ଶୀର୍ଷକ ଏକ ବିଶେଷାଙ୍କ ପ୍ରକାଶିତ କରିବାର ସୌଭାଗ୍ୟ ଲାଭ କରିଛି । ଅଲ୍ଲାଃତାଲା ଏହାକୁ ପ୍ରତ୍ୟେକ ଦୃଷ୍ଟିକୋଣରୁ କଲ୍ୟାଣଦାୟକ କରନ୍ତୁ । ଆମିନ୍ ।

ଏହି ଅବସରରେ ମୋତେ ବାର୍ତ୍ତା ପଠାଇବା ପାଇଁ ନିବେଦନ କରାଯାଇଛି । ମୋର ବାର୍ତ୍ତା ହେଉଛି ଯେ ଆମେମାନେ ବହୁତ ସୌଭାଗ୍ୟଶାଳୀ ଯେ ଅଲ୍ଲାଃତାଲା ଆମମାନଙ୍କୁ ହଜରତ ମସିହ ମଉଦ[ଅସ]ଙ୍କର ମାନ୍ୟତା ସ୍ୱୀକାର କରିବାର ସାମର୍ଥ୍ୟ ପ୍ରଦାନ କରିଛନ୍ତି । ସେ ସ୍ୱରଚିତ ପୁସ୍ତକମାନଙ୍କରେ ଅଲ୍ଲାଃତାଲାଙ୍କ ତରଫରୁ ତାଙ୍କର ସତ୍ୟତାର ସମର୍ଥନରେ ପ୍ରକଟ ହୋଇଥିବା ନିଦର୍ଶନ ଓ ପ୍ରମାଣ ସହିତ ଈଶ୍ୱରଙ୍କ ଅସ୍ତିତ୍ୱକୁ ପ୍ରତିପାଦନ କରିଛନ୍ତି । ସେ ନିଜର ପୁସ୍ତକ 'କିଶ୍‌ତୀ ନୁହ'ରେ କହିଛନ୍ତି :

"ଆମ ଈଶ୍ୱର ହେଉଛନ୍ତି ଆମର ସ୍ୱର୍ଗ । ଆମ ଈଶ୍ୱରଙ୍କ ଠାରେ ହିଁ ରହିଛି ଆମର ପରମ ଆନନ୍ଦ । କାରଣ ଆମେ ତାହାଙ୍କୁ ଦର୍ଶନ କରିଛୁ ଓ ତାହାଙ୍କ ଠାରୁ ହିଁ ପ୍ରତ୍ୟେକ ସୌନ୍ଦର୍ଯ୍ୟ ପାଇଛୁ । ଏହି ଅମୂଲ୍ୟ ସଂପଦକୁ ପାଇବା ଲାଗି ଜୀବନ ଦେବାକୁ ପଡ଼ିଲେ ମଧ୍ୟ ତାହା ଲାଭଯୋଗ୍ୟ । ଏହି ପଦ୍ମରାଗ ମଣିକୁ ପାଇବା ଲାଗି ନିଜର ସର୍ବାଙ୍ଗ ଅସ୍ତିତ୍ୱକୁ ଉତ୍ସର୍ଗ କରିବାକୁ ପଡ଼ିଲେ ମଧ୍ୟ ତାହା କ୍ରୟଯୋଗ୍ୟ । ତୁମେ ଯେଉଁମାନେ ଏଥିରୁ ବଞ୍ଚିତ, ଏଇ ନିର୍ଝର ନିକଟକୁ ଦଉଡ଼ି ଯାଅ । ଏହା ତୁମର ତୃଷା ନିବାରଣ କରିବ । ଏହା ହିଁ ସେହି ଜୀବନ ନିର୍ଝର, ଯାହା ତୁମକୁ ରକ୍ଷା କରିବ । ମୁଁ କ'ଣ କରିବି, କିପରି ଏହି ଶୁଭ ସମ୍ବାଦକୁ ତୁମ ହୃଦୟରେ ବସାଇବି ? କେଉଁ ଢୋଲ ବାଦ୍ୟ ଦ୍ୱାରା ଢେଙ୍ଗୁରା ଦେଇ ଜନଗହଳି ପୂର୍ଣ୍ଣ ବଜାରରେ ଏହି ଘୋଷଣା କରିବି ଯେ ତୁମର ପ୍ରଭୁ ହେଉଛନ୍ତି ଏହିପରି । ଯଦ୍ୱାରା ଲୋକମାନେ ସରାଗରେ ମୋ କଥାକୁ କାନପାତି ଶୁଣିବେ ଏବଂ କେଉଁ ମହୌଷଧି ଦେଇ ମୁଁ ଏହାର ଉପଚାର କରିବି, ଯାଦ୍ୱାରା ଶୁଣିବା ଲୋକର କାନ ଖୋଲିବ ।"
(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୧୯, ପୃଷ୍ଠା ୨୧-୨୨)

ଆମ ଜମାଅତର ପତ୍ର ପତ୍ରିକାମାନଙ୍କରେ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଯଥେଷ୍ଟ ତଥ୍ୟ ମହଜୁଦ ରହିଛି । ହଜରତ ମୁସଲେହ ମଉଦ[ରଅ] ଙ୍କର ଏକ ପୁସ୍ତକ 'ହସ୍ତି ବାରିତାଲା'ର ବିଷୟବସ୍ତୁ ପ୍ରକାଶ ପାଇଛି । ସେହିପରି ତାଙ୍କର ଅନ୍ୟ ଏକ ପୁସ୍ତକ 'ହସ୍ତି ବାରିତାଲା କେ ଦସ୍ ଦଲାଇଲ୍' ମଧ୍ୟ ରହିଛି, ଯାହା ମଧ୍ୟରୁ ସଂକ୍ଷେପରେ କୀୟଦଂଶ ତତ୍ତ୍ୱଜ୍ଞାନ ଏଠାରେ ଉଦ୍ଧାର କରାଯାଉଛି ।

ମହାମାନ୍ୟ ଦ୍ୱିତୀୟ ଖଲିଫା[ରଅ] କହିଛନ୍ତି ଯେ ମନୁଷ୍ୟ ବିଭିନ୍ନ ପଦାର୍ଥକୁ ବିଭିନ୍ନ ଇନ୍ଦ୍ରୀୟ ଦ୍ୱାରା ଚିହ୍ନିଥାଏ । କେତେକ ବସ୍ତୁକୁ ଦେଖି କରି, କେତେକକୁ ସ୍ପର୍ଶ କରି, କେତେକକୁ ଶୁଙ୍ଘିବା ଦ୍ୱାରା ଓ କେତେକ ବିଷୟକୁ ଶୁଣିବା ଦ୍ୱାରା, ପୁଣି ଅନ୍ୟ କେତେକ ବସ୍ତୁକୁ ଚାଖିବା ଫଳରେ ଜାଣିପାରେ । ପୁନଶ୍ଚ ଅନେକ ଏପରି ପଦାର୍ଥ ରହିଛି, ଯାହାର ଜ୍ଞାନ ଏହି ପଞ୍ଚେନ୍ଦ୍ରୀୟ ଦ୍ୱାରା ମଧ୍ୟ ସମ୍ଭବ ହୁଏ ନାହିଁ । ବରଂ ଏହାକୁ ଜାଣିବାର ମାଧ୍ୟମ ଅନ୍ୟକିଛି ହୋଇଥାଏ । ଉଦାହରଣ ସ୍ୱରୂପ, ବୁଦ୍ଧି ବା ଧୀଶକ୍ତି ଯାହାକୁ କଦାପି ଅସ୍ୱୀକାର କରାଯାଇ ପାରିବ ନାହିଁ । ମାତ୍ର କେହି କ'ଣ ଏହି ବୁଦ୍ଧିମତା ବା ସ୍ମୃତି ଶକ୍ତିକୁ କେବେ ଅବଲୋକନ କରିଛି ? କି ଏହାକୁ ଶ୍ରବଣ କରିଛି କିମ୍ବା ଆଘ୍ରାଣ ଲରିଛି ଅଥବା ସ୍ପର୍ଶ କରିପାରିଛି ?

ଅଲ୍ଲାଃ ଏକ ସୂକ୍ଷ୍ମ ଭେଦ । ସେ ଦୃଷ୍ଟିକୁ ଆସନ୍ତି ସତ, କିନ୍ତୁ ସେହି ଚକ୍ଷୁ ଦ୍ୱାରା ଯାହା ତାଙ୍କୁ ଦେଖିବାକୁ ସକ୍ଷମ ହୋଇଥାଏ । ହଁ, ଯଦି କୌଣସି ବ୍ୟକ୍ତି ତାଙ୍କୁ ଦେଖିବାର ଇଚ୍ଛା ପୋଷଣ କରନ୍ତି, ତେବେ ସେ ନିଜର ଶକ୍ତି ଓ ସାମର୍ଥ୍ୟ ଦ୍ୱାରା ସଂସାର ସମ୍ମୁଖରେ ପ୍ରକାଶମାନ ହୁଅନ୍ତି । ସେ ଗୁପ୍ତ ଥିବା ସତ୍ତ୍ୱେ ସବୁଠାରୁ ଅଧିକ ପ୍ରକାଶ୍ୟ । ପବିତ୍ର କୁରଆନରେ ଅଲ୍ଲାଃତାଲା କହିଛନ୍ତି: لَا تُدْرِكُهُ الْأَبْصَارُ وَهُوَ يُدْرِكُ الْأَبْصَارَ ۖ وَهُوَ اللَّطِيفُ الْخَبِيرُ

**ଲା ତୁଦ୍‌ରିକୁହୁଲ୍ ଅବ୍‌ସାର୍, ୱହୁୱା ୟୁଦ୍‌ରିକୁଲ ଅବ୍‌ସାର୍; ୱହୁୱଲ୍ ଲତିଫୁଲ୍ ଖବୀର୍** । ଅର୍ଥାତ୍ 'ଅଲ୍ଲାଃତାଲା ଏପରି ଏକ ପରମସତ୍ତା ଯାହାଙ୍କ ପର୍ଯ୍ୟନ୍ତ ଦୃଷ୍ଟିଶକ୍ତି ପହଞ୍ଚିପାରେ ନାହିଁ, ବରଂ ସେ ଦୃଷ୍ଟି ପର୍ଯ୍ୟନ୍ତ ପହଞ୍ଚି ଯାଆନ୍ତି । ଏବଂ ସେ ସୂକ୍ଷ୍ମାତିସୂକ୍ଷ୍ମ ଓ ସତର୍କ ଦୃଷ୍ଟିସମ୍ପନ୍ନ ।' (ଅଲ୍ ଅନଆମ୍:୧୦୪)

ଈଶ୍ୱରଙ୍କ ଅସ୍ତିତ୍ୱର ଅନ୍ୟ ଏକ ପ୍ରମାଣ ଧର୍ମଜଗତର ଏହି ଆସ୍ଥା ଉପରେ ପର୍ଯ୍ୟବସିତ । ସୁତରାଂ ଆମେ ଦେଖୁଛୁ ଯେ ଯେତେସବୁ ପୂଣ୍ୟବନ୍ତ ଓ ସଦାଚାରୀ ସିଦ୍ଧପୁରୁଷ ଇହଲୀଳା ସମ୍ବରଣ କରିଛନ୍ତି ଏବଂ ଯେଉଁମାନେ ନିଜ ସତକର୍ମ ଦ୍ୱାରା ପୃଥିବୀ ପୃଷ୍ଠରେ ସତ୍ୟର ପୃଷ୍ଠପୋଷକ ସାଜିଥିଲେ, ସେମାନେ ସମସ୍ତେ ଏହି ବିଷୟର ସାକ୍ଷ୍ୟ ବହନ କରିଛନ୍ତି ଯେ ଏପରି ଏକ ଅଦୃଶ୍ୟ ପରମସତ୍ତା ଯାହାଙ୍କୁ ବିଭିନ୍ନ ଭାଷାରେ ଅଲ୍ଲାଃ କିମ୍ବା ଗଡ୍ ଅଥବା ପରମେଶ୍ୱର କୁହାଯାଉଛି । ଭାରତବର୍ଷର ସତ୍ୟନିଷ୍ଠ ପଥପ୍ରଦର୍ଶକ ଶ୍ରୀରାମଚନ୍ଦ୍ର, ଶ୍ରୀକୃଷ୍ଣ, ଇରାନର ସତ୍ୟନିଷ୍ଠ ପଥପ୍ରଦର୍ଶକ ଜୋରାଷ୍ଟର, ମିଶରର ସତ୍ୟନିଷ୍ଠ ପଥପ୍ରଦର୍ଶକ ମୋସେସ, ନଜାରତର ସତ୍ୟନିଷ୍ଠ ପଥପ୍ରଦର୍ଶକ ଯୀଶୁ ମସିହ, ପଞ୍ଜାବର ସତ୍ୟନିଷ୍ଠ ପଥପ୍ରଦର୍ଶନ ଗୁରୁ ନାନକ । ପୁଣି ସମସ୍ତ ପଥପ୍ରଦର୍ଶକ ତଥା ସତ୍ୟନିଷ୍ଠ ମହାପୁରୁଷଙ୍କ ମଉଡମଣି ଆରବର ଜ୍ୟୋତି ମୁହମ୍ମଦ ମୁସ୍ତଫା[ସଅ] । ସେମାନଙ୍କ ବ୍ୟତୀତ ଆହୁରି ହଜାର ହଜାର ସତ୍ୟନିଷ୍ଠ ପୁରୁଷ ଯେଉଁମାନେ ସମୟ କ୍ରମେ ସଂସାରକୁ ଆସିଛନ୍ତି, ସେମାନେ ଏକସ୍ୱରରେ ଘୋଷଣା କରିଛନ୍ତି ଯେ ଈଶ୍ୱର ଏକ । କେବଳ ସେତିକି ନୁହେଁ, ବରଂ ଏହା ମଧ୍ୟ କହିଛନ୍ତି ଯେ ଆମେମାନେ ତାହାଙ୍କୁ ସାକ୍ଷାତ ଦର୍ଶନ କରିଛୁ ଏବଂ ତାଙ୍କ ସହିତ ବାର୍ତ୍ତାଳାପ କରିଛୁ ।

ସେହିପରି ପବିତ୍ର କୁରଆନରୁ ଜଣାପଡେ ଯେ ମନୁଷ୍ୟର ସ୍ୱଭାବ ଈଶ୍ୱରଙ୍କ ଅସ୍ତିତ୍ୱର ଏକ ପ୍ରମାଣ । କାରଣ କେତେକ ଏପରି ପାପକର୍ମ ଅଛି, ଯାହାକୁ ମାନବୀୟ ସ୍ୱଭାବ ସଂପୂର୍ଣ୍ଣ ରୂପେ ନାପସନ୍ଦ କରିଥାଏ । ମାଆ, ଭଉଣୀ ଓ କନ୍ୟା ସହିତ ଅନୈତିକ କର୍ମ, ସତୀତ୍ୱହୀନ ତଥା ଅଶ୍ଳୀଳପୂର୍ଣ୍ଣ ଲୋକଙ୍କ ସହିତ ସଂପର୍କ ସ୍ଥାପନ ଏବଂ ମିଥ୍ୟାରୁ ଏକ ନାସ୍ତିକବାଦୀ ମଧ୍ୟ ଦୂରେଇ ରହିଥାଏ । କିନ୍ତୁ କାହିଁକି ? ପାପରୁ ବଞ୍ଚିବା କିମ୍ବା ପାପକୁ ପ୍ରକାଶ କରିବାରୁ ନିଜକୁ ବଞ୍ଚାଇବା ଇତ୍ୟାଦି ଏଥିପାଇଁ ଏକ ପ୍ରମାଣ ସାବ୍ୟସ୍ତ ହେଉଛି ଯେ କୌଣସି ସମ୍ରାଟଙ୍କ ନିକଟରେ ଦିନେ ନା ଦିନେ ତାକୁ ଉତ୍ତର ଦେବାକୁ ପଡିବାର ଭୟ ରହିଛି, ଯାହା ତା'ର ହୃଦୟକୁ ଶଂକାଗ୍ରସ୍ତ କରି ରଖିଥାଏ, ଯଦିବା ସେହି ସମ୍ରାଟଙ୍କର ସେ ଯେତେ ଅମାନ୍ୟ କରିଥାଉ ।

ଈଶ୍ୱରଙ୍କ ଅସ୍ତିତ୍ୱର ଅନ୍ୟ ଏକ ପ୍ରମାଣ ଏହା ମଧ୍ୟ ଯେ ପ୍ରତ୍ୟେକ କାର୍ଯ୍ୟରେ ଜଣେ କାର୍ଯ୍ୟ ନିର୍ବାହୀ ଅଛନ୍ତି । ଅର୍ଥାତ ପ୍ରତ୍ୟେକ କ୍ରୀୟାର କେହି କର୍ତ୍ତା ରହିଛନ୍ତି । କୁହାଯାଏ ଯେ ଜଣେ ବେଦୁଇନ୍ (ମରୁଯାତ୍ରୀ)କୁ ପ୍ରଶ୍ନ କରାଗଲା ଯେ ତୁମ ନିକଟରେ ଈଶ୍ୱର ଅଛନ୍ତି ବୋଲି କ'ଣ ପ୍ରମାଣ ଅଛି ? ସେ ଉତ୍ତର ଦେଲା ଯେ ଜଙ୍ଗଲରେ ଯଦି ଓଟର ଗୋବର ପଡିଥିବ ତ ତେବେ ତାହା ଦେଖିକରି କହିହେଉଛି ଯେ ଏହି ରାସ୍ତାରେ କୌଣସି ଓଟ ଯାଇଛି । ସେପରି ସ୍ଥଳେ କ'ଣ ଏତେ ବଡ ସୃଷ୍ଟିଜଗତକୁ ଦେଖି ଜାଣିପାରିବ ନାହିଁ ଯେ ଏହାର କେହି ଜଣେ ସ୍ରଷ୍ଟା ଅଛନ୍ତି ? ପ୍ରକୃତରେ ଏହି ଉତ୍ତର ସତ୍ୟ ଓ ସ୍ୱଭାବ ଅନୁକୁଳ ବୋଲି କୁହାଯାଇପାରେ ।

ଅନେକ ଲୋକ କହନ୍ତି ଯେ ସମଗ୍ର ସଂସାର ସଂଯୋଗ ବଶତଃ ସୃଷ୍ଟି ହୋଇଛି । ଏହାର ଉତ୍ତର ଅଲ୍ଲାଃତାଲା ସୁରଃ ଅଲ୍ ମୁଲକ ୨-୫ ପଙ୍କ୍ତିରେ ଏହିପରି ଦେଇଛନ୍ତି ଯେ ସଂଯୋଗ ବଶତଃ ଓ ଆପଣା ଛାଏଁ ସୃଷ୍ଟି ହୋଇଥିବା ବସ୍ତୁମାନଙ୍କରେ କେବେହେଲେ ଗୋଟିଏ ସନ୍ତୁଳିତ ଓ ସଂଗଠିତ ବ୍ୟବସ୍ଥା ପ୍ରତିଷ୍ଠା ହୁଏ ନାହିଁ । ବରଂ ସେଥିରେ ବିଯୋଡ ଓ ଅମେଳ ଦେଖାଯାଏ । ସାମ୍ରାଜ୍ୟ ଭିତରେ ହଜାର ହଜାର ରାଜନୀତିଜ୍ଞ ସେଗୁଡିକର ତ୍ରୁଟି ସୁଧାର ଓ ସଂସ୍କାର ଆଣିବା ପାଇଁ ଦିନରାତି ଲାଗି ପଡିଥାନ୍ତି । କିନ୍ତୁ ତଥାପି ଦେଖାଯାଏ ଯେ ସେମାନଙ୍କ ଦ୍ୱାରା ଏପରି ତ୍ରୁଟି ବିଚ୍ୟୁତି ହୋଇ ଯାଇଥାଏ ଯଦ୍ୱାରା ଦେଶମାନଙ୍କୁ ବିପଦଜନକ କ୍ଷତି ପହଞ୍ଚିଥାଏ । ବରଂ ଅନେକ ସମୟରେ ତାହା ସଂପୂର୍ଣ୍ଣ ଧ୍ୱଂସ ହୋଇଯାଏ । ଅପରପକ୍ଷେ ସେହି ଦୁନିଆର ଗତାନୁଗତିକ ପ୍ରକ୍ରୀୟା ତଥା ପରିଚାଳନା ବ୍ୟବସ୍ଥା କୌଣସି ଭୁଲ କରେ ନାହିଁ । ସତ୍ୟ ହେଉଛି ଯେ ଏହି ବିଶ୍ୱ ବ୍ରହ୍ମାଣ୍ଡର ଜଣେ ସୃଷ୍ଟିକର୍ତ୍ତା ଯିଏକି ଅତି ବିଶାଳ ସଂସାରର ମାଲିକ ଓ ବିଧାତା ଅଛନ୍ତି । ଯଦି ଏହା ନହୋଇଥାନ୍ତା, ତା'ହେଲେ ଏହିସବୁ ବ୍ୟବସ୍ଥା ଦୃଷ୍ଟିଗୋଚର ହୁଅନ୍ତା ନାହିଁ ।

ପବିତ୍ର କୁରଆନରୁ ଜଣାପଡେ ଯେ ଅଲ୍ଲାଃତାଲାଙ୍କ ଅବଜ୍ଞାକାରୀ ସର୍ବଦା ଲାଞ୍ଛନା ଓ ତିରସ୍କାରର ଶିକାର ହୁଅନ୍ତି । ସୁତରାଂ ମିଶରର ଦୁର୍ଦ୍ଦାନ୍ତ ରାଜା ଫିରଔନର ଘଟଣା ଏହାର ଏକ ଜ୍ୱଳନ୍ତ ପ୍ରମାଣ ।

ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରତି ଲୋକମାନଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତ୍ୟେକ ଦେଶରେ ମହା ସିଦ୍ଧପୁରୁଷଗଣ ଜନ୍ମ ଗ୍ରହଣ କରିଛନ୍ତି । ସେମାନଙ୍କ ପ୍ରତି ଯେପରି ଭାବରେ ବିରୁଦ୍ଧାଚରଣ କରାଯାଇଛି, ଅନ୍ୟ କାହାକୁ କରାଯାଇ ନାହିଁ । ତଥାପି ସଂସାର ସେମାନଙ୍କ ବିରୁଦ୍ଧରେ କ'ଣ କରିପାରିଲା ? ଅଲ୍ଲାଃତାଲା ପବିତ୍ର କୁରଆନରେ କହିଛନ୍ତି: وَمَنْ يَّتَوَلَّ اللّٰهَ وَرَسُوْلَهٗ وَالَّذِيْنَ اٰمَنُوْا فَاِنَّ حِزْبَ اللّٰهِ هُمُ الْغٰلِبُوْنَ

**ୱମେଁ ଯତୱଲ୍ଲଲ୍ଲାହା ୱରସୁଲହୁ ୱଲ୍ଲଜିନା ଆ'ମନୁ ଫଇନ୍ନା ହିଜ୍‌ବଲ୍ଲାହି ହୁମୁଲ୍ ଗାଲେବୁନ୍ ।** (ଅଲ୍ ମାଏଦା ୫୭)

ଅର୍ଥାତ 'ଯେ କେହି ବ୍ୟକ୍ତି ଅଲ୍ଲାଃ, ତାହାଙ୍କ ରସୁଲ ତଥା ବିଶ୍ୱାସକାରୀମାନଙ୍କ ସହିତ ବନ୍ଧୁତା ସ୍ଥାପନ କରେ, ସେ ଏହା ମନେ ରଖିବା ଉଚିତ ଯେ ସେହି ଲୋକମାନେ ଓ ଈଶ୍ୱରଙ୍କ ଆଜ୍ଞାପାଳନକାରୀ ହିଁ ବିଜୟୀ ହୋଇଥା'ନ୍ତି ।"

ସେହିପରି ପବିତ୍ର କୁରଆନରୁ ଜଣାପଡେ ଯେ ଅଲ୍ଲାଃତାଲା ପ୍ରାର୍ଥନାକୁ ଗ୍ରହଣ କରନ୍ତି । ପ୍ରାର୍ଥନା ଗୃହୀତ ହେବା ନିଜ ସହିତ ଅଲୌକିକ ପ୍ରଭାବର ଚିହ୍ନ ଦେଖାଇଥାଏ । ସୁତରାଂ ଆମର ପ୍ରିୟ ମୁନିବ ହଜରତ ମିର୍ଜ୍ଜା ଗୁଲାମ ଅହମଦ କାଦିୟାନୀ, ପ୍ରତିଶ୍ରୁତ ମସିହ ଓ ମେହଦୀ ଈଶ୍ୱରଙ୍କ ଅସ୍ତିତ୍ୱର ଏହିପରି ପ୍ରମାଣ ଉପସ୍ଥାପନ କରିଥିଲେ ।

"କେତେକ ମାରାତ୍ମକ ରୋଗ ଚିହ୍ନଟ କରାଯାଉ ଏବଂ ଏକପକ୍ଷେ ଡାକ୍ତର ଦଳ ତନ୍ମଧ୍ୟରୁ ନିର୍ଦ୍ଦିଷ୍ଟ ରୋଗର ନିଦାନ ପାଇଁ ଚିକିତ୍ସା କରନ୍ତୁ । ଅନ୍ୟପକ୍ଷେ ମୁଁ ନିଜ ପଟର ଦୁଃସାଧ୍ୟ ରୋଗରେ ପୀଡିତ ରୋଗୀଙ୍କ ଆରୋଗ୍ୟ ସକାଶେ ପ୍ରାର୍ଥନା କରିବି । ପୁଣି ଦେଖ, କାହାର ରୋଗ ଭଲ ହେଉଛି ।" ଏବେ ଏହି ପ୍ରକାର ଘଟଣା ଚକ୍ରରେ ପଡି ପରୀକ୍ଷା କରିବାର ପଦ୍ଧତି ଉପରେ ଆଉ କାହାର କ'ଣ ବା ସନ୍ଦେହ କରିବାର ଅଛି ? ସୁତରଂ ଏକ ସତ୍ୟ ଘଟଣା ହେଉଛି ଯେ ଜଣେ ବ୍ୟକ୍ତି କୁକୁର କାମୁଡାରେ ଆକ୍ରାନ୍ତ ହୋଇ ପାଗଳ ପରି ପ୍ରଳାପ କରିବାକୁ ଲାଗିଲା । ତା'ର ଚିକିତ୍ସା କରିବାକୁ କସୌଲିର ଡାକ୍ତର ସଫା ସଫା ମନା କରିଦେଲେ ଏବଂ ଲେଖି ଦେଇଥିଲେ ଯେ ଏହାର କୌଣସି ଚିକିତ୍ସା କରିବା ଅସମ୍ଭବ । ସୁତରାଂ ହଜରତ ଅହମଦ ତା'ସକାଶେ ପ୍ରାର୍ଥନା କଲେ ଓ ସେ ଚାହୁଁ ଚାହୁଁ ସୁସ୍ଥ ହୋଇଗଲା । ଅଥଚ ଏହା ନିରାଟ ସତ୍ୟ ଯେ ପାଗଳ କୁକୁର କାମୁଡି ଦେଇଥିବା ଲୋକଟି ପାଗଳ ହୋଇଗଲେ ସେ କଦାପି ଭଲ ହୁଏ ନାହିଁ । ସୁତରାଂ ପ୍ରାର୍ଥନା ଗୃହୀତ ହେବା ଏହାର ବଳିଷ୍ଠ ପ୍ରମାଣ ଯେ ଜଣେ କେହି ପରମସତ୍ତା ବିଦ୍ୟମାନ ଅଛନ୍ତି, ଯିଏ ପ୍ରତ୍ୟେକ ଯୁଗରେ ଏହାକୁ ଗ୍ରହଣ କରନ୍ତି ।


ଅଲ୍ଲାଃତାଲା ପବିତ୍ର କୁରଆନରେ କହିଛନ୍ତି ଯେ ଯେଉଁ ଲୋକମାନେ ଆମ୍ଭ ସଂକ୍ରାନ୍ତରେ ଅନୁସନ୍ଧାନ କରନ୍ତି, ଆମ୍ଭେ ସେମାନଙ୍କୁ ନିଜର ପଥପ୍ରଦର୍ଶନ କରଥାଉ । ଏବଂ ଯଦି କେହି ବ୍ୟକ୍ତି ମନରେ ସତ୍ ଅଭିଳାଷ ରଖି ପ୍ରାର୍ଥନା କରିବ ଓ ଅତି କମରେ ଚାଳିଶ ଦିନ ପର୍ଯ୍ୟନ୍ତ ଏହା ଉପରେ ପାଳନ କରିବ, ସେ ଯେଉଁ ଧର୍ମ ବା ଜାତିରେ ଜନ୍ମ ହୋଇଥାଉ ଏବଂ ଯେଉଁ ଦେଶର ବାସିନ୍ଦା ହୋଇଥାଉ ନା କାହିଁକି 'ରବ୍‌ବୁଲ୍ ଆ'ଲମୀନ୍' (ସମଗ୍ର ବିଶ୍ୱର ପାଳନକର୍ତ୍ତା) ତାକୁ ନିଶ୍ଚିତ ରୂପେ ସତ୍‌ପଥ ପ୍ରଦାନ କରିବେ ଏବଂ ସେ ଶୀଘ୍ର ଦେଖିନେବ ଯେ ଅଲ୍ଲାଃତାଲା ନିଜର ଅସ୍ତିତ୍ୱ ସର୍ବତ୍ର ବିଦ୍ୟମାନ ରହିଥିବା ତତ୍ତ୍ୱକୁ ଏପରି ଉପାୟରେ ସତ୍ୟ ସାବ୍ୟସ୍ତ କରିବେ, ଯଦ୍ୱାରା ତାହା ହୃଦୟରୁ ସବୁ ପ୍ରକାର ଆବିଳତା ଓ ସନ୍ଦେହର କାଳିମା ସଂପୂର୍ଣ୍ଣ ରୂପେ ଦୂର ହୋଇଯିବ ।

ଆଜିକାଲି ଯେବେକି ସଂସାର ବସ୍ତୁବାଦୀ ହୋଇ ପଡିଛି, ଧର୍ମଠାରୁ ଦୂରେଇ ଯାଇଛି ଏବଂ ନିଜର ସ୍ରଷ୍ଟାଙ୍କୁ ପାଶୋରି ପକାଇଛି । ଏହି ପରିସ୍ଥିତିରେ ପ୍ରତ୍ୟେକ ଅହମଦିଙ୍କର ଏହା କର୍ତ୍ତବ୍ୟ ହେଉଛି ଯେ 'ଈଶ୍ୱରଙ୍କ ଅସ୍ତିତ୍ୱ'ର ପ୍ରମାଣମାନ ଶିଖନ୍ତୁ, ଅଲ୍ଲାଃଙ୍କ ସହିତ ସଂପର୍କ ସ୍ଥାପନ କରିବାରେ ଉନ୍ନତି କରନ୍ତୁ ଏବଂ ସମଗ୍ର ଜଗତକୁ ଏହି ପ୍ରାଣ ସଞ୍ଜୀବନି ବାସ୍ତବିକତାର ଆଲୋକରେ ଆଲୋକିତ କରାନ୍ତୁ ।


ଅଲ୍ଲାଃତାଲା ଆପଣମାନଙ୍କୁ ଏଥି ସକାଶେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଓସ୍‌ସଲାମ୍
ଭବଦୀୟ

(ମିର୍ଜ୍ଜା ମସରୁର ଅହମଦ)
ଖଲିଫତୁଲ ମସିହ ପଞ୍ଚମ[ଅବ]
خليفة المسيح الخامس



ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନୀ
ମସିହ ମଊଦ ଓ ମେହଦୀ ମା'ହୁଦ ଆଲୈହିସ୍‌ସଲାମ (୧୮୩୫-୧୯୦୮)




ନିରାପତ୍ତା ଓ ଶାନ୍ତିର ଦୂତ

**ହଜରତ ମିର୍ଜା ମସରୁର ଅହମଦ ସାହେବ** ଖଲିଫତୁଲ ମସିହ ପଞ୍ଚମ[ଅବ]

# ସୂଚୀପତ୍ର


| | | |
|---|---|---|
| ୧ | ସମ୍ପାଦକୀୟ | ୧ |
| ୨ | ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଅଲ୍ଲାଃଙ୍କ ପବିତ୍ରବାଣୀ | ୨ |
| ୩ | ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ରବାଣୀ | ୩ |
| ୪ | ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ରବାଣୀ । | ୪ |
| ୫ | ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱର ଦଶଟି ଯୁକ୍ତିଯୁକ୍ତ ପ୍ରମାଣ **(ସୟଦନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ ର:ଅ)** | ୫ |
| ୬ | ହମାରା ଖୁଦା (ଆମ ଈଶ୍ୱର) (ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ ଏମ୍.ଏ ର:ଅ) | ୧୩ |
| ୭ | ଅଲ୍ଲାଃ ତାଲାଙ୍କ ବିଶେଷ ଗୁଣବାଚକ ନାମ (ମାମୁନୁର୍ ରଶିଦ୍ ତବରେଜ୍, ମୁରବୀ ସିଲ୍‌ସିଲା, ତାରିଖେ ଅହେମଦୀୟତ ବିଭାଗ କାଦିୟାନ୍) | ୧୭ |
| ୮ | ଅଲ୍ଲାଃଙ୍କ ଅସ୍ତିତ୍ୱର ମହାନ୍ ପ୍ରେମୀ ହଜ୍‌ରତ୍ ମୁହମ୍ମଦ ସ:ଆ:ସ (ସଲିକ୍ ଅହ୍‌ମଦ୍ ନାଏକ୍, ମୁରବି ସିଲ୍‌ସିଲା ନିଜାରତ୍ ଉଲିୟା କାଦିଆନ୍) | ୨୨ |
| ୯ | ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱର ପ୍ରମାଣ ଦୁଆ (ପ୍ରାର୍ଥନା) ଗ୍ରହଣୀୟ ହେବାର ଆଲୋକରେ (ସୟଦ୍ କଲିମୁଦ୍ଦିନ୍ ଅହ୍‌ମଦ୍ କାଜି ସିଲ୍‌ସିଲା ଅହେମଦୀୟା ମର୍କଜିୟା କାଦିଆନ୍) | ୨୫ |
| ୧୦ | ଈଶ୍ୱରଙ୍କ ଅସ୍ତିତ୍ୱର ଯୁକ୍ତିଯୁକ୍ତ ବୌଦ୍ଧିକ ପ୍ରମାଣ (ମୁହମ୍ମଦ ଶରିଫ୍ କୌସର, ମୁରବି ସିଲ୍‌ସିଲା, ଶିକ୍ଷକ ଜାମିଆ ଅହେମଦୀୟା କାଦିଆନ୍) | ୨୯ |


ସମ୍ପାଦକୀୟ

لا إله إلا الله محمد رسول الله

# ହଜରତ ମୁହମ୍ମଦ[ସଅ]ଙ୍କର ଅଲ୍ଲାଃତାଲାଙ୍କ ସହିତ

## ଅନୁପମ ପ୍ରେମ ଓ ଆସକ୍ତି

ମୁସଲମାନ ହେବା ପାଇଁ ସର୍ବପ୍ରଥମେ ଯେଉଁ ବିଷୟର ସ୍ୱୀକାରୋକ୍ତି ନେବାକୁ ପଡିଥାଏ, ତାହା ହେଉଛି: ଲାଇଲାହା ଇଲ୍ଲଲ୍ଲାହୁ ଅର୍ଥାତ ଅଲ୍ଲାଃଙ୍କ ବ୍ୟତିରେକେ ଅନ୍ୟ କେହି ଉପାସ୍ୟ ନାହିଁ । ସେ ହିଁ କେବଳ ଏକମାତ୍ର ଉପାସ୍ୟ ଯିଏକି ପୂଜା ପାଇବାର ଯୋଗ୍ୟ । ସେ ହିଁ ଏକମାତ୍ର ଅସ୍ତିତ୍ୱ ଯାହାଙ୍କ ଆଗରେ ମନୁଷ୍ୟ ଭୂମିଷ୍ଠ ପ୍ରଣିପାତ କରିବ ଏବଂ କେବଳ ତାଙ୍କରି ନିକଟରେ ଗୁହାରି କରି ତାହାଙ୍କୁ କିଛି ମାଗି ପାରିବ । କାରଣ ଅଲ୍ଲାଃ ହିଁ ଆମର ସୃଷ୍ଟିକର୍ତା ଓ ପରମ ବିଧାତା । ଅଲ୍ଲାଃ ହିଁ ଆମର ପାଳନକର୍ତା । ସେ ହେଉଛନ୍ତି 'ରହମାନ' ଅର୍ଥାତ ଅଶେଷ ଦୟାବାନ ଓ ଅଯାଚିତ ପଣେ ଦାତା ଏବଂ ସେ ରହିମ୍ ମଧ୍ୟ । ଅର୍ଥାତ ମାଗିବା ପଣରେ ଦାତା ଓ ସଦା କରୁଣାମୟ । ଅଲ୍ଲାଃତାଲାଙ୍କୁ ନିଜର ଏକତ୍ୱ ଓ ଅଭିନ୍ନତା ଏତେ ଅଧିକ ପ୍ରିୟ ଯେ 'ଶିର୍କ' ଅର୍ଥାତ ତାଙ୍କ ସହିତ କାହାକୁ ସମକକ୍ଷ ମନେ କରିବା ଅର୍ଥାତ ଅନେକେଶ୍ୱରବାଦକୁ ସେ ମହା ଅପରାଧ ଆଖ୍ୟା ଦେଇଛନ୍ତି । ଅଲ୍ଲାଃ ପରମବ୍ରହ୍ମ ସବୁପାପ କ୍ଷମା କରିଦେଇ ପାରନ୍ତି । କିନ୍ତୁ ଶିର୍କର ପାପକୁ ସେ ଅକ୍ଷମଣୀୟ ବୋଲି ଘୋଷଣା କରିଛନ୍ତି । ସୁତରାଂ ସେ କହିଛନ୍ତି: 'ଇନ୍ନଲ୍ଲାହା ଲାୟଗ୍‌ଫିରୁ ଅଇଁୟୁଶ୍‌ରକା ବେହୀ ୱୟଗ୍‌ଫିରୁ ମାଦୁନା ଜାଲିକା ଲେମୈଁୟଶାଓ । ଅର୍ଥାତ: "ଅଲ୍ଲାଃ ସେହି (ପାପ)କୁ କଦାପି କ୍ଷମା କରିବେ ନାହିଁ ଯେ ତାଙ୍କୁ କାହା ସହିତ ସମକକ୍ଷ କରାଯିବ । ଏବଂ ଯେଉଁ (ପାପ) ତାହା ଅପେକ୍ଷା ନଗଣ୍ୟ ହେବ, ତାକୁ ଯାହା ପାଇଁ ଇଚ୍ଛା କରିବେ ସେ କ୍ଷମା କରିଦେବେ । କିନ୍ତୁ ଯେଉଁ ବ୍ୟକ୍ତି (କାହାରିକୁ) ଅଲ୍ଲାଃଙ୍କର ସମକକ୍ଷ କରିବ, ତା' ହେଲେ (ବୁଝିନିଅ ଯେ) ସେ (ସରଳ ପଥରୁ) ବହୁତ ଦୂରକୁ ଚାଲିଯାଇଛି ।" **(ଅନ୍ ନିସା ୧୧୭)**

ଗୋଟିଏ ସ୍ଥାନରେ ଅଲ୍ଲାଃତାଲା ଶିର୍କର ପ୍ରତିବାଦ ଅତି ଦୃଢ଼ ଓ ପ୍ରବଳ ଗୁରୁତ୍ୱ ସହକାରେ ଏହିପରି ଶବ୍ଦରେ କରିଛନ୍ତି: ୱ କାଲୁତ୍ ତଖଜର୍ ରହମାନୁ ୱଲଦା । ଲକଦ୍ ଜୀତୁମ୍ ଶୈୟନ୍ ଇଦ୍‌ଦନ୍ । ତକାଦୁସ୍ ସମାୱାତୁ ୟତଫତ୍‌ତର୍‌ନା ମିନ୍‌ହୁ ୱତନ୍‌ଶକ୍‌କୁଲ୍ ଅର୍‌ଜୁ ୱତଖିର୍‌ରୁଲ୍ ଜିବାଲୁ ହଦନ୍ । ଅନ୍‌ଦଅଓ ଲିର୍‌ରହ୍‌ମାନି ୱଲଦା ।

ଅର୍ଥାତ "ଏବଂ ଏହି (ଲୋକ)ମାନେ କହୁଛନ୍ତି ଯେ ରହମାନ ଈଶ୍ୱର ପୁତ୍ର ଗ୍ରହଣ କରି ନେଇଛନ୍ତି । (ତୁମେ କହିଦିଅ) ତୁମେ ଏକ ବହୁତ ଗୁରୁତର ବିଷୟ କହୁଛ । ଏହା ସନ୍ନିକଟ ଯେ (ତୁମର ଏହି କଥା ଯୋଗୁଁ) ଆକାଶ ଫାଟି ପଡିବ ଏବଂ ଧରଣୀ ଖଣ୍ଡବିଖଣ୍ଡ ହୋଇଯିବ ଏବଂ ପାହାଡ ଚୁର୍ଣ୍ଣବିଚୁର୍ଣ୍ଣ ହୋଇ (ପୃଥିବୀ ଉପରେ) ଖସି ପଡିବ । ଏଥିଯୋଗୁଁ ଯେ ସେହି ଲୋକମାନେ ଦୟାବାନ ଈଶ୍ୱରଙ୍କର ପୁତ୍ର ଅଛି ବୋଲି କହୁଛନ୍ତି ।" **(ମରିୟମ ୮୨-୯୨)**

କେବଳ ସେତିକି ନୁହେଁ, ଯେଉଁ ବ୍ୟକ୍ତି ଶିର୍କ ଅବସ୍ଥାରେ ମୃତ୍ୟୁ ବରଣ କରିବ, ତାହାର ଆତ୍ମାର ସଦଗତି ପାଇଁ କ୍ଷମା ପ୍ରାର୍ଥନା ନକରିବା ପାଇଁ ଈଶ୍ୱରଙ୍କ ତରଫରୁ ଆଦେଶ ଦିଆଯାଇଛି । ଏଥିରେ ଏହି ଭେଦ ରହିଛି ଯେ ଯେଉଁ ଈଶ୍ୱରଙ୍କ ସହିତ ସେ ଜୀବନସାରା ଅନ୍ୟକୁ ସମତୁଲ୍ୟ କରି ଉପାସ୍ୟ ରୂପେ ପୂଜା କରିଆସୁଛି, ସେହି ଏକ ପରମେଶ୍ୱରଙ୍କ ଠାରେ ତାହାର ପରକାଳରେ ମୋକ୍ଷ ପ୍ରାପ୍ତି ସକାଶେ କେଉଁ ମୁହଁରେ କ୍ଷମା କରିବ ?

ନିମ୍ନରେ ଆମେ ମହାନୁଭବ ହଜରତ ମୁହମ୍ମଦ[ସଅ]ନିଜର ପ୍ରାଣପ୍ରିୟ ମୁନିବ ପରମାତ୍ମାଙ୍କ ସହିତ ଅନୁପମ ଓ ଅତୁଳନୀୟ ପ୍ରେମ, ଏକେଶ୍ୱରବାଦର ପ୍ରଚାର ଓ ପ୍ରସାର ନିମନ୍ତେ ଅସୀମ ତ୍ୟାଗ ଓ ସଂଘର୍ଷର ଏକ ମାମୁଲି ଝଲକ ଉଲ୍ଲେଖ କରିବା ପାଇଁ ପ୍ରୟାସ କରୁଛୁ ।

ଆରବର ପରିବେଶ ଅନେକେଶ୍ୱର ପ୍ରତୀମା ପୂଜାରେ ପରିପୂର୍ଣ୍ଣ ହୋଇ ରହିଥିଲା । କେବଳ ସେହି କା'ବା ଗୃହ ଯାହା ଏକେଶ୍ୱର ଉପାସନୀ ପୀଠ ଓ ଈଶ୍ୱରଙ୍କର ସର୍ବପ୍ରଥମ ଗୃହ ଥିଲା, ସେଥିରେ ୩୬୦ଟି ପ୍ରତୀମା ସ୍ଥାପନ କରାଯାଇଥିଲା । ସେପରି ବାତାବରଣରେ ଅନେକେଶ୍ୱରବାଦରୁ ରକ୍ଷା ପାଇବା ଦୂରୁହ ବ୍ୟାପାର ଥିଲା । କିନ୍ତୁ ଅଲ୍ଲାଃତାଲା ସର୍ବଦା ମହାଭାଗଙ୍କୁ ଶିର୍କର କଳୁଷତାରୁ ସୁରକ୍ଷିତ ରଖିଲେ । ମାନବଜାତିର ସ୍ୱଭାବରେ ଅଲ୍ଲାଃତାଲା ନିଜ ଏକତ୍ୱର ଭାବନା ପ୍ରତି ଆସକ୍ତିକୁ ବାନ୍ଧି ରଖିଥିଲେ । ଏହି ଆସକ୍ତିର ଭାବନା ଦୁଇ ଭୁବନର ମୁନିବଙ୍କର ଜନ୍ମଗତ ସ୍ୱଭାବରେ ଏପରି ସ୍ତରରେ ଥିଲା ଯେ ତାହା ବାସ୍ତବ ଈଶ୍ୱରଙ୍କ ସନ୍ଧାନରେ 'ହେରା' ପର୍ବତ ଗୁମ୍ଫା ଆଡକୁ ବାରମ୍ବାର ଆକର୍ଷିତ କରି ନେଉଥିଲା । ଯେଉଁଠାରେ ମହାଭାଗ ଦିନ ଦିନ ଧରି ଅନବରତ ଉପାସନାରେ ମଗ୍ନ ରହୁଥିଲେ ଏବଂ କେବେ ଘରକୁ ଆସୁ ନଥିଲେ । ଏଥିପ୍ରତି ଇଶାରା କରି ଅଲ୍ଲାଃତାଲା କହିଛନ୍ତି:

'ୱ ୱଜଦକା ଜାଲ୍ଲନ୍ ଫହଦା' ଅର୍ଥାତ ଅଲ୍ଲାଃ ତୁମକୁ ଈଶ୍ୱର ସନ୍ଧାନରେ ନିଜ ଅସ୍ତିତ୍ୱକୁ ବିଲୀନ କରିଦେବା, ସଂସାରର ମୋହମାୟା ପ୍ରତି ବିତୃଷ୍ଣା ତଥା ବୈରାଗ୍ୟ ଭାବ ଦେଖାଇବା ଓ ହଜାଇ ଦେଇଥିବାର ଦେଖିବାକୁ ପାଇଲେ । ସୁତରାଂ ସେ ତୁମକୁ ଆପଣା ମାର୍ଗ ପ୍ରଦର୍ଶନ କଲେ ।

ଅବତାରତ୍ୱର ଆସନ ଅଳଙ୍କୃତ କରିବା ପରେ ଏକେଶ୍ୱରବାଦର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ମହାଭାଗ ଯେତେ ଯାହା ଦୁଃଖକଷ୍ଟ ଉଠାଇଛନ୍ତି, ଅତ୍ୟାଚାର ସହ୍ୟ କରିଛନ୍ତି ଏହି ବୃତାନ୍ତ ଅତି ଦୀର୍ଘକାୟ । ମକ୍କାବାସୀ ତାଙ୍କ ଉପରେ କୁଢ଼ କୁଢ଼ ଅଳିଆ ଅବର୍ଜନା ପକାଇବା, ତାଙ୍କ ଯିବା ବାଟରେ କଂଟା ବିଛାଇବା, ନମାଜରେ ଧ୍ୟାନରତ ଥିବା ଅବସ୍ଥାରେ ସଜଦାରେ ଥିବା ବେଳେ ଓଟର ଅନ୍ତବୁଜୁଳାକୁ ନେଇ ତାଙ୍କ ପିଠି ଉପରେ ଲଦି ପକାଉଥିଲେ । ଗାଳିଗୁଲଜ କରିବା ତ ଏକ ସାଧାରଣ ବିଷୟ ଥିଲା । ମହାଭାଗଙ୍କୁ ନିଜ ମିଶନରେ ଅସଫଳ କରିବା ପାଇଁ ପ୍ରତ୍ୟେକ ପ୍ରକାର ଶତ୍ରୁତା ଆଚରଣର ହୀନ ଉଦ୍ୟମ କରୁଥିଲେ । ସବୁ ପ୍ରକାର କୁଟ ଚକ୍ରାନ୍ତ କଲେ ଓ ନାନା ଯୋଜନାମାନ ପ୍ରସ୍ତୁତ କଲେ । ଏପରିକି ଶେଷରେ ହତ୍ୟା କରିବାର ସୁପରିକଳ୍ପିତ ଷଡଯନ୍ତ୍ର ରଚନା କଲେ । ଯେତେବେଳେ ମହାଭାଗ ତାୟଫ ଯାତ୍ରା କଲେ, ସେଠାକାର ବାଲୁଙ୍ଗା ଯୁବକମାନେ ତାଙ୍କ ଉପରେ ମାରଣାତ୍ମକ ଆକ୍ରମଣ କଲେ । ମହାଭାଗ ତାୟଫ୍‌ର ରଇସ୍ ମୁଖ୍ୟ ଅବଦ୍‌ୟା ଲୈଲ୍‌କୁ ଏକେଶ୍ୱରବାଦର ବାର୍ତା ଦେଲେ । କିନ୍ତୁ ନା ସେ କେବଳ ଉପହାସ କଲା, ବରଂ ସେ ସହରର ଅଶୃଙ୍ଖଳିତ ଗୁଣ୍ଡାମାନଙ୍କୁ ମହାଭାଗଙ୍କ ପଛରେ ଲଗାଇ ଦେଲା । ଯେତେବେଳେ ମୁହମ୍ମଦ[ସଅ] ସହରରୁ ବାହାରିଲେ, ଏହି ଲୋକମାନେ ତାଙ୍କ ପଛେ ପଛେ ପଥର ବର୍ଷା କରି ଲହୁଲୁହାଣ କରିଦେଲେ । ତାଙ୍କର ଆପାଦ ମସ୍ତକ ରକ୍ତ ରଞ୍ଜିତ ହୋଇଗଲା," **(ସୀରତେ ଖାତ୍‌ମନ୍ ନବୀୟିନ୍, ପୃଷ୍ଠା ୨୦୪)**

ମହାଭାଗଙ୍କର ଏହି ତାୟଫ ଯାତ୍ରାର ହୃଦୟ ବିଦାରକ ଘଟଣା ସମ୍ବନ୍ଧରେ ଶତ୍ରୁଙ୍କୁ ମଧ୍ୟ ଏହା ସ୍ୱୀକାର କରିବାକୁ ପଡିଲା ଏହି ଯାତ୍ରାରେ ସେ ଅସାଧାରଣ ତ୍ୟାଗ, ଧୈର୍ଯ୍ୟ ଓ ଦମ୍ଭର ଆଦର୍ଶ ଦେଖାଇଥିଲେ । ସର୍ ୱିଲିଅମ ମ୍ୟୁର୍ ସ୍ୱରଚିତ ପୁସ୍ତକ 'ଲାଇଫ୍ ଅଫ୍ ମୁହମ୍ମଦ୍' ରେ ଲେଖିଛନ୍ତି:

"ମୁହମ୍ମଦ (ସଅ)ଙ୍କ ତାୟଫ ଯାତ୍ରା ବେଳେ ଏକ ମହାନ ତ୍ୟାଗ ଓ ଧୈର୍ଯ୍ୟଶକ୍ତିର ଉଦାହରଣ ଦେଖିବାକୁ ମିଳେ । ଜଣେ ଏକାକୀ ମନୁଷ୍ୟ ଯାହାକୁ ନିଜ ଜାତିର ଲୋକ ଘୃଣା ଦୃଷ୍ଟିରେ ଦେଖୁଥିଲେ ଓ ତାଚ୍ଛଲ୍ୟ କରି ଦୂରେଇ ଦେଲେ, ସେ ଈଶ୍ୱରଙ୍କ ନାମରେ ବାହାଦୁରି ଦେଖାଇ ନେନିଭାର ୟୁନା ନବୀଙ୍କ ସଦୃଶ ଏକ ମୂର୍ତି ପୂଜାକାରୀ ସହରକୁ ପ୍ରାୟଶ୍ଚିତ କରିବା ଓ ଐଶି ମିଶନ ଆଡକୁ ନିମନ୍ତ୍ରଣ କରିବା ଉଦ୍ଦେଶ୍ୟରେ ବାହାରିଲେ । ଏହି ଘଟଣା ତାଙ୍କୁ ଈଶ୍ୱରଙ୍କ ତରଫରୁ ସଂପୂର୍ଣ୍ଣ ରୂପେ ପ୍ରେରିତ ହୋଇଥିବାର ଅଟଳ ବିଶ୍ୱାସ ପ୍ରତି ଆଲୋକପାତ କରିଥାଏ।" **(ନବୀଓଁ କା ସରଦାର, ପୃ-୪୬)**

ଅନ୍ୟ ଏକ ଘଟଣା ମଧ୍ୟ ମହାଭାଗଙ୍କର ଏକେଶ୍ୱରବାଦ ପ୍ରତି ପ୍ରଗାଢ଼ ଆତ୍ମୋତ୍ସର୍ଗ ଉପରେ ଆଲୋକପାତ କରିଥାଏ । ହଜରତ ମସିହ ମଉଦ[ଅସ]କହିଛନ୍ତି:

"ଯେତେବେଳେ ଏହି କୁରଆନ ବାଣୀ ଅବତୀର୍ଣ୍ଣ ହେଲା ଯେ ମୂର୍ତି

*ଅବଶିଷ୍ଟାଂଶ ପୃଷ୍ଠା- ୩୨ ରେ ଦେଖନ୍ତୁ......*

# ଅଲ୍ଲାଃ ହେଉଛନ୍ତି ଏକ, ତାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ । ସେ ଚିରଞ୍ଜୀବି (ଓ ସେ ସ୍ୱୟଂ) ପ୍ରତିଷ୍ଠିତ (ଓ ସମସ୍ତଙ୍କର) ପ୍ରତିଷ୍ଠାତା ।

## ଅଲ୍ଲାଃତାଲାଙ୍କ ବାଣୀ

### ଅଲ୍ଲାଃ ଏକ ଅଟନ୍ତି ଏବଂ ତାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ ।

وَاِلٰهُكُمْ اِلٰهٌ وَّاحِدٌ ۚ لَآ اِلٰهَ اِلَّا هُوَ الرَّحْمٰنُ الرَّحِيْمُ ○ (سورۃ البقرہ آیت:164)

ଅନୁବାଦ:- ଏବଂ ତୁମମାନଙ୍କର ଉପାସ୍ୟ (ଅଲ୍ଲାଃ) ଏକମାତ୍ର ଉପାସ୍ୟ; ତାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ; (ସେ) ଅଶେଷ ଦୟାବାନ୍ (ଓ) କରୁଣାମୟ । ***(ଅଲ୍‌ବକରାଃ:୧୬୪)***

### ଅଲ୍ଲାଃ ହିଁ ଆକାଶ ଓ ପୃଥିବୀର ଜ୍ୟୋତି

اَللّٰهُ نُوْرُ السَّمٰوٰتِ وَالْاَرْضِ ؕ (سورہ نور آیت:36)

ଅନୁବାଦ:- ଅଲ୍ଲାଃ ହିଁ ଆକାଶ ଓ ପୃଥିବୀର ଜ୍ୟୋତି ***(ନୂର୍:୩୬)***

### ଜୀବନ ଏବଂ ମୃତ୍ୟୁ ଅଲ୍ଲାଃଙ୍କ ତରଫରୁ

كَيْفَ تَكْفُرُوْنَ بِاللّٰهِ وَكُنْتُمْ اَمْوَاتًا فَاَحْيَاكُمْ ۚ ثُمَّ يُمِيْتُكُمْ ثُمَّ يُحْيِيْكُمْ ثُمَّ اِلَيْهِ تُرْجَعُوْنَ ○ (سورۃ البقرہ آیت:29)

ଅନୁବାଦ:- (ହେ ଲୋକମାନେ !) ତୁମେମାନେ କିପରି ଅଲ୍ଲାଃଙ୍କ (କଥା) ପ୍ରତି ଅବିଶ୍ୱାସ କରୁଛ ? ଅଥଚ ତୁମେମାନେ ନିର୍ଜୀବ ଥିଲ ଏବଂ ଏହାପରେ ସେ ତୁମମାନଙ୍କୁ ସଜୀବ କଲେ; ପୁଣି (ଦିନେ) ସେ ତୁମମାନଙ୍କୁ ମୃତ୍ୟୁ ମୁଖରେ ପକାଇବେ; ଏହାପରେ ତୁମମାନଙ୍କୁ ଜୀବିତ କରାଇବେ, ପୁଣି ତୁମମାନଙ୍କୁ ତାହାଙ୍କ ନିକଟକୁ ଫେରାଇ ନିଆଯିବ । ***(ବକ୍‌ରାଃ:୨୯)***

### ଅଲ୍ଲାଃଙ୍କ ଅସ୍ତିତ୍ୱ ହିଁ ବଂଚିରହେ

كُلُّ مَنْ عَلَيْهَا فَانٍ ○ وَّيَبْقٰى وَجْهُ رَبِّكَ ذُو الْجَلٰلِ وَالْاِكْرَامِ ○ (سورۃ الرحمٰن آیت:27-28)

ଅନୁବାଦ:- ଏଠାରେ (ଅର୍ଥାତ ଏହି ପୃଥିବୀରେ) ଯାହା କିଛି ଅଛି ତାହା ପରିଶେଷରେ ବିନାଶଶୀଳ ଏବଂ କେବଳ ତୁମ ପରମେଶ୍ୱରଙ୍କ ଅସ୍ତିତ୍ୱ ହିଁ ବଂଚିରହିବ; ଯିଏ ହେଉଛନ୍ତି ମହିମାମୟ ଓ ସମ୍ମାନନୀୟ । ***(ରହ୍‌ମାନ୍:୨୭-୨୮)***

### ସେ ଚିରଞ୍ଜୀବୀ ଓ ସ୍ୱୟଂ ପ୍ରତିଷ୍ଠିତ

اَللّٰهُ لَآ اِلٰهَ اِلَّا هُوَ ۚ اَلْحَيُّ الْقَيُّوْمُ ۚ لَا تَاْخُذُهٗ سِنَةٌ وَّلَا نَوْمٌ ؕ لَهٗ مَا فِي السَّمٰوٰتِ وَمَا فِي الْاَرْضِ ؕ مَنْ ذَا الَّذِيْ يَشْفَعُ عِنْدَهٗٓ اِلَّا بِاِذْنِهٖ ؕ يَعْلَمُ مَا بَيْنَ اَيْدِيْهِمْ وَمَا خَلْفَهُمْ ۚ وَلَا يُحِيْطُوْنَ بِشَيْءٍ مِّنْ عِلْمِهٖٓ اِلَّا بِمَا شَآءَ ۚ وَسِعَ كُرْسِيُّهُ السَّمٰوٰتِ وَالْاَرْضَ ۚ وَلَا يَئُوْدُهٗ حِفْظُهُمَا ۚ وَهُوَ الْعَلِيُّ الْعَظِيْمُ ○ (سورۃ البقرہ آیت:256)

ଅନୁବାଦ:- ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ, ସେ ଚିରଞ୍ଜୀବୀ (ଓ ସେ ସ୍ୱୟଂ) ପ୍ରତିଷ୍ଠିତ (ଓ ସମସ୍ତରଙ୍କର) ପ୍ରତିଷ୍ଠାତା; ତାହାଙ୍କୁ ତନ୍ଦ୍ରା ଆସେ ନାହିଁ କି ନିଦ୍ରା (ସ୍ପର୍ଶ କରେନାହିଁ); ଯାହା କିଛି ଆକାଶରେ ଓ ଯାହା କିଛି ପୃଥିବୀରେ ଅଛି (ତାହା) ତାଙ୍କରି ଅଟେ; ଏପରି କିଏ ଅଛି ଯେ ତାଙ୍କ ବିନା ଅନୁମତିରେ ତାଙ୍କ ସମୀପରେ ସୁପାରିଶ କରିପାରିବ ? ସେମାନଙ୍କ ସମ୍ମୁଖରେ ଯାହା ଅଛି ଓ ସେମାନଙ୍କ ପଶ୍ଚାତରେ ଯାହା ଅଛି ସେ (ତାହାକୁ) ଜାଣନ୍ତି; ଏବଂ ସେମାନେ ତାଙ୍କ ବିନା ଇଚ୍ଛାରେ ତାଙ୍କ ଜ୍ଞାନର କୌଣସି ଅଂଶକୁ ଲାଭ କରିପାରିବେ ନାହିଁ; ତାହାଙ୍କର ସିଂହାସନ ଆକାଶ ଓ ପୃଥିବୀରେ ବ୍ୟାପି ରହିଛି ଏବଂ ଏଗୁଡ଼ିକର ରକ୍ଷଣାବେକ୍ଷଣ ତାଙ୍କୁ କ୍ଲାନ୍ତ କରେନାହିଁ; ଏବଂ ସେ ହିଁ ଅତ୍ୟୁଚ୍ଚ ଓ ମହାନ । ***(ଅଲ୍‌ବକରାଃ:୨୫୬)***

### ଅଲ୍ଲାଃଙ୍କ ଉପରେ ସମସ୍ତେ ନିର୍ଭରଶୀଳ, କେହି ତାହାଙ୍କର ସମକକ୍ଷ ନୁହନ୍ତି ।

قُلْ هُوَ اللّٰهُ اَحَدٌ ○ اَللّٰهُ الصَّمَدُ ○ لَمْ يَلِدْ ۙ وَلَمْ يُوْلَدْ ○ وَلَمْ يَكُنْ لَّهٗ كُفُوًا اَحَدٌ ○ (سورۃ الاخلاص)

ଅନୁବାଦ:- ତୁମେ କୁହ ସେ ହିଁ ଅଲ୍ଲାଃ, ଯେ କି ଅଦ୍ୱିତୀୟ । ସେ ହିଁ ଅଲ୍ଲାଃ, ଯାହାଙ୍କ ଉପରେ ସମସ୍ତେ ନିର୍ଭରଶୀଳ, (ଏବଂ ସେ କାହାରି ଉପରେ ନିର୍ଭରଶୀଳ ନୁହନ୍ତି) । ସେ କାହାକୁ ପ୍ରସବ କରିନାହାନ୍ତି କି ତାହାଙ୍କୁ ପ୍ରସବ କରାଯାଇନାହିଁ; ଏବଂ (ଗୁଣାବଳୀ ଦୃଷ୍ଟିରୁ) କେହି ତାହାଙ୍କର ସମକକ୍ଷ ନୁହନ୍ତି । ***(ସୁରଃ ଏଖ୍‌ଲାସ୍)***

### ପ୍ରତ୍ୟେକ ବସ୍ତୁ ପ୍ରଶଂସାପୂର୍ବକ ଅଲ୍ଲାଃଙ୍କର ଗୁଣଗାନ କରୁଛନ୍ତି

تُسَبِّحُ لَهُ السَّمٰوٰتُ السَّبْعُ وَالْاَرْضُ وَمَنْ فِيْهِنَّ ؕ وَاِنْ مِّنْ شَيْءٍ اِلَّا يُسَبِّحُ بِحَمْدِهٖ وَلٰكِنْ لَّا تَفْقَهُوْنَ تَسْبِيْحَهُمْ ؕ اِنَّهٗ كَانَ حَلِيْمًا غَفُوْرًا ○ (بنی اسرائیل آیت:45)

ଅନୁବାଦ:- ସପ୍ତ ଆକାଶ ଓ ଭୂପୃଷ୍ଠ ଏବଂ ଯେଉଁମାନେ ତନ୍ମଧ୍ୟରେ (ବାସକରୁ) ଅଛନ୍ତି ସେମାନେ ତାହାଙ୍କର ଗୁଣଗାନ କରୁଛନ୍ତି; ଓ (ପୃଥିବୀର) ପ୍ରତ୍ୟେକ ବସ୍ତୁ ପ୍ରଶଂସାପୂର୍ବକ ତାହାଙ୍କର ଗୁଣଗାନ କରୁଛନ୍ତି; କିନ୍ତୁ ତୁମେମାନେ ଏମାନଙ୍କ ଗୁଣଗାନକୁ ବୁଝିପାରୁନାହଁ; ବାସ୍ତବରେ ସେ ହିଁ ଉଦାର ଓ ଅତ୍ୟନ୍ତ କ୍ଷମାଶୀଳ । (ବନି ଇସ୍‌ରାଇଲ୍:୪୫)

### ହିଦାୟତ୍ (ସତ୍‌ମାର୍ଗ) ଅଲ୍ଲାଃଙ୍କ କୃପାରୁ ଲାଭ ହୁଏ

لَا تُدْرِكُهُ الْاَبْصَارُ ۫ وَهُوَ يُدْرِكُ الْاَبْصَارَ ۚ وَهُوَ اللَّطِيْفُ الْخَبِيْرُ ○ (سورہ الانعام آیت 104)

ଅନୁବାଦ:- ଦୃଷ୍ଟି ତାହାଙ୍କ ପର୍ଯ୍ୟନ୍ତ ପହଂଚିପାରେ ନାହିଁ । କିନ୍ତୁ ସେ ଦୃଷ୍ଟି ପର୍ଯ୍ୟନ୍ତ ପହଂଚିପାରନ୍ତି; ଏବଂ ସେ ରହସ୍ୟମୟ (ଓ) ସର୍ବଜ୍ଞାତା । (ଅଲ୍ ଅନ୍‌ଆମ୍:୧୦୪)

### ଅଲ୍ଲାଃ ମନୁଷ୍ୟର ଜୀବନ ନାଟିକାଠାରୁ ମଧ୍ୟ ଅଧିକ ନିକଟବର୍ତୀ

وَلَقَدْ خَلَقْنَا الْاِنْسَانَ وَنَعْلَمُ مَا تُوَسْوِسُ بِهٖ نَفْسُهٗ ۖۚ وَنَحْنُ اَقْرَبُ اِلَيْهِ مِنْ حَبْلِ الْوَرِيْدِ ○ (سورہ ق آیت 17)

ଅନୁବାଦ:- ଏବଂ ଆମ୍ଭେ ମନୁଷ୍ୟ ସୃଷ୍ଟି କରିଅଛୁ ଏବଂ ତାହାର ମନରେ ଯେଉଁ ସଂଶୟ ଜାତ ହୁଏ ତାହାକୁ ଆମ୍ଭେ ଭଲରୂପେ ଜାଣୁ ଏବଂ ଆମ୍ଭେ ତାହାର ଜୀବନ ନାଟିକାଠାରୁ ମଧ୍ୟ ଅଧିକ ନିକଟବର୍ତୀ । (କାଫ୍:୧୭)

### ଯାହାକୁ ଚାହାନ୍ତି ସମ୍ମାନିତ କରନ୍ତି ଏବଂ ଯାହାକୁ ଚାହାନ୍ତି ଅପମାନିତ କରନ୍ତି

قُلِ اللّٰهُمَّ مٰلِكَ الْمُلْكِ تُؤْتِي الْمُلْكَ مَنْ تَشَآءُ وَتَنْزِعُ الْمُلْكَ مِمَّنْ تَشَآءُ ۫ وَتُعِزُّ مَنْ تَشَآءُ وَتُذِلُّ مَنْ تَشَآءُ ؕ بِيَدِكَ الْخَيْرُ ؕ اِنَّكَ عَلٰى كُلِّ شَيْءٍ قَدِيْرٌ ○ (سورہ آل عمران آیت:27)

ଅନୁବାଦ:- ତୁମ୍ଭେ କୁହ "ହେ ଅଲ୍ଲାଃ ! ତୁମ୍ଭେ ସକଳ ରାଜ୍ୟର ଅଧିଶ୍ୱର ତୁମ୍ଭେ ଯାହାକୁ ଇଚ୍ଛା ରାଜତ୍ୱ ପ୍ରଦାନ କର ଏବଂ ଯାହାଠାରୁ ଇଚ୍ଛା ରାଜତ୍ୱ ଛଡ଼ାଇ ନିଅ; ତୁମ୍ଭ ଯାହାକୁ ଇଚ୍ଛା ସମ୍ମାନିତ କର ଏବଂ ଯାହାକୁ ଇଚ୍ଛା ଅପମାନିତ କର; ସକଳ କଲ୍ୟାଣ ତୁମ୍ଭ ହସ୍ତରେ ରହିଅଛି; ଏବଂ ବାସ୍ତବରେ ତୁମ୍ଭେ ପ୍ରତ୍ୟେକ ବିଷୟ କରିବାକୁ ସକ୍ଷମ ।" ***(ଆଲେ ଇମ୍‌ରାନ୍:୨୭)***

*************

## ହେ ମୋର ଭକ୍ତଗଣ ! ମୁଁ ଅତ୍ୟାଚାରକୁ ମୋ ପାଇଁ ହରାମ୍ (ଅବୈଧ) କରି ଦେଇଛି । ତୁମେମାନେ ସମସ୍ତେ ପଥଭ୍ରଷ୍ଟ କେବଳ ସେହି ଲୋକମାନଙ୍କ ବ୍ୟତିତ ଯେଉଁମାନଙ୍କୁ ମୁଁ ସଠିକ୍ ମାର୍ଗରେ ପରିଚାଳିତ କରିଥାଏ । ତେଣୁ ମୋଠାରୁ ହିଦାୟତ୍ ଅର୍ଥାତ ସତ୍‌ପଥ ଚାହଁ ମୁଁ ତୁମକୁ ହିଦାୟତ ଦେବି ।

### ଅଲ୍ଲାଃଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ବାଣୀ

عَنْ هَمَّامِ بْنِ مُنَبِّهٍ قَالَ هٰذَا مَا حَدَّثَنَا بِهٖ اَبُوْ هُرَيْرَةَ ﷺ عَنْ رَسُوْلِ اللّٰهِ صَلَّى اللّٰهُ عَلَيْهِ وَسَلَّمَ قَالَ اللّٰهُ عَزَّوَجَلَّ كَذَّبَنِيْ عَبْدِيْ وَلَمْ يَكُنْ لَّهٗ ذٰلِكَ. وَشَتَمَنِيْ وَلَمْ يَكُنْ لَّهٗ ذٰلِكَ. تَكْذِيْبُهٗ اِيَّايَ اَنْ يَّقُوْلَ فَلَنْ يُّعِيْدَنَا كَمَا بَدَاَنَا. وَاَمَّا شَتْمُهٗ اِيَّايَ يَقُوْلُ اِتَّخَذَ اللّٰهُ وَلَدًا. وَاَنَا الصَّمَدُ الَّذِيْ لَمْ اَلِدْ وَلَمْ اُوْلَدْ. وَلَمْ يَكُنْ لِّيْ كُفُوًا اَحَدٌ۔

ଅନୁବାଦ:- ହଜ୍‌ରତ୍ ଅବୁ ହୁରୈରାଃ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ ବତାଇଲେ କି ଅଲ୍ଲାଃ ତାଲା କହୁଛନ୍ତି ମୋ ଭକ୍ତ ମତେ ଅସ୍ୱୀକାର କରୁଛି ଯେବେକି ଏପରି ତାକୁ କରିବା ଉଚିତ ନୁହେଁ । ସେ ମତେ ଗାଳି ଦେଉଛି ଯେବେକି ତାକୁ ଏପରି କରିବାର କୌଣସି ଅଧିକାର ନଥିଲା । ମତେ ଅସ୍ୱୀକାର କରିବାର ଅର୍ଥ ହେଉଛି ଏହା କି, ସେ କହୁଛି ଯେ ଅଲ୍ଲାଃ ତାଲା ପୂର୍ନବାର ଆମକୁ ସେହିଭଳି ସୃଷ୍ଟି କରିପାରିବ ନାହିଁ ଯେଉଁଭଳି ସେ ପ୍ରଥମେ ଆମକୁ ସୃଷ୍ଟି କରିଥିଲା ଏବଂ ମତେ ଗାଳି ଦେବାର ଅର୍ଥ ହେଉଛି ଏହା କି ସେ କହୁଛି ଅଲ୍ଲାଃ ତାଲା କାହାକୁ ତା'ର ପୁତ୍ର ବନାଇଛି ଯେବେକି ମୁଁ କାହା ଉପରେ ନିର୍ଭରଶୀଳ ନୁହେଁ ଏବଂ ମୋର କୌଣସି ପୁତ୍ର ନାହିଁ (ଅର୍ଥାତ ମୁଁ କାହାକୁ ପ୍ରସବ କରିନାହିଁ) ଓ ନା ମତେ କିଏ ପ୍ରସବ କରିଛି ଅର୍ଥାତ ମୁଁ କାହାର ମଧ୍ୟ ପୁତ୍ର ନୁହେଁ । ଏବଂ ନା କେହି ମୋର ସମକକ୍ଷ ହୋଇପାରିବ ।*(ମସ୍‌ନଦ୍ ଅହ୍‌ମଦ୍, ବହୱାଲା ହଦିକତୁଲ୍ ସ୍ୱାଲେହୀନ୍ ହଦିସ୍ ନଂ-୧୧)*

عَنْ اَبِيْ ذَرٍّ رَضِيَ اللّٰهُ عَنْهُ عَنِ النَّبِيِّ صَلَّى اللّٰهُ عَلَيْهِ وَسَلَّمَ فِيْمَا يَرْوِيْ عَنِ اللّٰهِ تَبَارَكَ وَتَعَالٰى اَنَّهٗ قَالَ يَا عِبَادِيْ اِنِّيْ حَرَّمْتُ الظُّلْمَ عَلٰى نَفْسِيْ وَجَعَلْتُهٗ بَيْنَكُمْ مُحَرَّمًا فَلَا تَظَالَمُوْا . يَا عِبَادِيْ كُلُّكُمْ ضَالٌّ اِلَّا مَنْ هَدَيْتُهٗ فَاسْتَهْدُوْنِيْ اَهْدِكُمْ . يَا عِبَادِيْ كُلُّكُمْ جَائِعٌ اِلَّا مَنْ اَطْعَمْتُهٗ فَاسْتَطْعِمُوْنِيْ اُطْعِمْكُمْ . يَا عِبَادِيْ كُلُّكُمْ عَارٍ اِلَّا مَنْ كَسَوْتُهٗ فَاسْتَكْسُوْنِيْ اَكْسُكُمْ. يَا عِبَادِيْ اِنَّكُمْ تُخْطِئُوْنَ بِاللَّيْلِ وَالنَّهَارِ وَاَنَا اَغْفِرُ الذُّنُوْبَ جَمِيْعًا فَاسْتَغْفِرُوْنِيْ اَغْفِرْ لَكُمْ. يَا عِبَادِيْ اِنَّكُمْ لَنْ تَبْلُغُوْا ضُرِّيْ فَتَضُرُّوْنِيْ وَلَنْ تَبْلُغُوْا نَفْعِيْ فَتَنْفَعُوْنِيْ. يَا عِبَادِيْ لَوْ اَنَّ اَوَّلَكُمْ وَاٰخِرَكُمْ وَاِنْسَكُمْ وَجِنَّكُمْ كَانُوْا عَلٰى اَتْقٰى قَلْبِ رَجُلٍ وَاحِدٍ مِّنْكُمْ مَا زَادَ ذٰلِكَ فِيْ مُلْكِيْ شَيْئًا. يَا عِبَادِيْ لَوْ اَنَّ اَوَّلَكُمْ وَاٰخِرَكُمْ وَاِنْسَكُمْ وَجِنَّكُمْ كَانُوْا عَلٰى اَفْجَرِ قَلْبِ رَجُلٍ وَاحِدٍ مِّنْكُمْ مَا نَقَصَ ذٰلِكَ مِنْ مُلْكِيْ شَيْئًا. يَا عِبَادِيْ لَوْ اَنَّ اَوَّلَكُمْ وَاٰخِرَكُمْ وَاِنْسَكُمْ وَجِنَّكُمْ قَامُوْا فِيْ صَعِيْدٍ وَاحِدٍ فَسَاَلُوْنِيْ فَاَعْطَيْتُ كُلَّ اِنْسَانٍ مَسْاَلَتَهٗ مَا نَقَصَ ذٰلِكَ مِمَّا عِنْدِيْ اِلَّا كَمَا يَنْقُصُ الْمِخْيَطُ اِذَا اُدْخِلَ الْبَحْرَ. يَا عِبَادِيْ اِنَّمَا هِيَ اَعْمَالُكُمْ اُحْصِيْهَا لَكُمْ ثُمَّ اُوَفِّيْكُمْ اِيَّاهَا فَمَنْ وَجَدَ خَيْرًا فَلْيَحْمَدِ اللّٰهَ وَمَنْ وَجَدَ غَيْرَ ذٰلِكَ فَلَا يَلُوْمَنَّ اِلَّا نَفْسَهٗ۔ (مسلم کتاب البرّ والصّلۃ باب تحریم الظّلم، بحوالہ حدیقۃ الصالحین حدیث نمبر 12)

ଅନୁବାଦ:- ହଜ୍‌ରତ୍ ଅବୁ ଜର୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ, ଆଁ ହଜ୍‌ରତ୍ ସ:ଆ:ସ ଅଲ୍ଲାଃ ତାଲାଙ୍କ ତରଫରୁ ଏ କଥା ବତାଇଲେ ଯେ ଅଲ୍ଲାଃ ତାଲା କହୁଛନ୍ତ:- ହେ ମୋର ଭକ୍ତ ଗଣ ! ମୁଁ ଅତ୍ୟାଚାରକୁ ମୋ ପାଇଁ ହରାମ୍ (ଅବୈଧ) କରି ରଖିଛି । ତୁମେମାନେ ସମସ୍ତେ ପଥଭ୍ରଷ୍ଟ କେବଳ ସେହି ଲୋକମାନଙ୍କ ବ୍ୟତିତ ଯେଉଁମାନଙ୍କୁ ମୁଁ ସଠିକ୍ ମାର୍ଗରେ ପରିଚାଳିତ କରାଇଥାଏ । ତେଣୁ ମୋଠାରୁ ହିଦାୟତ୍ ଅର୍ଥାତ ସତ୍‌ପଥ ମାଗ ମୁଁ ତୁମକୁ ହିଦାୟତ ଦେବି । ହେ ମୋର ଭକ୍ତଗଣ ! ତୁମେମାନେ ସମସ୍ତେ କ୍ଷୁଧାର୍ତ୍ତ କେଳବ ସେହି ଲୋକମାନଙ୍କ ବ୍ୟତୀତ ଯାହାଙ୍କୁ ମୁଁ ଖାଇବାକୁ ଦେଇଥାଏ ତେଣୁ ମୋଠାରୁ ହିଁ ଜୀବିକା ମାଗ ମୁଁ ତୁମକୁ ଜୀବିକା ପ୍ରଦାନ କରିବି । ହେ ମୋର ଭକ୍ତମାନେ! ତୁମେମାନେ ସମସ୍ତେ ବସ୍ତ୍ରହୀନ କେବଳ ସେମାନଙ୍କ ବ୍ୟତିତ ଯେଉଁମାନଙ୍କୁ ମୁଁ ବସ୍ତ୍ର ପ୍ରଦାନ କରିବି । ହେ ମୋର ଭକ୍ତଗଣ ! ଯଦି ତୁମେ ଦିନରାତି ଭୁଲ କରିବ ତେବେ ମଧ୍ୟ ମୁଁ ତୁମ ଦୋଷ କ୍ଷମା କରିପାରେ ତେଣୁ ମୋ ନିକଟରେ କ୍ଷମା ପ୍ରାର୍ଥନା କର ମୁଁ ତୁମକୁ କ୍ଷମା କରିଦେବି । ହେ ମୋର ଭକ୍ତମାନେ ! ତୁମେ ଚାହିଁଲେ ମଧ୍ୟ ମତେ କୌଣସି କ୍ଷତି ପହଂଚାଇପାରିବ ନାହିଁ ସେହିଭଳି ମତେ ଲାଭ ପହଂଚାଇବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ମତେ କିଛି ଲାଭ ପହଂଚାଇ ପାରିବନାହିଁ । ହେ ମୋର ଭକ୍ତ ! ଯଦି ତୁମର ସମସ୍ତ ପୂର୍ବ ଓ ପର, ଜିନ୍ନ ଓ ମାନବ ସମସ୍ତେ ପ୍ରଥମ ଶ୍ରେଣୀର ଧର୍ମପରାୟଣ/ଧାର୍ମିକ ଓ ସଦାଚାରୀ ହୋଇଯାଆନ୍ତି ଏବଂ ଏପରି ବ୍ୟକ୍ତି ସଦୃଶ ହୋଇଯାଆନ୍ତି ଯେ ତୁମମାନଙ୍କ ମଧ୍ୟରେ ଅଧିକା ଧର୍ମପରାୟଣ ତା ହେଲେ ମଧ୍ୟ ତୁମର ଏପରି ହୋଇଯିବା ଦ୍ୱାରା ମୋର ରାଜତ୍ୱରେ ତିଳେମାତ୍ର ବୃଦ୍ଧି ଘଟାଇପାରିବ ନାହିଁ । ହେ ମୋର ଭକ୍ତଗଣ ! ଯଦି ତୁମର ସମସ୍ତ ପୂର୍ବ ଓ ପର, ଜିନ୍ନ ଓ ମାନବ ସମସ୍ତେ ତୁମମାନଙ୍କ ମଧ୍ୟରେ ଥିବା ସବୁଠାରୁ ଅଧିକା ଦୁଷ୍ଟ ଲୋକ ପରି ହୋଇଯାଆନ୍ତି ତେବେ ମଧ୍ୟ ମୋର ରାଜତ୍ୱରେ କିଛି ମଧ୍ୟ କମ୍ କରିପାରିବେ ନାହିଁ । ହେ ମୋର ଭକ୍ତଗଣ ! ଯଦି ତୁମର ସମସ୍ତ ପୂର୍ବ ଓ ପର, ଜିନ୍ନ ଓ ମାନବ ସମସ୍ତେ ଗୋଟିଏ ପଡ଼ିଆରେ ଏକାଠି ହୋଇ ମୋଠାରୁ ନିଜ ନିଜର ଆବଶ୍ୟକତା ମାଗିବେ ଓ ମୁଁ ପ୍ରତ୍ୟେକ ବ୍ୟକ୍ତିର ଆବଶ୍ୟକତାକୁ ପୂରଣ କରିଦିଏ ତେବେ ମଧ୍ୟ ମୋ ଭଣ୍ଡାରରୁ ଏତିକି ଟିକିଏ କମ୍ ହେବନାହିଁ ଯେତିକି ସମୁଦ୍ରରେ ସୁଇ ବୁଡ଼ାଇ ବାହାରକୁ ବାହାର କରିଲେ ସମୁଦ୍ରର ପାଣି କମ୍ ହୋଇଥାଏ । ହେ ମୋର ଭକ୍ତମାନେ ଏହା ହେଉଛି ତୁମର କର୍ମ ଯାହାର ହିସାବ ମୁଁ କରିଛି । ମୁଁ ତୁମକୁ ତା'ର ସମ୍ପୁର୍ଣ୍ଣ ବଦଳା ଦେବି । ତେଣୁ ଯେଉଁ ବ୍ୟକ୍ତିର ଭଲ ଫଳ ବାହାରିବ ସେ ଅଲ୍ଲାଃଙ୍କର କୃତଜ୍ଞ ହେଉ ଏବଂ ଯେଉଁ ବ୍ୟକ୍ତି ଏତଦ୍ ଭିନ୍ନ ଆଉ କିଛି ଜିନିଷ ପାଏ ଅର୍ଥାତ ଅସଫଳତାର ମୁହଁ ଦେଖେ ତା'ହେଲେ ସେ ନିଜକୁ ହିଁ ଦୋଷ ଦେଉ ଯେ ଏହା ହେଉଛି ତା ନିଜ କୁକର୍ମର ଫଳ ।

*(ମୁସ୍‌ଲିମ୍ କୁତାବୁଲ୍ ବିର୍‌ର.......ବହୱାଲା ହଦିକତୁଲ୍ ସ୍ୱାଲେହୀନ୍ ହଦିସ୍ ନଂ-୧୨)*

عَنْ اَبِيْ هُرَيْرَةَ رَضِيَ اللّٰهُ عَنْهُ قَالَ : قَالَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ يَقُوْلُ اللّٰهُ تَعَالٰى اَنَا عِنْدَ ظَنِّ عَبْدِيْ بِيْ وَاَنَا مَعَهٗ حِيْنَ يَذْكُرُنِيْ فَاِنْ ذَكَرَنِيْ فِيْ نَفْسِهٖ ذَكَرْتُهٗ فِيْ نَفْسِيْ وَاِنْ ذَكَرَنِيْ فِيْ مَلَاٍ ذَكَرْتُهٗ فِيْ مَلَاٍ خَيْرٍ مِّنْهُمْ وَاِنِ اقْتَرَبَ اِلَيَّ شِبْرًا اِقْتَرَبْتُ اِلَيْهِ ذِرَاعًا وَاِنِ اقْتَرَبَ اِلَيَّ ذِرَاعًا اِقْتَرَبْتُ اِلَيْهِ بَاعًا وَاِنْ اَتَانِيْ يَمْشِيْ اَتَيْتُهٗ هَرْوَلَةً ۔ (ترمذی ابواب الدعوات، بحوالہ حدیقۃ الصالحین حدیث نمبر 80)

ଅନୁବାଦ:- ହଜ୍‌ରତ୍ ଅବୁ ହୁରୈରାଃ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ: ଅଲ୍ଲାଃ ତାଲା କହିଛନ୍ତି ମୁଁ ଭକ୍ତଙ୍କ ବିଚାର ଓ ବିଶ୍ୱାସ ଅନୁସାରେ ବ୍ୟବହାର କରିଥାଏ । ଯେତେବେଳେ ସେ ମତେ ମନେପକାଇଥାଏ ମୁଁ ସେତେବେଳେ ତା ସାଥିରେ ଥାଏ । ଯଦି ସେ ମତେ ତା ହୃଦୟ ଭିତରେ ହେଜ କରିବ ମୁଁ ମଧ୍ୟ ନିଜ ହୃଦୟରୁ ମନେପକାଇବି । ଯଦି ସେ ମୋ ଚର୍ଚ୍ଚା ସଭାରେ କରିବ ତେବେ ମୁଁ ସେହି ଭକ୍ତର ଚର୍ଚ୍ଚା ତା'ଠାରୁ ଉତମ ସଭାରେ କରିବି । ଯଦି ସେ ମୋ ଆଡ଼କୁ ଏକ ଚାଖଣ୍ଡ ଆସିବ ତେବେ ମୁଁ ତା ଆଡ଼କୁ ହାତେ ଯିବି । ଯଦି ସେ ମୋ ଆଡ଼କୁ ଏକ ହାତ ଆସିବ ତେବେ ମୁଁ ତା ଆଡ଼କୁ ଦୁଇହାତ ଯିବି ଏବଂ ଯଦି ସେ ମୋ ନିକଟକୁ ଚାଲି ଚାଲି ଆସିବ ତେବେ ମୁଁ ତା ନିକଟକୁ ଦଉଡ଼ି ଦଉଡ଼ି ଯିବି ।

*(ତିରିମିଜି ଅବୱାବୁଦ୍ ଦାୱାତ୍, ବହୱାଲା ହଦିକତୁଲ୍ ସ୍ୱାଲେହୀନ୍ ହଦିସ୍ ନଂ-୮୦)*

عَنْ عَبْدِ اللّٰهِ بْنِ عُمَرَ رَضِيَ اللّٰهُ تَعَالٰى عَنْهُمَا قَالَ قَرَاَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ هٰذِهِ الْاٰيَةَ وَهُوَ عَلَى الْمِنْبَرِ : وَالسَّمٰوٰتُ مَطْوِيّٰتٌۢ بِيَمِيْنِهٖ، سُبْحَانَهٗ وَتَعَالٰى عَمَّا يُشْرِكُوْنَ. قَالَ يَقُوْلُ اللّٰهُ اَنَا الْجَبَّارُ، اَنَا الْمُتَكَبِّرُ، اَنَا الْمَلِكُ، اَنَا الْمُتَعَالُ يُمَجِّدُ نَفْسَهٗ قَالَ فَجَعَلَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ يُرَدِّدُهَا. حَتّٰى رَجَفَ بِهَا الْمِنْبَرُ حَتّٰى ظَنَنَّا اَنَّهٗ سَيَخِرُّ بِهٖ ۔ (مسند احمد بحوالہ حدیقۃ الصالحین حدیث نمبر 10)

ଅନୁବାଦ:- ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ ମେମ୍ବର ଉପରେ ଚଢ଼ି ଖୁତ୍‌ବା ଦେଇ ଏ ଆୟତ ପଢ଼ିଲେ "ଆକାଶ ତାହାଙ୍କ ଡ଼ାହାଣ ହାତରେ ଗୁଡ଼ାଇ ହୋଇ ରହିଛି । ଯେଉଁ ଲୋକମାନେ ତାହାଙ୍କ (ଅର୍ଥାତ ଈଶ୍ୱରଙ୍କ) ସମକକ୍ଷ ଅନ୍ୟ କାହାରିକୁ କରୁଛନ୍ତି, ସେ (ଈଶ୍ୱର) ସେଥିରୁ ପବିତ୍ର ଓ ବହୁତ ଉର୍ଦ୍ଧ୍ୱରେ" । ପୁଣି ହଜୁର ସ:ଆ:ସ କହିଲେ; ଅଲ୍ଲାଃ ତାଲା କହିଲେ "ମୁଁ ବହୁତ ଶକ୍ତିଶାଳୀ ଓ କ୍ଷତିଭରଣକାରୀ । ସମସ୍ତ ପ୍ରଶଂସା ମୋ ପାଇଁ । ମୁଁ ହେଉଛି ସମ୍ରାଟ । ମୋ ମହିମା ଅପାର । ଅଲ୍ଲାଃ ତାଲା ଏହିପରି ନିଜ ଅସ୍ତିତ୍ୱର ଶ୍ରେଷ୍ଠତା ଓ ମହାନତା ବର୍ଣ୍ଣନା କରିଥାଏ । ଆଁ ହଜ୍‌ରତ୍ ସ:ଆ:ସ ଏହି ବାକ୍ୟଗୁଡ଼ିକୁ ବାରମ୍ବାର ବହୁତ ଜୋସ୍‌ର ସହିତ ଆବୃତି କରିଚାଲିଲେ ଏପରି କି ମେମ୍ବର (ଡ଼ାଇସ୍)ଟି ଥରିବାକୁ ଲାଗିଲା ଓ ଆମେମାନେ ଭାବିଲୁ ଯେ ବୋଧ ହୁଏ ଆପଣ ମେମ୍ବର ଉପରୁ ଖସିପଡ଼ିବେ ।

*(ମସ୍‌ନଦ୍ ଅହ୍‌ମଦ୍ ବହୱାଲା ହଦିକତୁଲ୍ ସ୍ୱାଲେହୀନ୍ ହଦିସ୍ ନଂ-୧୦)*

*********

**କେଡ଼େ ହତଭାଗା, ଯାହାକୁ ଏ ପର୍ଯ୍ୟନ୍ତ ଜଣାନାହିଁ ଯେ ତା'ର ଜଣେ ପ୍ରଭୁ ଅଛନ୍ତି ଓ ସେ ପ୍ରତ୍ୟେକ କାର୍ଯ୍ୟ କରିବାରେ ପାରଙ୍ଗମ । ଆମ ଈଶ୍ୱର ହେଉଛନ୍ତି ଆମର ସ୍ୱର୍ଗ । ଆମ ଈଶ୍ୱରଙ୍କ ଠାରେ ହିଁ ରହିଛି ଆମର ପରମ ଆନନ୍ଦ । କାରଣ ଆମେ ତାହାଙ୍କୁ ଦର୍ଶନ କରିଛୁ ଓ ତାହାଙ୍କଠାରୁ ହିଁ ପ୍ରତ୍ୟେକ ସୌନ୍ଦର୍ଯ୍ୟ ପାଇଛୁ ।**

**—— ସୟ୍ୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବାଣୀ ——**

ସୟଦନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି:

ତକ୍‌ଦିର୍ ଅର୍ଥାତ ଏ ଦୁନିଆର ସମସ୍ତ ପଦାର୍ଥ ଏକ ନିର୍ଦ୍ଦିଷ୍ଟ ମାପ ଓ ଏକ ନିର୍ଦ୍ଦିଷ୍ଟ ନିୟମ ଅନୁଯାୟୀ ଗତିଶୀଳ ହେବା ତଥା ସ୍ଥିର ରହିବା ଏହା ସୂଚିତ କରିଥାଏ ଯେ ଏହାର ଜଣେ ମୁକଦ୍ଦିର ଅର୍ଥାତ ନିର୍ଣ୍ଣୟକାରୀ ନିଶ୍ଚିତ ରୂପେ ଅଛନ୍ତି । ଯଦି ଗୋଟିଏ ଘଂଟା (ଘଡି)କୁ ଜଣେ ଜାଣି ଶୁଣି ଉଭାବନ କରିନଥାନ୍ତେ ତା'ହେଲେ ତାହା କାହିଁକି ଏମିତି ବ୍ୟବସ୍ଥିତ ହୋଇଚାଲୁଥାନ୍ତା ଓ ଆମ ପାଇଁ ଲାଭକାରୀ ସାବ୍ୟସ୍ତ ହୋଇଥାନ୍ତା ? ସେହିଭଳି ଆକାଶରେ ଘଡ଼ିକୁ ଦେଖନ୍ତୁ । ତାହାର କ୍ରମ, ନିୟମିତତା ଏବଂ ବ୍ୟବସ୍ଥିତ ପରିଚାଳନା ଏହା ପ୍ରକାଶ କରୁଛି ଯେ ତାହା ଏକ ବିଶେଷ ଉଦ୍ଦେଶ୍ୟ, କାରଣ ଏବଂ ଲାଭ ପାଇଁ ତିଆରି ହୋଇଛି । ଏହିଭଳି ନିର୍ମିତ ହୋଇଥିବା ବସ୍ତୁରୁ ନିର୍ମାତାକୁ ଏବଂ ପ୍ରକୃତିରୁ ପ୍ରକୃତିର ସୃଷ୍ଟିକାରୀଙ୍କୁ ମନୁଷ୍ୟ ଚିହ୍ନିପାରେ ।

କିନ୍ତୁ ଅଲ୍ଲାଃ ତାଲା ନିଜର ଅସ୍ତିତ୍ୱକୁ ପ୍ରମାଣ କରିବାପାଇଁ ଏହାଠାରୁ ବଳି ଆଉ ଏକ ଜରିଆ ପ୍ରକାଶ କରିଛନ୍ତି ଏବଂ ତାହା ହେଉଛି ଏହା କି, ସେ ସମୟ ପୂର୍ବରୁ ନିଜ ମନୋନୀତ ଲୋକମାନଙ୍କୁ ନିଜ କାର୍ଯ୍ୟ ସମ୍ବନ୍ଧରେ ସୂଚନା ଦେଇଦିଏ ଏବଂ ସେମାନଙ୍କୁ ଏକଥା ବତାଇ ଦେଇଥାଏ ଯେ ଅମୁକ ସମୟରେ ଓ ଅମୁକ ଦିନ ମୁଁ ଏ କାର୍ଯ୍ୟ କରିବାପାଇଁ ଧାର୍ଯ୍ୟ କରିଛି । ଅତଏବ ଯାହାକୁ ଅଲ୍ଲାଃ ତାଲା ଏହି କାର୍ଯ୍ୟ ସକାଶେ ଚୟନ କରିଥାଏ, ସେ ପୂର୍ବରୁ ଲୋକମାନଙ୍କୁ ଜଣାଇ ଦିଏ ଯେ ଏପରି ଘଟିବ । ପୁଣି ତାହା ତା କହିବା ଅନୁସାରେ ହିଁ ଘଟିଯାଇଥାଏ । ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ନିମନ୍ତେ ଏହା ହେଉଛି ଏପରି ଏକ ଯୁକ୍ତିଯୁକ୍ତ ବଳିଷ୍ଠ ପ୍ରମାଣ ଯେ ପ୍ରତ୍ୟେକ ନାସ୍ତିକ ଏଠାରେ ଲଜ୍ଜିତ ଓ ନିରୁତ୍ତର ହୋଇଯାଇଥାଏ । ଅଲ୍ଲାଃ ତାଲା ଆମୁ ଏପରି ହଜାର ହଜାର ସଙ୍କେତ / ନିଦର୍ଶନ ଦେଇଛନ୍ତି ଯାହା ଅଲ୍ଲାଃଙ୍କ ଅସ୍ତିତ୍ୱ ଉପରେ ଆତ୍ମସନ୍ତୋଷମୂଳକ ବିଶ୍ୱାସ ଜନ୍ମାଇଥାଏ । ***(ମଲ୍‌ଫୁଜାତ୍, ଖଣ୍ଡ-୧, ପୃ-୨୮୬ ମୁଦ୍ରଣ କାଦିଆନ୍ ୨୦୧୮)***

ସେହି ମନୁଷ୍ୟ କେଡ଼େ ହତଭାଗା, ଯାହାକୁ ଏ ପର୍ଯ୍ୟନ୍ତ ଜଣାନାହିଁ ଯେ ତା'ର ଜଣେ ପ୍ରଭୁ ଅଛନ୍ତି ଓ ସେ ପ୍ରତ୍ୟେକ କାର୍ଯ୍ୟ କରିବାରେ ପାରଙ୍ଗମ । ଆମ ଈଶ୍ୱର ହେଉଛନ୍ତି ଆମର ସ୍ୱର୍ଗ । ଆମ ଈଶ୍ୱରଙ୍କ ଠାରେ ହିଁ ରହିଛି ଆମର ପରମ ଆନନ୍ଦ । କାରଣ ଆମେ ତାହାଙ୍କୁ ଦର୍ଶନ କରିଛୁ ଓ ତାହାଙ୍କଠାରୁ ହିଁ ପ୍ରତ୍ୟେକ ସୌନ୍ଦର୍ଯ୍ୟ ପାଇଛୁ । ଏହି ଅମୂଲ୍ୟ ସଂପଦକୁ ପାଇବା ଲାଗି ଜୀବନ ଦେବାକୁ ପଡ଼ିଲେ ମଧ୍ୟ ତାହା ଲାଭଯୋଗ୍ୟ । ଏହି ପଦ୍ମରାଗ ମଣିକୁ ପାଇବା ଲାଗି ନିଜର ସର୍ବାଙ୍ଗ ଅସ୍ତିତ୍ୱକୁ ଉତ୍ସର୍ଗ କରିବାକୁ ପଡ଼ିଲେ ମଧ୍ୟ ତାହା କ୍ରୟଯୋଗ୍ୟ । **ତୁମେ ଯେଉଁମାନେ ଏଥିରୁ ବଂଚିତ, ସେହି ନିର୍ଝର ନିକଟକୁ ଦଉଡ଼ି ଯାଅ ।** ଏହା ତୁମର ତୃଷ୍ଣା ନିବାରଣ କରିବ । ଏହା ହିଁ ସେହି ଜୀବନ ନିର୍ଝର, ଯାହା ତୁମକୁ ରକ୍ଷା କରିବ । ମୁଁ କ'ଣ କରିବି, କିପରି ଏହି ଶୁଭ ସମ୍ବାଦକୁ ମୋ ହୃଦୟରେ ବସାଇବି ? କେଉଁ ଢ଼ୋଲ ବାଦ୍ୟ ଦ୍ୱାରା ଢ଼େଙ୍ଗୁରା ଦେଇ ଜନଗହଣି ପୂର୍ଣ୍ଣ ବଜାରରେ ଏହି ଘୋଷଣା କରିବି ଯେ ତୁମର ପ୍ରଭୁ ହେଉଛନ୍ତି ଏହିପରି । ଯଦ୍ୱାରା ଲୋକମାନେ ସରାଗରେ ମୋ କଥାକୁ କାନପାତି ଶୁଣିବେ ଏବଂ କେଉଁ ମହୌଷଧି ଦେଇ ମୁଁ ଏହାର ଉପଚାର କରିବି, ଯଦ୍ୱାରା ଶୁଣିବା ଲୋକର ନାକ ଖୋଲିବ ।

ଯଦି ତୁମେ ଈଶ୍ୱରଙ୍କର ହୋଇଯିବ, ନିଶ୍ଚିତ ରୂପେ ଜାଣିରଖ ଯେ ଈଶ୍ୱର ମଧ ତୁମର ହୋଇଯିବେ । ତୁମେ ଶୋଇ ରହିଥିବ, ଅଲ୍ଲାଃ ତାଲା ତୁମ ପାଇଁ ଜାଗ୍ରତ ରହିବେ । ତୁମେ ଶତ୍ରୁଙ୍କ ପ୍ରତି ଅମନଯୋଗୀ ଥିବ, କିନ୍ତୁ ପ୍ରଭୁ ତାଙ୍କ ପ୍ରତି ସତର୍କ ଦୃଷ୍ଟି ରଖିବେ । ଶତ୍ରୁର ସମସ୍ତ ମନ୍ଦ ଯୋଜନାକୁ ପଣ୍ଡ କରିଦେବେ । ତୁମକୁ ଏପର୍ଯ୍ୟନ୍ତ ଜଣାନାହିଁ ଯେ ତୁମ ପ୍ରଭୁଙ୍କ ନିକଟରେ କେଉଁ ଶକ୍ତି ରହିଛି । ଯଦି ତୁମେ ଜାଣନ୍ତ, ତେମେ ତୁମ ଉପରେ ଏପରି କୌଣସି ଦିନ ବିତନ୍ତା ନାହିଁ ଯେ ତୁମେ ସଂସାର ପାଇଁ ବହୁତ ଦୁଃଖି ହୋଇଯାଆନ୍ତ । ଜଣେ ବ୍ୟକ୍ତି ଯିଏ ନିଜ ପାଖରେ ଏକ ଧନର ଭଣ୍ଡାର ରଖିଥାଏ, ସେ କଣ ଗୋଟିଏ ପଇସା ବ୍ୟର୍ଥ ହୋଇଗଲେ କାନ୍ଦିବା କିମ୍ବା ଚିତ୍କାର କରିବ ଓ ନିଜ ମଥା ପିଟି ମରିବ ? ଯଦି ତୁମ ପାଖରେ ଏହି ଧନ ଭଣ୍ଡାରର ସୂଚନା ଥାଆନ୍ତା ଯଦ୍ୱାରା ପ୍ରଭୁ ପ୍ରତ୍ୟେକ ପ୍ରକାର ଅଭାବ ଓ ଆବଶ୍ୟକ ସମୟରେ କାମରେ ଆସିବେ, ତେବେ ତୁମେ ସଂସାର ପାଇଁ କାହିଁକି ବିଚଳିତ ହୁଅନ୍ତ । ଈଶ୍ୱର ହେଉଛନ୍ତି ଏକ ପ୍ରିୟ ଦୁର୍ଲଭ ଭଣ୍ଡାର । ତାଙ୍କର ଆଦର ସମ୍ମାନ କର । ଫଳତଃ ସେ ତୁମକୁ ପାଦେ ପାଦେ ସାହାଯ୍ୟ କରିବେ । ତାଙ୍କ ବିନା ତୁମେ କିଛି ନୁହଁ ଓ ତୁମର ଅସ୍ତିତ୍ୱ ବୋଲି କିଛି ନାହିଁ । ତୁମର ସମସ୍ତ ସାଧନ, ପ୍ରଯତ୍ନ ଓ ଉପାୟ ସବୁକିଛି ମହତ୍ୱହୀନ । ***(ନୋହାଙ୍କ ଧରମତରୀ, ପୃ-୩୪-୩୫)***

ହେ ଶ୍ରୋତାଗଣ ! ଅଲ୍ଲାଃ ତୁମମାନଙ୍କ ଠାରୁ କ'ଣ ଚାହୁଁଛନ୍ତି ଶୁଣ । କେବଳ ଏତିକି ଯେ ତୁମେମାନେ ତାହାଙ୍କର ହୋଇଯାଅ । ତାହାଙ୍କ ସହିତ ଅନ୍ୟ କାହାକୁ ସମକକ୍ଷ ଭାବନାହିଁ; ନା ଆକାଶରେ ନା ଭୂପୃଷ୍ଠରେ । ଆମମାନଙ୍କର ଅଲ୍ଲାଃ ଏବେ ମଧ୍ୟ ସେହିପରି ଜୀବିତ ଅଛନ୍ତି, ଯେପରି ସେ ପୂର୍ବରୁ ଜୀବିତ ଥିଲେ । ପୂର୍ବରୁ ସେ ଯେପିର କହୁଥିଲେ ଆଜି ମଧ୍ୟ ସେହିପରି କହୁଛନ୍ତି । ପୂର୍ବରୁ ସେ ଯେପରି ଶୁଣୁଥିଲେ ଆଜି ମଧ୍ୟ ସେହିପରି ଶୁଣୁଛନ୍ତି । ସେ ଏହି ଯୁଗରେ ଶୁଣୁଛନ୍ତି କିନ୍ତୁ କହୁନାହାନ୍ତି ବୋଲି ଧାରଣା କରିବା ନିରର୍ଥକ । ବସ୍ତୁତଃ ଏବେ ବି ସେ ଶୁଣୁଛନ୍ତି ଓ କହୁଛନ୍ତି । ତାଙ୍କର ସମସ୍ତ ଗୁଣାବଳୀ ପ୍ରାରମ୍ଭରୁ ବିଦ୍ୟମାନ ଅଛି ଓ ଶେଷ ପର୍ଯ୍ୟନ୍ତ ରହିବ । କୌଣସି ଗୁଣ ସାମୟିକ ଅବରୋଧ ହୋଇନାହିଁ କି କେବେ ହେବ ନାହିଁ । ସେ ହିଁ ଏକ ଓ ଅଦ୍ୱିତୀୟ, ଯାହାଙ୍କର କେହି ସମକକ୍ଷ କୁହନ୍ତି । ତାଙ୍କର କୌଣସି ପୁତ୍ର ନାହିଁ କି କୌଣସି ପତ୍ନୀ ସେ ଅନନ୍ୟ ଓ ଅତୁଳନୀୟ । ଅନ୍ୟ କୌଣସି ବ୍ୟକ୍ତିଠାରେ ତାହାଙ୍କ ସଦୃଶ କୌଣସି ସ୍ୱତନ୍ତ୍ର ଗୁଣନାହିଁ । କେହି ତାଙ୍କ ସହ ସମାନ ନୁହେଁ । ଅନ୍ୟ କେହି ତାଙ୍କ ଗୁଣାବଳୀରେ ଭୂଷିତ ନୁହନ୍ତି । ତାଙ୍କର କୌଣସି ଶକ୍ତି ହ୍ରାସ ପାଇ ନାହିଁ । ଦୂରରେ ଥିଲେ ମଧ୍ୟ ସେ ନିକଟରେ ଥାଆନ୍ତି । ନିକଟରେ ଥିଲେ ମଧ୍ୟ ସେ ଦୂରରେ ଥାଆନ୍ତି । ସେ "ଅହଲେ କଶ୍‌ଫ୍" ଅର୍ଥାତ ସେହ ଅଦୃଶ୍ୟ ସତା ଅର୍ଦ୍ଧଚେତନ ଅବସ୍ଥାରେ ଭକ୍ତଙ୍କୁ ଆଲୌକିକ ଦୃଶ୍ୟ ମାଧ୍ୟମରେ ଦେକା ଦିଅନ୍ତି । ପରନ୍ତୁ ସେଥିପାଇଁ ନା ତାଙ୍କର ନିଜର କୌଣସି ଶରୀର ଅଛି ନା ରୂପ ଅଛି । ସେ ସମସ୍ତଙ୍କର ଉର୍ଦ୍ଧ୍ୱରେ, କିନ୍ତୁ କହିହେବ ନାହିଁ ଯେ ତାଙ୍କ ତଳେ ଅନ୍ୟ କେହି ବି ଅଛି । ସେ 'ଅର୍ସ' (ସିଂହାସନ) ଉପରେ ବିଦ୍ୟମାନ ଅଥଚ ସେ ଭୂପୃଷ୍ଠରେ ନାହାନ୍ତି ବୋଲି କୁହାଯାଇ ପାରିବ ନାହିଁ । ସକଳ ଶ୍ରେଷ୍ଠ ଗୁଣାବଳୀ ତାଙ୍କଠାରେ ଠୁଳ ହୋଇଛି । ସେ ହିଁ ସମସ୍ତ ପ୍ରଶଂସନୀୟ ଗୁଣର ପ୍ରକାଶ ସ୍ଥଳୀ । ସେ ହିଁ ସକାଳ ଉତ୍କର୍ଷତାର ଉତ୍ପତି ସ୍ଥଳ । ସମସ୍ତ ଶକ୍ତି ତାଙ୍କଠାରେ ଏକତ୍ରୀତ ହୋଇଛି । ସେ ହିଁ ସକଳ କୃପାର ଉଦ୍‌ଗମ ସ୍ଥଳ । ସେହିଁ ପ୍ରତ୍ୟେକ ବିଷୟର ଆଶ୍ରୟସ୍ଥଳ । ସେ ହିଁ ପ୍ରତ୍ୟେକ ରାଜ୍ୟର ଅଧୀଶ୍ୱର । ସେ ହିଁ ପ୍ରତ୍ୟେକ ପ୍ରକାର ଶ୍ରେଷ୍ଠତାଠାରୁ ଅଧିକ ଶ୍ରେଷ୍ଠ । ସେ ପ୍ରତ୍ୟେକ ପ୍ରକାର ଦୋଷ ଦୁର୍ବଳତାରୁ ମୁକ୍ତ । ତାଙ୍କର ସ୍ୱାତନ୍ତ୍ୟ ଏହି ଯେ ଦେବଲୋକ ବା ଇହଲୋକ ସମସ୍ତଙ୍କର ସେ ହିଁ ଏକମାତ୍ର ଉପାସ୍ୟ । ତାଙ୍କ ପାଇଁ କୌଣସି କାର୍ଯ୍ୟ ବା ବିଷୟ ଅସାଧ ନୁହେଁ । ସମସ୍ତ ଆତ୍ମା ଓ ତହିଁରେ ଥିବା ଶକ୍ତି ତଥା ସମସ୍ତ ଅଣୁ ଓ ତହିଁରେ ଥିବା ଶକ୍ତିକୁ ସେ ହିଁ ଜନ୍ମ ଦେଇଛନ୍ତି । ତାହାଙ୍କ ବ୍ୟତିରେକେ କୌଣସି ବିଷୟ ପ୍ରକଟିତ ହୁଏ ନାହିଁ । ସେ ନିଜର ଶକ୍ତି, ନିଜର ସାର୍ବଭୌମତ୍ୱ କ୍ଷମତା ଓ ନିଜର ନିଦର୍ଶନ ଦ୍ୱାରା ସ୍ୱଂୟ ନିଜକୁ ପ୍ରକଟିତ କରାନ୍ତି ଓ ଆମେ ତାହାଙ୍କୁ ତାଙ୍କରି ମାଧ୍ୟମରେ ପାଇପାରୁ । ସେ ସତ୍ୟନିଷ୍ଠଙ୍କ ଉପରେ ସର୍ବଦା ନିଜର ଅସ୍ତିତ୍ୱକୁ ପ୍ରକଟିତ କରୁଥାନ୍ତି ଓ ସେମାନଙ୍କୁ ସର୍ବଶକ୍ତିମାନ ହେବା ପ୍ରଦର୍ଶନ କରନ୍ତି । ଏହିସବୁ ବୈଶିଷ୍ଟ୍ୟରୁ ହିଁ ତାଙ୍କୁ ଚିହ୍ନି ହୁଏ । ଏଥିରୁ ହିଁ ତାଙ୍କ ମନପସନ୍ଦ ମାର୍ଗକୁ ପରଖି ନିଆଯାଇପାରେ । ପାର୍ଥିବ ଚକ୍ଷୁ ନ ଥାଇ ସେ ଦେଖିପାରନ୍ତି ଓ ପାର୍ଥିବ କର୍ଣ୍ଣ ନ ଥାଇ ସେ ଶୁଣିପାରନ୍ତି ଓ ପାର୍ଥିବ ଜିହ୍ୱା ନ ଥାଇ ସେ କହିପାରନ୍ତି । ଏହି ରୂପେ ଅବିଦ୍ୟମାନତାକୁ ବିଦ୍ୟମାନତାରେ ପରିଣତ କରିବା ତାଙ୍କର କାର୍ଯ୍ୟ । କୌଣସି ଭୌତିକ ବସ୍ତୁ ନ ଥାଇ ସ୍ୱପ୍ନରେ ଏକ ପରିବେଶର ସୃଷ୍ଟିକୁ ତୁମେମାନେ ଦୃଶ୍ୟ ଆକାରରେ ଦେଖିବାକୁ ପାଉଛ ଓ ପ୍ରତ୍ୟେକ କ୍ଷୟଶୀଳ ତଥା ବିଲୁପ୍ତ ବସ୍ତୁକୁ ସେ ଅସ୍ତିତ୍ୱବାନ୍ ରୂପରେ ପ୍ରଦର୍ଶନ କରାନ୍ତି । ଏହି ରୂପେ ସେ ସମସ୍ତ ଶକ୍ତିର ଅଧିକାରୀ ହୋଇଛନ୍ତି । ଯେଉଁ ବ୍ୟକ୍ତି ତାହାଙ୍କର ଶକ୍ତିକୁ ଅସ୍ୱୀକାର କରେ, ସେ ଅନ୍ଧ । ଯେଉଁ ବ୍ୟକ୍ତି ତାଙ୍କର ଅକଳନୀୟ ଶକ୍ତି ସମ୍ପର୍କରେ ଅବଗତ ନୁହେଁ, ସେ ଅନ୍ଧ । ଯେଉଁ ସବୁ କାର୍ଯ୍ୟ ତାଙ୍କ ମର୍ଯ୍ୟାଦାର ପରିପନ୍ଥୀ ବା ପ୍ରତିଶ୍ରୁତିର ବିରୁଦ୍ଧାଚରଣ କରୁଛି, ତାହା ବ୍ୟତିରେକେ ସେ ଅନ୍ୟ ସୁବକିଛି କରନ୍ତି ତଥା କରିପାରନ୍ତି । ନିଜର ଅସ୍ତିତ୍ୱ, ଗୁଣାବଳୀ, କାର୍ଯ୍ୟାବଳୀ ଓ ଶକ୍ତି ସମୂହ ଦୃଷ୍ଟିରୁ ସେ ଅଦ୍ୱିତୀୟ ଅଟନ୍ତି । ତାହାଙ୍କ ନିକଟରେ ପହଂଚିବେ ପାଇଁ ସମସ୍ତ ଦ୍ୱାର ବନ୍ଦ ରହିଛି, ମାତ୍ର ସେଥିପାଇଁ ପବିତ୍ର କୁରଆନ୍ ଏକ ଦ୍ୱାର ଖୋଲିଛି । ପୂର୍ବ ପ୍ରେରିତ ସକଳ ନବୁଓ୍ୱତ (ଅବତରାତ୍ୱ) ଓ ସମସ୍ତ ଧର୍ମଗ୍ରନ୍ଥକୁ ପୃଥକ ଭାବରେ ଅନୁସରଣ କରିବାର ପ୍ରୟୋଜନ ନାହିଁ । କାରଣ ହଜ୍‌ରତ୍ ମହୁମ୍ମଦ ସ:ଆ:ସଙ୍କର ନବୁଓ୍ୱତ ଅନ୍ୟ ସମସ୍ତଙ୍କୁ ନିଜ ସହିତ ସମ୍ମିଳିତ କରିଛି ଓ ସମସ୍ତଙ୍କୁ ନିୟନ୍ତ୍ରଣ କରିଛି । ଏହା ବ୍ୟତିରେକେ ସକଳ ପଥ ବନ୍ଦ ହୋଇଛି । ଯେଉଁ ସକଳ ସତ୍ୟ ମନୁଷ୍ୟକୁ ଅଲ୍ଲାଃଙ୍କ ନିକଟରେ ପହଂଚାଇଥାଏ, ସେସବୁ ଏହାରି ଭିତରେ ଅଛି । ଏହାପରେ କୌଣସି ନୂତନ ସତ୍ୟ ଆସିବ ନାହିଁ କି ଏହା ପୂର୍ବରୁ ଏପରି କୌଣସି ସତ୍ୟ ନଥିଲା ଯାହା ପବିତ୍ର କୁରଆନ୍‌ରେ ଉପଲବ୍ଧ ହେଉନାହିଁ । ଏଣୁ ଏହି ନବୁଓ୍ୱତର ପରିସମାପ୍ତି ହୋଇଛି । ତାହା ହେବା ମଧ୍ୟ ଉଚିତ, କାରଣ ଯାହା ପାଇଁ ଆରମ୍ଭ ଅଛି, ତାହାର ଶେଷ ମଧ୍ୟ ଅଛି । ***(ଇଚ୍ଛାପତ୍ର, ପୃଷ୍ଠା-୧୪ ରୁ ୧୬)***

# ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱର ଦଶଟି ଯୁକ୍ତିଯୁକ୍ତ ପ୍ରମାଣ

## (ସୟଦନା ହଜ୍‌ରତ୍ ମିର୍ଜା ବଶିରୁଦ୍ଦିନ୍ ମହ୍‌ମୁଦ୍ ଅହ୍‌ମଦ୍ ଖଲିଫତୁଲ୍ ମସିହ ଦ୍ୱିତୀୟ ର:ଅ)

اَفِی اللّٰہِ شَکٌّ فَاطِرِ السَّمٰوٰتِ وَالْاَرْضِ

ଅର୍ଥାତ: ଆକାଶ ଓ ପୃଥିବୀର ସୃଷ୍ଟିକର୍ତା ଅଲ୍ଲାଃଙ୍କ ସମ୍ପର୍କରେ କଣ ତୁମମାନଙ୍କର କିଛି ସନ୍ଦେହ ଅଛି ?

ଏ ଯୁଗରେ ଆସ୍ଥା ଓ ବିଶ୍ୱାସ ଉପରେ ଭୌତିକବାଦୀମାନେ ଯେଉଁ ଆପତି ଓ ଅଭିଯୋଗ କରିଛନ୍ତି, ସେଥିମଧ୍ୟରୁ ସବୁଠାରୁ ବଡ଼ ବିଷୟ ହେଉଛି ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର । ମୁସ୍‌ରିକ୍ ଅର୍ଥାତ ଦେବାଦେବୀ ଏବଂ ବହୁ ଈଶ୍ୱରବାଦ ଉପରେ ବିଶ୍ୱାସ ରଖୁଥିବା ଲୋକମାନେ ଯଦିଚ ସେମାନଙ୍କୁ ଈଶ୍ୱରଙ୍କ ସମକକ୍ଷ କରି ଦେଇଛନ୍ତି କିନ୍ତୁ ଅତିକମ୍‌ରେ ଈଶ୍ୱରଙ୍କ ଅସ୍ତିତ୍ୱକୁ ତ ମାନୁଛନ୍ତି । ନାସ୍ତିକମାନେ ତ ସମ୍ପୁର୍ଣ୍ଣ ରୂପେ ଅସ୍ୱୀକାର କରିଦେଇଛନ୍ତି । ବର୍ତମାନ ଯେଉଁ ବିଜ୍ଞାନ ଅଛି, ସେ ପ୍ରତ୍ୟେକ ବସ୍ତୁର ଆଧାର ପରିକ୍ଷଣ/ପର୍ଯ୍ୟବେକ୍ଷଣ ଉପରେ ରଖିଥାଏ । ତେଣୁ ନାସ୍ତିକମାନେ ପ୍ରଶ୍ନ କରିଥାନ୍ତି ଯେ ଯଦି କୌଣସି ଈଶ୍ୱର ଅଛନ୍ତି ତେବେ ଆମକୁ ଦେଖାଅ ଆମେ ନ ଦେଖି ତାକୁ କିପରି ମାନିନେବୁ ? ଯେହେତୁ ବର୍ତମାନର ପରିବେଶ ଅଧିକାଂଶ ଯୁବକମାନଙ୍କ ହୃଦୟ ଭିତରୁ ସେହି ପବିତ୍ରମୟ ଅସ୍ତିତ୍ୱର ଛବିକୁ ଲିଭାଇ ଦେଇଛି ଏବଂ କଲେଜ୍‌ରେ ଅଧ୍ୟୟନ କରୁଥିବା ଶହ ଶହ ବିଦ୍ୟାର୍ଥୀ ଏବଂ ବାରିଷ୍ଟର ଇତ୍ୟାଦି ଅଲ୍ଲାଃଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିବାକୁ ଲାଗିଲେଣି । ସେମାନଙ୍କର ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି ଏବଂ ହଜାର ହଜାର ଲୋକ ଏମିତି ଅଛନ୍ତି ଯେଉଁମାନେ ନିଜ ସମ୍ପ୍ରଦାୟ ଓ ଦେଶର ଭୟ ଯୋଗୁଁ ଏ କଥାକୁ ପ୍ରକାଶ ତ କରୁନାହାନ୍ତି କିନ୍ତୁ ବାସ୍ତବିକ ନିଜ ମନ ଭିତରେ ସେମାନେ ଈଶ୍ୱରଙ୍କ ଉପରେ ଟିକିଏ ହେଲେ ବି ବିଶ୍ୱାସ ରଖିନାହାନ୍ତି । ସେଥିଯୋଗୁଁ ମୁଁ ମନସ୍ଥ କରିଛି ଯେ ଯଦି ଅଲ୍ଲାଃ ତାଲା ମତେ ଶକ୍ତି ଦିଅନ୍ତି ତାହେଲେ ମୁଁ ଏ ବିଷୟ ବସ୍ତୁ ଉପରେ ଗୋଟିଏ ଛୋଟିଆ ଟ୍ରେକେଟ୍ ଲେଖି ପ୍ରକାଶ କରିବି । କାଳେ କୌଣସି ସ୍ୱଚ୍ଛ ଆତ୍ମାକୁ ଏଥିରୁ ଲାଭ ମିଳିଯିବ ।

(୧) ନାସ୍ତିକମାନଙ୍କର ପ୍ରଥମ ପ୍ରଶ୍ନ ହେଉଛି ଏହା କି ଯଦି ଈଶ୍ୱରଙ୍କୁ ଆମକୁ ଈଶ୍ୱରଙ୍କ ରୂପ ଦେଖାଇ ଦେବେ ତେବେ ଆମେ ମାନିନେବୁ ।

ମତେ ଏମିତି ପ୍ରଶ୍ନ ଅନେକଥର ଶୁଣିବାକୁ ଅବସର ମିଳିଛି କିନ୍ତୁ ସର୍ବଦା ଏହା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଥାଏ । ମଣିଷ ବିଭିନ୍ନ ବସ୍ତୁକୁ ବିଭିନ୍ନ ଇନ୍ଦ୍ରିୟ ଦ୍ୱାରା ଚିହ୍ନିଥାଏ । କାହାକୁ ଦେଖିକି, କାହାକୁ ଛୁଇଁକି, କାହାକୁ ଶୁଂଘିକି, କାହାକୁ ଶୁଣିକି ଏବଂ କାହାକୁ ଚାଖିକି ଚିହ୍ନିଥାଏ । ରଙ୍ଗକୁ ଦେଖିକି ଚିହ୍ନାଯାଇପାରେ, ଶୁଂଘିବା, ଛୁଇଁବା ତଥା ଚାଖିବା ଦ୍ୱାରା ନୁହେଁ । ପୁଣି ଯଦି କୌଣସି ବ୍ୟକ୍ତି ଏ କଥା କହେ କି ମୁଁ ତ ରଙ୍ଗକୁ ସେତେବେଳେ ଯାଇ ମାନିବି ଯେବେ ମତେ ତା'ର ଧ୍ୱନିକୁ ଶୁଣାଇଦେବ । ତେବେ କୁହନ୍ତୁ ସେହି ବ୍ୟକ୍ତି ଜଣଙ୍କ ମୂର୍ଖ କି ନୁହେଁ ? ସେହିପରି ଧ୍ୱନିକୁ ଆମେ ଶୁଣିକି ଜାଣିପାରିବା କିନ୍ତୁ ଯଦି କେହି କହେ ଯେ ମତେ ଅମୁକ ବ୍ୟକ୍ତିର ଆବାଜ୍ (ସ୍ୱର)କୁ ଦେଖାଇଦିଅ ତା'ପରେ ମୁଁ ତାକୁ ଦେଖିକି ମାନିବି ଯେ ସେ କଥା କହୁଛି । ତେବେ କୁହନ୍ତୁ ଏପରି ଲୋକ ଜାହିଲ୍ କି ନୁହେଁ ? ସେହିପରି ସୁଗନ୍ଧକୁ ଶୁଂଘି ଜାଣିହୁଏ କିନ୍ତୁ ଯଦି କିଏ ଏ କଥା କହେ କି ଯଦି ତୁମେ ମତେ ଗୋଲାପ ଫୁଲର ବାସ୍ନାକୁ ଚଖାଇ ଦେବ ତେବେ ଯାଇ ମୁଁ ମାନିବି । ତେବେ କୁହନ୍ତୁ କଣ ଏପରି ଲୋକକୁ ଆମେ ବୁଦ୍ଧିମାନ କହିପାରିବା ? ସେହିପରି ଯେଉଁ ଜିନିଷକୁ ଚାଖିକି ଜଣାଯାଏ ଯେମିତି ଖଟା, ମିଠା, ପିତା ଏବଂ ଲୁଣିଆ ଜିନିଷକୁ ଯଦି କିଏ ଶୁଂଘିକି ଜାଣିବାକୁ ଚାହେଁ ତେବେ ସେ କେବେ ବି ଜାଣିପାରିବ ନାହିଁ । ଅତଏବ କିଛି ଜରୁରୀ ନୁହେଁ ଯେ ଯେଉଁ ଜିନିଷ ସାମନାରେ ଦେଖାଯାଏ ତାକୁ ତ ଆମେ ମାନିନେବା କିନ୍ତୁ ଯେଉଁ ବସ୍ତୁ ସାମନାରେ ଦେଖାନଯାଏ ତା'କୁ ମାନିବାନାହିଁ । ଏମିତି ହେଲେ ତ ଆମକୁ ଗୋଲାପ ଫୁଲର ବାସ୍ନା, ଲେମ୍ବୁର ଖଟାପଣ, ମହୁର ମିଠା, ମୁସବ୍ବିର୍‌ର ପିତାପଣ, ଲୁହାର ଟାଣ ଏବଂ ସ୍ୱରର ମାଧୁର୍ଯ୍ୟତା, ସବୁକୁ ଅସ୍ୱୀକାର କରିବାକୁ ପଡ଼ିବ । କାରଣ ଏହି ସମସ୍ତ ଜିନିଷ ତ ଦେଖାଯାଆନ୍ତି ନାହିଁ ବରଂ ଶୁଂଘିବା, ଚାଖିବା, ଛୁଇଁବା ଓ ଶୁଣିବା ଦ୍ୱାରା ଜଣାପଡ଼ିଥାଏ । ତେଣୁ ଏପରି ଆପତି ଠିକ୍ ନୁହେଁ ଯେ ଯଦି ଖୁଦାଙ୍କୁ ଦେଖାଇଦେବ ତା ହେଲେ ଆମେ ତାକୁ ମାନିବୁ । ଏପରି ଆପତି କରୁଥିବା ବ୍ୟକ୍ତି ଗୋଲାପ ଫୁଲର ବାସ୍ନାକୁ କଣ ଦେଖିକି ମାନୁଛନ୍ତି ବା ମହୁର ମିଠାକୁ ଦେଖିକି ମାନୁଛନ୍ତି ! ତେବେ କଣ କାରଣ ଯେ ଅଲ୍ଲାଃ ତାଲାଙ୍କ ସମ୍ପର୍କରେ ଏ ସର୍ତ ରଖାଯାଉଛି ଯେ ଯଦି ଦେଖାଇ ଦେବ ତାହେଲେ ମାନିବୁ ।

ଏତଦ୍‌ବ୍ୟତିତ ମଣିଷର ଅସ୍ତିତ୍ୱରେ ଖୁଦ୍ ଏମିତି ଜିନିଷ ମହଜୁଦ୍ ଅଛନ୍ତି ଯାହାଙ୍କୁ ନ ଦେଖି ମଣିଷ ମାନୁଛି ଓ ମାନିବାକୁ ପଡୁଛି । କଣ ସବୁ ଲୋକ ନିଜର ହୃଦୟ, ଯକୃତ, ବୁଦ୍ଧି, ଅନ୍ତବୁଜୁଳି, ଫୁସ୍‌ଫୁସ୍ ବା ତଲିକୁ ଦେଖିକି ମାନୁଛନ୍ତି ଅବା ବିନା ଦେଖି କି ? ଯଦି ଏହି ସମସ୍ତ ଅଙ୍ଗଗୁଡ଼ିକୁ ତାକୁ ଦେଖାଇବା ପାଇଁ ବାହାର କରାଯାଏ ତା'ହେଲେ ମଣିଷ ସେହି କ୍ଷଣି ମରିଯିବ । ଦେଖିବାକୁ ଅବସର ହିଁ ମିଳିବନାହିଁ ।

ଏହିସବୁ ଉଦାହରଣଗୁଡ଼ିକୁ ମୁଁ ଏଥିପାଇଁ ଦେଲି ଯେ ସବୁ ଜିନିଷ କେବଳ ଦେଖିବା ଦ୍ୱାରା ହିଁ ଜଣାପଡ଼େ ନାହିଁ ବରଂ ପାଂଚଟି ଭିନ୍ନ ଭିନ୍ନ ଇନ୍ଦ୍ରିୟ ଦ୍ୱାରା ସେ ସମସ୍ତ ବସ୍ତୁଗୁଡ଼ିକୁ ଜାଣିହୁଏ ଓ ଚିହ୍ନିହୁଏ । ଏବେ ମୁଁ ବତାଇବି ଯେ ଅନେକ ବସ୍ତୁ ଏପରି ଅଛନ୍ତି ଯାହାସବୁକୁ ଜାଣିବାପାଇଁ ପ୍ରତ୍ୟକ୍ଷ ରୂପେ ଏହି ପାଂଚଟି ଇନ୍ଦ୍ରିୟର ମଧ୍ୟ ଆବଶ୍ୟକ ନାହିଁ ବରଂ ସେଗୁଡ଼ିକୁ ଜାଣିବାର ମାଧମ ଅଲଗା । ଉଦାହରଣ ସ୍ୱରୁପ ବୁଦ୍ଧି ବା ସ୍ମରଣ ଶକ୍ତି ବା ମନ ହେଉଛନ୍ତି ଏମିତି ଜିନିଷ ଯାହାଙ୍କୁ ଏ ଦୁନିଆରେ କେହି ବି ଅସ୍ୱୀକାର କରନ୍ତି ନାହିଁ । କିନ୍ତୁ କଣ କିଏ ବୁଦ୍ଧିକୁ ଦେଖିଛି ବା ଶୁଣିଛି ବା ଚାଖିଛି ବା ଶୁଂଘିଛି ବା ଛୁଇଁଛି ? ତେବେ କିପରି ଜଣାପଡ଼ିଲା ଯେ ବୁଦ୍ଧି ବୋଲି ଗୋଟିଏ ଜିନିଷ ଅଛି ବା ସ୍ମରଣ ଶକ୍ତି ବୋଲି କିଛି ରହିଛି । ପୁଣି ଶକ୍ତିକୁ ନିଅନ୍ତୁ । ପ୍ରତ୍ୟେକ ଲୋକ ଭିତରେ ଅଳ୍ପେ ବହୁତ ଶକ୍ତି ରହିଥାଏ । କିଏ ଦୃବଳ ଥାଏ ତ କିଏ ବଳୁଆ କିନ୍ତୁ କିଛି ନା କିଛି ଶକ୍ତି ନିଶ୍ଚିତ ରୂପେ ଥାଏ । କିନ୍ତୁ ଆଜି ପର୍ଯ୍ୟନ୍ତ ସେହି ଶକ୍ତିକୁ କିଏ ଦେଖିଛି ବା ଶୁଣିଛି ବା ଚାଖିଛି ବା ଛୁଇଁଛି କି ? ତେବେ କେମିତି ଏ କଥା ଜଣାପଡ଼ିଲା ଯେ ଶକ୍ତି ବୋଲି କିଛି ଅଛି ? ଏ କଥାକୁ ଜଣେ ମୂର୍ଖରୁ ମୂର୍ଖ ଲୋକ ମଧ୍ୟ ବୁଝିପାରିବ ଯେ ଏହି ସବୁ ଜିନିଷଗୁଡ଼ିକୁ ଆମେ ନିଜ ପଂଚ ଇନ୍ଦ୍ରୀୟ ଦ୍ୱାରା ଜାଣିନାହୁଁ ବରଂ ସେଗୁଡ଼ିକର ପ୍ରଭାବରୁ ଆମେ ସେଗୁଡ଼ିକ ବିଷୟରେ ଜାଣିପାରିଲୁ । ଉଦାହରଣ ସ୍ୱରୁପ ଯେବେ ଆମେ ଏହା ଦେଖୁଛୁ ଯେ ଜଣେ ବ୍ୟକ୍ତି ଅନେକ ଅସୁବିଧାରେ ପଡ଼ିଥାଏ ପୁଣି କିଛି ସମୟ ଚିନ୍ତାକରି ସେ କୌଣସି ନା କୌଣସି ଉପାୟ ପାଂଚିଥାଏ ଓ ସେହି ଉପାୟ ଦ୍ୱାରା ସେ ନିଜର ଅସୁବିଧାକୁ ଦୂର ମଧ କରିନିଏ । ଯେତେବେଳେ ଏହିପରି ସମସ୍ୟାଗୁଡ଼ିକୁ ସମାଧାନ ହେବାର ଆମେ ଦେଖୁଛେ ସେତେବେଳେ ଆମେ ବିଶ୍ୱାସ କରିନେଉଛେ ଯେ ଏମିତି କିଛି ଜିନିଷ ମଣିଷ ଭିତରେ ଅଛି ଯାହା ଏପରି ପରିସ୍ଥିତିରେ ତା କାମରେ ଆସୁଛି । ପୁଣି ସେହି ଜିନିଷର ନାମ ଆମେ ବୁଦ୍ଧି ରଖିଦେଲେ । ଅତଏବ ଆମେ ବୁଦ୍ଧିକୁ ପରୋକ୍ଷରେ ପଂଚଇନ୍ଦ୍ରୀୟ ମଧ୍ୟରୁ ଗୋଟିଏ ବୋଲି ମଧ୍ୟ ଜାଣିଲୁନାହିଁ ବରଂ ତାହାର ଚମତ୍କାରକୁ ଦେଖି ତା ବିଷୟରେ ଜାଣିଲୁ । ସେହିପରି ଯେବେ ଆମେ ମଣିଷକୁ ବଡ଼ ବଡ଼ ଭାରି ଜିନିଷ ଉଠାଇବାର ଦେଖିଲୁ ସେତେବେଳେ ଜାଣିପାରିଲୁ ଯେ ତା ମଧ୍ୟରେ ଏପରି କିଛି ଜିନିଷ ଅଛି ଯାହା ଯୋଗୁଁ ସେ ଭାରି ଜିନିଷ ଉଠାଇପାରୁଛି । ନିଜଠାରୁ ଦୃବଳ ବସ୍ତୁକୁ କାବୁ କରିନେଉଛି ତେଣୁ ତା ନା ଆମେ ଶକ୍ତି ବା ବଳ ରଖିଦେଲେ ।

ଏପରି ଯେତେ ମାତ୍ରାରେ ସୂକ୍ଷ୍ମରୁ ସୂକ୍ଷ୍ମତର ବସ୍ତୁକୁ ଦେଖିଚାଲିବା ସେଗୁଡ଼ିକର ଅସ୍ତିତ୍ୱ / ସତା ମଣିଷ ଦୃଷ୍ଟିରେ ଅଦୃଶ୍ୟ ନଜର ଆସିବେ ଏବଂ ସର୍ବଦା ସେମାନଙ୍କର ପ୍ରଭାବରୁ ହିଁ ସେମାନଙ୍କ ଅସ୍ତିତ୍ୱ ବିଷୟରେ ଜ୍ଞାନ ମିଳିବ ନା କି ସେଗୁଡ଼ିକୁ ଦେଖି, ଶୁଂଘି, ଚାଖି ଓ ସ୍ପର୍ଶ କରି ଜାଣିହେବ ।

ଅତଏବ ଅଲ୍ଲାଃଙ୍କର ଯେଉଁ ଅସ୍ତିତ୍ୱ ଅଛି ତାହା ସୂକ୍ଷ୍ମରୁ ସୂକ୍ଷ୍ମତର, ତେଣୁ ତା ବିଷୟରେ ଜାଣିବାପାଇଁ ଏତେ ପ୍ରକାରର ସର୍ତ ରଖିବା କିପରି ଠିକ୍ ହୋଇପାରେ ଯେ ଆଖିରେ ନ ଦେଖିଲେ ତାକୁ ମାନିବୁ ନାହିଁ । ବିଜୁଳି ଶକ୍ତିକୁ କିଏ ଦେଖିଛି କି ? ପୁଣି ଇଲେକ୍ଟ୍ରିସିଟି ସାହାଯ୍ୟରେ ଯେଉଁ ତାର ଖବର (Telegram) ପହଂଚୁଛି ବା ମେଶିନ୍ ଚାଲୁଛି ବା ଆଲୋକ ମିଳୁଛି, କଣ ଏସବୁକୁ ଅସ୍ୱୀକାର କରାଯାଇପାରେ ? ଇଥରର ଅନୁସନ୍ଧାନ ଭୌତିକ ବିଜ୍ଞାନର ଦୁନିଆରେ ବିପ୍ଳବ ଆଣିଦେଇଛି । କିନ୍ତୁ କଣ ଏ ପର୍ଯ୍ୟନ୍ତ ବୈଜ୍ଞାନିକମାନେ ତାହାକୁ ଦେଖିବା, ଶୁଣିବା, ଶୁଂଘିବା ତଥା ଛୁଇଁବା ଓ ଚାଖିବାର କୌଣସି ଯନ୍ତ୍ର ବାହାର କରିପାରିଛନ୍ତି କି ? କିନ୍ତୁ ଯଦି ତା'ର ଅସ୍ତିତ୍ୱକୁ ନ ମାନିବେ ତେବେ ଏ ସମାଧାନ ବାହାରି ପାରିବ ନାହିଁ ଯେ ସୂର୍ଯ୍ୟ କିରଣ ଏ ପୃଥିବୀ ପୃଷ୍ଠରେ କିପରି ପହଂଚୁଛି ? ସୁତରାଂ ଏହା କେଡ଼େ ଜୁଲମ କଥା ଯେ ଏହି ସମସ୍ତ ପ୍ରମାଣ ଥିବା ସତ୍ତ୍ୱେ ମଧ୍ୟ ଏକଥା କୁହାଯାଉଛି ଯେ ଈଶ୍ୱରଙ୍କୁ ଦେଖାଇଦେଲେ ଆମେ ମାନିନେବୁ ! ଅଲ୍ଲାଃ ତାଲା ଦେଖା ତ ଯାଆନ୍ତି କିନ୍ତୁ ସେହି ସବୁ ଆଖିଗୁଡ଼ିକୁ ଦେଖାଯାଆନ୍ତ ଯେ ତାହାଙ୍କୁ ଦେଖିବାର ଯୋଗ୍ୟ ଅଟନ୍ତି । ହଁ ଯଦି କିଏ ତାହାଙ୍କୁ ଦେଖିବାକୁ ଚାହୁଁଛି ତେବେ ସେ (ଈଶ୍ୱର) ନିଜର ପ୍ରକୃତି ଓ ଶକ୍ତି ଦ୍ୱାରା ଏ ଦୁନିଆ ସମ୍ମୁଖରେ ଅଛନ୍ତି ଏବଂ ଲୁକ୍କାୟିତ ହେବା ସତ୍ତ୍ୱେ ମଧ୍ୟ

ସବୁଠାରୁ ଅଧିକା ପ୍ରକାଶ୍ୟ ଓ ଦୃଶ୍ୟମାନ। ପବିତ୍ର କୁର୍ଆନ୍‌ରେ ଏ ବିଷୟକୁ ବହୁତ ସଂକ୍ଷେପରେ କିନ୍ତୁ ଅନୁପମ ଶୈଳୀରେ ଅଲ୍ଲାଃ ତାଲା ଏପରି ଭାଷିଛନ୍ତି:- ***ଲା ତୁଦ୍‌ରିକୁହୁଲ୍ ଅବ୍‌ସାର୍ ୱ ହୁୱ ୟୁଦ୍‌ରିକୁଲ୍ ଅବ୍‌ସାରା ୱ ହୁୱଲ୍ ଲତିଫୁଲ ଖବିର୍*** (ଅଲ୍‌ଅନ୍‌ଆମ:୧୦୪) ଅର୍ଥାତ ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱ ହେଉଛି ଏପରି ଯେ ଦୃଷ୍ଟି ତାହାଙ୍କ ପର୍ଯ୍ୟନ୍ତ ପହଂଚିପାରେନାହିଁ କିନ୍ତୁ ସେ ଦୃଷ୍ଟି ପର୍ଯ୍ୟନ୍ତ ପହଂଚିପାରନ୍ତି ଏବଂ ସେ ହେଉଛନ୍ତି ରହସ୍ୟମୟ ଓ ସର୍ବଜ୍ଞାତା। ଏଥିରେ ଅଲ୍ଲାଃ ତାଲ ମଣିଷକୁ ଏକଥା ପ୍ରତି ଧ୍ୟାନ ଆକର୍ଷଣ କରାଇଛି ଯେ ତୁମ ଦୃଷ୍ଟି ଏତେ ଯୋଗ୍ୟ ନୁହେଁ ଯେ ଖୁଦାଙ୍କ ଅସ୍ତିତ୍ୱକୁ ଦେଖିପାରିବ କାରଣ ତାହାଙ୍କ ଅସ୍ତିତ୍ୱ ତ' ସୂକ୍ଷ୍ମତର /ରହସ୍ୟମୟ ବସ୍ତୁ ତାହା ଦେଖାଯାଏ ନାହିଁ। ଯେମିତି ଶକ୍ତି ବୁଦ୍ଧି, ଆତ୍ମା, ବିଜୁଳିଶକ୍ତି ଏବଂ ଇଥର ଏମାନେ କେବେ କାହାକୁ ଦେଖାଯାଆନ୍ତି ନାହିଁ। ତେବେ ପୁଣି ଈଶ୍ୱରଙ୍କ ଅତିସୂକ୍ଷ୍ମ / ରହସ୍ୟମୟ ଅସ୍ତିତ୍ୱ ପର୍ଯ୍ୟନ୍ତ ମଣିଷର ଦୃଷ୍ଟି କିପରି ପହଂଚିପାରିବ। ହଁ ଏବେ ପ୍ରଶ୍ନ ଉଠୁଛି ଯେ ଈଶ୍ୱରଙ୍କୁ ଲୋକମାନେ କେମିତି ଦେଖିପାରିବେ ଏବଂ ତାହାକୁ ଚିହ୍ନିବାର ଉପାୟ କଣ? ଏହାର ଉତର ହେଉଛି ଏହା କି ***ୱ ହୁୱ ୟୁଦ୍‌ରିକୁଲ୍ ଅବ୍‌ସାର୍*** ଅର୍ଥାତ ସେ ସ୍ୱୟଂ ଦୃଷ୍ଟି ପର୍ଯ୍ୟନ୍ତ ପହଂଚନ୍ତି। ମଣିଷର ଦୃଷ୍ଟି ଶକ୍ତି ଏତେ ଦୁର୍ବଳ ଯେ ସେ ତାହାଙ୍କ ଭେଦକୁ ପାଇ ପାରିବ ନାହିଁ କିନ୍ତୁ ସେ (ଈଶ୍ୱର) ନିଜର ଶକ୍ତିକୁ ପ୍ରକାଶ କରି, ସେ ନିଜର ବିଶେଷ ଗୁଣର କାନ୍ତି ଦ୍ୱାରା ସ୍ୱୟଂ ନିଜର ଅସ୍ତିତ୍ୱକୁ ମନୁଷ୍ୟକୁ ଦେଖାଇଥାଏ। ଯଦିଚ ମଣିଷର ଦୃଷ୍ଟି ତାକୁ ଦେଖିବାକୁ ଅସମର୍ଥ କିନ୍ତୁ ସେ ଖୁଦ୍ ନିଜର ଅସ୍ତିତ୍ୱକୁ ନିଜର ଅପାର ଶକ୍ତି ଓ ପ୍ରକୃତି ଦ୍ୱାରା ଭିନ୍ନ ଭିନ୍ନ ଅନୁଚ୍ଛେଦରେ ପ୍ରକାଶ କରିଥାଏ। କେବେ ଐଶି ପ୍ରକୋପ ଦ୍ୱାରା କେବେ ଅବତାରମାନଙ୍କ ଦ୍ୱାରା କେବେ ଐଶି କୃପା ସାହାଯ୍ୟରେ ତ କେବେ ପ୍ରାର୍ଥନା (ଦୁଆ) ଗ୍ରହଣ କରି ନିଜକୁ ପ୍ରକାଶ କରିଥାଏ।

ଏବେ ଏହା ପ୍ରମାଣ କରିବା ପରେ ଯଦି ଅଲ୍ଲାଃ ତାଲାଙ୍କୁ ମାନିବା ଏକଥା ଉପରେ ନିର୍ଭର କରେ କି ଆମେ ତାକୁ ଦେଖାଇଦେବୁ ଅନ୍ୟଥା କୌଣସି ବସ୍ତୁକୁ ନ ଦେଖି ମାନିବାର ପ୍ରଶ୍ନ ଉଠୁନାହିଁ, ତେବେ ଦୁନିଆର ୪/୫ ଭାଗ ଜିନିଷକୁ ଅସ୍ୱୀକାର କରିବାକୁ ହେବ। କିଛି ଦାର୍ଶନିକମାନଙ୍କ କଥନ ମୁତାବକ ସମସ୍ତ ବସ୍ତୁକୁ ଅସ୍ୱୀକାର କରିବାକୁ ପଡ଼ିବ। କାରଣ ତାଙ୍କର ଏ ସିଦ୍ଧାନ୍ତ ଯେ ଦୁନିଆରେ କୌଣସି ବସ୍ତୁ ଦେଖାଯାଇନଥାଏ ବରଂ କେବଳ ଗୁଣ ହିଁ ଗୁଣ ଦେଖାଯାଇଥାଏ। ଏବେ ମୁଁ ଏ ବିଷୟକୁ ଆସୁଛି ଯେ ଏମିତି କଣ ସବୁ ପ୍ରମାଣ ମାନ ରହିଛି ଯାହାଦ୍ୱାରା ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଜ୍ଞାନ ମିଳିବ ଏବଂ ମଣିଷ ବିଶ୍ୱାସ କରିନେବ ଯେ ମୋର ସୃଷ୍ଟିକର୍ତା କିଏ ଜଣେ ଅଛନ୍ତି, ମୁଁ ନିଜକୁ ନିଜେ ସୃଷ୍ଟି କରିନାହିଁ।

## ପ୍ରଥମ ଦଲିଲ (ଯୁକ୍ତିଯୁକ୍ତ ପ୍ରମାଣ)

ମୋର ଏ ବିଶ୍ୱାସ ଯେ ପବିତ୍ର କୁର୍ଆନ୍ ଆଧାତ୍ମିକ ଉତ୍କୃଷ୍ଟତାକୁ ହାସଲ କରିବାପାଇଁ ସବୁ ପ୍ରକାରର ସାଧନକୁ ବର୍ଣ୍ଣନା କରି ରଖିଛି। ଏବେ ମୁଁ "ହସ୍ତି ବାରିତାଲା" ଅର୍ଥାତ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ପର୍କୀୟ ସମସ୍ତ ଯୁକ୍ତିଯୁକ୍ତ ପ୍ରମାଣଗୁଡ଼ିକୁ ପବିତ୍ର କୁର୍ଆନ୍‌ରୁ ହିଁ ଉପସ୍ଥାପନ କରିବି। ଅଲ୍ଲାଃ ମତେ ଏଥିପାଇଁ ଶକ୍ତି ଦିଅନ୍ତୁ। ଯେହେତୁ ମଣିଷକୁ ଏ ଦୁନିଆରେ ଆସି ସର୍ବ ପ୍ରଥମେ ଯେଉଁ ଜ୍ଞାନ ମିଳିଥାଏ ତାହା କାନ ସହିତ ସମ୍ବନ୍ଧିତ। ତେଣୁ ମୁଁ ମଧ୍ୟ ସର୍ବପ୍ରଥମେ ଶ୍ରବଣ ସମ୍ବନ୍ଧୀୟ ପ୍ରମାଣକୁ ହିଁ ନେଉଛି।

ଅଲ୍ଲାଃ ତାଲା ପବିତ୍ର କୁର୍ଆନ୍‌ରେ କହୁଛନ୍ତି:

قَدْ اَفْلَحَ مَنْ تَزَكّٰى ○ وَذَكَرَ اسْمَ رَبِّهٖ فَصَلّٰى ○ بَلْ تُؤْثِرُوْنَ الْحَيٰوةَ الدُّنْيَا ○ وَالْاٰخِرَةُ خَيْرٌ وَّاَبْقٰى ○ اِنَّ هٰذَا لَفِي الصُّحُفِ الْاُوْلٰى ○ صُحُفِ اِبْرٰهِيْمَ وَمُوْسٰى ○ (الاعلى: 15 تا 20)

ଅର୍ଥାତ:- ଯେ ନିଜକୁ ପବିତ୍ର କରିବ ସେ ନିଶ୍ଚୟ କୃତକାର୍ଯ୍ୟ ହେବ। ସର୍ତ ହେଉଛି ଏହା କି (ପବିତ୍ର ରହିବା ସହିତ) ସେ ନିଜ ପାଳନକର୍ତାଙ୍କ ନାମକୁ ସ୍ମରଣ କରୁଥିବ ଏବଂ କେବଳ ମୁହଁ ଦ୍ୱାରା ନୁହେଁ ବରଂ କାର୍ଯ୍ୟରେ ପରିଣତ କରି ଅର୍ଥାତ ତାହାଙ୍କ ଉପାସନା କରି ନିଜ ସ୍ୱୀକାରୋକ୍ତିର ପ୍ରମାଣ ଦେଉଥିବ। କିନ୍ତୁ ତୁମେମାନେ ତ ସାଂସାରିକ ଜୀବନକୁ (ପରକାଳ ଉପରେ) ପ୍ରାଧାନ୍ୟ ଦେଉଅଛ। ଅଥଚ ପରକାଳ ହେଉଛି ଅତ୍ୟନ୍ତ ଉତ୍କୃଷ୍ଟତର ଓ ବହୁକଳା ସ୍ଥାୟୀ। ଏ କଥା କେବଳ ପବିତ୍ର କୁର୍ଆନ୍ ଉପସ୍ଥାପନ କରୁନାହିଁ ବରଂ ସମସ୍ତ ପୂର୍ବବର୍ତୀ ପୋଥିଗୁଡ଼ିକରେ ଏ ଦାବି ମହଜୁଦ୍ ରହିଛି। ଯେମିତି କି ଇବ୍ରାହିମ୍ ଏବଂ ମୁସା ଆ:ସ ଯେଉଁ ତାଲିମ୍ (ଶିକ୍ଷା)କୁ ଦୁନିଆ ସମ୍ମୁଖରେ ପେଶ୍ କରିଛନ୍ତି, ସେ ସବୁଥିରେ ମଧ୍ୟ ଏହି ଶିକ୍ଷା ମହଜୁଦ୍ ଅଛି।

ଏହି ଆୟତରେ ଅଲ୍ଲାଃ ତାଲା ପବିତ୍ର କୁର୍ଆନ୍‌କୁ ବିରୋଧ କରୁଥିବା ଲୋକମାନଙ୍କ ଉପରେ ଏ ତର୍କକୁ ପେଶ୍ କରିଛି ଯେ ନିଜର ବିଷୟ ବାସନାକୁ ତ୍ୟାଗ କରୁଥିବା ଲୋକେ, ଈଶ୍ୱରଙ୍କ ଅସ୍ତିତ୍ୱକୁ ସ୍ୱୀକାର କରୁଥିବା ଲୋକେ ଏବଂ ପୁଣି ତାହାଙ୍କର ପ୍ରକୃତ ଆଜ୍ଞାକାରୀମାନେ ସର୍ବଦା ସଫଳ ହୋଇଥାନ୍ତି ଏବଂ ଏହି ସତ୍ୟତାର ପ୍ରମାଣ ହେଉଛି ଏହା କି ଏ ବିଷୟ ପୂର୍ବବର୍ତୀ ଧର୍ମଗୁଡ଼ିକରେ ମଧ୍ୟ ରହିଛି। ଅତଏବ୍ ଯୁଗର ବଡ଼ ବଡ଼ ଧର୍ମ ଯେମିତି ଖ୍ରୀଷ୍ଟ, ଇହୁଦୀ ଏବଂ ମକ୍କାର ଅବିଶ୍ୱାସୀମାନଙ୍କ ଉପରେ ତର୍କକୁ ପୂରଣ କରିବାପାଇଁ ହଜ୍‌ରତ୍ ଇବ୍ରାହିମ୍ ଏବଂ ହଜ୍‌ରତ୍ ମୁସା ଆ:ସଙ୍କ ଉଦାହରଣ ଦେଇଥାଏ ଯେ ଏମାନଙ୍କୁ ତୁମେ ତ ମାନୁଛ, ଏମାନେ ମଧ୍ୟ ଏ ଶିକ୍ଷା ଦେଇଛନ୍ତି। ସୁତରାଂ ପବିତ୍ର କୁର୍ଆନ୍ ଅଲ୍ଲାଃଙ୍କ ଅସ୍ତିତ୍ୱର ଗୋଟିଏ ବହୁତ ବଡ଼ ପ୍ରମାଣ ଏହା ମଧ୍ୟ ଦେଇଛି ଯେ ଦୁନିଆରେ ଯେତେକ ଧର୍ମ ଅଛନ୍ତି ସମସ୍ତେ ଏ କଥାରେ ସହମତ ଏବଂ ସବୁ ସମ୍ପ୍ରଦାୟର ଏହା ହେଉଛି ସଂଯୁକ୍ତ ବିଷୟ। ତେଣୁ ଯେତେମାତ୍ରାରେ ଏହି ପ୍ରମାଣ ଉପରେ ଧ୍ୟାନ ଦେଇ ଚିନ୍ତା କରାଯାଉଅଛି ଅତ୍ୟନ୍ତ ସ୍ୱଷ୍ଟ ଓ ସତ୍ୟ ଜଣାପଡୁଛି। ବାସ୍ତବିକ ଦୁନିଆର ସମସ୍ତ ଧର୍ମ ଏ କଥା ଉପରେ ଏକମତ ଯେ ଜଣେ କିଏ ଅଛି ଯିଏ ସାରା ଜଗତକୁ ସୃଷ୍ଟି କରିଛନ୍ତି। ଭିନ୍ନ ଭିନ୍ନ ଦେଶ ଏବଂ ସାମାଜିକ ପରିବର୍ତନ ଯୋଗୁଁ ଭାବନା ଓ ବିଶ୍ୱାସରେ ଫରକ ପଡ଼ିଥାଏ। କିନ୍ତୁ ଏହା ସତ୍ୱେ ମଧ୍ୟ ଯେତେକ ଐତିହାସିକ ଧର୍ମ ସବୁ ରହିଛନ୍ତି। ସମସ୍ତେ ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱକୁ ସ୍ୱୀକାର କରିଛନ୍ତି। ଯଦିଚ ତାହାଙ୍କ ବିଶେଷ ଗୁଣ ସମ୍ବନ୍ଧରେ ସେମାନଙ୍କ ମଧ୍ୟରେ ମତଭେଦ ରହିଛି କିନ୍ତୁ ବର୍ତମାନର ସମସ୍ତ ଧର୍ମ ଅର୍ଥାତ ଇସ୍‌ଲାମ୍, ଖ୍ରୀଷ୍ଟ, ଇହୁଦୀ, ବୌଦ୍ଧ, ସିଖ୍, ହିନ୍ଦୁ ଏବଂ ଜର୍‌ତସ୍ତ ଧର୍ମ ସମସ୍ତେ ଗୋଟିଏ ଖୁଦା, ଏଲୁହିୟମ, ପରମେଶ୍ୱର, ପରମାତ୍ମା, ସତ୍‌ଗୁରୁ, ତଥା ୟଜ୍‌ଦାନ୍‌କୁ ହିଁ ମାନୁଛନ୍ତି ବରଂ ଯେଉଁ ଧର୍ମଗୁଡ଼ିକ ଲୋପ ହୋଇଗଲେଣି ସେମାନଙ୍କ ସମ୍ବନ୍ଧରେ ପ୍ରତତତ୍ୱ ବିଭାଗରୁ ମଧ୍ୟ ଏ କଥା ଜଣାପଡୁଛି ଯେ ସମସ୍ତେ ଏକ ଈଶ୍ୱରଙ୍କୁ ମାନୁଥିଲେ ଓ ବିଶ୍ୱାସ କରୁଥିଲେ। ସେ ଧର୍ମଗୁଡ଼ିକ ଆମେରୀକାର ଅଲଗା ଅଲଗା ଇଲାକାରେ ସୃଷ୍ଟି ହୋଇଥାଆନ୍ତୁ ବା ଆଫ୍ରିକାର ଜଙ୍ଗଲ ଇଲାକାରେ ବା ରୋମ୍‌ରେ ବା ଇଂଗ୍ଲିସ୍ଥାନ୍‌ରେ ବା ଜାଭା ଓ ସୁମିତ୍ରାରେ ବା ଜାପାନ୍ ଓ ଚୀନ୍ ତଥା ସାଇବେରିଆ ଓ ମଂଚୁରିଆରେ ସୃଷ୍ଟି ହୋଇଥାଉ ନା କାହିଁକି। ସବୁଧର୍ମରେ ଏକଥା ପ୍ରତି ସହମତି କାହିଁକି ହେଲା? ଏବଂ କିଏ ଥିଲା ଯିଏ ଆମେରୀକାରେ ବସବାସ କରୁଥିବା ଲୋକମାନଙ୍କୁ ଆଫ୍ରିକୀୟମାନଙ୍କ ପ୍ରଥା/ବିଶ୍ୱାସ ସମ୍ବନ୍ଧରେ ସୂଚିତ କଲା? ପୂର୍ବଯୁଗରେ ରେଳ, ଟେଲିଗ୍ରାମ ଏବଂ ଡ଼ାକ ବ୍ୟବସ୍ଥା ତ ନଥିଲା ଯେମିତି ଏବେ ଅଛି ନା ଏପରି ବହୁସଂଖ୍ୟକ ଜାହାଜ ଯିବାଆସିବା କରୁଥିଲେ। ଘୋଡ଼ା ଓ ଗଧର ବାହନ ଥିଲା ଏବଂ ପାଣି ଜାହଜଗୁଡ଼ିକ ବର୍ତମାନ ଯୁଗର ଦିନକର ଯାତ୍ରାକୁ ମାସମାସ ଧରି ଅତିକ୍ରମ କରୁଥିଲେ। ସେହିଭଳି ଅନେକ ଇଲାକା ମଧ୍ୟ ଆବିଷ୍କୃତ ହୋଇନଥିଲା। ପୁଣି ସେମାନଙ୍କ ମଧ୍ୟରେ ରୁଚିର ଭିନ୍ନତା, ପ୍ରଥାର ଭିନ୍ନତା ଏବଂ ଗୋଟିଏ ଦେଶ ଅନ୍ୟ ଦେଶର ଲୋକମାନଙ୍କ ସହିତ ପରିଚିତ ନଥିବା ସ୍ଥଳେ ମଧ୍ୟ ଏହି ଗୋଟିଏ ଆସ୍ଥା/ବିଶ୍ୱାସ ଉପରେ କିପରି ଏକମତ ହୋଇଗଲେ? ମନାଗଢ଼ା କଥାରେ ତ ଦୁଇଜଣ ଲୋକଙ୍କ ମଧ୍ୟରେ ସହମତ ହେବା କାଠିକାର କଥା। କିନ୍ତୁ ଏତେସବୁ ସମ୍ପ୍ରଦାୟର ଓ ଦେଶଗୁଡ଼ିକର ଏକମତ ହେବା ଯେବେ କି ସେମାନଙ୍କ ଆପୋଷରେ ଯୋଗାଯୋଗ ପାଇଁ କୌଣସି ସାଧନ ମଧ୍ୟ ନଥିଲା, କଣ ଏକଥାର ପ୍ରମାଣ ନୁହେଁ ଯେ ଏ ବିଶ୍ୱାସ (ଅର୍ଥାତ ଏକଈଶ୍ୱରଙ୍କ ଉପରେ ବିଶ୍ୱାସ) ହେଉଛି ସତ୍ୟ ଉପରେ ଆଧାରିତ ଏବଂ କୌଣସି ଅଜଣା ମାଧ୍ୟମ ଦ୍ୱାରା ଯାହାକୁ ଇସ୍‌ଲାମ୍ ଉନ୍ମୋଚନ କରିଛି, ପ୍ରତ୍ୟେକ ଧର୍ମ ଉପରେ ଓ ପ୍ରତ୍ୟେକ ଦେଶରେ ଏହାକୁ ପ୍ରକାଶ କରାଯାଇଛି। ଐତିହାସିକମାନେ ଏକଥାରେ ସହମତ ଯେ ଯେଉଁ ବିଷୟ ଉପରେ ବିଭିନ୍ନ ସମ୍ପ୍ରଦାୟର ଐତିହାସିକମାନେ ଏକମତ ହୋଇଯିବେ ତାହାର ସତ୍ୟତା ଉପରେ ସନ୍ଦେହ କରାଯାଇନପାରେ। ଅତଏବ ଯେବେ ଏହି ବିଷୟବସ୍ତୁ ଉପରେ ହଜାର ହଜାର ଲକ୍ଷ ଲକ୍ଷ ଧର୍ମ/ସମ୍ପ୍ରଦାୟଗୁଡ଼ିକ ଏକମତ ତେବେ କାହିଁକି ବିଶ୍ୱାସ କରାଯିବନାହିଁ ଯେ କୌଣସି ଚମତ୍କାର/କାନ୍ତିକୁ ଦେଖି ହିଁ ସାରାଦୁନିଆ ଏହି ଭାବନା ଉପରେ ବିଶ୍ୱାସ ଆଣିଛି।

## ଦ୍ୱିତୀୟ ପ୍ରମାଣ

ଦ୍ୱିତୀୟ ଯୁକ୍ତିଯୁକ୍ତ ପ୍ରମାଣ ଯାହାକୁ ପବିତ୍ର କୁର୍ଆନ୍ ଅଲ୍ଲାଃଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି ତାହା ନିମ୍ନଲିଖିତ ଆୟାତଗୁଡ଼ିକରୁ ଜଣାପଡୁଛି

تِلْكَ حُجَّتُنَآ اٰتَيْنٰهَآ اِبْرٰهِيْمَ عَلٰى قَوْمِهٖ ۚ نَرْفَعُ دَرَجٰتٍ مَّنْ نَّشَآءُ ۗ اِنَّ رَبَّكَ حَكِيْمٌ عَلِيْمٌ ○ وَوَهَبْنَا لَهٗٓ اِسْحٰقَ وَيَعْقُوْبَ ۗ كُلًّا هَدَيْنَا ۚ وَنُوْحًا هَدَيْنَا مِنْ قَبْلُ وَمِنْ ذُرِّيَّتِهٖ دَاوٗدَ وَسُلَيْمٰنَ وَاَيُّوْبَ وَيُوْسُفَ وَمُوْسٰى وَهٰرُوْنَ ۗ وَكَذٰلِكَ نَجْزِي الْمُحْسِنِيْنَ ○ وَزَكَرِيَّا وَيَحْيٰى وَعِيْسٰى وَاِلْيَاسَ ۗ كُلٌّ مِّنَ الصّٰلِحِيْنَ ○ وَاِسْمٰعِيْلَ وَالْيَسَعَ وَيُوْنُسَ وَلُوْطًا ۗ وَكُلًّا فَضَّلْنَا عَلَى الْعٰلَمِيْنَ ○ (الانعام: 84 تا 87)

ପୁଣି ଆଉ କିଛି ଆୟାତ ପରେ ଅଲ୍ଲାଃ ତାଲା କହୁଛନ୍ତି

اُولٰٓئِكَ الَّذِيْنَ هَدَى اللّٰهُ فَبِهُدٰىهُمُ اقْتَدِهْ (الانعام: 91)

ଅର୍ଥାତ:- ଏହା ଆମ୍ଭ ତରଫରୁ (ପ୍ରଦତ

ଏକ) ପ୍ରମାଣ, ଯାହା ଆମ୍ଭେ ଇବ୍ରାହିମ୍‌ଙ୍କୁ ତାଙ୍କ ସମ୍ପ୍ରଦାୟ ବିରୁଦ୍ଧରେ ଶିକ୍ଷା ଦେଉଥିଲୁ; ଆମ୍ଭେ ଯାହାକୁ ଇଚ୍ଛା କରୁ ମର୍ଯ୍ୟାଦାରେ ସମୁନ୍ନତ କରୁ; ତୁମର ପାଳନକର୍ତା ବାସ୍ତବିକ ତତ୍ୱଜ୍ଞ (ଓ) ସର୍ବଜ୍ଞ । ଏବଂ ଆମ୍ଭେ ତାହାଙ୍କୁ ଇସ୍‌ହାକ୍ ଓ ୟାକୁବ୍ ପ୍ରଦାନ କରୁଥିଲୁ, ଏବଂ ଏଥିପୂର୍ବରୁ ଆମ୍ଭେ ନୂହ୍ ଓ ତାହାଙ୍କର (ଅର୍ଥାତ ଇବ୍ରାହିମ୍‌ଙ୍କ) ସନ୍ତାନମାନଙ୍କ ମଧ୍ୟରୁ ଦାଉଦ୍, ସୁଲେମାନ୍, ଅୟୁବ୍, ୟୁସୁଫ୍, ମୁସା ଓ ହାରୁନ୍‌ଙ୍କୁ (ମଧ୍ୟ) ସତ୍‌ପଥ ପ୍ରଦର୍ଶନ କରିଥିଲୁ ଏବଂ ଏହିପରି ଆମ୍ଭେ ସତ୍‌କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ପୁରସ୍କାର ଦେଉଥାଉ ପୁଣି ଅଲ୍ଲାଃ ତାଲା କହିଛନ୍ତି:- ଏହି (ଉପରୋକ୍ତ) ଲୋକମାନଙ୍କୁ ହିଁ ଅଲ୍ଲାଃ ସତ୍‌ପଥ ପ୍ରଦର୍ଶନ କରାଇଛନ୍ତି ତେଣୁ ତୁମେ ସେମାନଙ୍କର ସତ୍‌ପଥକୁ ଅନୁସରଣ କର । (ସୁରଃ ଅନ୍‌ଆମ୍: ୮୪-୮୭, ୯୧) ଏହି ଆୟତଗୁଡ଼ିକରେ ଅଲ୍ଲାଃ ତାଲା ବତାଇଛନ୍ତି ଯେ ଏତେ ସଂଖ୍ୟକ ପୂଣ୍ୟବନ୍ତ ଓ ପବିତ୍ର ଲୋକମାନେ ଯେଉଁ କଥାର ସାକ୍ଷ୍ୟ ଦେଉଅଛନ୍ତି, ତାହାକୁ ସ୍ୱୀକାର କରାଯିବ ବା ଯେଉଁ କଥାକୁ ଅନ୍ୟ ଅଜ୍ଞ ଲୋକମାନେ କହୁଛନ୍ତି ଓ ନିଜ ଚାଳିଚଳନ ଦ୍ୱାରା ସେମାନେ ଏହି ପୁଣ୍ୟବାନ ଲୋକମାନଙ୍କ ଚାଳିଚଳନ ସହିତ ମୁକାବିଲା କରିପାରୁନାହାନ୍ତି, ସେମାନଙ୍କ କଥାର ସ୍ୱୀକାର କରାଯିବ? ସିଧା କଥା ହେଉଛି ଏହା କି ସେହି ଲୋକମାନଙ୍କ କଥାକୁ ଗୁରୁତ୍ୱ ଦିଆଯିବ ଯେଉଁମାନେ ନିଜ ଚାଲିଚଳନ ଏବଂ ନିଜର କର୍ମ ଦ୍ୱାରା ଦୁନିଆରେ ନିଜର ପୂଣ୍ୟକର୍ମ, ପବିତ୍ରତା, ପାପ ରହିତ ଜୀବନ ଏବଂ ମିଥ୍ୟାରୁ ନିବୃତ ରହିବା ଇତ୍ୟାଦି ସୁଗୁଣକୁ ପ୍ରମାଣିତ କରିସାରିଛନ୍ତି । ତେଣୁ ପ୍ରତ୍ୟେକ ବ୍ୟକ୍ତିର ଏ କର୍ତବ୍ୟ ଯେ ସେ ସେହି ଲୋକମାନଙ୍କୁ ଅନୁସରଣ କରୁ ଏବଂ ସେମାନଙ୍କ ବିରୁଦ୍ଧରେ ଅନ୍ୟ ଲୋକମାନଙ୍କର କଥାକୁ ଅସ୍ୱୀକାର କରିଦେଉ । ଅତଏବ ଆମ୍ଭେ ଦେଖୁଛେ ଯେ, ଯେଉଁ ପୂଣ୍ୟବନ୍ତ ଲୋକମାନେ ପୂଣ୍ୟ ଓ ନୈତିକତାକୁ ପ୍ରଚାର ପ୍ରସାର କରିଛନ୍ତି ଏବଂ ନିଜ ପୂଣ୍ୟକର୍ମ ଦ୍ୱାରା ଏ ଦୁନିଆରେ ସତ୍ୟର ମୁଦ୍ରା ସ୍ଥାପିତ କରିସାରିଛନ୍ତି, ସେମାନେ ସମସ୍ତେ ଏକଥାର ସାକ୍ଷ୍ୟ ଦେଉଅଛନ୍ତି ଯେ ଏପରି ଏକ ଅସ୍ତିତ୍ୱ / ସତା ଅଛି ଯାହାକୁ ବିଭିନ୍ନ ଭାଷାରେ ଅଲ୍ଲାଃ, God ବା ପରମେଶ୍ୱର କୁହାଯାଇଛି । ହିନ୍ଦୁସ୍ଥାନର ସତ୍ୟବାଦୀ ରାମଚନ୍ଦ୍ର ଆ:ସ, କୃଷ୍ଣ ଆ:ସ, ଇରାନ୍‌ର ସତ୍ୟବାଦୀ ଜରତସ୍ତ ଆ:ସ, ମିସର ଦେଶର ସତ୍ୟବାଦୀ ମୁସା ଆ:ସ, ନାସିରାର ସତ୍ୟବାଦୀ ମସିହ୍ ଆ:ସ ପଞ୍ଜାବର ଜଣେ ସତ୍‌ପୁରୁଷ ନାନକ ରହେମୁଲ୍ଲାଃ ପୁଣି ସମସ୍ତ ସତ୍ୟବାଦମାନଙ୍କର ମଉଡ଼ମଣି ଆରବର ଜ୍ୟୋତି ମୁହମ୍ମଦ ମୁସ୍ତଫା ସ:ଆ:ସ ଯାହାଙ୍କୁ ତାଙ୍କ ସମ୍ପ୍ରଦାୟ ପିଲାଦିନୁ ସାଦିକ୍ (ଅର୍ଥାତ ସତ୍ୟବାଦୀ ଓ ସଦାଚାରୀ)ର ଉପାଧି ଦେଇସାରିଥିଲେ ଏବଂ ଯିଏ ଏକଥା କହିଛନ୍ତି ଯେ **ଫକଦ୍ ଲବିସ୍‌ତୁ ଫିକୁମ୍ ଉମ୍‌ରନ୍ (ୟୁନୁସ୍:୧୭)** ଅର୍ଥାତ ମୁଁ ତମୁମାନଙ୍କ ଗହଣରେ ନିଜ ଜୀବନର ଦୀର୍ଘ ସମୟ ଅତିବାହିତ କରିଛ । କୁହତ କେବେ ତୁମେ ମୋର କୌଣସି ମିଥ୍ୟାକୁ ପ୍ରମାଣ କରିପାରିବ କି? ଆଉ ତାଙ୍କ ସମ୍ପ୍ରଦାୟ କୌଣସି ଆପତି ଅଭିଯୋଗ କରିପାରିନାହାନ୍ତି । ସେହିପରି ତାଙ୍କ ବ୍ୟତୀତ ଆହୁରି ହଜାର ହଜାର ସତ୍ୟବାଦୀ, ଯେଉଁମାନେ ସମୟେ ସମୟେ ଏ ଦୁନିଆରେ ପ୍ରକଟ ହୋଇଛନ୍ତି, ସମସ୍ତେ ଏକସ୍ୱରରେ ଏକଥା କହିଛନ୍ତି ଜଣେ ଈଶ୍ୱର/ପ୍ରଭୁ ଅଛନ୍ତି । କେବଳ ଏତିକି ନୁହେଁ ବରଂ ସେମାନେ ଏ କଥା କହିଛନ୍ତି ଯେ ଆମ୍ଭେ ଈଶ୍ୱରଙ୍କୁ ସାକ୍ଷାତ ମଧ୍ୟ କରିଛୁ ଓ ତାହାଙ୍କ ସହିତ ବାର୍ତାଳାପ ମଧ୍ୟ କରିଛୁ । ଏ ଦୁନିଆର ବଡ଼ ବଡ଼ ଦାର୍ଶନିକଙ୍କୁ ଦେଖନ୍ତୁ ଯିଏ ଦୁନିଆରେ କିଛି ବଡ଼ କାମ କରିଥିବ, ସେ ସେମାନଙ୍କ ମଧ୍ୟରୁ ଅର୍ଥାତ ଉପରେ ବର୍ଣ୍ଣିତ ସତ୍ୟବାଦୀମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତିର କାମର ହଜାରେ ଭାଗରୁ ଏକ ଭାଗ କାମ ମଧ୍ୟ ଉପସ୍ଥାପନ କରିପାରିବ ନାହିଁ । ବରଂ ଯଦି ସେହି ଲୋକମାନଙ୍କର ଓ ଦାର୍ଶନିକମାନଙ୍କର କାର୍ଯ୍ୟକୁ ତୁଳନା କରାଯାଏ ତେବେ ଦାର୍ଶନିକମାନଙ୍କ ଜୀବନୀରେ କଥନଠାରୁ କର୍ମର ଦରଜା ବହୁତ କମ ଦେଖିବାକୁ ମିଳିବ । ସତ୍ୟବାଦୀମାନେ ଯେଉଁ ସତ୍ୟତା ଦେଖାଇଛନ୍ତି ଦାର୍ଶନିକମାନେ ତାହା କାହୁଁ ଦେଖାଇପାରିବେ? ଦାର୍ଶନିକମାନେ ଲୋକମାନଙ୍କୁ ସତ୍ୟର ଶିକ୍ଷା ଦେଇଥାନ୍ତି କିନ୍ତୁ ନିଜେ ମିଥ୍ୟାରୁ ଦୁରେଇ ରହନ୍ତି ନାହିଁ । କିନ୍ତୁ ତାଙ୍କ ତୁଳନାରେ ସେହି ଲୋକମାନେ ଯାହାଙ୍କ ନାମ ମୁଁ ଉପରେ ବର୍ଣ୍ଣନା କରିସାରିଛି, ସେମାନେ କେବଳ ସତ୍ୟତା ନିମନ୍ତେ ଅସୁମାରୀ ଦୁଃଖ କଷ୍ଟ ସହିଛନ୍ତି କିନ୍ତୁ କେବେ ବି ସେମାନଙ୍କର ପାଦ ନିଜ ସ୍ଥାନରୁ ହଲିଯାଇନାହିଁ । ସେମାନଙ୍କୁ ହତ୍ୟା କରିବା ପାଇଁ ଯୋଜନା କରାଗଲା, ସେମାନଙ୍କୁ ଦେଶରୁ ବିତାଡ଼ିତ କରାଗଲା, ସେମାନଙ୍କୁ ଗଳିକନ୍ଦି ଓ ବଜାରରେ ଅପମାନିତ କରିବାପାଇଁ ଚେଷ୍ଟା କରାଗଲା ଓ ସେମାନଙ୍କଠାରୁ ସମସ୍ତେ ଅଲଗା ହୋଇଗଲେ କିନ୍ତୁ ଏହା ସତ୍ୱେ ମଧ୍ୟ ସେମାନେ ନିଜ କଥାରେ ଅଟଳ ରହିଲେ ଏବଂ କେବେ ବି ଲୋକମାନଙ୍କ ଯୋଗୁଁ ମିଥ୍ୟା କହି ନିଜକୁ ବଂଚାଇ ନାହାନ୍ତି । ସେମାନଙ୍କର କର୍ମ, ସଂସାର ପ୍ରତି ଘୃଣାଭାବ ଏବଂ ନିଜକୁ ପ୍ରଦର୍ଶନ କରିବାରୁ ନିବୃତ ରହିବା ଗୁଣ ଏକଥାକୁ ପ୍ରମାଣ କରିଦେଲା ଯେ ସେମାନେ ନିଃସ୍ୱାର୍ଥପର ଥିଲେ ଏବଂ ନିଜର ସ୍ୱାର୍ଥ ପାଇଁ କୌଣସି କାର୍ଯ୍ୟ କରୁନଥିଲେ । ପୁଣି ଏପରି ସତ୍ୟବାଦୀ ଓ ଏପରି ବିଶ୍ୱସନୀୟ ଲୋକମାନେ ଏକ ସ୍ୱର ହୋଇ ଏକଥା କହୁଛନ୍ତି ଯେ ଆମେ ଅଲ୍ଲାଃ ତାଲାଙ୍କ ସହିତ ସାକ୍ଷାତ କରିଛୁ, ତାହାଙ୍କ ଆବାଜ (ଧ୍ୱନି) ଶୁଣିଛୁ ଏବଂ ତାହାଙ୍କ କାନ୍ତିକୁ ଦେଖିଛୁ ବୋଲି ତେବେ ସେମାନଙ୍କ କଥାକୁ ଅସ୍ୱୀକାର କରିବାପାଇଁ କାହା ପାଖରେ କଣ କାରଣ ଅଛି । ଯେଉଁ ଲୋକମାନଙ୍କୁ ଆମେ ପ୍ରତ୍ୟହ ମିଥ୍ୟା କହିବାର ଶୁଣୁଛେ, ସେମାନେ ଯଦି କିଛି ଲୋକ ମିଶି ଗୋଟିଏ କଥାର ସାକ୍ଷ୍ୟ ଦେଉଛନ୍ତି ତେବେ ସେ କଥା ଆମକୁ ମାନିବାକୁ ପଡ଼ିଥାଏ । ଯେଉଁ ଲୋକମାନଙ୍କ ସମ୍ବନ୍ଧରେ ଆମେ ଜାଣିନାହୁଁ ଯଦି ସେମାନେ ଖବରକାଗଜ ଗୁଡ଼ିକରେ ନିଜର ଗବେଷଣାକୁ ଛାପୁଛନ୍ତି ତେବେ ଆମେ ତାହା ବିଶ୍ୱାସ କରିନେଉଛୁ କିନ୍ତୁ ଯଦି ଆମେ କିଛି ମାନୁନାହୁଁ ତାହେଲେ ଏହି ସତ୍ୟବାଦୀ ଧାର୍ମିକ ପୁରୁଷମାନଙ୍କ କଥାକୁ ମାନୁନାହୁଁ । ଲୋକମାନେ କହୁଛନ୍ତି ଯେ ଲଣ୍ଡନ ନାମକ ଏକ ସହର ଅଛି ଏବଂ ଆମେ ତାକୁ ମାନିନେଉଛୁ । ଭୂଗୋଳ ବିଜ୍ଞାନୀମାନେ ଲେଖୁଛନ୍ତି ଯେ ଆମେରୀକା ଏକ ମହାଦେଶ ଆମେ ତାହାକୁ ମାନିନେଉଛୁ । ପର୍ଯ୍ୟଟକମାନେ କହୁଛନ୍ତି ଯେ ସାଇବେରିଆ ହେଉଛି ଏକ ବିଶାଳ ଓ ନିର୍ଜନ ଇଲାକା ବୋଲି, ଆମେ ତାଙ୍କ କଥାକୁ ଅସ୍ୱୀକାର କରୁନାହୁଁ । କାହିଁକି? ଏଥିପାଇଁ କି ବହୁତ ଲୋକ ଏକଥାର ସାକ୍ଷ୍ୟ ଦେଇସାରିଛନ୍ତି । ଯେବେ କି ଆମେ ସେହି ଲୋକମାନଙ୍କ ବିଷୟରେ ଓ ସେହି ସାକ୍ଷ୍ୟ ବିଷୟରେ ଏକଥା ଜାଣିନାହୁଁ ଯେ ତାହା ସତ୍ୟ କି ମିଥ୍ୟା । କିନ୍ତୁ ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ପ୍ରତ୍ୟକ୍ଷଦର୍ଶୀ ସାକ୍ଷ୍ୟ ଦେଉଥିବା ଲୋକମାନେ ହେଉଛନ୍ତି ଏପରି ଲୋକେ ଯାହାଙ୍କ ସତ୍ୟତା ଦିବାଲୋକ ପରି ସ୍ପଷ୍ଟ । ଏମାନେ ନିଜର ଧନ, ଜୀବନ, ଦେଶ ଓ ସମ୍ମାନକୁ ଶେଷ କରି ସତ୍ୟକୁ ସଂସାରରେ ପ୍ରତିଷ୍ଠା କଲେ । ତେବେ ପୁଣି ସେହି ପର୍ଯ୍ୟଟକ ଓ ଭୂଗୋଳ ବିଜ୍ଞାନୀଙ୍କ କଥାକୁ ମାନିନେବା କିନ୍ତୁ ଏପରି ସତ୍ୟବାଦୀମାନଙ୍କ କଥାକୁ ଅସ୍ୱୀକାର କରିଦେବା ଏହା କିପରି ସଙ୍କୋଚପଣିଆ! ଯଦି ଲଣ୍ଡନର ଅସ୍ତିତ୍ୱ ସମ୍ବନ୍ଧରେ କିଛି ଲୋକଙ୍କ ମୁହଁରୁ ଶୁଣି ପ୍ରମାଣିତ ହୋଇପାରୁଛି ତେବେ ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱକୁ ହଜାର ହଜାର ସତ୍ୟବାଦୀ ଓ ଧାର୍ମିକ ଲୋକମାନଙ୍କଠାରୁ ଶୁଣି କାହିଁକି ପ୍ରମାଣ ହୋଇପାରିବ ନାହିଁ ।

ଅତଏବ ହଜାର ହଜାର ସତ୍ୟବାଦୀଙ୍କ ସାକ୍ଷ୍ୟ ଯାହାକୁ ସେମାନେ ପ୍ରତ୍ୟକ୍ଷ ରୂପେ ଦର୍ଶନ କରି ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ସାକ୍ଷ୍ୟ ଦେଉଅଛନ୍ତି ତାହା କୌଣସି ମତେ ମଧ୍ୟ ରଦ୍ଦ ହୋଇନପାରେ । ବଡ଼ ଆଶ୍ଚର୍ଯ୍ୟ ଲାଗୁଛି ଯେ ଯେଉଁମାନେ ଏ ମାର୍ଗରେ ପଡ଼ିରହିଛନ୍ତି ସେମାନେ ସମସ୍ତେ ଏକମତ ହୋଇ କହୁଛନ୍ତି ଯେ ଈଶ୍ୱର ଅଛନ୍ତି କିନ୍ତୁ ଯେଉଁମାନେ ଆଧାତ୍ମିକ ମାର୍ଗ ସମ୍ବନ୍ଧରେ କିଛି ଜାଣିନାହାନ୍ତି, ସେମାନେ କହୁଛନ୍ତି କି ତାଙ୍କ (ଅର୍ଥାତ ସତ୍ୟବାଦୀ ଧାର୍ମିକ ଲୋକମାନଙ୍କ) କଥାକୁ ମାନନାହିଁ ଯେ ଈଶ୍ୱର ଅଛନ୍ତି । ଯେବେ କି ସାକ୍ଷ୍ୟ ଗ୍ରହଣ କରିବାର ସିଦ୍ଧାନ୍ତ ଅନୁସାରେ ଯଦି ଦୁଇଜଣ ସମାନ ସଚ୍ଚୋଟ ବ୍ୟକ୍ତି ଗୋଟିଏ ମାମଲାରେ ସାକ୍ଷ୍ୟ ଦେବେ ତାହେଲେ ଯେଉଁ ବ୍ୟକ୍ତିଜଣକ ଏ କଥା କହୁଛନ୍ତି ଯେ ମୁଁ ଅମୁକ ଜିନିଷକୁ ଦେଖିଛି ବୋଲି ତାହାର ସାକ୍ଷ୍ୟକୁ ଅନ୍ୟ ବ୍ୟକ୍ତିର ସାକ୍ଷ୍ୟ ଉପରେ ପ୍ରାଧାନ୍ୟ ଦିଆଯିବ ଯିଏ କହୁଛି କି ମୁଁ ସେ ଜିନିଷକୁ ଦେଖିନାହିଁ ବୋଲି । କାରଣ ଏହା ସମ୍ଭବ ହୋଇପାରେ ଯେ ସେହି ଦୁଇଜଣଙ୍କ ମଧ୍ୟରୁ ଜଣଙ୍କର ଦୃଷ୍ଟି ସେହି ଜିନିଷ ଉପରେ ପଡ଼ିପାରନିଥିବ । କିନ୍ତୁ ଜଣେ ଜିନିଷଟିକୁ ନ ଦେଖି ଯଦି ଏହା ଭାବିନିଏ ଯେ ମୁଁ ଦେଖିଛି ବୋଲି ତାହେଲେ ଏହା ଅସମ୍ଭବ କଥା । ତେଣୁ ଈଶ୍ୱରଙ୍କୁ ଦେଖିଥିବା ଲୋକମାନଙ୍କର ସାକ୍ଷ୍ୟ ତାହାଙ୍କୁ ନ ଦେଖିଥିବା ତଥା ତାହାକୁ ଅସ୍ୱୀକାର କରୁଥିବା ଲୋକମାନଙ୍କ ଉପରେ ଏକ ଯୁକ୍ତିଯୁକ୍ତ ପ୍ରମାଣ ହେବ ।

### ତୃତୀୟ ପ୍ରମାଣ

ତୃତୀୟ ଦଲିଲ୍ ଯାହା ପବିତ୍ର କୁର୍‌ଆନ୍‌ରୁ ଜଣାପଡୁଛି ତାହା ହେଉଛି ଏହା କି ମଣିଷର ପ୍ରକୃତି ସ୍ୱୟଂ ଈଶ୍ୱରଙ୍କ ଅସ୍ତିତ୍ୱ ନିମନ୍ତେ ଏକ ପ୍ରମାଣ କାରଣ ଏପରି କେତେକ ପାପକର୍ମ ରହିଛି ଯାହାକୁ ମଣିଷର ପ୍ରକୃତି ସମ୍ପୁର୍ଣ୍ଣରୂପେ ନାପସନ୍ଦ କରିଥାଏ । ଉଦାହରଣ ସ୍ୱରୁପ ମା, ଭଉଣୀ ଏବଂ ଝିଅ ସହିତ ବ୍ୟଭିଚାର କରିବା, ମଳମୂତ୍ର ଏବଂ ଏହିପରି ମଇଳା ସହିତ ସମ୍ପର୍କ, ମିଛ କହିବା ଏସବୁ ଏପରି ଜିନିଷ ଏଥିରୁ ଜଣେ ନାସ୍ତିକ ମଧ୍ୟ ନିବୃତ ରହିଥାଏ । କିନ୍ତୁ କାହିଁକି? ସେ କାହିଁକି ମା, ଭଉଣୀ ଏବଂ ଅନ୍ୟ ମହିଳାମାନଙ୍କ ମଧ୍ୟରେ ପ୍ରାର୍ଥକ୍ୟ କରିଥାଏ । ମିଛକୁ କାହିଁକି ଖରାପ ମନେକରେ? ଯେଉଁମାନେ ଉପର ବର୍ଣ୍ଣିତ ଜିନିଷକୁ ନିଜ ଦୃଷ୍ଟିରେ ଖରାପ ମନେ କରୁଛନ୍ତି, ଯଦି କୌଣସି ମହାଶକ୍ତିର ଭୟାବହତା ତାଙ୍କ ହୃଦୟରେ ନାହିଁ ତେବେ ସେ କାହିଁକି ସେମାନଙ୍କୁ ଏଡ଼ାଇ ଦେଉଛି? ତା ପାଇଁ ତ ସତ ଓ ମିଛ, ଜୁଲୁମ ଓ ନ୍ୟାୟ ସବୁ ସମାନ ହେବା କଥା । ମନ ଯାହା ଚାହିଁଲା କରିନେବା କଥା । ତାହା କେଉଁ ଶରିୟତ

(ବିଧାନ) ଯାହା ତା'ର ଭାବନାକୁ ନିୟନ୍ତ୍ରଣ କରୁଛି, ଯିଏ ହୃଦୟରେ ନିଜର ସିଂହାସନ ରଖିଛି ? ଯଦିଚ ଜଣେ ନାସ୍ତିକ କଥାରେ ତାହାର ହୁକୁମତ୍‌ରୁ ବାହାରି ଯାଉଛି କିନ୍ତୁ ସେ ତାହାଙ୍କ ଦ୍ୱାରା ବନାଯାଇଥିବା ପ୍ରକୃତିରୁ ବାହାରି ପାରିବନାହିଁ । ପାପକର୍ମରୁ ଦୂରେଇ ରହିବା କିମ୍ବା ସେଗୁଡ଼ିକୁ ପ୍ରକାଶ କରିବାରୁ ଦୂରେଇ ରହିବା ତା ପାଇଁ ଏକ ପ୍ରମାଣ ଯେ କୌଣସି ଜଣେ ସମ୍ରାଟଙ୍କ ଉତରଦାୟିତ୍ୱର ଭୟ ଘାରୁଛି ଯାହା ତା ମନ ଭିତରେ ରହିଛି ଯଦିଓ ସେ ତାହାଙ୍କ ରାଜତ୍ୱକୁ ଅସ୍ୱୀକର ହିଁ କରିଥାଏ । ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା କହୁଛନ୍ତି ଯେ:

لَآ اُقْسِمُ بِيَوْمِ الْقِيٰمَةِ ○ وَلَآ اُقْسِمُ بِالنَّفْسِ اللَّوَّامَةِ (القيٰمة:2،3)

ଅର୍ଥାତ:- ଯେପରି କି ଲୋକମାନେ ଭାବୁଛନ୍ତି ଯେ ନା ଈଶ୍ୱର ଅଛି ନା ଦଣ୍ଡ ନା ପୁରସ୍କାର ରହିଛି । ଏପରି ନୁହେଁ ବରଂ ଆମେ ଏକଥାର ସାକ୍ଷ୍ୟ ପାଇଁ ଦୁଇଟି ଜିନିଷକୁ ଉପସ୍ଥାପିତ କରୁଅଛୁ । ଗୋଟିଏ ଜିନିଷ ହେଉଛି ଏହା କି ପ୍ରତ୍ୟେକ ଜିନିଷପାଇଁ ଗୋଟିଏ କୟାମତ ଦିବସ ଧାର୍ଯ୍ୟ ରହିଛି, ଯେଉଁଦିନ ତା'ର ନିଷ୍ପତି ହୋଇଥାଏ । ଭଲ କର୍ମର ଫଳ ଭଲ ଏବଂ ମନ୍ଦକର୍ମର ଫଳ ମନ୍ଦ ହୋଇଥାଏ । ଯଦି ଈଶ୍ୱର ନାହାନ୍ତି ତେବେ ଦଣ୍ଡ ଓ ପୁରସ୍କାର କାହିଁକି ମିଳୁଛି । ଯେଉଁ ଲୋକମାନେ କୟାମତ୍ କୁବ୍‌ରା ଅର୍ଥାତ ମହାପ୍ରଳୟ ଦିନର ଅସ୍ୱୀକାରୀ ସେମାନେ ଦେଖିନିଅନ୍ତୁ ଯେ କୟାମତ ଏ ଦୁନିଆରୁ ଆରମ୍ଭ ହୋଇଯାଇଛି । ବ୍ୟଭିଚାରକାରୀଙ୍କୁ ସିଫିଲିସ୍ ଏବଂ ଗୋନେରିଆ ରୋଗ ହୋଇଥାଏ । ଏହା ବିବାହିତ ଲୋକଙ୍କୁ ତ ହୁଏନାହିଁ ଯଦିଓ ଉଭୟ ସମାନ କାର୍ଯ୍ୟ କରିଥାନ୍ତି । ଦ୍ୱିତୀୟ ସାକ୍ଷ୍ୟ ହେଉଛି ନଫସେ ଲୱାମା ଅର୍ଥାତ ମନୁଷ୍ୟର ଆତ୍ମା ଏପରି ପାପ ପାଇଁ ନିଜକୁ ଧିକ୍କାର କରିଥାଏ ଯେ ଏକଥା ହେଉଛି ମନ୍ଦ ଏବଂ ଖରାପ କଥା । ନାସ୍ତିକ ମଧ୍ୟ ମିଥ୍ୟା ଓ ବ୍ୟଭିଚାରକୁ ଖରାପ ଭାବିବେ, ଅହଂକାର ଏବଂ ଈର୍ଷାକୁ ଭଲ ଭାବିବେନାହିଁ । କିନ୍ତୁ କାହିଁକି ? ତାଙ୍କ ନିକଟରେ ତା କୌଣସି ଶରିୟତ ନାହିଁ । ଏଥିପାଇଁ ଯେ ତାଙ୍କ ମନ ସେ ସବୁକୁ ଖରାପ ଭାବୁଛି ଏବଂ ମନ ଏଥିଯୋଗୁଁ ଖରାପ ଭାବୁଛି କି ଯଦି ମୁଁ ଏହା କରେ ତା'ହେଲେମତେ ଏହି କାର୍ଯ୍ୟ ଯୋଗୁଁ ଜଣେ ଉଚ୍ଚ ହାକିମଙ୍କ ତରଫରୁ ଦଣ୍ଡ ମିଳିବ । ଯଦିଚ ସେ ମୁହଁରେ ଏକଥା କହିପାରୁନାହିଁ । ଏହାର ସମର୍ଥନରେ ପବିତ୍ର କୁର୍‌ଆନ୍‌ରେ ଆଉ ଏକ ସ୍ଥାନରେ ବର୍ଣ୍ଣିତ ଅଛି ଯେ **ଫଅଲ୍‌ହମହା ଫୁଜୁରହା ୱ ତକ୍‌ୱାହା (ଅଶଶମସ୍:୯)** ଅର୍ଥାତ ଅଲ୍ଲାଃ ତାଲା ପ୍ରତ୍ୟେକ ଆତ୍ମାରେ ପୂଣ୍ୟ ଏବଂ ପାପର ପ୍ରେରଣା ରଖିଦେଇଛନ୍ତି । ତେଣୁ ପୂଣ୍ୟ ଓ ପାପର ଅନୁଭବ ହେବା ସ୍ୱୟଂ ଈଶ୍ୱରଙ୍କର ସବୁଠାରୁ ଶକ୍ତିଶାଳୀ ପ୍ରମାଣ ଅଟେ । ଯଦି ଈଶ୍ୱର ନାହାନ୍ତି ତା ହେଲେ କିଛି କାରଣ ନାହିଁ ଯେ ଗୋଟିଏ ଜିନିଷକୁ ଭଲ ଓ ଆଉ ଗୋଟିଏକୁ ମନ୍ଦ କୁହାଯିବ ବରଂ ଲୋକମାନେ ମନଇଚ୍ଛା ଯାହା ପାଇବେ ତାହା କରିବେ ।

**ଚତୁର୍ଥ ପ୍ରମାଣ**

ଚତୁର୍ଥ ପ୍ରମାଣ ଯାହା ପବିତ୍ର କୁର୍‌ଆନ୍‌ରୁ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଜଣାପଡ଼େ ତାହା ହେଉଛି:

وَاَنَّ اِلٰى رَبِّكَ الْمُنْتَهٰى ○ وَاَنَّهٗ هُوَ اَضْحَكَ وَاَبْكٰى ○ وَاَنَّهٗ هُوَ اَمَاتَ وَاَحْيَا ○ وَاَنَّهٗ خَلَقَ الزَّوْجَيْنِ الذَّكَرَ وَالْاُنْثٰى ○ مِنْ نُّطْفَةٍ اِذَا تُمْنٰى ○ (النجم:43-47)

ଅର୍ଥାତ: ଆମେ ପ୍ରତ୍ୟେକ ନବୀଙ୍କ ଜରିଆରେ ଏକଥା ପହଂଚାଇ ଦେଇଛୁ ଯେ ପ୍ରତ୍ୟେକ ବସ୍ତୁର ଅନ୍ତ ଈଶ୍ୱରଙ୍କ ଅସ୍ତିତ୍ୱରେ ଯାଇ ହୋଇଥାଏ । ଖୁସିର ଅବସର ହେଉ ବା ଦୁଃଖର ତାହା ଈଶ୍ୱରଙ୍କ ତରଫରୁ ଆସିଥାଏ । ଜୀବନ ଓ ମୃତ୍ୟୁ ସବୁକିଛି ତାହାଙ୍କ ହାତରେ ରହିଛି । ସେ ପୁରୁଷ ଓ ମହିଳା ଉଭୟଙ୍କୁ ସୃଷ୍ଟି କରିଛନ୍ତି ଗୋଟିଏ ଛୋଟିଆ ଜିନିଷରୁ ଯେତେବେଳେ ତାହା ନିକ୍ଷିପ୍ତ କରାଗଲା । (ଅଲ୍‌ନଜମ୍:୪୩-୪୭)

ଏହି ଆୟତ ଗୁଡ଼ିକରେ ଅଲ୍ଲାଃ ତାଲା ମଣିଷକୁ ଏ କଥାପ୍ରତି ଧ୍ୟାନ ଆକର୍ଷଣ କରାଇଛି ଯେ ପ୍ରତ୍ୟେକ କର୍ମର ଜଣେ କର୍ତା ଅଛି । ପ୍ରତ୍ୟେକ କାର୍ଯ୍ୟକୁ ନିଶ୍ଚିତ ରୂପେ କିଏ କରିଥିବ । ତେଣୁ ଏ ସମସ୍ତ ବ୍ରହ୍ମାଣ୍ଡ ଉପରେ ଯଦି ଆପଣ ବିଚାର କରିବେ ତେବେ ନିଶ୍ଚିତ ରୂପେ ଏଥିପ୍ରତି ମାର୍ଗଦର୍ଶନ ହେବ ଯେ ସବୁ କିଛି ଶେଷରେ ଅଲ୍ଲାଃଙ୍କ ଅସ୍ତିତ୍ୱ ଭିତରେ ଶେଷ ହୋଇଥାଏ । ଏବଂ ସେ ହିଁ ସକଳ ବସ୍ତୁର ସମାପ୍ତ ଅଟନ୍ତି ଏବଂ ତାହାଙ୍କ ଆଦେଶରେ ଏହା ସବୁକିଛି ଘଟୁଛି । ଅତଏବ ଅଲ୍ଲାଃ ତାଲା ମନୁଷ୍ୟକୁ ତା'ର ପ୍ରାରମ୍ଭିକ ଅବସ୍ଥା ପ୍ରତି ଧ୍ୟାନ ଆକର୍ଷିତ କରି କହିଛନ୍ତି ଯେ ତୁମର ଜନ୍ମ ତ ଗୋଟିଏ ଶୁକ୍ରାଣୁ ବିନ୍ଦୁରୁ ହୋଇଛି ଏବଂ ତୁମେ ଯେତେ ଯେତେ ପଛକୁ ଯାଉଛ ଆହୁରି ତୁଚ୍ଛ ହୋଇଯାଉଛ ତା'ହେଲେ ତୁମେ କିପରି ନିଜେ ନିଜର ସୃଷ୍ଟିକର୍ତା ହୋଇପାରିବ ? ଯେବେ ସୃଷ୍ଟିକର୍ତାଙ୍କ ବିନା କୌଣସି ପ୍ରାଣୀ ସୃଷ୍ଟି ହିଁ ହୋଇପାରିବେ ନାହିଁ ଏବଂ ମଣିଷ ନିଜର ସୃଷ୍ଟିକର୍ତା ନୁହେଁ କାରଣ ଆମେ ତା ଅବସ୍ଥାକୁ ଯେତେ ମାତ୍ରାରେ ଚିନ୍ତା କରିବା ତାହା ଅତ୍ୟନ୍ତ ଛୋଟ ଏବଂ ନିମ୍ନ ସ୍ଥିତିରୁ ଉନ୍ନତି କରି ଏ ଅବସ୍ଥାରେ ପହଂଚିଛି । ଯେତେବେଳେ ସେ ଏହି ଅବସ୍ଥାରେ ମଧ୍ୟ ନିଜର ସୃଷ୍ଟିକର୍ତା ନୁହେଁ ତେବେ ଏପରି ଦୁର୍ବଳ ଅବସ୍ଥାରେ ସେ କିପରି ସୃଷ୍ଟିକର୍ତା ହୋଇପାରିଥାନ୍ତା । ତେଣୁ ମାନିବାକୁ ପଡ଼ିବ ଯେ ତା'ର ସୃଷ୍ଟିକର୍ତା ଆଉ କିଏ ଅଛି ଯାହାର ଶକ୍ତି ଅସୀମିତ ଓ ପ୍ରକୃତି ଅନନ୍ତ । କଥା ହେଉଛି ଏହା କି ଯେତେ ମାତ୍ରାରେ ମଣିଷର ପ୍ରଗତି ବିଷୟରେ ଅନୁଧ୍ୟାନ କରି ଚାଲିବା ତାହାର କାରଣଗୁଡ଼ିକ ସୂକ୍ଷ୍ମରୁ ସୂକ୍ଷ୍ମତର ହୋଇଚାଲିବ ଏବଂ ଶେଷରେ ସମସ୍ତ ସାଂସାରିକ ବିଜ୍ଞାନ ଗୋଟିଏ ସ୍ଥାନକୁ ଯାଇ କହି ଦେଉଛନ୍ତି ଯେ ଏଠାରେ ଆମେ କିଛି କହିପାରିବୁ ନାହିଁ ଓ ଆମେ ଜାଣିନାହୁଁ ଯେ ଏମିତି କିପରି ହେଲା । ଏହା ହେଉଛି ସେହି ସ୍ଥାନ ଯେଉଁଠାରେ ସର୍ବଶକ୍ତିମାନ ଅଲ୍ଲାଃ ତାଲାଙ୍କ ହାତ କାମ କରୁଛି ଏବଂ ପ୍ରତ୍ୟେକ ବୈଜ୍ଞାନିକଙ୍କୁ ଶେଷରେ ମାନିବାକୁ ପଡୁଛି ଯେ **ଇଲା ରବ୍‌ବିକଲ୍ ମୁନ୍‌ତହା** ଅର୍ଥାତ: ପ୍ରତ୍ୟେକ ବସ୍ତୁର ଅନ୍ତ ରହିଛି ଏବଂ ତାହା ଶେଷରେ ଏପରି ଏକ ଅସ୍ତିତ୍ୱ ଉପରେ ଯାଇ ସମାପ୍ତ ହେଉଛି ଯାହାକୁ ସେମାନେ ନିଜ ବୁଦ୍ଧିର ପରିଧି ମଧ୍ୟରେ ଆଣିପାରୁନାହାନ୍ତି । ତାହା ହିଁ ଈଶ୍ୱର ଅଟନ୍ତି । ଏହା ଏକ ଦୃଢ଼ ପ୍ରମାଣ ଯେ ଯାହାକୁ ଜଣେ ମୂର୍ଖରୁ ମୂର୍ଖ ଲୋକ ମଧ୍ୟ ବୁଝିପାରିବ ।

କୁହାଯାଏ ଯେ କେହି ଜଣେ ବ୍ୟକ୍ତି ଜଣେ ବେଦୁଇନ୍ (ଦେହାତି ଗାଉଁଲି ଲୋକ)କୁ ପଚାରିଲେ ଯେ ତୁମ ନିକଟରେ ଈଶ୍ୱରଙ୍କର ସପକ୍ଷରେ କଣ ପ୍ରମାଣ ଅଛି ? ସେ ଉତରରେ କହିଲା ଯେ ଜଙ୍ଗଲରେ ଗୋଟିଏ ଓଟର ଗୋବର ଯଦି ପଡ଼ିଥାଏ ତେବେ ମୁଁ ତାକୁ ଦେଖି ବତାଇ ଦେଉଛି ଯେ ଏହି ରାସ୍ତା ଦେଇ କୌଣସି ଓଟ ଅତିକ୍ରମ କରିଛି ତେବେ ପୁଣି ଏତେସବୁ ପ୍ରାଣିଜଗତକୁ ଦେଖି ମୁଁ କଣ ଜାଣିପାରିବି ନାହିଁ ଯେ ଏମାନଙ୍କର ଜଣେ ସୃଷ୍ଟିକର୍ତା ଅଛନ୍ତି ବୋଲି । ବାସ୍ତବିକ ଏହି ଉତର ସତ୍ୟ ଏବଂ ପ୍ରକୃତି ଉପରେ ଆଧାରିତ ଏବଂ ଏହି ପ୍ରାଣିଜଗତ ପ୍ରତି ଯଦି ମଣିଷ ଧ୍ୟାନ ଦେଇ ଚିନ୍ତା କରେ ତେବେ ପରିଶେଷରେ ଜଣକ ଅସ୍ତିତ୍ୱକୁ ସ୍ୱୀକାର କରିବାକୁ ହେବ ଯେ ସେ ଏ ସବୁକୁ ସୃଷ୍ଟି କରିଛନ୍ତି ।

**ପଂଚମ ଯୁକ୍ତିଯୁକ୍ତ ପ୍ରମାଣ**

ଅଲ୍ଲାଃଙ୍କ ଅସ୍ତିତ୍ୱ ସପକ୍ଷରେ ପଂଚମ ପ୍ରମାଣ ଯାହା ପବିତ୍ର କୁର୍‌ଆନ୍ ଉପସ୍ଥାପିତ କରିଛି ତାହା ଯଦିଚ ଉପରୋକ୍ତ ପ୍ରମାଣ ପରି କିନ୍ତୁ ତା'ଠାରୁ ଅଧିକା ବଳିଷ୍ଠ । ଅଲ୍ଲାଃ କହିଛନ୍ତି:

تَبٰرَكَ الَّذِىْ بِيَدِهِ الْمُلْكُ وَهُوَ عَلٰى كُلِّ شَىْءٍ قَدِيْرُ ○ الَّذِىْ خَلَقَ الْمَوْتَ وَالْحَيٰوةَ لِيَبْلُوَكُمْ اَيُّكُمْ اَحْسَنُ عَمَلًا وَهُوَ الْعَزِيْزُ الْغَفُوْرُ ○ الَّذِىْ خَلَقَ سَبْعَ سَمٰوٰتٍ طِبَاقًا مَا تَرٰى فِىْ خَلْقِ الرَّحْمٰنِ مِنْ تَفٰوُتٍ فَارْجِعِ الْبَصَرَ هَلْ تَرٰى مِنْ فُطُوْرٍ ○ ثُمَّ ارْجِعِ الْبَصَرَ كَرَّتَيْنِ يَنْقَلِبْ اِلَيْكَ الْبَصَرُ خَاسِئًا وَّهُوَ حَسِيْرٌ ○ (الملك:2تا5)

ଅର୍ଥାତ:- ସେ (ଅଲ୍ଲାଃ) ଅତ୍ୟନ୍ତ ମଙ୍ଗଳମୟ ଯାହାଙ୍କ ଦଖଲରେ ରାଜତ୍ୱ ରହିଅଛି, ଏବଂ ସେ ପ୍ରତ୍ୟେକ (ଅଭିଳାଷ)କୁ ପୂର୍ଣ୍ଣ କରିବାରେ ସକ୍ଷମ । ତୁମମାନଙ୍କ ମଧ୍ୟରେ କିଏ ଉତମ କାର୍ଯ୍ୟ କରୁଅଛି ତାହା ପରୀକ୍ଷା କରିବା ନିମନ୍ତେ ସେ ମୃତ୍ୟୁ ଓ ଜୀବନକୁ ସୃଷ୍ଟି କରିଛନ୍ତି; ସେ ହିଁ ପରାକ୍ରମୀ (ଓ) ଅତ୍ୟନ୍ତ କ୍ଷମାଶୀଳ । ସେ ହିଁ ସପ୍ତ ଆକାଶକୁ ପର୍ଯ୍ୟାୟ କ୍ରମେ ଗଢ଼ିଛନ୍ତି; ଏବଂ ତୁମେ ଦୟାବାନ (ଅଲ୍ଲାଃ)ଙ୍କ ସୃଷ୍ଟିରେ କୌଣସି ତ୍ରୁଟି ଦେଖିବାକୁ ପାଇବ ନାହିଁ; ଏବଂ ତୁମେ ନିଜ ଚକ୍ଷୁକୁ (ଚତୁର୍ଦିଗକୁ) ବୁଲାଇ ଭଲ ଭାବରେ ଦେଖ; କଣ ତୁମକୁ (ଅଲ୍ଲାଙ୍କ ସୃଷ୍ଟିରେ) କୌଣସି ତ୍ରୁଟି ଦୃଷ୍ଟିଗୋଚର ହେଉଛି ? ତା'ପରେ ବାରମ୍ବାର ଦୃଷ୍ଟି ଘୂରାଇ ଦେଖ; ତାହା ଅବଶେଷରେ ବ୍ୟର୍ଥ ହୋଇ ତୁମ ନିକଟକୁ ଫେରି ଆସିବ ଏବଂ ତାହା କ୍ଳାନ୍ତ ହୋଇଯିବ, (ତେବେ ବି କୌଣସି ତ୍ରୁଟି ଦୃଷ୍ଟିଗୋଚର ହେବନାହିଁ) ।

କିଛି ଲୋକ କହନ୍ତି ଯେ ଏ ସମଗ୍ର ବ୍ରହ୍ମାଣ୍ଡ ସଂଯୋଗବଶତଃ ଆକସ୍ମିକ ଭାବରେ ସୃଷ୍ଟି ହୋଇଯାଇଛି ଓ ଏହା ସବୁ By Chance ପଦାର୍ଥର ମିଳନ ଦ୍ୱାରା ହୋଇଗଲା ଏବଂ ବିଜ୍ଞାନ ଦ୍ୱାରା ପ୍ରମାଣ କରିବାକୁ ଚେଷ୍ଟା କରୁଛନ୍ତି ଯେ ହୋଇପାରେ ଏ ସଂସାର ଆପେ ଆପେ ଯୋଡ଼ି ହୋଇ ନିଜକୁ ନିଜେ ଚାଲିଥିବ । ତାହାକୁ ଘୂରାଇବାକୁ କେହି ନାହାନ୍ତି । କିନ୍ତୁ ଏହାର ଉତର ଅଲ୍ଲାଃ ତାଲା ଏହି ଆୟତ ଗୁଡ଼ିକରେ ଦେଇଛନ୍ତି ଯେ ସଂଯୋଗବସତଃ ଆକସ୍ମିକ ଭାବରେ ଯୋଡ଼ି ହୋଇଥିବା ଜିନିଷ ଗୁଡ଼ିକରେ କେବେ ବି ଏକ ଶୃଙ୍ଖଳା ଓ ସୁବ୍ୟବସ୍ଥା ରହେନାହିଁ ବରଂ ବେଯୋଡ଼ ହୋଇଥାଏ । ଦେଖନ୍ତୁ ଭିନ୍ନ ଭିନ୍ନ ରଙ୍ଗ ମିଳିତ ହୋଇ ଏକ ପ୍ରତିଛବି ସୃଷ୍ଟି ହୋଇଥାଏ କିନ୍ତୁ ଯଦି ଗୋଟିଏ କାଗଜ ଉପରକୁ ବିଭିନ୍ନ ପ୍ରକାରର ରଙ୍ଗକୁ ଫୋପାଡି ଦିଆଯାଏ ତେବେ କଣ ଏହା ଏକ ପ୍ରତିଛବି ହୋଇପାରିବ ? ଇଟା ଦ୍ୱାରା ଘର ତିଆରି ହୁଏ କିନ୍ତୁ ଯଦି ଇଟାଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଫିଙ୍ଗି ଦେଲେ ଘର ତିଆରି ହୋଇଯିବ କି ? ଯଦି କିଛି କ୍ଷଣ ପାଇଁ ଏହା ମାନିନିଆଯାଏ ଯେ କିଛି ଘଟଣା ସଂଯୋଗବଶତଃ ମଧ୍ୟ ଘଟିଯାଏ କିନ୍ତୁ ଏ ବିଶ୍ୱର ବ୍ୟବସ୍ଥାକୁ ଦେଖି କେବେ ବି କୌଣସି ବ୍ୟକ୍ତି ଏହା କହିପାରିବ ନାହିଁ ଯେ ଏହା ସବୁକିଛି ଆପେ ଆପେ ହୋଇଯାଇଛି । ମାନି ନଉଛେ ଯେ ଆପେ ଆପେ ମାଦାଃ

(ଅର୍ଥାତ ମୂଳପଦାର୍ଥ)ରୁ ପୃଥିବୀ ସୃଷ୍ଟି ହୋଇଗଲା କିନ୍ତୁ ମନୁଷ୍ୟର ସୃଷ୍ଟି ଉପରେ ଧ୍ୟାନ ତ ଦିଅ ଯେ ଏପରି ସମ୍ପୂର୍ଣ୍ଣ ସୃଷ୍ଟି କେବେ ବି ଆପେ ଆପେ ହୋଇପାରିବ ? ସାଧାରଣତଃ ଏ ଦୁନିଆରେ ଏକ ବିଶେଷଗୁଣ ଦ୍ୱାରା ତାକୁ ତିଆରି କରିଥିବା କାରିଗର ବିଷୟରେ ଜଣା ପଡ଼ିଥାଏ । ଗୋଟିଏ ସୁନ୍ଦର ଚିତ୍ରକୁ ଦେଖି ସଙ୍ଗେ ସଙ୍ଗେ ଏ ଭାବନା ଆସିଥାଏ ଯେ ଏହାକୁ ଜଣେ ମହାନ୍ କଳାକାର ଆଙ୍କିଛନ୍ତି । ଗୋଟିଏ ଭଲ ଲେଖାକୁ ଦେଖି ବୁଝାଯାଇଥାଏ ଯେ ଏହା ଜଣେ ବଡ଼ ଲେଖକ ଲେଖିଛନ୍ତି । ଏହିପରି ଯେତେ ଯେତେ ସଂଯୋଗ ବଢ଼ିଚାଲିବ ସେତେ ସେତେ ତାକୁ ତିଆରି କରିଥିବା ଓ ଲେଖିଥିବା ଲୋକର ଉତମତା ଓ ମହାନତା ମନ ଭିତରେ ଆସିଥାଏ । ତେବେ ପୁଣି କାହିଁକି ବିବେଚନା କରାଯାଏ ଯେ ଏପରି ଏକ ସଂଘଠିତ ଦୁନିଆ ଆପେ ଆପେ ଏବଂ ଏମିତି ହିଁ ସୃଷ୍ଟି ହୋଇଗଲା । ଟିକିଏ ଏ କଥା ଉପରେ ଚିନ୍ତା କରି ଦେଖ ଯେ ଯେଉଁଠି ମଣିଷ ଭିତରେ ପ୍ରଗତି କରିବାର ସାମର୍ଥ୍ୟ ରହିଛି ସେଠାରେ ତା ଧାରଣାକୁ କାର୍ଯ୍ୟକାରୀ କରିବାପାଇଁ ବୁଦ୍ଧି ଓ ଜ୍ଞାନ ଦିଆଯାଇଅଛି ଏବଂ ତା' ଶରୀରକୁ ମଧ୍ୟ ସେହି ଅନୁସାରେ ତିଆରି କରାଯାଇଅଛି । ଯେହେତୁ ତାକୁ କଠିନ ପରିଶ୍ରମ କରି ରୋଜଗାର କରିବାର ଥିଲା ତେଣୁ ତାକୁ ଗୋଡ଼ ଦିଆଗଲା । ଯେ ସେ ଚାଲବୁଲ କରି ନିଜର ରୋଜଗାର କରିପାରିବ । ଯଦି ଗଛର ଜୀବିକା ଭୂଇଁ ତଳେ ରଖାଯାଇଛି ତେବେ ତାକୁ ଚେର ମିଳିଛି ଯଦ୍ୱାରା ସେ ତା ସାହାଯ୍ୟରେ ନିଜର ପେଟ ଭରିପାରିବା । ଯଦି ସିଂହର ଖୋରାକ ମାଂସ ଭିତରେ ରଖିଛି ତା ହେଲେ ତାକୁ ଶିକାର ଧରିବା ପାଇଁ ନଖ ଦେଇଛି । ସେହିପରି ଯଦି ଘୋଡ଼ା ଏବଂ ବଳଦ ପାଇଁ ଘାସ ଖାଇବାକୁ ଦେଉଛି ତା ହେଲେ ସେମାନଙ୍କୁ ଏପରି ବେକ ଦେଇଛି ଯାହା ଦ୍ୱାରା ସେମାନେ ନଇଁ କରି ଘାସ ଖାଇପାରିବେ । ଯଦି ଓଟ ପାଇଁ ଗଛର ପତ୍ର ଓ କଂଟାର ଜୀବିକା ଦେଇଛି ତେବେ ତା'ର ବେକୁ ମଧ୍ୟ ଲମ୍ବା ଓ ଉଚ୍ଚା କରିଛି । କଣ ଏସବୁ କାରଖାନା ସଂଯୋଗବସତଃ ଆକସ୍ମିକ ଭାବରେ ହୋଇଗଲା ? କଣ ଏହା ସଂଯୋଗବଶତଃ ହୋଇଗଲା ? କଣ ସଂଯୋଗବସତଃ ସେ ଜାଣିଗଲା ଯେ ଓଟକୁ ଲମ୍ବା ବେକ ଦେବି, ସିଂହକୁ ପଞ୍ଝା, ଗଛକୁ ଚେର ଏବଂ ମଣିଷକୁ ଗୋଡ଼ ଦେବି । କଣ ଏକଥା ବୁଝା ଯାଇପାରେ ଯେ ଯେଉଁ ସବୁ କାମ ଆପେ ଆପେ ହୋଇଯାଇଛି ତାହା ମଧ୍ୟରେ ଏତେ ସବୁ ସୁବ୍ୟବସ୍ଥା ଖଞ୍ଜି ଦିଆଯାଇଥିବ ? ସେହିପରି ମଣିଷ ପାଇଁ ଯଦି ଫୁସ୍‌ଫୁସ୍ ତିଆରି କରିଛି ତା ହେଲେ ତା ନିମନ୍ତେ ପବନ ମଧ୍ୟ ସୃଷ୍ଟି କରିଛି । ଯଦି ପାଣି ତା ଜୀବନର ଆଧାର ତେବେ ସୂର୍ଯ୍ୟ ଜରିଆରେ ବାଦଲକୁ ମାଧ୍ୟମ କରି ତା'ପାଇଁ ପାଣି ପହଂଚାଇଛି । ଯଦି ସେ ଆଖି ଦେଇଛି ତେବେ ତାହାକୁ କାର୍ଯ୍ୟ ଉପଯୋଗୀ କରିବା ପାଇଁ ସୂର୍ଯ୍ୟାଲୋକର ବ୍ୟବସ୍ଥା କରିଛି ଯଦ୍ୱାରା ସେ ଆଲୋକ ସାହାଯ୍ୟରେ ଦେଖିପାରିବ । ଯେଉଁଠି କାନ ଦେଇଛି ସେଠି ଶୁଣିବା ପାଇଁ ସୁନ୍ଦର ମଧୁର ସ୍ୱର/ଧ୍ୱନି ମଧ୍ୟ ସୃଷ୍ଟି କରିଛି ଝିଭ ପାଇଁ ମଜାଦାର/ସୁସ୍ୱାଦୁ ଜିନିଷ ମଧ୍ୟ ପ୍ରଦାନ କରିଛି । ନାକ ତିଆରି କରିଛି ତ ସୁଗନ୍ଧ ମଧ୍ୟ ଦେଇଛି । ଏହା ସମ୍ଭବ ଥିଲା ଯେ ସଂଯୋଗ ବସତଃ ସେ ମଣିଷ ଭିତରେ ଫୁସ୍‌ଫୁସ୍ ତିଆରି କରିଦେଉ କିନ୍ତୁ ତା ପାଇଁ ପବନର ବ୍ୟବସ୍ଥା କାହିଁକି ସୃଷ୍ଟି କଲା ? ସମ୍ଭବତଃ ମଣିଷର ଆଖି ହୋଇଯାଉ କିନ୍ତୁ ଏହା ବଡ଼ ଅଦ୍ଭୁତ ସଂଯୋଗ ଥିଲା ଯେ ଯିଏ କୋଟି କୋଟି ମାଇଲ୍ ଦୂରତାରେ ଯାଇ ଏକ ସୂର୍ଯ୍ୟ ମଧ୍ୟ ତିଆରି କରିଦେଲା ଯଦ୍ୱାରା ସେ ନିଜର କାର୍ଯ୍ୟ କରିପାରିବ । ଯଦି ଗୋଟିଏ ପଟେ ସଂଯୋଗବସତଃ କାନ ସୃଷ୍ଟି ହୋଇଯାଇଥିଲା ତେବେ ଏହା କେଉଁ ଶକ୍ତି ଥିଲା ଯିଏ ଅନ୍ୟପଟେ ସ୍ୱର/ଧ୍ୱନି ମଧ୍ୟ ସୃଷ୍ଟି କରିଦେଇଛି । ଯଦି ଆମେ ମାନିନେବା ଯେ ବରଫଗୁଡ଼ିକରେ କୁକୁର ଏବଂ ଭାଲୁଗୁଡ଼ିକ ସଂଯୋଗ ବସତଃ ସୃଷ୍ଟି ହୋଇଗଲା କିନ୍ତୁ କଣ କାରଣ ଥିଲା ଯେ ସେହି କୁକୁର ଓ ଭାଲୁମାନଙ୍କର ବାଳ/ରୂମ ଏତେ ଲମ୍ବା ହୋଇଗଲା ଯେ ସେମାନେ ଥଣ୍ଡାରୁ ସୁରକ୍ଷିତ ରହିବେ ? ସଂଯୋଗବଶତଃ ହଜାର ହଜାର ରୋଗ ସୃଷ୍ଟି ହୋଇଗଲା କିନ୍ତୁ କଣ ସଂଯୋଗ ହିଁ ସେ ସବୁର ଚିକିତ୍ସା ତିଆରି କରିଦେଲା ? ଯଦି ସଂଯୋଗବଶତଃ ବିଛୁଆତି ସୃଷ୍ଟି ହୋଇଯାଇଛି, ଯାହା ଲାଗିଗଲେ କୁଣ୍ଡେଇ ହୁଏ କିନ୍ତୁ ତା'ର ଚିକିତ୍ସା ପାଇଁ ପାଳଙ୍ଗ ଶାଗକୁ କଣ ତିଆରି କରିଦେଲା । ନାସ୍ତିକମାନଙ୍କ ଅକସ୍ମାତ/ସଂଯୋଗ ମଧ୍ୟ ଅଦ୍ଭୁତ ।

ଯେଉଁ ଜିନିଷ ପାଇଁ ମୃତ୍ୟୁ ଅନିବାର୍ଯ୍ୟ ତା ସହିତ ଜନ୍ମ ହେବାର ଶୃଙ୍ଖଳା ମଧ୍ୟ ପ୍ରତିଷ୍ଠା କରିଦେଲା ଏବଂ ଯେଉଁ ଜିନିଷ ସହିତ ମୃତ୍ୟୁ ନଥିଲା ସେଠାରେ ଏହି ଶୃଙ୍ଖଳାକୁ ହିଁ ରଖିଲା ନାହିଁ । ମଣିଷ ଯଦି ଜନ୍ମ ହୋଇ ଆଉ ମରନ୍ତା ନାହିଁ ତେବେ କିଛି ବର୍ଷ ମଧ୍ୟରେ ଏ ଦୁନିଆ ଶେଷ ହୋଇଯାଆନ୍ତା । ସେଥିଯୋଗୁଁ ତା ସହିତ "ଫନା" ଅର୍ଥାତ "ବିନାଶ" ଲଗାଇଦେଲା କିନ୍ତୁ ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀ ନା'ତ ନୂଆ ଜନ୍ମ ହେଉଛନ୍ତି ନା ତା ଆଗକୁ ବିନାଶ ହେଉଛନ୍ତି । କଣ ଏହିସବୁ ବ୍ୟବସ୍ଥା କିଛି କମ ଚମତ୍କାର କି ପୃଥିବୀ ଓ ସୂର୍ଯ୍ୟ ମଧ୍ୟରେ ଯେହେତୁ ମାଧ୍ୟାକର୍ଷଣ ଶକ୍ତି ରଖିଛି ସେଥିଯୋଗୁଁ ଉଭୟଙ୍କୁ ଜଣେ ଅନ୍ୟଜଣଙ୍କଠାରୁ ଏତେ ଦୂରରେ ରଖାଯାଇଛି ଯେ ସେମାନେ ଆପୋଷରେ ଧକ୍କା ହୋଇ ନ ଯାଆନ୍ତୁ । କଣ ଏହି ସବୁ ବିଷୟ ଏକଥାର ପ୍ରମାଣ ନୁହେଁ କି ଏହି ସମସ୍ତ ବସ୍ତୁର ସୃଷ୍ଟିକର୍ତା ହେଉଛନ୍ତି ସେ ଯିଏ ନା ତ କେବଳ ସର୍ବଜ୍ଞ ବରଂ ଅସୀମିତ ଜ୍ଞାନର ଅଧିକାରୀ । ତାହାଙ୍କ କାନୁନ୍ ଏତେ ବ୍ୟବସ୍ଥିତ ଯେ ସେଥିରେ କୌଣସି ଅନ୍ତର ନାହିଁ କି କୌଣସି ତୃଟି ନାହିଁ । ମତେ ତ ମୋ ଆଙ୍ଗୁଳିଗୁଡ଼ିକ ମଧ୍ୟ ତାହାଙ୍କ ଅସ୍ତିତ୍ୱର ଏକ ପ୍ରମାଣ ବୋଲି ଜଣାପଡୁଛି । ମତେ ଯେଉଁଠି ଜ୍ଞାନ ମିଳିଛି ସେଠି ଯଦି ମତେ ସିଂହର ପଞ୍ଝା ମିଳିଥାନ୍ତା ତେବେ କଣ ମୁଁ ତା ସାହାଯ୍ୟରେ ଲେଖି ପାରିଥାନ୍ତି । ସେହିପରି ସିଂହକୁ ଜ୍ଞାନ ମିଳିଲାନାହିଁ ତାକୁ ପଞ୍ଝା ମିଳିଲା । ମତେ ଜ୍ଞାନ ମିଳିଲା ଏବଂ ଲେଖିବାପାଇଁ ଆଙ୍ଗୁଳି ମିଳିଲା ।

ରାଷ୍ଟ୍ରଗୁଡ଼ିକରେ ହଜାର ହଜାର ବୁଦ୍ଧିଜୀବି ସେମାନଙ୍କର ଦେଶକୁ ସୁବ୍ୟବସ୍ଥିତ କରିବା ପାଇଁ ଦିନରାତି ଲାଗି ରହିଛନ୍ତି କିନ୍ତୁ ପୁଣି ମଧ୍ୟ ଦେଖିବାକୁ ମିଳିଥାଏ ଯେ ସେମାନଙ୍କ ଦ୍ୱାରା ଏତେ ମାତ୍ରାରେ ଭୂଲ ହୋଇଯାଇଥାଏ ଯେ ଏତଦ୍‌ଦ୍ୱାରା ରାଷ୍ଟ୍ରକୁ/ସାମ୍ରାଜ୍ୟକୁ ଭୟଙ୍କର କ୍ଷତି ପହଂଚିଥାଏ ବରଂ ବେଳେ ବେଳେ ତାହା ଧ୍ୱଂସ ହୋଇଯାଏ କିନ୍ତୁ ଯଦି ଏ ଦୁନିଆର କାରବାର କେବଳ ସଂଯୋଗବଶତଃ/ଆକସ୍ମାତ ଉପରେ ଚାଲିଛି ବୋଲି କୁହାଯିବ ତେବେ ବଡ଼ ଆଶ୍ଚର୍ଯ୍ୟ ଲାଗୁଛି ଯେ ହଜାର ହଜାର ବୁଦ୍ଧିମାନ ଲୋକେ ଯେଉଁଠି ଭୁଲ କରି ବସୁଛନ୍ତି ସେଠି ଏ ସଂଯୋଗ/ଅକସ୍ମାତ କିଛି ଭୁଲ କରୁନାହିଁ ! କିନ୍ତୁ ପ୍ରକୃତ କଥା ହେଉଛି ଏହା କି ଏ ବ୍ରହ୍ମାଣ୍ଡର ଜଣେ ସୃଷ୍ଟିକର୍ତା ଅଛି ଯିଏ ହେଉଛନ୍ତି ବଡ଼ ବ୍ୟାପକ ସଂସାରର ମାଲିକ ଓ ସର୍ବେସର୍ବା ଏବଂ ଯଦି ସେ ନଥାନ୍ତା ତା'ହେଲେ ଏ ବ୍ୟବସ୍ଥା ଦୃଶ୍ୟମାନ ହୋଇନଥାନ୍ତା । ଏବେ ଯେଉଁଆଡ଼କୁ ମଧ୍ୟ ଦୃଷ୍ଟି ଫେରାଇ ଦେଖ ତୁମର ଦୃଷ୍ଟି ପବିତ୍ର କୁର୍‌ଆନ୍‌ର ବାଣୀ ମୁତାବକ ଥକିହାରି ଫେରିବ । ପ୍ରତ୍ୟେକ ବସ୍ତୁ ମଧ୍ୟରେ ଏକ ସୁବ୍ୟବସ୍ଥା ଥିବାର ଜଣାଯିବ । ପୂଣ୍ୟବନ୍ତମାନେ ପୁରସ୍କାର ଓ ଦୁଷ୍ଟମାନେ ଦଣ୍ଡ ପାଉଛନ୍ତି । ପ୍ରତ୍ୟେକ ବସ୍ତୁ ନିଜ ନିଜର କାର୍ଯ୍ୟ କରୁଛନ୍ତି, ଏକ କ୍ଷଣ ପାଇଁ ମଧ୍ୟ ଧିମା ହେଉନାହାନ୍ତି । ଏହା ବହୁତ ବ୍ୟାପକ ବିଷୟ କିନ୍ତୁ ମୁଁ ଏଠାରୁ ଏ ବିଷୟକୁ ଶେଷ କରୁଛି । ବୁଦ୍ଧିମାନ ବ୍ୟକ୍ତି ପାଇଁ ଇଶାରା ଯଥେଷ୍ଟ ।

**ଷଷ୍ଠ ପ୍ରମାଣ**

ପବିତ୍ର କୁର୍‌ଆନ୍‌ରୁ ଜଣାପଡୁଛି ଯେ ଅଲ୍ଲାଃ ତାଲାଙ୍କୁ ଅର୍ଥାତ ଈଶ୍ୱରଙ୍କୁ ମାନୁନଥିବା ଲୋକେ ସର୍ବଦା ଆପମାନିତ ଓ ତରିସ୍କୃତ ହୋଇଥାନ୍ତି । ସେମାନେ ଭୂଲ ରାସ୍ତାରେ ଅଛନ୍ତି ବୋଲି ଏହା ମଧ୍ୟ ଏକ ପ୍ରମାଣ କାରଣ ଅଲ୍ଲାଃଙ୍କୁ ମାନୁଥିବା ଲୋକମାନଙ୍କ ନିମନ୍ତେ ଅଲ୍ଲାଃ ତାଲା ସର୍ବଦା ବିଜୟ ପ୍ରଦାନ କରିଥାଏ ଏବଂ ଏହି ଲୋକମାନେ ତାଙ୍କ ବିରୋଧିମାନଙ୍କ ଉପରେ ବିଜୟ ପ୍ରାପ୍ତ କରିଥାନ୍ତି । ଯଦି କୌଣସି ଈଶ୍ୱର ନାହାନ୍ତି ତା'ହେଲେ ଏହି ସାହାଯ୍ୟ ଓ ସମର୍ଥନ କେଉଁଠୁ ଆସୁଛି ? ଅତଏବ ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କହିଛନ୍ତି:

فَقَالَ أَنَا رَبُّكُمُ الْأَعْلَىٰ ○ فَأَخَذَهُ اللَّهُ نَكَالَ الْآخِرَةِ وَالْأُولَىٰ ○ (النّٰزعٰت:25؛26)

ଅର୍ଥାତ:- ଯେବେ ହଜ୍‌ରତ୍ ମୁସା ଆ:ସ ତାକୁ ଅଲ୍ଲାଃଙ୍କ ଆଜ୍ଞାକାରୀ ହେବାକୁ କହିଲେ, ସେ ଅହଙ୍କାର ପୂର୍ଣ୍ଣ ଉତର ଦେଲା ଯେ କେମିତିକା ଈଶ୍ୱର ? ମୁଁ ହେଉଛି ଈଶ୍ୱର । ତେଣୁ ଅଲ୍ଲାଃ ତାଲା ତାକୁ ଏ ଦୁନିଆରେ ଓ ପରବର୍ତୀ ଦୁନିଆରେ ମଧ୍ୟ ଅପମାନିତ କଲେ । ଅତଏବ ଫିରୋନ୍‌ର କାହାଣୀ ଏକ ବଳିଷ୍ଠ ପ୍ରମାଣ ଯେ କିପରି ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣୁନଥିବା ଲୋକମାନେ ଅପମାନିତ ଓ ତିରସ୍କୃତ ହୋଇଥାନ୍ତି । ଅତତ୍‌ବ୍ୟତିତ ଦୁନିଆରେ କୌଣସି ସାମ୍ରାଜ୍ୟ କେବେ ବି ନାସ୍ତିକମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇନାହିଁ । ବରଂ ଏ ଦୁନିଆକୁ ଜୟ କରିଥିବା ଲୋକେ, ରାଷ୍ଟ୍ରନାୟକଗଣ ଏବଂ ଇତିହାସ ରଚିଥିବା ଲୋକମାନେ ହେଉଛନ୍ତି ସେହି ଲୋକେ ଯେଉଁମାନେ ଈଶ୍ୱରଙ୍କୁ ମାନିଥାନ୍ତି ।

**ସପ୍ତମ ପ୍ରମାଣ**

ଈଶ୍ୱରଙ୍କ ଅସ୍ତିତ୍ୱର ଗୋଟିଏ ପ୍ରମାଣ ହେଉଛି ଏହା କି ତାହାଙ୍କୁ ମାନୁଥିବା ଲୋକେ, ତାହାଙ୍କ ଉପରେ ବିଶ୍ୱାସ ରଖୁଥିବା ଲୋକେ ଏବଂ ତାହାଙ୍କ ଉପରେ ବାସ୍ତବିକ ବିଶ୍ୱାସ ରଖୁଥିବା ଲୋକେ ସର୍ବଦା ସଫଳ ହୋଇଥାନ୍ତି । ଲୋକମାନଙ୍କ ବିରୋଧ ସତ୍ୱେ ସେମାନଙ୍କ ପାଇଁ କୌଣସି ଅସୁବିଧା ହୁଏନାହିଁ । ଈଶ୍ୱରଙ୍କ ଅସ୍ତିତ୍ୱକୁ ପ୍ରମାଣିତ କରାଉଥିବା ବ୍ୟକ୍ତି ବିଶେଷ ପ୍ରତ୍ୟେକ ଦେଶରେ ଜନ୍ମ ହୋଇଛନ୍ତି । ସେମାନଙ୍କୁ ଯେତେ ବିରୋଧ କରାଯାଇଛି ଏତେ ଆଉ କାହା ଉପରେ କରାଯାଇନାହିଁ । ତେବେ ମଧ୍ୟ ଲୋକମାନେ ତାଙ୍କ ବିରୁଦ୍ଧରେ କଣ କରିପାରିଲେ ? ରାମଚନ୍ଦ୍ରଙ୍କୁ ବନବାସ ପଠାଇଥିବା ଲୋକେ କି ସୁଖ ପାଇଲେ ? ଏବଂ ରାବଣ କଣ ସମ୍ମାନ ପାଇଲା ? କଣ ରାମଚନ୍ଦ୍ରଙ୍କ ନାମ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଅମର ହେଲାନାହିଁ ଏବଂ ରବାଣର

ନାମ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ବଦ୍‌ନାମ ହେଲାନାହିଁ? ସେହିପରି କୃଷ୍ଣଙ୍କ କଥାକୁ ଖଣ୍ଡନ କରି କୌରବମାନେ କଣ ଲାଭ କଣ ସେମାନେ ସମସ୍ତେ କଣ କୁରୁକ୍ଷେତ୍ରରେ ଧ୍ୱଂସ ହେଲେ ନାହିଁ? ଫିରୋନ୍ ସମ୍ରାଟ ଯିଏ ବନି ଇସ୍ରାଇଲ୍‌ର ଲୋକମାନଙ୍କୁ ବେଠି ଖଟାଉଥିଲା, ସେ ମୁସା ଆ:ସଙ୍କ ପରି ଅସହାୟ ଲୋକର ବିରୋଧ କଲା କିନ୍ତୁ କଣ ସେ ମୁସା ଆ:ସଙ୍କର କିଛି ବିଗାଡ଼ି ପାରିଲା କି? ଫିରୋନ୍ ପାଣିରେ ବୁଡ଼ିଲା ଏବଂ ମୁସା ଆ:ସ ରାଜା ହେଲେ। ହଜ୍‌ରତ୍ ମସିହ୍ ଆ:ସଙ୍କୁ ଲୋକମାନେ ଯେଉଁ ଭଳି ବିରୋଧ କଲେ ତାହା ମଧ୍ୟ ସ୍ପଷ୍ଟ ସେହିଭଳି ତାଙ୍କର ଯାହା ଉନ୍ନତି ହୋଇଛି ତାହା ଅଛପା ନୁହଁ। ତାଙ୍କ ଶତୃମାନେ ତ ଧ୍ୱଂସ ହେଲେ ଯେବେ କି ତାଙ୍କ ଦାସମାନେ ଦେଶର ସମ୍ରାଟ ହୋଇଗଲେ। ଆମ ପ୍ରୀୟ ମୁନୀବ ସ:ଆ:ସ ମଧ୍ୟ ଏ ଦୁନିଆରେ ସମସ୍ତଙ୍କଠାରୁ ଅଧିକା ସେହି ପବିତ୍ର ଅସ୍ତିତ୍ୱ (ଅର୍ଥାତ ଈଶ୍ୱର)ଙ୍କ ନାମକୁ ପ୍ରଚାର ପ୍ରସାର କରିବାବାଲା ଥିଲେ। ଏପରି କି ଜଣେ ୟୁରୋପୀୟ ଲେଖକ କହୁଛନ୍ତି ଯେ ସେ (ଅର୍ଥାତ ମୁହମ୍ମଦ ସ:ଆ:ସ) ଈଶ୍ୱରଙ୍କୁ ପାଇବା ପାଇଁ ପାଗଳ ପ୍ରାୟ ହୋଇଯାଇଥିଲେ। (ନଉଜୁବିଲ୍ଲାଃ)। ପ୍ରତିକ୍ଷଣ ଖୁଦା ଖୁଦା କହୁଥିଲେ। ତାଙ୍କୁ ସାତଟି ସମ୍ପ୍ରଦାୟ ବିରୋଧ କଲେ, ନିଜ ପର ସମସ୍ତେ ବିରୋଧି ହୋଇଗଲେ। କିନ୍ତୁ ଏହା ସତ୍ୱେ ମଧ୍ୟ କଣ ଆପଣ ସ:ଆ:ସଙ୍କ ହାତରେ ଦୁନିଆର ଭଣ୍ଡାରକୁ ସମସ୍ତଙ୍କ ପାଇଁ ଖୋଲିଦିଆଗଲା ନାହିଁ କି? ଯଦି ଈଶ୍ୱର ନାହିଁ ତେବେ ଏପରି ସମର୍ଥନ କିଏ କଲା? ଯଦି ଏହା ସବୁ କିଛି ସଂଯୋଗବସତାଃ / ଅକସ୍ମାତ ଥିଲା ତେବେ କେହି ଜଣେ ତ ଏପରି ଲୋକଥାନ୍ତେ ଯିଏ ଈଶ୍ୱରଙ୍କ ଈଶ୍ୱରତ୍ୱକୁ ପ୍ରମାଣ କରିବାପାଇଁ ଆସିଥିଲେ ସୁଧା ଏ ଦୁନିଆ ତାକୁ ଅପମାନିତ କରିଥାନ୍ତା! କିନ୍ତୁ ଯେ କେହି ଈଶ୍ୱରଙ୍କ ନାମକୁ ଉଚ୍ଚା କରିବାପାଇଁ ପ୍ରକଟ ହୋଇଛି ସେ ସମ୍ମାନିତ ଓ ପ୍ରତିଷ୍ଠିତ ହୋଇଛି। ଅତଏବ ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କହିଛନ୍ତି:

مَنْ يَّتَوَلَّ اللّٰهَ وَرَسُوْلَهٗ وَالَّذِيْنَ
اٰمَنُوْا فَاِنَّ حِزْبَ اللّٰهِ هُمُ الْغٰلِبُوْنَ
(المائدہ:57)

ଅର୍ଥାତ: ଯେଉଁମାନେ ଅଲ୍ଲାଃ ଓ ତାହାଙ୍କର ରସୁଲ୍ ତଥା ବିଶ୍ୱାସକାରୀମାନଙ୍କୁ ନିଜର ସାହାଯ୍ୟକାରୀ ରୂପେ ଗ୍ରହଣ କରନ୍ତି ସେମାନେ (ନିଶ୍ଚିତ ରହନ୍ତୁ ଯେ) ଅଲ୍ଲାଃଙ୍କର ଦଳ ହିଁ ବିଜୟୀ ହେବ। (ଅଲ୍‌ମାଇଦାଃ:୫୭)

### ଅଷ୍ଟମ ପ୍ରମାଣ

ଅଷ୍ଟମ ପ୍ରମାଣ ଯାହା ପବିତ୍ର କୁର୍‌ଆନ୍‌ରୁ ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱର ପ୍ରମାଣ ସ୍ୱରୁପ ମିଳୁଛି ତାହା ହେଉଛି ଏହା କି ସେ ପ୍ରାର୍ଥନାକୁ ଗ୍ରହଣ କରୁଛନ୍ତି। ଯେବେ କୌଣସି ବ୍ୟକ୍ତି ବ୍ୟତିବ୍ୟସ୍ତ ହୋଇ ତା ନିକଟରେ ଦୁଆ (ପ୍ରାର୍ଥନା) କରୁଛି, ସେ ତାକୁ ଗ୍ରହଣ କରୁଛନ୍ତି ଅର୍ଥାତ ଶୁଣି ପୂରଣ କରୁଛନ୍ତି। ଏକଥା କୌଣସି ବିଶେଷ ଯୁଗ ପାଇଁ ନୁହେଁ ବରଂ ସବୁ ଯୁଗରେ ଏହା ଦେଖାଯାଇଛି। ଅତଏବ ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କହିଛନ୍ତି:

اِذَا سَاَلَكَ عِبَادِيْ عَنِّيْ فَاِنِّيْ
قَرِيْبٌ ؕ اُجِيْبُ دَعْوَةَ الدَّاعِ اِذَا دَعَانِ ۙ
فَلْيَسْتَجِيْبُوْا لِيْ وَلْيُؤْمِنُوْا بِيْ لَعَلَّهُمْ
يَرْشُدُوْنَ ○ (البقرہ:187)

ଅର୍ଥାତ:- (ହେ ରସୁଲ୍!) ଯେବେ ଆମ ଭକ୍ତମାନେ ତୁମକୁ ଆମ୍ଭ ସଂକ୍ରାନ୍ତରେ ପ୍ରଶ୍ନ କରିବେ ତେବେ (କୁହ) ଆମ୍ଭେ ସେମାନଙ୍କ ନିକଟରେ ଅଛୁ; ପ୍ରାର୍ଥନାକାରୀ ଯେବେ ବି ଆମ୍ଭକୁ ପ୍ରାର୍ଥନା କରେ ଆମ୍ଭେ ତାହାର ପ୍ରାର୍ଥନାକୁ ଗ୍ରହଣ କରିଥାଉ; ସୁତରାଂ ଆମ୍ଭର ଆଦେଶ ଗ୍ରହଣ କରିବା ଓ ଆମ୍ଭ ଉପରେ ବିଶ୍ୱାସ ସ୍ଥାପନ କରିବା ସେମାନଙ୍କ ପକ୍ଷେ ବିଧେୟ, ଫଳରେ ସେମାନେ ସତ୍‌ପଥଗାମୀ ହେବେ। (ଅଲ୍‌ବକ୍‌ରାଃ:୧୮୭)

ଏବେ ଯଦି କୌଣସି ବ୍ୟକ୍ତି ଏହା କହେ କି ଆମେ କେମିତି ଜାଣିବା ଯେ ଈଶ୍ୱର ଦୁଆ (ପ୍ରାର୍ଥନା) ଶୁଣୁଛନ୍ତି? କାହିଁକି ଏହା କହିବାନାହିଁ ଯେ ସଂଯୋଗବସତଃ/ଆକସ୍ମିକ କିଛି ପ୍ରାର୍ଥନାକାରୀଙ୍କ କାମ ହୋଇଯାଇଥାଏ। ଯେମିତି କେତେକଙ୍କର ହୁଏନାହିଁ ମଧ୍ୟ। ଯଦି ସବୁ ଦୁଆ (ପ୍ରାର୍ଥନା) ଗ୍ରହଣୀୟ ହେଉଥାନ୍ତା ତା'ହେଲେ କିଛି କଥା ନଥିଲା କିନ୍ତୁ କେବଳ କିଛି ଲୋକଙ୍କର ଦୁଆ ଗ୍ରହଣୀୟ ହେଉଥିବାରୁ ଏକଥା କାହିଁକି ବୁଝାଯିବ ନାହିଁ ଯେ ଏହା ଆକସ୍ମିକ ନଥିଲା ବରଂ କୌଣସି ଏକ ଶକ୍ତି ଗ୍ରହଣ କରିଛନ୍ତି ବୋଲି? ଏହାର ଉତର ହେଉଛି ଏହା କି ଦୁଆ ଗ୍ରହଣୀୟ ହେବାରେ ଏକ ନିଦର୍ଶନ ଥାଏ। ଅତଏବ ଆମ ଆକା ହଜ୍‌ରତ୍ ମିର୍ଜା ଗୁଲାମ୍ ଅହ୍‌ମଦ୍ ସାହେବ୍ କାଦିୟାନୀ ମସିହ୍ ମଉଦ୍ ଏବ ମେହେଦୀ ମାହୁଦ୍ ଆ:ସ ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣରେ ଏହା ଉପସ୍ଥାପନ କରିଥିଲେ ଯେ କିଛି ରୋଗୀମାନଙ୍କୁ ଚୟନ କରାଯାଉ, ଯେଉଁମାନେ ଭୟଙ୍କର ରୋଗରେ ପିଡ଼ୀତ ଥିବେ। ପୁଣି ସେମାନଙ୍କୁ ବାଂଟି ଦିଆଯାଉ। ଗୋଟିଏ ଦଳର ଚିକିତ୍ସା ଡ଼ାକ୍ତର କରନ୍ତୁ ଆଉ ମତେ ମିଳିଥିବା ରୋଗିମାନଙ୍କ ପାଇଁ ମୁଁ ଦୁଆ କରିବି। ପୁଣି ଦେଖନ୍ତୁ କାହାର ରୋଗୀମାନେ ଭଲ ହେଉଛନ୍ତି। ଏବେ ଏହି ପ୍ରକାରର ପରୀକ୍ଷାରେ କଣ ସନ୍ଦେହ ହୋଇପାରେ। ଜଣଙ୍କୁ କୁକୁର କାମୁଡ଼ିବା ଯୋଗୁଁ ସେ ପାଗଳ ହୋଇଗଲା ତାକୁ ଚିକିତ୍ସା କରିବାପାଇଁ କସୋଲି (ପଞ୍ଜାବର ଏକ ସ୍ଥାନ)ର ଡ଼ାକ୍ତରକମାନେ ବିଲ୍‌କୁଲ୍ ମନା କରିଦେଇଥିଲେ ଏବଂ ଏକଥା ଲେଖିଥିଲେ ଯେ ଏ ରୋଗର କୌଣସି ଚିକିତ୍ସା ନାହିଁ। ସେହି ଲୋକ ପାଇଁ ଆପଣ ଆ:ସ ଦୁଆ (ପ୍ରାର୍ଥାନ) କଲେ ଓ ସେ ଠିକ୍ ହୋଇଗଲା। ଯେବେ କି ପାଗଳ କୁକୁର କାମୁଡ଼ିଥିବା ଲୋକଟିକୁ ଜଳାତଙ୍କ ରୋଗ ହେବା ପରେ କେବେ ବି ଠିକ୍ ହୁଏନାହିଁ। ଅତଏବ ଦୁଆ ଗ୍ରହଣୀୟ ହେବା ଏକଥାର ପ୍ରମାଣ ଯେ ଜଣେ କେହି ଏପରି ଅସ୍ତିତ୍ୱ / ଶକ୍ତି ମହ୍‌ଜୁଦ୍ ଅଛି ଯିଏ ତାହା ଗ୍ରହଣ କରୁଛନ୍ତି। ଦୁଆ ଗ୍ରହଣୀୟ ହେବାର ସମ୍ପର୍କ କୌଣସି ବିଶେଷ ଯୁଗ ସହିତ ନାହିଁ ବରଂ ପ୍ରତ୍ୟେକ ଯୁଗରେ ତାହାର ନମୁନା ମିଳିପାରେ। ଯେଉଁଭଳି ପୂର୍ବ ଯୁଗରେ ଦୁଆ କୁବୁଲ୍ (ଗ୍ରହଣୀୟ) ହେଉଥିଲା ସେହିଭଳି ଏବେ ମଧ୍ୟ ହେଉଅଛି।

### ନବମ ପ୍ରମାଣ

ପବିତ୍ର କୁର୍‌ଆନ୍‌ରୁ ଯେଉଁ ନବମ ପ୍ରମାଣ ଅଲ୍ଲାଃଙ୍କ ଅସ୍ତିତ୍ୱ ବିଷୟରେ ବର୍ଣ୍ଣିତ ଅଛି ତାହା ହେଉଛି ଏଲ୍‌ହାମ୍ ଅର୍ଥାତ ଐଶିବାଣୀ। ଏହି ପ୍ରମାଣକୁ ଯଦିଚ ମୁଁ ନବମ ସ୍ଥାନରେ ରଖିଛି କିନ୍ତୁ ବାସ୍ତବିକ ଏହା ଏକ ମହାନ ପ୍ରମାଣ ଯାହା ଈଶ୍ୱରଙ୍କ ଅସ୍ତିତ୍ୱକୁ ନିଶ୍ଚିତ ଭାବରେ ପ୍ରମାଣ କରିଥାଏ:- ଅଲ୍ଲାଃ ତାଲା କହୁଛନ୍ତି:

يُثَبِّتُ اللّٰهُ الَّذِيْنَ اٰمَنُوْا بِالْقَوْلِ الثَّابِتِ فِي
الْحَيٰوةِ الدُّنْيَا وَفِي الْاٰخِرَةِ (ابراہیم:28)

ଅର୍ଥାତ:- ଅଲ୍ଲାଃ ତାଲା ନିଜ ବିଶ୍ୱାସକାରୀ ଭକ୍ତମାନଙ୍କୁ ଇହକାଳରେ ତଥା ପରକାଳରେ ସୁପ୍ରତିଷ୍ଠିତ ବାଣୀ ମାଧମରେ ଦୃଢ଼ତା ପ୍ରଦାନ କରିଥାନ୍ତି। ତେଣୁ ପ୍ରତ୍ୟେକ ଯୁଗରେ ଅଲ୍ଲାଃ ତାଲା ବହୁ ସଂଖ୍ୟକ ଲୋକଙ୍କ ସହିତ ବାର୍ତାଳାପ କରିଥାନ୍ତି। ତେବେ ପୁଣି ଏହାକୁ ଅସ୍ୱୀକାର କରିବା କିପରି ଠିକ୍ ହୋଇପାରେ। ସେ ନା କେବଳ ନବୀ ଓ ରସୁଲ୍ (ଅବତାର)ମାନଙ୍କ ସହିତ ବାର୍ତାଳାପ କରିଥାଏ ବରଂ ସାଧୁସନ୍ଥମାନଙ୍କ ସହିତ ବାର୍ତାଳାପ କରିଥାଏ। ନିଜର କୌଣସି ଗରୀବ ଭକ୍ତ ଉପରେ ଦୟା କରି ତାକୁ ସାନ୍ତ୍ୱନା ଦେବାପାଇଁ ତା ସହିତ କଥାବାର୍ତା କରିଥାଏ। ଏପରି କି ସେ ଏହି ଅସହାୟ ବିନିତ ସହିତ ମଧ୍ୟ ବାର୍ତାଳାପ କରିଛି ଏବଂ ନିଜର ଅସ୍ତିତ୍ୱକୁ ଯୁକ୍ତିଯୁକ୍ତ ପ୍ରମାଣ ଦେଇ ସାବ୍ୟସ୍ତ କରିଛି। କେବଳ ଏତିକି ନୁହେଁ ବରଂ ସେ ବେଳେବେଳେ ଅତି ଖରାପ ଓ ମନ୍ଦ ବ୍ୟକ୍ତିମାନଙ୍କୁ ମଧ୍ୟ ସେମାନଙ୍କ ଉପରେ ଯୁକ୍ତିକୁ ପୂରଣ କରିବାପାଇଁ କହି ଦେଇଥାଏ। ତେଣୁ ବେଳେବେଳେ ଚୁଡ଼ା ଚମାର ଓ ନାଚବାଲିମାନଙ୍କୁ ସ୍ୱପ୍ନ ଓ ଐଶିବାଣୀ ହୋଇଥାଏ। ଏହା ଏ କଥାର ପ୍ରମାଣ ଯେ ତାହା କୌଣସି ଜଣେ ମହାନ୍ ଶକ୍ତି/ସତା ତରଫରୁ ଆସିଛି। ବେଳେବେଳେ ସେଥିରେ ଭବିଷ୍ୟବାଣୀ ହୋଇଥାଏ। ଯାହା ସଠିକ୍ ସମୟରେ ପୂରଣ ହୋଇ ବତାଇ ଦିଏ ଯେ ଏହା ମାନବ ମସ୍ତିଷ୍କର କାମ ନଥିଲା ଓ ନା କୌଣସି ବଦ ହଜମିର ଫଳାଫଳ ଥିଲା। ବେଳେବେଳେ ଶହ ଶହ ବର୍ଷ ପୂର୍ବରୁ ଏହି ଖବର ଜଣାଇ ଦିଆଯାଇଥାଏ ଯଦ୍ୱାରା କେହି ଏ କଥା ନ କହିଦେଉ ଯେ ସାମ୍ପ୍ରତିକ ଘଟଣା ସ୍ୱପ୍ନ ଦ୍ୱାରା ପ୍ରକାଶ ହୋଇଗଲା ଓ ତାହା ସଂଯୋଗବଶତଃ ପୂରଣ ହୋଇଗଲା ବୋଲି। ଅତଏବ ତୌରାତ୍ ଏବଂ ପବିତ୍ର କୁର୍‌ଆନ୍‌ରେ ଖ୍ରୀଷ୍ଟିୟାନ୍‌ମାନଙ୍କର ବର୍ତମାନ ଯେଉଁ ଉନ୍ନତି ଘଟିଛି ଓ ଯାହାକୁ ଦେଖି ଦୁନିଆ ଏବେ ଆଶ୍ଚର୍ଯ୍ୟ ହୋଇଯାଉଛି ତାହା ପୂର୍ବରୁ ବର୍ଣ୍ଣିତ ଥିଲା ଏବଂ ତାହା ପୁଣି ସ୍ପଷ୍ଟ ବାକ୍ୟରେ ଓ ବିସ୍ତୃତଭାବରେ ବର୍ଣ୍ଣିତ ଥିଲା ବରଂ ଆଗାମୀ ଘଟଣାଗୁଡ଼ିକ ବିଷୟରେ ମଧ୍ୟ ଉଲ୍ଲେଖ ରହିଛି। ଉଦାହରଣ ସ୍ୱରୁପ **ଇଜଲ୍ ଇଶାରୁ ଉତ୍‌ତିଲତ୍ (ତକ୍‌ୱିର୍:୫)** ଅର୍ଥାତ ଏମିତି ଏକ ସମୟ ଆସୁଛି ଯେବେ ଓଟଗୁଡ଼ିକ ବେକାର ହୋଇଯିବେ। ମୁସ୍‌ଲିମ୍ ହଦିସ୍‌ରେ ଏହାର ବ୍ୟାଖ୍ୟା ବର୍ଣ୍ଣନା କରାଯାଇଛି (୧) **ୱଲ୍‌ୟୁତ୍‌ରକନ୍ନଲ୍ କିଲାସୁ ଫଲା ୟୁସ୍‌ଆ ଆଲେହା** ଅର୍ଥାତ ଓଟମାନଙ୍କ ଦ୍ୱାରା କାମ ନିଆଯିବ ନାହିଁ। ସୁତରାଂ ଏ ଯୁଗରେ ରେଳଗାଡ଼ି ଉଦ୍ଭାବନ ଦ୍ୱାରା ଏ ଭବିଷ୍ୟବାଣୀ ପୂରଣ ହୋଇଗଲା। ରେଳଗାଡ଼ି ସମ୍ବନ୍ଧରେ ନବୀ କରିମ୍ ସ:ଆ:ସଙ୍କ ବାଣୀରେ ଏମିତି ଇଙ୍ଗିତ ମିଳିଥାଏ ଯେ ଏହା ଦ୍ୱାରା ରେଳଗାଡି ନକ୍‌ସା ଆଖି ଆଗକୁ ଚାଲିଆସୁଛି। ଏବଂ ଏମିତି ଲାଗୁଛି ଯେମିତି ନବୀଙ୍କ ବାଣୀ ମଧ୍ୟ ଏକ ବାହନକୁ ଚଲାଉଛି ଯାହା ବାଷ୍ପତାପ ଦ୍ୱାରା ଚାଲୁଛି ଓ ସାମନାରେ ଧୁଆଁ ବାହାରି ଚାଲିଛି ଏବଂ ଯାତ୍ରୀମାନେ ଚଢୁଛନ୍ତି ଓହ୍ଲାଉଛନ୍ତି ଇତ୍ୟାଦି।

(୨) **ୱ ଇଜସ୍ ସୁହୁଫୁ ନୁଶିରତ୍ (ତକ୍‌ୱିର:୧୧)** ଅର୍ଥାତ:- ଯେତେବେଳେ ପୁସ୍ତକଗୁଡ଼ିକର ପ୍ରସାରଣ ହେବ ଅର୍ଥାତ ବହୁଳଭାବରେ ମୁଦ୍ରଣାଳୟ ସ୍ଥାପିତ ହେବ। ଆଜିକାଲି ଛାପାକଳ ଯୋଗୁଁ ଯେତେମାତ୍ରାରେ ପୁସ୍ତକମାନ ପ୍ରକାଶ ପାଉଛି ତାହା ଏଠାରେ ବର୍ଣ୍ଣନା କରିବା ଆବଶ୍ୟକ ନାହିଁ।

(୩) **ୱ ଇଜନ୍ ନୁଫୁସୁ ଜୁୱିଜତ୍ (ତକ୍ୱିର୍:୮)** ଅର୍ଥାତ:- ଯେତେବେଳେ ଲୋକମାନଙ୍କୁ ଏକତ୍ରିତ କରିଦିଆଯିବ । ତେଣୁ ଲୋକମାନଙ୍କର ଆପୋଷରେ ସମ୍ପର୍କ ସ୍ଥାପନ ହେବା ଓ ଏତେ ସହଜ ମାଧ୍ୟମ ହୋଇଯିବା ଏ ବିଷୟ ପ୍ରମାଣ କରୁଛି ।

(୪) **ତର୍ଜୁଫୁର୍ ରାଜିଫତୁ ତତ୍‌ବଉହର୍ ରାଦିଫତୁ (ଅନ୍ ନାଜିୟାତ୍:୬)** ଅର୍ଥାତ:- ବାରମ୍ବାର ଓ ଅସାଧାରଣ ଭୂମିକମ୍ପ ହେବା ଦ୍ୱାରା ଏ ପୃଥିବୀ କମ୍ପିଯିବ । ତେଣୁ ଏ ଯୁଗ ଏଥିପାଇଁ ପ୍ରଶିଦ୍ଧ ।

(୫) **ୱଇମ୍ ମିନ୍ କର୍‌ୟତିନ୍.......ମୁଅଜ୍ଜିବୁହା (ବନି ଇସ୍ରାଇଲ୍:୫୯)** ଅର୍ଥାତ:- ଭୂପୃଷ୍ଠରେ ଏପରି କୌଣସି ଜନବସତି ନାହିଁ ଯାହାକୁ ଆମ୍ଭେ କୟାମତ୍ ଦିନର ପୂର୍ବରୁ ଧ୍ୱଂସ ନ କରିଦେବୁ ଅଥବା ଏହାକୁ କଠୋର ଶାସ୍ତି ପ୍ରଦାନ ନ କରିବୁ । ତେଣୁ ଏ ଯୁଗରେ ପ୍ଲେଗ୍, ଭୂମିକମ୍ପ, ବାତ୍ୟା, ଜ୍ୱାଳାମୁଖି ଫାଟିବା ଦ୍ୱାରା ଏବଂ ଆପୋଷରେ ଯୁଦ୍ଧ କରି ଲୋକମାନେ ଧ୍ୱଂସ ହେଉଛନ୍ତି । ଏହା ଏତେ ମାତ୍ରାରେ ହେଉଛି ଯେ ଏହାର ଦୃଷ୍ଟାନ୍ତ ଅନ୍ୟ କୌଣସି ଯୁଗରେ ଦେଖିବାକୁ ମିଳେନାହିଁ ।

ପୁଣି ଇସ୍‌ଲାମ୍ ଏପରି ଧର୍ମ ଯେଉଁ ଧର୍ମରେ ପ୍ରତ୍ୟେକ ଶତାବ୍ଦିରେ ତା' ଅନୁୟାୟୀମାନଙ୍କ ମଧ୍ୟରୁ ଏମିତି ବ୍ୟକ୍ତି ଜନ୍ମ ହୋଇଥାନ୍ତି ଯାହାଙ୍କୁ ଐଶିବାଣୀ ପ୍ରଦାନ କରାଯାଏ ଏବଂ ସେମାନଙ୍କ ଦ୍ୱାରା ଆଲୌକିକ ଘଟଣାମାନ ନିଦର୍ଶନ ରୂପେ ପ୍ରକାଶ ପାଇଥାଏ ଯେ କୌଣସି ଜଣେ ମହାଶକ୍ତିଶାଳୀ ଏବଂ ସୁଯୋଜନାକାରୀ ଅସ୍ତିତ୍ୱ ବିଦ୍ୟମାନ । ଅତଏବ୍ ଏ ଯୁଗର ସଂସ୍କାରକ/ସୁଧାରକଙ୍କ ଉପରେ ଅତ୍ୟନ୍ତ ଅସହାୟତା ଓ ଅଜ୍ଞାତତା ଅବସ୍ଥାରେ ଖୁଦାତାଲା ଐଶିବାଣୀ ଅବତୀର୍ଣ୍ଣ କଲେ । **ୟାତିକା ମିନ୍ କୁଲ୍ଲି ଫଜ୍‌ଜିନ୍ ଅମିକ୍........... ମିନନ୍ ନାସି (ବରାହିନେ ଅହ୍‌ମଦିୟା ପ୍ରକାଶନ ୧୮୮୧, ପୃ-୨୪୧, ରୁହାନୀ ଖଜାଇନ୍, ଖଣ୍ଡ-୧, ପୃ-୨୬୭ ହାଶିୟା)** ଅର୍ଥାତ:- "ଚତୁପାର୍ଶ୍ୱରୁ ପ୍ରତ୍ୟେକ ମାର୍ଗଦେଇ ଲୋକମାନେ ତୁମ ନିକଟକୁ ଆସିବେ ଏବଂ ଏତେ ସଂଖ୍ୟାରେ ଆସିବେ ଯେ ସେହି ସମସ୍ତ ରାସ୍ତା /ମାର୍ଗରେ ଗାଡ଼ ପଡ଼ିଯିବ ଅର୍ଥାତ ବହୁସଂଖ୍ୟାରେ ଲୋକମାନେ ଯିବାଆସିବା କରିବାଯୋଗୁଁ ଖଣ୍ଡିଆ ଖାବରା ହୋଇ ଖରାପ ହୋଇଯିବ । ତୁମକୁ ସେହି ଲୋକମାନେ ସାହାଯ୍ୟ ସହଯୋଗ କରିବେ ଯେଉଁମାନଙ୍କ ମନରେ ଆମ୍ଭେ ସ୍ୱୟଂ ଏକଥା ପ୍ରକାଶ କରିବୁ । କିନ୍ତୁ ତୁମ ନିକଟକୁ ଏପରି ବହୁ ସଂଖ୍ୟକ ଲୋକ ଆସିବା ଯୋଗୁଁ ତୁମେ ସେମାନଙ୍କ ସହିତ ସାକ୍ଷାତ କରି ଥକି ନ ପଡ଼ ଓ ସେମାନଙ୍କ ସହିତ ଅନୈତିକ ବ୍ୟବହାର କରିବା ଉଚିତ ନୁହେଁ" । ଦେଖନ୍ତୁ ଜଣେ ଲୋକ ଗୋଟିଏ ଗ୍ରାମ୍‌ରେ ରହୁଥିଲା ଯାହାଙ୍କ ସମ୍ବନ୍ଧରେ ସଭ୍ୟ ଜଗତରେ କେହି ମଧ୍ୟ ଅବଗତ ନଥିଲେ । ସେ ଏକଥା ଘୋଷଣା କରୁଛି । ପୁଣି ଭିଷଣ ବିରୋଧ ସତ୍ୱେ ଓ ପ୍ରତିବନ୍ଧକ ସତ୍ୱେ ମଧ୍ୟ ଏ ଜଗତ ଦେଖୁଛି ଯେ ଆମେରୀକାଠାରୁ ନେଇ ଆଫ୍ରିକା ପର୍ଯ୍ୟନ୍ତ ସବୁ ଇଲାକାର ଲୋକେ ଏଠାରେ ପହଂଚୁଛନ୍ତି । ଲୋକମାନେ ଏତେ ସଂଖ୍ୟାରେ ଆସୁଛନ୍ତି ଯେ ସେ ସମସ୍ତଙ୍କ ସହିତ ହାତ ମିଳାଇବା ଓ ସାକ୍ଷାତ କରିବା ଜଣେ ସାଧାରଣ ଲୋକର କାମ ନୁହେଁ । ସ୍ୱଚ୍ଛଳ ବର୍ଗର ଲୋକେ ନିଜ ପ୍ରୀୟ ମାତୃଭୂମିକୁ ଛାଡ଼ି ଏଠାରେ ରହିବାକୁ ପସନ୍ଦ କରୁଛନ୍ତି ଏବଂ କାଦିଆନ୍‌ର ନାମ ସାରା ବିଶ୍ୱରେ ପ୍ରଶିଦ୍ଧ ହୋଇଯାଇଛି । କଣ ଏହା ଛୋଟିଆ କଥା ଅବା ଏହା ଏପରି ନିଦର୍ଶନ ଯାହାକୁ ମାମୁଲି ଭାବି ଟାଳି ଦିଆଯାଇପାରେ ?

ଦ୍ୱିତୀୟରେ ଇସାଇମାନଙ୍କ ମଧ୍ୟରୁ ଡୁଇ ଆମେରୀକାରେ ନବୁଓ୍ୱତ୍‌ର ଦାବି କଲା ଏବଂ ନିଜର ଅପବିତ୍ର ବାଣୀକୁ ପ୍ରକାଶ କରି ଛପାଇ ଦେଲା ଯେ "ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି ଯେ ସେହି ଦିନ ଶିଘ୍ର ଆସୁ ଯେଉଁ ଦିନ ଇସ୍‌ଲାମ୍ ଏ ସଂସାରରୁ ଲୋପ ପାଇଯିବ । ହେ ଈଶ୍ୱର ତୁମେ ଏପରି ହିଁ କର । ହେ ଈଶ୍ୱର ଇସ୍‌ଲାମ୍‌କୁ ଧ୍ୱଂସ କରିଦିଅ" । ଏହାର ଉତର (ଜବାବ୍) କେବଳ ଆମର ଇମାମ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଦେଲେ ଏବଂ ତା ମୁକାବିଲାରେ ଏ ଇସ୍ତେହାର୍ ଦେଲେ ଯେ ହେ ବ୍ୟକ୍ତି ! ଯିଏ ନବୀ ହେବାର ଦାବି କରୁଅଛ ଆସ ଓ ମୋ ସହିତ ମୁବାହଲା କର । ଆମର ମୁକାବିଲା ଦୁଆ (ପ୍ରାର୍ଥନା) ଦ୍ୱାରା ହେବ । ଆମେ ଦୁଇଜଣଯାକ ଈଶ୍ୱରଙ୍କ ନିକଟରେ ଏ ଦୁଆ କରିବା ଯେ ଆମ ମଧ୍ୟରୁ ଯେଉଁ ବ୍ୟକ୍ତି ମିଥ୍ୟାବାଦୀ ସେ ପ୍ରଥମେ ମରିବ । (ଟେଲିଗ୍ରାଫ୍ ୫ ଜୁଲାଇ ୧୯୦୩) । କିନ୍ତୁ ସେ ଅହଂକାର ପୂର୍ଣ୍ଣ ଶୈଳୀରେ କହିଲା କଣ ତୁମେ ଏ କଥା ଭାବୁଛ ଯେ ମୁଁ ଏହି ମଶା ଓ ମାଛିମାନଙ୍କର ଉତର ଦେବି ଯଦି ମୁଁ ମୋ ପାଦ ଏମାନଙ୍କ ଉପରେ ରଖିଦିଏ ତା'ହେଲେ ଏମାନଙ୍କୁ ଦଳି ମାରିଦେବି । (ଡୁଇର ଲିଫ୍‌ଲେଟ୍ ଡ଼ିସେମ୍ବର ୧୯୦୩) । କିନ୍ତୁ ହଜୁର ଆ:ସ ସେହି ୨୩ ଅଗଷ୍ଟ ୧୯୦୩ ମସିହା ଇସ୍ତେହାରରେ ପ୍ରକାଶ କରିଥିଲେ ଯେ ଯଦି ଡୁଇ ମୁକାବିଲାରୁ ଅର୍ଥାତ ପ୍ରତିଯୋଗିତାରୁ ପଳାୟନ କରେ ତେବେ ମଧ୍ୟ ଏହା ନିଶ୍ଚିତ ରୂପେ ଜାଣିରଖ ଯେ ତା ଉପରେ ଖୁବ୍ ଶିଘ୍ର ବିପର୍ଯ୍ୟୟ ଆସୁଅଛି । ହେ ଖୁଦା ! ହେ ପୂର୍ଣ୍ଣ ଈଶ୍ୱର ! ଏହି ନିଷ୍ପତି ଶିଘ୍ର କର ଏବଂ ଡୁଇର ମିଥ୍ୟାକୁ ଲୋକମାନଙ୍କ ଉପରେ ପ୍ରକାଶ କରିଦିଅ । ତା'ପରେ କଣ ହେଲା ଏହାକୁ ଶୁଣିନିଅ । ସେହି ଡୁଇ ଯିଏ ରାଜକୁମାରଙ୍କ ପରି ଜୀବନ ବିତାଉ ଥିଲା, ଯାହା ନିକଟରେ ସାତ କୋଟି ଟଙ୍କା ନଗଦ ଆକାରେ ଥିଲା । ତା ସ୍ତ୍ରୀ ଓ ତା ପୁଅ ତାର ଶତୃ ହୋଇଗଲେ ତା ବାପା ଇସ୍ତେହାର ଦେଲା ଯେ ସେ ଜାରଜ ସନ୍ତାନ ଅଟେ । ଶେଷରେ ତାକୁ ପକ୍ଷାଘାତ ହେଲା ଫଳତଃ ସେ ପାଗଳ ହୋଇଗଲା । ପରିଶେଷରେ ମାର୍ଚ୍ଚ ୧୯୦୭ ମସିହାରେ ବହୁତ ଦୁଃଖର ସହିତ ଦୟନିୟ ଅବସ୍ଥାରେ ମରିଗଲା । ଯେଉଁଭଳି ଭବିଷ୍ୟବାଣୀ ଖବର ଖୁଦାତାଲା ତା ଦୂତଙ୍କୁ ପୂର୍ବରୁ ଦେଇଥିଲେ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ୨୦ ଫେବୃୟାରୀ ୧୯୦୭ ମସିହାରେ ତାହା ପ୍ରକାଶ କରିଥିଲେ । ସେଥିରେ ଅଲ୍ଲାଃ କହିଥିଲେ "ମୁଁ ଏକ ତାଜା ନିଦର୍ଶନ ପ୍ରକାଶ କରିବି ଯେଉଁଥିରେ ମହା ବିଜୟ ମିଳିବ ତାହା ସାରା ଦୁନିଆ ପାଇଁ ଏକ ନିଶାନ୍ (ଚିହ୍ନ) ହେବ ।" ଡୁଇ ଏହି ଐଶିବାଣୀ ମୁତାବକ ଶେଷ ହୋଇ ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣର ସାକ୍ଷ୍ୟ ଦେଇଗଲା । ଏହା ସମଗ୍ର ଖ୍ରୀଷ୍ଟିୟାନ୍ ଜଗତ, ପୂର୍ବ ଓ ପର ଉଭୟ ଉପରେ ହଜୁର ଆ:ସଙ୍କର ବିଜୟ ଥିଲା ।

ତୃତୀୟରେ ଏ ଦେଶରେ ଆର୍ଯ୍ୟମାନଙ୍କର ପ୍ରଭାବ ଥିଲା । ସେମାନଙ୍କର ଲିଡ଼ର ଲେଖ୍‌ରାମ୍ ଥିଲା । ହଜୁର ଆ:ସ "କରାମାତୁସ୍ ସାଦେକିନ୍" ପ୍ରତ୍ରିକା ପ୍ରକାଶନ ସଫର୍ ୧୩୧୧ ହିଜ୍‌ରୀରେ ଏ ପେଶଗୋଇ (ଭବିଷ୍ୟବାଣୀ) ଦରଜ କରିଛନ୍ତି ଯେ , ଲେଖ୍‌ରାମ୍ ସମ୍ବନ୍ଧରେ ଅଲ୍ଲାଃ ତାଲା ମୋ ପ୍ରାର୍ଥନାକୁ ଗ୍ରହଣ କରି ମତେ ଏ ଖବର ଦେଇଛନ୍ତି ଯେ ସେ ଛଅବର୍ଷ ମଧ୍ୟରେ ମରିଯିବ । ତା'ର ଦୋଷ କେବଳ ଏତିକି ଯେ ସେ ଖୁଦାଙ୍କ ନବୀ ସ:ଆ:ସଙ୍କୁ ଗାଳି ଦେଉଥିଲା ଏବଂ ଅପଶବ୍ଦ ବ୍ୟବହାର କରି ଅପମାନ କରୁଥିଲା । ପୁଣି ୨୨ ଫେବୃୟାରୀ ୧୮୯୩ ର ଇସ୍ତେହାରରେ ତା ମରିବାର ଅବସ୍ଥା ମଧ୍ୟ ବତାଇଦେଲେ । **ଇଜ୍‌ଲୁନ୍ ଜସଦୁଲ୍ ଲହୁ ଖୁୱାରୁନ୍ ଲହୁ ନସବୁନ୍ ୱ ଅଜାବ୍** ଅର୍ଥାତ:- ଲେଖ୍‌ରାମ୍ ହେଉଛି ଗୋସଲା ସାମ୍‌ରି (ଅର୍ଥାତ ସାମରି ନାମକ ବାଛୁରୀ) ଯିଏ ହେଉଛି ମୃତ ଏବଂ ତା ମଧ୍ୟରେ କେବଳ ଏକ ଫମ୍ପା ଶବ୍ଦ ବାହାରୁଛି । ଯେଉଁଥିରେ ଆଧାତ୍ମିକତା ନାହିଁ । ତେଣୁ ତାକୁ ଦଣ୍ଡ ମିଳିବ ଯେମିତି ଗୋସାଲା ସାମରୀକୁ ଦିଆଯାଇଥିଲା । ପ୍ରତ୍ୟେକ ବ୍ୟକ୍ତି ଏକଥା ଜାଣିଛନ୍ତି ଯେ ଗୋସାଲା ସାମରିକୁ ଖଣ୍ଡ ଖଣ୍ଡ କରି ଦିଆଯାଇଥିଲା ଓ ତା'ପରେ ତାକୁ ଜାଳିଦିଆଗଲା ପୁଣି ନଦୀରେ ଫିଙ୍ଗି ଦିଆ ଯାଇଥିଲା । ପୁଣି ୨ ଏପ୍ରିଲ୍ ୧୮୯୩ ମସିହାରେ ଆପଣ ଆ:ସ ଏକ କଶ୍‌ଫ୍ (ଐଶିଦୃଶ୍ୟ) ଦେଖିଲେ (ଦେଖନ୍ତୁ ପୁସ୍ତକ ବର୍‌କାତୁଲ୍ ଦୁଆ ର ହାଶିୟା, ରୁହାନୀ ଖଜାଇନ୍ ଖଣ୍ଡ-୬, ପୃ-୩୩) ଯେ ଜଣେ ଶକ୍ତିଶାଳୀ ଭୟଙ୍କର ରୂପି ବ୍ୟକ୍ତି ଯିଏ ଜଣେ ମାନବ ନୁହନ୍ତି ବରଂ ଜଣେ ପ୍ରତାପି ଫରିସ୍ତା (ଦେବଦୂତ) ଥିଲେ ସେ ପଚାରି ବୁଲୁଛନ୍ତି ଯେ ଲେଖ୍‌ରାମ୍ କେଉଁଠି ଅଛି । ପୁଣି କରାମାତୁଲ୍ ସାଦେକିନ୍ ରେ ବର୍ଣ୍ଣିତ ଏହି ପଦ୍ୟରେ ଧାର୍ଯ୍ୟ ଦିନ ମଧ୍ୟ ବତାଇ ଦେଲେ ।

**ୱ ବଶ୍‌ଶରନି ରବ୍‌ବି ୱ କାଲା**
**ମୁବଶ୍‌ଶିରନ୍**
**ସତାରିଫୁ ୟୋମଲ୍ ଈଦି ୱଲ୍ ଈଦୁ**
**ଅକ୍‌ରବ୍**

ଅର୍ଥାତ:- ଈଦର ପରବର୍ତୀ ଦିନ ଶନିବାର ଏବଂ

**ଆଲା ଅଏ ଦୁଶ୍‌ମନେ ନାଦାନ୍ ୱ ବେ**
**ରାହ୍ ବତରସ୍ ଅଜ୍ ତେଗେ ବୁର୍‌ରାନେ**
**ମୁହମ୍ମଦ ସ:ଆ:ସ**

ଏହାକୁ ପାଂଚ ବର୍ଷ ପୂର୍ବେ ପ୍ରକାଶ କରି ତା ମୃତ୍ୟୁର ଅବସ୍ଥାକୁ ମଧ୍ୟ ବତାଇ ଦେଇଥିଲେ । ଶେଷରେ ଲେଖ୍‌ରାମ୍ ୬ ମାର୍ଚ୍ଚ ୧୮୯୭ ମସିହା ଦିନ ହତ୍ୟା ହେଲା । ସମସ୍ତେ ଏକମତ ହୋଇ ମାନିନେଲେ ଯେ ଏହି ପେଶ୍‌ଗୋଇ (ଭବିଷ୍ୟବାଣୀ) ବହୁତ ସ୍ୱଚ୍ଛତାର ସହିତ ପୂରଣ ହୋଇ ଈଶ୍ୱରଙ୍କ ଅସ୍ତିତ୍ୱ ପାଇଁ ଯୁକ୍ତିଯୁକ୍ତ ପ୍ରମାଣ ସାବ୍ୟସ୍ତ ହେଲା । ଅତଏବ ଈଶ୍ୱରଙ୍କ ଐଶିବାଣୀ ହେଉଛି ଏପରି ଜିନିଷ ଯାହା ଥିବା ସତ୍ୱେ ମଧ୍ୟ ଈଶ୍ୱରଙ୍କୁ ଅସ୍ୱୀକାର କରିବା ଅତ୍ୟନ୍ତ ଲଜ୍ଜାଜନକ ହେବ ।

**ଦଶମ ପ୍ରମାଣ**

ଦଶମ ଦଲିଲ୍ ଯାହା ପ୍ରତ୍ୟେକ ବିବାଦର ସମାଧାନ ପାଇଁ ପବିତ୍ର କୁର୍‌ଆନ୍ ବର୍ଣ୍ଣନା କରିଛି । ତାହା ନିମ୍ନଲିଖିତ ଆୟତରୁ ବାହାରିଥାଏ । **ୱଲ୍ଲଜିନା ଯାହଦୁ ଫିନା ଲନହ୍‌ଦିୟନ୍ନହୁମ୍ ସୁବୁଲନା (ଅଲ୍‌ଅନ୍‌କବୁତ୍:୭୦)** ଅର୍ଥାତ:- ଯେଉଁମାନେ ଆମ୍ଭ ସହିତ ମିଳିତ ହେବାପାଇଁ ଉଦ୍ୟମ କରନ୍ତି, ଆମ୍ଭେ ସେମାନଙ୍କୁ ନିଶ୍ଚୟ ଆମ୍ଭ ପଥରେ ପରିଚାଳିତ ହେବାକୁ ସୁଯୋଗ ଦେବୁ । ଏହି ଆୟତ ମୁତାବକ ଯେଉଁ ଲୋକମାନେ କର୍ମ କଲେ ସେମାନେ ସର୍ବଦା ଲାଭରେ ରହିଲେ । ଯେଉଁ ବ୍ୟକ୍ତି ଈଶ୍ୱରଙ୍କୁ ମାନୁନାହିଁ ତାକୁ ନିଶ୍ଚିତ ରୂପେ ଏହା ଭାବିବା ଦରକାର ଯେ ଯଦି ଈଶ୍ୱର ଥିବେ ତେବେ ତା ପାଇଁ ବହୁତ ଅସୁବିଧା ହେବ । ତେଣୁ ଯଦି ସତ୍ୟକୁ ଜାଣିବା ପାଇଁ

ତା ମନ ଭିତରେ ଆଗ୍ରହ ଥିବ ତେବେ ସେ ବହୁତ କ୍ରନ୍ଦନ କରି ଏବଂ ବହୁତ ଧ୍ୟାନ ଦେଇ ଏମିତି ଦୁଆ କରିବା ଉଚିତ ଯେ ହେ ଖୁଦା! ଯଦି ତୁମେ ବିଦ୍ୟମାନ ଏବଂ ଯେପରି ତୁମକୁ ମାନୁଥିବା ଲୋକମାନେ କହୁଛନ୍ତି ଯେ ତୁମ୍ଭେ ଅସୁମାରୀ ଶକ୍ତିର ମାଲିକ ବୋଲି, ତେବେ ତୁମେ ମୋ ଉପରେ ଦୟାକର ଏବଂ ମତେ ସତ୍‌ପଥ ଦେଖାଅ ଓ ମୋ ମନ ଭିତରେ ଦୃଢ଼ ବିଶ୍ୱାସ ଜନ୍ମାଇ ଦିଅ ଯଦ୍ୱାରା ମୁଁ ଏଥିରୁ ବଂଚିତ ନ ରହେ । ଯଦି ଏହି ଭଳି କେହି ଆନ୍ତରିକତାର ସହିତ ପ୍ରାର୍ଥନା କରିବ ଏବଂ ଅତିକମ୍‌ରେ ଚାଳିଶି ଦିନ ପର୍ଯ୍ୟନ୍ତ ଏପରି କରିବ ତେବେ ସେ ଯେ କୌଣସି ଧର୍ମରେ ଜନ୍ମ ହୋଇଥାଉ ନା କାହିଁକି ତଥା ଯେକୌଣସି ଦେଶର ବାସିନ୍ଦା ହୋଇଥାଉ ନା କାହିଁକି ରବ୍‌ବୁଲ୍ ଆଲମିନ୍ ଅର୍ଥାତ ଏ ଜଗତର ପାଳନ କର୍ତା ତାକୁ ନିଶ୍ଚିତରୂପେ ସତ୍‌ପଥ ଦେଖାଇବେ । ଏବଂ ସେ ଖୁବ୍ ଶିଘ୍ର ଦେଖିନେବେ ଯେ ଅଲ୍ଲାଃ ତାଲା ଏପରି ଭାବେ ତା ଉପରେ ନିଜ ଅସ୍ତିତ୍ୱକୁ ସାବ୍ୟସ୍ତ କରିଦେବେ ଯେ ତାହାର ହୃଦୟ ଭିତରୁ ଶଙ୍କା ଓ ସନ୍ଦେହର ମଇଳା ସମ୍ପୁର୍ଣ୍ଣ ରୂପେ ସଫା ହୋଇଯିବ । ଏକଥା ତ ସ୍ୱଷ୍ଟ ଯେ ଏହିଭଳି ନିଷ୍ପତି ନେବାରେ କୌଣସି ପ୍ରକାରର ଧୋକ ହୋଇନପାରେ । ଅତଏବ ସତ୍ୟର ଅନୁସନ୍ଧାନକାରୀମାନଙ୍କ ପାଇଁ ଏପରି କରିବାରେ କଣ ଅସୁବିଧା ରହିଛି ?

ବର୍ତମାନ ପାଇଁ ମୁଁ ଏହି ଦଶଗୋଟି ଯୁକ୍ତିଯୁକ୍ତ ପ୍ରମାଣକୁ ରଖି ମୁଁ ମୋର ରଚନାକୁ ଶେଷ କରୁଅଛି । ଯଦିଚ ପବିତ୍ର କୁର୍‌ଆନ୍‌ରେ ଆହୁରି ମଧ୍ୟ ଅନେକ ଯୁକ୍ତିଯୁକ୍ତ ପ୍ରମାଣମାନ ରହିଛି କିନ୍ତୁ ଏତିକିରେ ମୁଁ ସନ୍ତୁଷ୍ଟ ହେଉଛି । ଯଦି କେହି ଆ ଉପରେ ଚିନ୍ତା କରିବ ତେବେ ଏହି ପ୍ରମାଣଗୁଡ଼ିକ ମଧ୍ୟରୁ ତା ପାଇଁ ଆହୁରି ମଧ୍ୟ ପ୍ରମାଣମାନ ବାହାରିଯିବେ । ଅଲ୍ଲାଃ ହିଁ ସାହାଯ୍ୟକର୍ତା ।

ଶେଷରେ ଏତିକି ନିବେଦନ ଯେ ଯେଉଁ ଲୋକମାନଙ୍କ ହାତରେ ଏହି ଲିଫ୍‌ଲେଟ୍ ପହଂଚିବ, ତାହା ପଢ଼ି ସାରିବା ପରେ ଏପରି ଏକ ବନ୍ଧୁକୁ ଦେଇ ଦିଅନ୍ତୁ ଯାହାଙ୍କ ପାଇଁ ସେ ତାକୁ ଲାଭକାରୀ ଭାବୁଥିବେ ।

*(ଅନ୍‌ୱାରୁଲ୍ ଉଲୁମ୍, ଖଣ୍ଡ-୧, ପୃ-୪୧୩)*

******

*ପୃଷ୍ଠା-୩୨ ର ଅବଶିଷ୍ଟାଂଶ......*

**ଉଚ୍ଚକୋଟିର ସ୍ୱଷ୍ଟବାଦୀ ଓ ସ୍ୱଚ୍ଛମନା ନବୀ**

ମହାନୁଭବ ଉଚ୍ଚକୋଟିର ସ୍ୱଷ୍ଟବାଦୀ ଓ ସ୍ୱଚ୍ଛମନା ତଥା ଈଶ୍ୱରଙ୍କ ପାଇଁ ପ୍ରାଣର ବାଜି ଲଗାଉଥିବା ଏବଂ ସ୍ୱାଧିନଚେତା ତଥା କେବଳ ଈଶ୍ୱରଙ୍କ ଉପରେ ଭରସା ରଖିଥିବା ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସେ ଏପରି ନିର୍ଭିକ ଓ ନିଜ କଥାରେ ଅଟଳ ଓ ଦୃଢ଼ ପ୍ରତିଜ୍ଞ ଥିଲେ, ଯିଏ କି ଈଶ୍ୱରଙ୍କ ଇଚ୍ଛା ଓ ନିର୍ଦ୍ଦେଶରେ ପରିଚ୍ଛଳିତ ହେବାର ସମର୍ପିତ ଭାବନା ରଖି ସେହି ପରିଣାମ ପ୍ରତି କୌଣସି ଭ୍ରୁକ୍ଷେପ କଲେ ନାହିଁ ଯେ ଏକେଶ୍ୱରବାଦର ଘୋଷଣା କରିବା ଦ୍ୱାରା ମୋ ଉପରେ କିଭଳି ବିପତି ଆସିବ ଏବଂ ମୁଶରିକମାନଙ୍କ ହାତରେ ମୋତେ କେତେ ମାତ୍ରାରେ ଦୁଃଖଯନ୍ତ୍ରଣା ଭୋଗ କରିବାକୁ ପଡିବ ।

**(ବରାହିନେ ଅହମଦୀୟା, ରୁହାନି ଖଜାୟିନ, ଗ୍ରନ୍ଥଖଣ୍ଡ ୧, ପୃଷ୍ଠା ୧୧୧)**

**ମହାମହିମଙ୍କ ଉଚ୍ଚ ପଦମର୍ଯ୍ୟାଦାର ମହିମା**

ଆମ ଅବତାର ମହିମ ମୁହମ୍ମଦ[ସଅ]ଙ୍କ ସତ୍ୟବାଦୀତା ଓ ଏହାକୁ ସ୍ୱଷ୍ଟ ଭାବେ ବ୍ୟକ୍ତ କରି ପାରୁଥିବା ଏକ ମହାନ ସଂଗ୍ରାମୀ ଯୋଦ୍ଧା ଥିଲେ । ଯିଏ କି ଅପହୃତ ଓ ଅପସାରିତ ସତ୍ୟକୁ ଦୁନିଆ ସମ୍ମୁଖରେ ପୁନର୍ବାର ଉପସ୍ଥାପନ କଲେ । ମହାଭାଗ ସମଗ୍ର ଜଗତକୁ ଅନ୍ଧକାରର କରାଳ ଛାୟା ମଧ୍ୟରେ ଦେଖିବାକୁ ପାଇଲେ । ପୁଣି ତାଙ୍କର ଆବିର୍ଭାବ ହେବା ପରେ ସେହି ଅନ୍ଧକାରମୟ ଅବସ୍ଥା ଜ୍ୟୋତିରେ ପରିଣତ ହୋଇଗଲା । ଯେଉଁ ଆରବର ଜାତି ମଧ୍ୟରେ ସେ ପ୍ରକାଶମାନ ହେଲେ ସେପର୍ଯ୍ୟନ୍ତ ମୃତ୍ୟୁ ଲାଭ କଲେ ନାହିଁ, ଯେପର୍ଯ୍ୟନ୍ତ ଏହି ସମସ୍ତ ଜାତିର ଲୋକ ଅନେକେଶ୍ୱରବାଦ (ପ୍ରତୀମା ପୂଜା)ର ମଳିନ ବସ୍ତ୍ରକୁ ତ୍ୟାଗ କରି ଏକବ୍ରହ୍ମ ଉପାସନାର ପୋଷାକ ପରିଧାନ କରି ନଥିଲେ ।' **(ଲେକଚର ସିଆଲକୋଟ, ରୁହାନି ଖଜାୟିନ, ଗ୍ରନ୍ଥଖଣ୍ଡ ୨୦, ପୃଷ୍ଠା ୨୦୬)**

ଅଲ୍ଲାଃତାଲା ଆମମାନଙ୍କ ହୃଦୟରେ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରେମକୁ ଜାଗୃତ କରାନ୍ତୁ । ଏହାର ପରିଣାମ ସ୍ୱରୂପ ମହାଭାଗଙ୍କ ପଦାଙ୍କ ଅନୁସରଣ କରିବା ଏବଂ ସଂପୂର୍ଣ୍ଣ ଆଜ୍ଞାବହ ହେବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

*ଉର୍ଦ୍ଦୁ ଲେଖା: ମନସୁର ଅହମଦ ମସରୁର୍*
*ଓଡିଆ ଭାଷାନ୍ତର: ଇଂ. ରୌଶନ୍ ଖାନ୍*

**********

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ହଦିସ୍ ନବୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb,*

**ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ**

**ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:**
**୧୮୦୦ ୩୦୧୦ ୨୧୩୧**
(ଶୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)
Web.www.alislam.org
www.ahmadiyyamuslimjamaat.in

# ହମାରା ଖୁଦା (ଆମ ଈଶ୍ୱର)

## (ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ ଏମ୍.ଏ ର:ଅ)

ନୋଟ୍:- ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ ଏମ୍.ଏ ର:ଅଙ୍କ ଦ୍ୱାରା ଲିଖିତ ପୁସ୍ତକ "ହମାରା ଖୁଦା"ର ସାରାଂଶ ନିମ୍ନରେ ଉପସ୍ଥାପନ କରାଯାଉଅଛି । ଏହା ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱର ପ୍ରମାଣ ସମ୍ବନ୍ଧିୟ ଯୁକ୍ତିଯୁକ୍ତ ବୌଦ୍ଧିକ ଓ ଅନୁକରଣୀୟ ଯୁକ୍ତି ଉପରେ ଆଧାରିତ ବହୁତ କୌତୁହଳପୂର୍ଣ୍ଣ ଏବଂ ବୋଧଗମ୍ୟ ପୁସ୍ତକ ଅଟେ । ଏବେ ଯେହେତୁ "ହସ୍ତିବାରି ତାଆଲା" (ଅର୍ଥାତ ସର୍ବଶକ୍ତିମାନ ପରମେଶ୍ୱରଙ୍କ ଅସ୍ତିତ୍ୱ) ବିଷୟବସ୍ତୁ ଉପରେ ଆଧାରିତ ବିଶେଷାଙ୍କ ପ୍ରକାଶ ପାଇବାକୁ ଯାଉଅଛି ତେଣୁ ଏହି ପୁସ୍ତକକୁ ଅଣଦେଖା କରାଯାଇପାରିନଥାନ୍ତା କିନ୍ତୁ ସିମୀତ ପୃଷ୍ଠାକୁ ଆଖି ଆଗରେ ରଖି ଏହି ପୁସ୍ତକର ସାରାଂଶ ଉପସ୍ଥାପନ କରାଯାଉଅଛି । ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ ଏମ୍.ଏ ର:ଅ ନିଜର ଏହି ପୁସ୍ତକ ସମ୍ବନ୍ଧରେ କହିଛନ୍ତି:-

"ମତେ ବହୁତ ଖୁସି ଲାଗୁଛି ଯେ ଦେଶର ନୁତନ ଶିକ୍ଷିତ ଗୋଷ୍ଠି, ଯାହାଙ୍କ ଉଦ୍ଦେଶ୍ୟରେ ଏ ପୁସ୍ତକ ରଚନା କରାଯାଇଅଛି, ସେମାନେ ଏହାକୁ ଆଗ୍ରହର ସହିତ ଅଧ୍ୟୟନ କରିଛନ୍ତି । କେତେକ ଅସ୍ଥିର ଓ କମ୍ପିତ ହୃଦୟ ମୋର ଏହି ପୁସ୍ତକ ଜରିଆରେ ଆଧାତ୍ମିକ ସାନ୍ତ୍ୱନା ପ୍ରାପ୍ତ କରିଛନ୍ତି । "ଫଅଲ୍‌ହମ୍‌ଦୁ ଲିଲ୍ଲାହି ଆଲା ଜାଲିକା ୱଲ୍ଲାହୁଲ୍ ମୁଅଫ୍‌ଫିକୁଲ୍ ମୁସ୍‌ତଆନ୍"

ଆମର ଏ ଆଶା ଯେ ପାଠକେ ଅସଲ ପୁସ୍ତକକୁ ଅଧ୍ୟୟନ କରି ନିଜର ଜ୍ଞାନକୁ ବୃଦ୍ଧି କରିବେ ଯଦ୍ୱାରା ନାସ୍ତିକମାନଙ୍କ ସହିତ ବାର୍ତାଳାପ କରିବା ସମୟରେ ଏହିସବୁ ପ୍ରମାଣଗୁଡ଼ିକ ସେମାନଙ୍କ କାମରେ ଆସିବ । (ଏଡ଼ିଟର)

### ଏ ଯୁଗରେ ଇମାନ୍‌ବିଲ୍ଲାଃ ଅର୍ଥାତ ଅଲ୍ଲାଃଙ୍କ ଉପରେ ବିଶ୍ୱାସର ଅବସ୍ଥା

ସର୍ବପ୍ରଥମେ ମୁଁ ଏଠାରେ ବହୁତ ଦୁଃଖର ସହିତ ଏକଥା ପ୍ରକାଶ କରିବାକୁ ଚାହୁଁଛି ଯେ ଏ ଯୁଗରେ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ଲୋକମାନଙ୍କର ସାଧାରଣତଃ କି ପ୍ରକାରର ଧାରଣା ରହିଛି । କହିବାକୁ ଗଲେ ଏ ଦୁନିଆରେ ଯେତେକ ଧର୍ମ ଅଛନ୍ତି, ସେମାନେ ସମସ୍ତେ ଈଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସ କରିଥାନ୍ତି କିନ୍ତୁ ବାସ୍ତବିକତା ହେଉଛି ଏହା କି ପ୍ରକୃତରେ ସେମାନେ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ କରନଥାନ୍ତି ଏବଂ ସେମାନଙ୍କ ହୃଦୟ ଇମାନ୍‌ରୁ ଏପରି ଖାଲି ହୋଇଯାଇଛି ଯେପରି ଗୋଟିଏ ପରିତ୍ୟକ୍ତ ଘର ଜନଶୂନ୍ୟ ହୋଇ ରହିଥାଏ ।

ସମସ୍ତ ଧର୍ମର ଅନୁଗାମୀମାନେ ଉଦାହରଣ ସ୍ୱରୁପ ଜୋରାଷ୍ଟ୍ରିଆନ୍, ବୌଧ, ହିନ୍ଦୁ, ଇହୁଦୀ, ଇସାଇ, ସିଖ୍ ଏବଂ ମୁସଲମାନ ଇତ୍ୟାଦି ସମସ୍ତଙ୍କଠାରେ ଏହି ବେଇମାନିର ଜହର ଭରି ଯାଇଥିଲା ଏବଂ ଭୌତିକବାଦର ଗରମ ଏବଂ ବିଷାକ୍ତ ବାୟୁ ଇମାନ୍‌ର (ଅର୍ଥାତ ଈଶ୍ୱର ବିଶ୍ୱାସର) ବଗିଚାକୁ ପାଉଁଶରେ ପରିଣତ କରିଦେଉଥିଲା । କଣ ସେମାନେ ଈଶ୍ୱରଙ୍କ ଉପରେ ସେହିଭଳି ବିଶ୍ୱାସ ରଖିଛନ୍ତି ଯେଉଁଭଳି ସୂର୍ଯ୍ୟ, ଚନ୍ଦ୍ର, ପାହାଡ଼ ପର୍ବତ, ନଦୀନାଳ, ଆମର ଘରବାଡ଼ି, ଆମ ବାପା ଏବଂ ଆମ ଜ୍ଞାତି କୁଟୁମ୍ବ ବନ୍ଧୁବାନ୍ଧବଙ୍କ ଉପରେ ବିଶ୍ୱାସ ଥାଏ ? ଯଦି ଏପରି ନୁହେଁ ତେବେ ପୁଣି ନିଜେ ବୁଝିନିଅ ଯେ କିଛି ବିଶ୍ୱାସ ନାହିଁ ।

### ଯଦି ଈଶ୍ୱରଙ୍କ ଅସ୍ତିତ୍ୱ ଅଛି ତେବେ ସେ ଦୃଶ୍ୟମାନ କାହିଁକି ନୁହନ୍ତି ?

ଈଶ୍ୱରଙ୍କ ସମ୍ବନ୍ଧରେ ସାଧାରଣତଃ ଲୋକମାନଙ୍କ ମନରେ ଏ ସନ୍ଦେହ ଜାତ ହୋଇଥାଏ ଯେ ଯଦି ଈଶ୍ୱର ଅଛନ୍ତି ତେବେ ସେ ଆମକୁ କାହିଁକି ଦେଖାଦେଉନାହାନ୍ତି ? ଏହି ସନ୍ଦେହ ଆଜିକାଲିର ନୁହେଁ ବରଂ ସଦେବ ଚାଲି ଆସିଛି । ଏହା ଜାଣି ରଖିବା ଉଚିତ ଯେ ଦୁନିଆର ବିଭିନ୍ନ ବସ୍ତୁ ସମ୍ବନ୍ଧରେ ଜ୍ଞାନ ହାସଲ କରିବାର ମାଧ୍ୟମ ମଧ୍ୟ ଭିନ୍ନ ଭିନ୍ନ । ଉଦାହରଣ ସ୍ୱରୁପ କୌଣସି ବସ୍ତୁକୁ ଦେଖିବା ଦ୍ୱାରା ଆମକୁ ଜ୍ଞାନ ପ୍ରାପ୍ତ ହୋଇଥାଏ ତ କାହାକୁ ଶୁଣିବା ଦ୍ୱାରା ଓ କାହାକୁ ଚାଖିବା ଦ୍ୱାରା ପ୍ରାପ୍ତ ହୋଇଥାଏ । କିଛି ଜିନିଷକୁ ଶୁଙ୍ଘିବା ଦ୍ୱାରା ଓ କିଛି ଜିନିଷକୁ ହାତରେ ଛୁଇଁ ଜ୍ଞାନ ଲାଭ ହୋଇଥାଏ । ଏହି ସବୁ ଜ୍ଞାନ ଏକା ପରିକା ବିଶ୍ୱାସ ଯୋଗ୍ୟ ହୋଇଥାଏ । ଆମର କଦାପି ଏ ହକ୍ ନାହିଁ ଯେ ଆମେ ଏ ମୋତାଲବା କରିବା କି ଯେ ପର୍ଯ୍ୟନ୍ତ ଆମକୁ ଅମୁକ ବସ୍ତୁ ସମ୍ବନ୍ଧରେ ଅମୁକ ମାଧ୍ୟମ ଦ୍ୱାରା ଜ୍ଞାନ ପ୍ରାପ୍ତ ନ ହୋଇଛି ସେ ପର୍ଯ୍ୟନ୍ତ ଆମେ ତାକୁ ମାନିବୁ ନାହିଁ । ଯଦି ଆମେ ଏକଥା କହିବୁ କି ଯେ ପର୍ଯ୍ୟନ୍ତ ଆମେ ଆଖି ଦ୍ୱାରା ଅମୁକ ବାସ୍ନାକୁ ନ ଦେଖିନେଇଛୁ ସେ ପର୍ଯ୍ରନ୍ତ ଆମେ ତାକୁ ମାନିବୁ ନାହିଁ । ଏହା ସମ୍ପୁର୍ଣ୍ଣ ପାଗଳାମି ହେବ । ବା ଯେପର୍ଯ୍ୟନ୍ତ ଆମେ ନାକ ସାହାଯ୍ୟରେ ଅମୁକ ରଙ୍ଗକୁ ନ ଶୁଂଘିଛୁ ସେ ପର୍ଯ୍ୟନ୍ତ ଆମେ ତାକୁ ସ୍ୱୀକାର କରିବୁ ନାହିଁ ବା ଯେ ପର୍ଯ୍ୟନ୍ତ ଆମେ ଅମୁକ ଶବ୍ଦକୁ ହାତ ଦ୍ୱାରା ଅଣ୍ଡାଳି ଅନୁଭବ ନ କରିଛୁ ଆମେ ବିଶ୍ୱାସ କରିବୁ ନାହିଁ । ଯେଉଁ ବ୍ୟକ୍ତି ଏହିପରି ଆପତି ଅଭିଯୋଗ କରିବ ସେ ପାଗଳ ବୋଲାଇବ । ଯଦିଚ ତାକୁ ପାଗଳଖାନା ପଠା ମଧ୍ୟ ନ ଗଲା ତେବେ ମଧ୍ୟ ଗଳିକନ୍ଦିର ଦୁଷ୍ଟ ଓ ନଟଖଟ ପିଲାମାନଙ୍କର ସେ ତମାଶା ହୋଇଯିବ । ପ୍ରକୃତ କଥା ହେଉଛି ଏହା କି ଯେମିତି ମୁଁ ଉପରେ ବର୍ଣ୍ଣନା କରି ଆସିଲି ଯେ ଦୁନିଆରେ ଭିନ୍ନ ଭିନ୍ନ ବସ୍ତୁ ସମ୍ବନ୍ଧରେ ଜାଣିବା ପାଇଁ ଭିନ୍ନ ଭିନ୍ନ ମାଧ୍ୟମ ରହିଛି ।

ହେ ପ୍ରୀୟ ଲୋକମାନେ ! ଏକଥାକୁ ଖୁବ୍ ଜାଣିରଖ ଯେ ଯଦି କୌଣସି ବସ୍ତୁ ଅସୁକ୍ଷ୍ମ ହୋଇଥାଏ ତେବେ ତା ସମ୍ବନ୍ଧରେ ଜାଣିବାପାଇଁ ମଣିଷର ବାହ୍ୟ ଇନ୍ଦ୍ରିୟ ଦ୍ୱାରା ସହଜ ହୋଇଥାଏ । ସେହିପରି ଯେଉଁ ଜିନିଷଗୁଡ଼ିକ ସୂକ୍ଷ୍ମ ତାହା ସମ୍ବନ୍ଧରେ ଜାଣିବାପାଇଁ ମଣିଷର ଇନ୍ଦ୍ରିୟଗୁଡ଼ିକ ନିମନ୍ତେ କଷ୍ଟକର ହୋଇଥାଏ । ଏହା ଏଥିଯୋଗୁଁ ହୋଇଥାଏ ଯେ ଯେଉଁ ବସ୍ତୁଗୁଡ଼ିକ ସୂକ୍ଷ୍ମ ହୋଇଥାନ୍ତି ତାହାଙ୍କ ସମ୍ବନ୍ଧରେ ଜାଣିବାକୁ ହେଲେ ସାଧାରଣତଃ ସେମାନଙ୍କର ଗୁଣ ଓ ଆଚରଣ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ କାରଣ ସେ ସବୁକୁ ଜାଣିବା ପାଇଁ ଆମର ବାହ୍ୟ ଇନ୍ଦ୍ରୀୟଗୁଡ଼ିକ ଜରିଆରେ ପ୍ରତ୍ୟକ୍ଷ ରୂପେ ସମ୍ଭବ ନୁହେଁ । ତୁମେ କହୁଛ ଯେ ଆମେ ସେ ପର୍ଯ୍ୟନ୍ତ ଖୁଦାଙ୍କୁ ମାନିବୁ ନାହିଁ ଯେ ପର୍ଯ୍ୟନ୍ତ ଆମେ ତାକୁ ଏହି ବାହ୍ୟ ଶାରିରୀକ ଆଖି ଦ୍ୱାରା ଦେଖି ନ ନେବୁ କିନ୍ତୁ ମୁଁ କହୁଛି ଯେ ଯଦି ଖୁଦା (ଈଶ୍ୱର) ଏହି ଆଖି ଦ୍ୱାରା ଦେଖାଯାଆନ୍ତି ତେବେ ମୁଁ ଭାବୁଛି ଯେ ସେ ଅର୍ଥାତ ଈଶ୍ୱରଙ୍କର ଏ ଯୋଗ୍ୟତା ହିଁ ନାହିଁ ଯେ ଆମେ ତାହାଙ୍କ ଉପରେ ବିଶ୍ୱାସ ଆଣିବା । କାରଣ ଏପରି ସ୍ଥଳେ ଈଶ୍ୱରଙ୍କର ଅନ୍ୟାନ୍ୟ ବିଶେଷ ଗୁଣଗୁଡ଼ିକୁ ମିଥ୍ୟା ଅଭିହିତ କରିବାକୁ ପଡ଼ିବ । ଉଦାହରଣ ସ୍ୱରୁପ ସେ ହେଉଛନ୍ତି ସୂକ୍ଷ୍ମ କିନ୍ତୁ ସେ ଯଦି ଦେଖାଯାଆନ୍ତି ତା'ହେଲେ ଏପରି ସ୍ଥଳେ ସେ ସୂକ୍ଷ୍ମ ରହିବେ ନାହିଁ ବରଂ ଅସୂକ୍ଷ୍ମ ହୋଇଯିବେ । ସେ ହେଉଛନ୍ତି ଅସୀମିତ, କିନ୍ତୁ ଏପରିସ୍ଥଳେ ସେ ଅସୀମିତ ନ ରହି ସୀମିତ ହୋଇଯିବେ । ସାରାଂଶ ହେଉଛି ଏହା କି ଈଶ୍ୱରଙ୍କର ମହିମା ଏହା ଆବଶ୍ୟକ କରୁଛି ଯେ ସେ ସୂକ୍ଷ୍ମ ହୋଇ ରହନ୍ତୁ ଓ ଶାରିରୀକ ଆଖିଠାରୁ ଲୁକ୍କାୟିତ ହୋଇରହନ୍ତୁ କିନ୍ତୁ ଏଥିଯୋଗୁଁ ତାହାଙ୍କ ଅସ୍ତିତ୍ୱ ସମ୍ବନ୍ଧରେ କଦାପି କୌଣସି ସନ୍ଦେହ କରାଯାଇନପାରେ । କାରଣ ତାକୁ ଚିହ୍ନିବା ପାଇଁ ବହୁତ କିଛି ନିର୍ଦ୍ଦିଷ୍ଟ ଏବଂ ଚରମ ଉପାୟ ଉନ୍ମୁକ୍ତ ରହିଛି ଯାହା ଆମର ଏହି ଶାରିରୀକ ଆଖି ଦ୍ୱାରା ସମ୍ଭବ ନୁହେଁ ।

### ଈଶ୍ୱରଙ୍କ ସମ୍ବନ୍ଧରେ କାହିଁକି ଗବେଷଣା କରାଯିବ ?

ପ୍ରକୃତି ଏବଂ ମଣିଷର ବୁଦ୍ଧି, ଦୁଇଟିଯାକ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଉଠୁଥିବା ପ୍ରଶ୍ନକୁ ଏମିତି ଆମ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି ଯେ ଆମେ ଏ ସମ୍ବନ୍ଧରେ ଗବେଷଣା ନ କରି ରହିପାରିବା ନାହିଁ । କଣ ଏ ପ୍ରଶ୍ନ ଉଠୁ ନାହିଁ କି ଆମର ଜଣେ ସୃଷ୍ଟିକର୍ତା ଅଛନ୍ତି ବା ନାହିଁ? ଯଦି ଆମର ଜଣେ ସୃଷ୍ଟିକର୍ତା ଅଛନ୍ତି ତା'ହେଲେ ସେ କିଏ ଏବଂ କେଉଁଠି ଅଛନ୍ତି ? ସେ କେଉଁସବୁ ଗୁଣର ଅଧିକାରୀ ? କଣ ଆମ ନିକଟରେ ଏ ପ୍ରଶ୍ନ ଉଠୁନାହିଁ କି ଯଦି ଆମକୁ କିଏ ସୃଷ୍ଟି କରିଛି ତେବେ ଆମ ଜନ୍ମର ଉଦ୍ଦେଶ୍ୟ କଣ ? ଯଦି ଆମ ଜନ୍ମର କୌଣସି ଉଦ୍ଦେଶ୍ୟ ଅଛି ତେବେ ସେହି ଉଦ୍ଦେଶ୍ୟ କିପରି ହାସଲ ହେବ ? ଯଦି ଏହି ସମସ୍ତ ପ୍ରଶ୍ନ ଏ ସଂକ୍ରାନ୍ତରେ ନାହିଁ, ତେବେ ଏମିତି କିଏ ବୁଦ୍ଧିମାନ ବ୍ୟକ୍ତି ଅଛି ଯିଏ ଏହାର ଅନୁସନ୍ଧାନ କରିବାକୁ ଅସ୍ୱୀକାର କରିପାରେ ? ଏ ଦୁନିଆରେ ଯେତକ ଧର୍ମ ଅଛନ୍ତି, ସମସ୍ତେ ଖୁଦାତାଲାଙ୍କ ଅସ୍ତିତ୍ୱର ପ୍ରଶ୍ନକୁ ଆମ ସମ୍ମୁଖରେ ପେଶ୍ କରୁଛନ୍ତି ବରଂ ସେହି ସମସ୍ତ ଧର୍ମର କେନ୍ଦ୍ରୀୟ ଶିକ୍ଷା ହେଉଛି ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱ ଓ ଅଲ୍ଲାଃଙ୍କ ବିଶେଷ ଗୁଣ ।

ପୃଥିବୀରେ ବିଦ୍ୟମାନ ସମସ୍ତ ଧର୍ମର ଶିକ୍ଷାରେ କେତେ ବି ଅନ୍ତର ଥାଉ ନା କାହିଁକି, ସମସ୍ତେ ଗୋଟିଏ କଥାରେ ଏକମତ ଯେ ଏହି ବ୍ରହ୍ମାଣ୍ଡରୂପକ କାରଖାନାର କେହି ଜଣେ ସୃଷ୍ଟିକର୍ତା ଓ ମାଲିକ ଅଛନ୍ତି । ଯାହାଙ୍କ ହାତମୁଠାରେ ଆମର ଜୀବନ ଅଛି । ପୁଣି ସେହି ସୃଷ୍ଟିକର୍ତା ଓ ମାଲିକ ଆମ ଜୀବନର ଏକ ଉଦ୍ଦେଶ୍ୟକୁ ହାସଲ କରିବାପାଇଁ ସେ ସ୍ୱୟଂ ଆମକୁ ରାସ୍ତା ଦେଖାଇଛନ୍ତି । ପୁଣି ଏହା ବତାଇଛନ୍ତି ଯେ ମୃତ୍ୟୁ ମଣିଷ ଜୀବନର ଅନ୍ତ ନୁହେଁ ବରଂ ମୃତ୍ୟୁ ପରେ ଆଉ ଏକ ଜୀବନ ମିଳିବ ଯେଉଁ ଜୀବନରେ ମଣିଷ ଏ ଜୀବନର କର୍ମଫଳ ଭୋଗିବ ଇତ୍ୟାଦି ଇତ୍ୟାଦି ।

### ଈଶ୍ୱରଙ୍କ ଅସ୍ତିତ୍ୱ ଅନୁସନ୍ଧାନ କରିବାର ପଦ୍ଧତି

ଏବେ ମୁଁ ସଙ୍କ୍ଷେପରେ ଏହା ବର୍ଣ୍ଣନା କରିବାକୁ ଚାହିଁବି ଯେ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଜ୍ଞାନ ହାସଲ କରିବାପାଇଁ କେଉଁ ପଦ୍ଧତି ଅବଲମ୍ବନ କରିବା ଉଚିତ ? କାରଣ ଯେ ପର୍ଯ୍ୟନ୍ତ ଆମେ ଏହା ଜାଣିବାନାହିଁ ଯେ ଏକ ନିର୍ଦ୍ଦିଷ୍ଟ ଜିନିଷକୁ ଖୋଜିବା ପାଇଁ କଣ ଉପଯୁକ୍ତ ଉପାୟ ରହିଛି ସେ ପର୍ଯ୍ୟନ୍ତ ଆମେ ଏଥିରେ ସଫଳ ହୋଇପାରିବାନାହିଁ ଏବଂ ଗୋଟିଏ ଭୁଲ୍ ମାର୍ଗକୁ ଗ୍ରହଣ କରି ଆମେ ନିଜର

ସମସ୍ତ ପ୍ରୟାସକୁ ନଷ୍ଟ କରିନେବା ।

**ଅନୁସନ୍ଧାନ କ୍ଷେତ୍ରରେ ନିୟତର ଅର୍ଥାତ ଉଦ୍ଦେଶ୍ୟର ଭୂମିକା**

ଜଣେ ଦାର୍ଶନିକ ପରି ଈଶ୍ୱରଙ୍କ ଅନୁସନ୍ଧାନ କରିବା ନିରର୍ଥକ କାରଣ ସେ କେବଳ ଜ୍ଞାନର ଭଣ୍ଡାରରେ ଏକ ଜ୍ଞାନକୁ ବୃଦ୍ଧି କରିବାପାଇଁ ଏହି କ୍ଷେତ୍ରରେ ପାଦ ରଖିଥାଏ । ତା'ର ଏଥିରେ ମତଲବ ନାହିଁ ଯେ ଯଦି ଈଶ୍ୱର ଅଛନ୍ତି ତା'ହେଲେ ଈଶ୍ୱର କେଉଁସବୁ ଗୁଣର ଅଧିକାରୀ ଏବଂ ଭକ୍ତଙ୍କ ସହିତ ତାଙ୍କର କଣ ସମ୍ପର୍କ ? ସେହିଭଳି ଭକ୍ତମାନଙ୍କର ତାହାଙ୍କ ସହିତ କି ପ୍ରକାରର ସମ୍ପର୍କ ରହିବା ଉଚିତ ଓ ଈଶ୍ୱରଙ୍କୁ ପାଇବା ପାଇଁ କଣ ସବୁ ସାଧନ ରହିଛି ?

ହେ ମୋର ପ୍ରୀୟ ଲୋକମାନେ ! ଈଶ୍ୱରଙ୍କ ସନ୍ଧାନରେ ତୁମେ କଦାପି ଦାର୍ଶନିକମାନଙ୍କ ପଦାଙ୍କ ଅନୁସରଣ କରନାହିଁ କାରଣ ଏହି ପଥକୁ ଅନୁସରଣ କରି ତୁମେ ଈଶ୍ୱରଙ୍କୁ ପାଇପାରିବ ନାହିଁ ଏପରି ଖୋଜିବା ମଧ୍ୟ ଫଳହୀନ । ଏହିଭଳି ପ୍ରୟାସ କରିବାରେ ଈଶ୍ୱର କେବେ ବି ନିଜର ଚେହେରାକୁ ଆମ ପାଇଁ ପ୍ରକାଶ କରିବେନାହିଁ ବରଂ ସେ କେବଳ ସେହି କ୍ଷେତ୍ରରେ ଆମ ପାଇଁ ପ୍ରକାଶ ହେବେ ଯେତେବେଳେ ସେ ଦେଖିବେ ଯେ ଆମେ ସତ୍ ଆନ୍ତରିକତା ଓ ପ୍ରକୃତ ଉତ୍ସାହ ସହିତ ତାଙ୍କ ନିକଟରେ ପହଂଚିବାକୁ ଚାହୁଁଛୁ ଯଦ୍ୱାରା ଆମେ ତାଙ୍କ ଆର୍ଶିବାଦ ଲଭିପାରିବୁ ଏବଂ ତାହାଙ୍କ ସହିତ ନିଜ ସମ୍ପର୍କ ସ୍ଥାପନ କରି ଆମ ପାଇଁ ଉନ୍ନତିର ମାର୍ଗକୁ ଉନ୍ମୁକ୍ତ କରିପାରିବୁ ଯାହା ହେଉଛି ମଣିଷ ଜୀବନର ପ୍ରକୃତ ଉଦ୍ଦେଶ୍ୟ ।

**ଭଗବାନଙ୍କ ଉପରେ ବିଶ୍ୱାସ ଆଣିବାର ଦୁଇଟି ସ୍ତର**

ଅଲ୍ଲାଃଙ୍କ ଉପରେ ବିଶ୍ୱାସ ଆଣିବାର ସ୍ତର ଦୁଇ ଭାଗରେ ବିଭକ୍ତ । ପ୍ରାରମ୍ଭିକ ସ୍ତର ହେଉଛି ତାହା ଯାହା କେବଳ ବୁଦ୍ଧି ସାହାଯ୍ୟରେ ହାସଲ କରିବା ସମ୍ଭବପର ଏବଂ ଦ୍ୱିତୀୟ ସ୍ତର ହେଉଛି ତାହା ଯାହା କେବଳ ବୁଦ୍ଧି ଦ୍ୱାରା ସମ୍ଭବ ନୁହେଁ ବରଂ ତା ବୁଦ୍ଧିକୁ ସାହାଯ୍ୟ କରିବା ପାଇଁ ଈଶ୍ୱରଙ୍କ ତରଫରୁ ବିଶେଷ ବ୍ୟବସ୍ଥା କରାଯାଇଥାଏ । ପ୍ରଥମ ସ୍ତରରେ "ହେବା ଉଚିତ" ଏବଂ ଦ୍ୱିତୀୟ ସ୍ତରରେ "ବିଦ୍ୟମାନ ଅଛନ୍ତି" । ବୁଦ୍ଧି ଓ ତର୍କ କେବେ ବି ଆମକୁ "ଅଛନ୍ତି"ର ସ୍ତର ପର୍ଯ୍ୟନ୍ତ ପହଂଚାଇ ପାରିବ ନାହିଁ ବରଂ ତା'ର କାର୍ଯ୍ୟ କେବଳ ଏତିକି ଯେ ସେ ଈଶ୍ୱରଙ୍କ ସମ୍ବନ୍ଧରେ "ହେବା ଉଚିତ"ର ସିଦ୍ଧାନ୍ତ ପର୍ଯ୍ୟନ୍ତ ଆମ ମଧ୍ୟରେ ବିଶ୍ୱାସ ଜନ୍ମାଇ ଦେବ ।

**ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଯୁକ୍ତିଯୁକ୍ତ ତର୍କପୂର୍ଣ୍ଣ ପ୍ରମାଣ (ସତର୍କମୂଳକ ଉପାୟ)**

ଏପରି ବର୍ଣ୍ଣିତ ଅଛି ଯେ କେହି ଜଣେ ବ୍ୟକ୍ତି ହଜ୍‌ରତ୍ ଅଲୀ ର:ଅଙ୍କୁ ପଚାରିଥିଲେ ଯେ ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ କଣ ? ହଜ୍‌ରତ୍ ଅଲୀ ତାଙ୍କୁ ଜଣେ ସରଳ ଲୋକ ହୋଇଥିବା ଜାଣିପାରି ଏ ଉତର ଦେଇଥଲେ ଯେ । ଦେଖ ତୁମ ପାଇଁ ଏତିକି ବୁଝିବା ଯଥେଷ୍ଟ ହେବ ଯେ ଯଦି କୌଣସି ଈଶ୍ୱର/ଭଗବାନ ନାହାନ୍ତି ତେବ ଭଗବାନଙ୍କ ଉପରେ ବିଶ୍ୱାସ ଆଣୁଥିବା ବ୍ୟକ୍ତି ଓ ବିଶ୍ୱାସ ନ ଆଣୁଥିବା ବ୍ୟକ୍ତି ସମସ୍ତେ ସମାନ । କାହାର କିଛି କ୍ଷତି ନାହିଁ । କିନ୍ତୁ ଯଦି ଈଶ୍ୱର ଅଛନ୍ତି ତେବେ ଖୁବ୍ ମନେରଖ ଯେ ଅସ୍ୱୀକାର କରୁଥିବା ଲୋକମାନଙ୍କର ଘୋର ଅସୁବିଧା ହେବ । ଏହି ପ୍ରମାଣ ପାଇ ସେହି ଲୋକଟି ସନ୍ତୁଷ୍ଟ ହୋଇଗଲା ତେଣୁ ସେ ଆଉ କିଛି ପ୍ରଶ୍ନ ପଚାରିଲା ନାହିଁ । ବାସ୍ତବିକ ଯଦି ଈଶ୍ୱର ନାହାନ୍ତି ତେବେ ଆମକୁ ଅଛନ୍ତି ବୋଲି ମାନିନେବାରେ ଅସୁବିଧା କଣ ? ଯଦି ଈଶ୍ୱରଙ୍କ ଉପରେ ଆମେ ବିଶ୍ୱାସ ଆଣିବା ତା'ହେଲେ ଆମକୁ କଣ ସବୁ ତ୍ୟାଗ କରିବାକୁ ପଡ଼ିବ ? ତୁମେ ଯଥାର୍ଥ ଇଚ୍ଛାକୁ ପୂରଣ କରିପାରୁଛ ଯେମିତି ଖାଇବା ପିଇବା, ଶୋଇବା ଜାଗ୍ରତ ହେବା ବସିବା ଉଠିବା, ଖେଳକୁଦଳ କରିବା, ଲେଖାପଢ଼ା କରିବା ଇତ୍ୟାଦି ସାଂସାରିକ କାର୍ଯ୍ୟ କରିପାରିବ । ଧନସମ୍ପତି ଅର୍ଜନ କର, ସାଙ୍ଗସାଥି କର, ବାହା ହୋଇ ଘର ସଂସାର କର ଏବଂ ସନ୍ତାନ ଜନ୍ମ କର । ତୁମେ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବା ଦ୍ୱାରା ତାହା ତୁମକୁ କୌଣସି କାର୍ଯ୍ୟରୁ ନିବୃତ ରଖନ୍ତାହି ବରଂ ସେ କେବଳ ଏପରି କାର୍ଯ୍ୟ କରିବାକୁ ମନା କରୁଛି ଯାହା ତୁମ ନିଜ ପାଇଁ ଓ ଅନ୍ୟମାନଙ୍କ ପାଇଁ କ୍ଷତିକାରକ ଓ ଅନିଷ୍ଟ ହୋଇଥାଏ । ଏହିପରି କାର୍ଯ୍ୟରୁ ନିବୃତ ରହିବା ସ୍ୱୟଂ ତୁମର ପ୍ରକୃତି ଓ ବୁଦ୍ଧି ସମର୍ଥନ କରିଥାଏ । ସେହିଭଳି ସାମାଜିକ ଆଇନ କାନୁନ ଓ ରାଜନୈତିକ କାନୁନ୍ ମଧ୍ୟ ଏହା ଚାହିଁଥାଏ ।

**ପ୍ରକୃତି ଉପରେ ଆଧାରିତ ଯୁକ୍ତିଯୁକ୍ତ ପ୍ରମାଣ**

ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ମୁଁ ସର୍ବପ୍ରଥମେ ଯେଉଁ ଯୁକ୍ତିକୁ ଉପସ୍ଥାପନ କରିବାକୁ ଚାହିଁବି ତାହା ହେଉଛି ପ୍ରକୃତି ଉପରେ ଆଧାରିତ । ଆମ ପ୍ରକୃତି ସ୍ୱୟଂ ଏ ପ୍ରଶ୍ନ ଆମ ଭିତରେ ଉଠାଇଥାଏ ଯେ ଏ ବ୍ରହ୍ମାଣ୍ଡର ଜଣେ ସୃଷ୍ଟିକର୍ତା ଓ ମାଲିକ ଅଛନ୍ତି କି ନାହିଁ ? ତେଣୁ ଆମେ ଏହି ପ୍ରଶ୍ନକୁ ଅଣଦେଖା କରିପାରିବା ନାହିଁ । (ନୋଟ୍: ଏହ ବିଷୟବସ୍ତୁ ଉପରେ ଆଧାରିତ ଗୋଟିଏ ନିବନ୍ଧ ଏଥିରେ ପ୍ରକାଶ ପାଉଛି ପାଠକେ ସେଥିରୁ ଲାଭ ଉଠାନ୍ତୁ)

**ସୃଷ୍ଟି ଉପରେ ଆଧାରିତ ଯୁକ୍ତି ଏବଂ ବ୍ରହ୍ମାଣ୍ଡର କାର୍ଯ୍ୟ ସମ୍ବନ୍ଧୀୟ ସୁବ୍ୟବସ୍ଥା**

ଏହି ଦଲିଲ୍‌ର ପ୍ରଥମଭାଗ ଯାହା ସୃଷ୍ଟିର ଅସ୍ତିତ୍ୱଠାରୁ ସୃଷ୍ଟିକର୍ତାଙ୍କ ଅସ୍ତିତ୍ୱ ଆଡ଼କୁ ନେଇଯାଉଥିବା ସହିତ ସମ୍ପର୍କ ରଖିଛି ତାହା ଅତି ସହଜ । ଦୁଃଖର ବିଷୟ ଯେ ଏ ଦୁନିଆରେ ଲକ୍ଷ ଲକ୍ଷ ଲୋକ ଏପରି ଅଛନ୍ତି ଯେଉଁମାନେ ଆମକୁ ଏକଥା ମନାଇବାକୁ ଚାହୁଁଛନ୍ତି ଯେ ଏ ପୃଥିବୀ, ଏ ଆକାଶ, ଏ ପ୍ରାଣୀଜଗତ, ଏ ଉଭିଦ, ଏ ଜୀବଜନ୍ତୁ, ଏ ଗ୍ରହନକ୍ଷତ୍ର, ପୃଥିବୀର ସ୍ତର ଏବଂ ଏ ମଣିଷର ଶରୀର କୌଣସି ସୃଷ୍ଟିକର୍ତାଙ୍କ ଦ୍ୱାରା ସୃଷ୍ଟି ହୋଇନାହିଁ ବରଂ ଅନନ୍ତକାଳର ଏ ସମସ୍ତ ବସ୍ତୁ ବିଦ୍ୟମାନ ଅଛନ୍ତି । ମୁଁ ସେମାନଙ୍କ କଥାକୁ କିପରି ମାନିନେବି ? ମୋ ସାମନାରେ ଏବେ ଆରବଦେଶର ଜଣେ ବଦୁ ଅର୍ଥାତ ଗାଉଁଲି ଲୋକର କଥନର ଉଦାହରଣ ରହିଛି । କେହି ଜଣେ ତାଙ୍କୁ ଏ କଥା ପଚାରିଥିଲେ ଯେ ତୁମ ନିକଟରେ ଈଶ୍ୱରଙ୍କ ଅସ୍ତିତ୍ୱର କଣ ପ୍ରମାଣ ଅଛି ? ଉତରରେ ସେ ନିମ୍ନଲିଖିତ ପଂକ୍ତିଟି କହିଥିଲେ **ଅଲ୍‌ବିରତୁ ତଦୁଲ୍ଲୁ....... ଆଲା କଦିର୍ ।**

ଅର୍ଥାତ ଯେତେବେଳେ ଜଣେ ବ୍ୟକ୍ତି ଜଙ୍ଗଲ ଅତିକ୍ରମ କରି ଯାଉଥାଏ ଓ ଗୋଟିଏ ଓଟର ଗୋବରକୁ ଦେଖେ ସେତେବେଳେ ସେ ଏକଥା ବୁଝିନିଏ ଯେ ଏହି ସ୍ଥାନ ଦେଇ କୌଣସି ଏକ ଓଟ ଯାଇଛି । ଯେତେବେଳେ ସେ ମରୁଭୂମିର ବାଲି ଉପରେ ଲୋକମାନଙ୍କର ପାଦଚିହ୍ନକୁ ଦେଖିଥାଏ ସେତେବେଳେ ସେ ଅନୁମାନ କରିନିଏ ଯେ ନିଶ୍ଚିତ ଭାବରେ ଏହି ପଥ ଦେଇ କିଛି ପଥଚାରୀ ଯାଇଥିବେ । ତେବେ କଣ ଏହି ପୃଥିବୀ ତାହାର ସମସ୍ତ ପ୍ରଶସ୍ତ ପଥ ସହିତ ଓ ଏ ଆକାଶ ନିଜର ସୂର୍ଯ୍ୟ ଚନ୍ଦ୍ର ଏବଂ ତାରାଗୁଡ଼ିକ ସହିତ ସଲଗ୍ନ ହୋଇ ରହିଥିବାର ଦେଖି ତୁମେ ଏ କଥା ଚିନ୍ତା କରୁନାହଁ ଯେ ଏହି ସମସ୍ତ ବସ୍ତୁର କେହି ଜଣେ ସୃଷ୍ଟିକର୍ତା ଥିବେ ବୋଲି । ହେ ଭଗବାନ ! କେଡ଼େ ସଚ୍ଚା ଓ କେଡ଼େ ସରଳ ଥିଲା ତାଙ୍କର ଉତର କିନ୍ତୁ ତାଙ୍କ କଥାରେ ଗଭୀର ମାର୍ମିକତା ଭରି ରହିଥିଲା ଯାହା ଜଣେ ଅଶିକ୍ଷିତ ମରୁଭୂମିସ୍ଥ ଲୋକର ମୁଖରୁ ନିର୍ଗତ ହୋଇଥଲା । କିନ୍ତୁ ତା'ର ଗଭୀରତାକୁ ୟୁରୋପ ଏବଂ ଆମେରୀକାର ଦାର୍ଶନିକମାନେ ବୁଝିପାରିଲେ ନାହିଁ ।

**ପାଶ୍ଚାତ୍ୟ ଗବେଷକ ଏବଂ ଈଶ୍ୱରଙ୍କ ଉପରେ ବିଶ୍ୱାସ**

ସେମାନେ ବିଶ୍ୱାସ କରିଥାନ୍ତି ଯେ ମୂଳପଦାର୍ଥ ଭିତରେ ଭିନ୍ନ ଭିନ୍ନ ରୂପ ଗ୍ରହଣ କରିବାର ପ୍ରାକୃତିକ ଅବସ୍ଥା ରହିଛି ଓ ସେଥିରେ ଏ ଅନ୍ତର୍ନିହତ ଗୁଣ ରହିଛି କି ତାହା ଏକ ନିମ୍ନସ୍ତରରୁ ଗତିକରି ଧିରେ ଧିରେ ଉଚ୍ଚ ସ୍ତରକୁ ଉନ୍ନତି କରିଥାଏ । ପୁଣି ପାଶ୍ଚାତ୍ୟ ଗବେଷକମାନେ ଏକଥା କହୁଛନ୍ତି ଯେ ଏ ଦୁନିଆ ଅନନ୍ତକାଳରୁ ଏକ ବିଶେଷ ନିର୍ଦ୍ଧାରିତ କାନୁନ ଅର୍ନ୍ତଗତ କାର୍ଯ୍ୟ କରୁଛି ଏବଂ ଏବେ ମଧ୍ୟ ଦୁନିଆର ପ୍ରତ୍ୟେକ ବସ୍ତୁ ଗୋଟିଏ ବିଶେଷ ନିୟମ ଅନୁଯାୟୀ ପରିଚାଳିତ ତେଣୁ ଆମେ ବୈଜ୍ଞାନିକ ଅନୁସନ୍ଧାନ ଦ୍ୱାରା ପ୍ରତ୍ୟେକ ବସ୍ତୁର ସ୍ଥିରତା, ଗତି ଓ ପରିବର୍ତନର କାରଣ ଜାଣିପାରିବା ।

ଯଦି ଏହାକୁ ଆମେ ଅନୁଧ୍ୟାନ କରିଦେଖିବା ତେବେ ଜାଣିପାରିବା ଯେ ଏହି ଆପତି ସମ୍ପୂର୍ଣ୍ଣରୂପେ ନିରାଧାର । ବିବର୍ତନ ପ୍ରକ୍ରିୟା ଈଶ୍ୱରଙ୍କ ଅସ୍ତିତ୍ୱ ବିରୁଦ୍ଧରେ ଯୁକ୍ତି ଭାବରେ କଦାପି ଠିଆ ହୁଏ ନାହିଁ । କାରଣ ଏହି ବିବର୍ତନ ଏ ବ୍ରହ୍ମାଣ୍ଡର ପ୍ରାରମ୍ଭିକ ସୃଷ୍ଟି ସମ୍ବନ୍ଧରେ କିଛି ଆଲୋକପାତ କରୁନାହିଁ । କେବଳ ଏହି କଥାକୁ ସୂଚିତ କରେ ଯେ ଏ ଦୁନିଆରେ ଥିବା ବସ୍ତୁଗୁଡ଼ିକ ଅନନ୍ତକାଳରୁ ଏପରି ନଥିଲା ବରଂ ଏକ ପ୍ରାଥମିକ ସ୍ତରରୁ ଉନ୍ନତି କରି ବର୍ତମାନ ଅବସ୍ଥାରେ ପହଂଚିଛି । ଏଠାରେ ପ୍ରଶ୍ନ ଉଠୁଛି ଯେ ସେହି ପ୍ରାରମ୍ଭିକ ନିମ୍ନସ୍ତରର ଆଦି ବସ୍ତୁଗୁଡ଼ିକ କେଉଁଠାରୁ ଆସିଥିଲେ ? ଏ ସମ୍ବନ୍ଧରେ ବିବର୍ତନବାଦ ଉପରେ ବିଶ୍ୱାସ ରଖୁଥିବା ନାୟକମାନେ କୌଣସି ଯୁକ୍ତିଯୁକ୍ତ ଉତର ଦେଉନାହାନ୍ତି । କେବଳ ବିବର୍ତନବାଦ ଆଧାରରେ ଈଶ୍ୱରଙ୍କ ଅସ୍ତିତ୍ୱ ସ୍ୱୀକାର ନ କରିବାର ପ୍ରମାଣ ରୂପେ ଉପସ୍ଥାପନ କରିବା ଭିତିହୀନ ।

ଯଦି ଧ୍ୟାନ ଦେଇ ଦେଖାଯାଏ ତେବେ ଏହି ଭୌତିକ ସଂସାରର ସେହି ପ୍ରାରମ୍ଭିକ ଅବସ୍ଥା, ଯାହା ବର୍ଣ୍ଣନା କରାଯାଉଅଛି (ତାହା ଠିକ୍ ବା ଭୁଲ୍ ଏହା ବ୍ୟତିରେକେ) ତାହା ଏବେକାର ବ୍ରହ୍ମାଣ୍ଡରୁ ମଧ୍ୟ ଅଧିକା ବିଚିତ୍ର ଏବଂ ମଣିଷର ବୁଦ୍ଧିକୁ ଆଶ୍ଚର୍ଯ୍ୟ ଚକିତ କରିଦେବ କାରଣ ସେହି ପ୍ରାରମ୍ଭିକ ଅବସ୍ଥା ବର୍ତମାନ ଅବସ୍ଥିତ ସଂସାରର ମଞ୍ଜିଥିଲା । ପ୍ରତ୍ୟେକ ବୁଦ୍ଧିମାନ ବ୍ୟକ୍ତି ବୁଝିପାରିବେ ଯେ ମଞ୍ଜି ହେଉଛି ବୃକ୍ଷ ଅପେକ୍ଷା ଅଧିକ ବିଚିତ୍ର ଜିନିଷ ଏବଂ ଅଧିକା ବିଜ୍ଞାନ ସମ୍ମତ ବସ୍ତୁ । ବାକି ରହିଲା ଯେଉଁ ଦ୍ୱିତୀୟ ଅଭିଯୋଗ ଅର୍ଥାତ ଦୁନିଆର ପ୍ରତ୍ୟେକ ବସ୍ତୁ, ପ୍ରତ୍ୟେକ ପରିବର୍ତନ ଅବା ପ୍ରତ୍ୟେକ ସ୍ଥିରତା, ତାହାସବୁ ଏକ ବିଶେଷ କାନୁନ ଅନ୍ତର୍ଗତ ରହିଛି ଏବଂ ଏବେ ଆମ୍ଭେ ଦିନକୁ ଦିନ ସେହି ଗୁପ୍ତ ପ୍ରାକୃତିକ ନିୟମ କାନୁନ ବିଷୟରେ ଅଧିକରୁ ଅଧିକ ଜ୍ଞାନ ହାସଲ କରିଚାଲୁଛେ ବୋଲି ତେବେ ଏହା ଅତ୍ୟନ୍ତ ଅବାନ୍ତର ଓ ଦୁର୍ବଳ ଅଭିଯୋଗ ।

ପ୍ରକୃତ କଥା ହେଉଛି ଏହା କି ଏହି ବ୍ରହ୍ମାଣ୍ଡର ବ୍ୟବସ୍ଥା ଏବଂ ଏ ପ୍ରକୃତିର କାନୁନ ଯେତେ ଯେତେ ଉନ୍ମୋଚନ ହୋଇଚାଲିଛି ସେତେମାତ୍ରାରେ ଏ ବ୍ରହ୍ମାଣ୍ଡ ସାଂସାରୀକ ଜ୍ଞାନୀମାନଙ୍କ ସମ୍ମୁଖରେ ଜଣେ ସର୍ବଜ୍ଞ, ସର୍ବଜ୍ଞାନୀ ଏବଂ ସର୍ବଶକ୍ତିଶାଳୀ ସୃଷ୍ଟିକର୍ତାଙ୍କ ପ୍ରତି ଅଧିକରୁ ଅଧିକ ଇଶାରା କରିଚାଲିଛି । ଅତଏବ ଖୁଦ୍ ପାଶ୍ଚାତ୍ୟ ଗବେଷକ/ଶୋଧକର୍ତାମାନଙ୍କ ମଧ୍ୟରୁ ଗୋଟିଏ ବଡ଼ ଗୋଷ୍ଠି ଏପରି

ଲୋକମାନଙ୍କର ଅଛି, ଯେଉଁମାନେ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣୁଛନ୍ତି ଏବଂ ଏହି ଆଧୁନିକ ଅନୁସନ୍ଧାନ /ଗବେଷଣା ତାଙ୍କ ଇମାନ୍‌ର ମାର୍ଗରେ କଦାପି ପ୍ରତିବନ୍ଧକ ସାଜୁନାହିଁ ବରଂ ତାହାକୁ ସେମାନେ ନାସ୍ତିକବାଦ ବିରୋଧରେ ଏକ ଅସ୍ତ୍ର ରୂପେ ବ୍ୟବହାର କରୁଛନ୍ତି ।

ଏତଦ୍‌ବ୍ୟତିତ ଆଉ ଏକ କଥା ମଧ୍ୟ ମନେ ରଖିବା ଉଚିତ ତାହା ହେଉଛି ଏହା କି ଦୁର୍ଭାଗ୍ୟବସତଃ ଲୋକମାନେ ବିଜ୍ଞାନ ସମ୍ବନ୍ଧରେ ଏକ ଭୟଙ୍କର ଭ୍ରମରେ ପଡ଼ି ଯାଇଛନ୍ତି । ଅର୍ଥାତ ସେମାନେ ବୈଜ୍ଞାନିକମାନଙ୍କ ଅନୁମାନ ଏବଂ ବିଜ୍ଞାନର ପ୍ରମାଣିତ ତଥ୍ୟ ମଧ୍ୟରେ ପ୍ରାର୍ଥକ୍ୟ କରୁନାହାନ୍ତି । ବୈଜ୍ଞାନିକମାନଙ୍କର ଘୋଷଣାଗୁଡ଼ିକ ତିନି ଭାଗରେ ବିଭକ୍ତ ।
(ପ୍ରଥମ) ବୈଜ୍ଞାନିକମାନଙ୍କର ଅନୁମାନ
(ଦ୍ୱିତୀୟ) ବୈଜ୍ଞାନିକମାନଙ୍କର ଅସମ୍ପୁର୍ଣ୍ଣ ପରୀକ୍ଷଣ
ଏବଂ (ତୃତୀୟ) ବିଜ୍ଞାନର ସିଦ୍ଧ ପ୍ରମାଣିତ ତଥ୍ୟ

ଏହି ତିନୋଟିର ଭିନ୍ନ ଭିନ୍ନ ସ୍ଥିତି ଏବଂ ଗ୍ରେଡ଼ ରହିଛି । ଏ ସମସ୍ତକୁ ଗୋଟିଏ ନିକିତିରେ ତଉଲିବା ଏକ ବିରାଟ ଭୁଲ ହେବ । ଯେବେକି ପ୍ରତ୍ୟେକ ବ୍ୟକ୍ତି ଯିଏ ଅଳ୍ପ ବହୁତ ଜ୍ଞାନ ରଖିଛି ସେ ଜାଣିଛି ଯେ ଅନୁମାନ ଓ ଅସମ୍ପୁର୍ଣ୍ଣ ପରୀକ୍ଷଣ ହେଉଛି ଅଲଗା ଓ ସିଦ୍ଧ ପ୍ରମାଣିତ ତଥ୍ୟ ହେଉଛି ଅଲଗା ଜିନିଷ ।

### ଈଶ୍ୱର ସୃଷ୍ଟି ହୋଇନାହାନ୍ତି

ଏଠାରେ ଏକ ସନ୍ଦେହକୁ ଦୂର କରିବା ଜରୁରୀ, ଯାହା କିଛି ନିର୍ବୋଧ ଲୋକମାନଙ୍କ ମନରେ ସୃଷ୍ଟି ହୋଇଥାଏ । ବିଶେଷ ରୂପେ ଯୁବକମାନଙ୍କ ମନରେ ସୃଷ୍ଟି ହୋଇଥାଏ । ତାହା ହେଉଛି ଏହା କି ଯଦି ଏ ଦୁନିଆକୁ ଈଶ୍ୱର ସୃଷ୍ଟି କରିଛନ୍ତି ତେବେ ଈଶ୍ୱରଙ୍କୁ କିଏ ସୃଷ୍ଟି କରିଛି ? ଯଦି ଏକଥାକୁ ମାନିନିଆଯାଏ ଯେ ଯେଉଁ ହସ୍ତି/ ଅସ୍ତିତ୍ୱ / ସତା ଏ ଜଗତର ସୃଷ୍ଟିକର୍ତ୍ତା ଓ ମାଲିକ, ତାହାଙ୍କୁ ଆଉ ଜଣେ ତାହାଙ୍କଠାରୁ ବଡ଼ ଶକ୍ତି ସୃଷ୍ଟି କରିଛନ୍ତି ବୋଲି ତେବେ ଆମେ ସେହି ବଡ଼ ଶକ୍ତି/ ସତା ର ନାମ ଈଶ୍ୱର ରଖିବୁ ଏବଂ ତାହାଙ୍କ ଅନ୍ତର୍ଗତ ଥିବା ସତାକୁ ପ୍ରାଣୀ ଅର୍ଥାତ ସୃଷ୍ଟଜ ରୂପେ ଅଭିହିତ କରିବୁ ।

ଯଦି କାହା ମନରେ ଏ ଭାବନା ସୃଷ୍ଟି ହୁଏ ଯେ ଯେହେତୁ ପ୍ରତ୍ୟେକ ସତା/ ଅସ୍ତିତ୍ୱ ସମ୍ବନ୍ଧରେ ଏ ପ୍ରଶ୍ନ ଉପୁଜିବ ଯେ ତାହାର ଖାଲିକ (ସୃଷ୍ଟିକର୍ତ୍ତା) ଓ ମାଲିକ କିଏ ବୋଲି ସେତେବେଳେ କୌଣସି ଏପରି ସତା ପ୍ରମାଣିତ ହୋଇପାରିବ ନାହିଁ ଯାହାକୁ ଆଦି ସତା କୁହାଯାଇପାରିବ । ଏହାର ଉତର ହେଉଛି ଏହା କି ଏକଥା ଯୁକ୍ତିଯୁକ୍ତ ଭାବରେ ଅସମ୍ଭବ ଯେ ଏହି ଶୃଙ୍ଖଳାର କୌଣସି ଆଦିସତା ନାହିଁ । କାରଣ ଯଦି କାହାକୁ ଆଦିସତା ଭାବେ ସ୍ୱୀକାର ନ କରାଯାଏ, ତେବେ ନିଶ୍ଚିତରୂପେ ଏହାର ପରିଣାମ ଏହା ହେବ ଯେ ନିମ୍ନରେ ଥିବା ସମସ୍ତ ସତାର ଅସ୍ତିତ୍ୱକୁ ଅସ୍ୱୀକାର କରିବାକୁ ହେବ । ଏପରି କି ସାରା ବ୍ରହ୍ମାଣ୍ଡର ଉତ୍ପତିକୁ ମଧ୍ୟ ଅସ୍ୱୀକାର କରିବାକୁ ହେବ ।

ବାସ୍ତବିକ ଏ ପ୍ରଶ୍ନ ହିଁ ଭୁଲ ଅଟେ ଯେ ଈଶ୍ୱରଙ୍କର ସୃଷ୍ଟିକର୍ତ୍ତା ଓ ମାଲିକ କିଏ । କାରଣ ଈଶ୍ୱରଙ୍କ ସମ୍ବନ୍ଧରେ ଏପରି ପ୍ରଶ୍ନ କରାଯାଇ ନ ପାରେ । ପ୍ରକୃତ କଥା ହେଉଛି ଏହା କ ଈଶ୍ୱରତ୍ୱ ଏବଂ ସୃଷ୍ଟଜ/ ସୃଷ୍ଟି ଉତ୍ପତିର ପ୍ରକାର ଭେଦ ସମ୍ପୁର୍ଣ୍ଣରୂପେ ଅଲଗା ଏବଂ ଏକଥା ଯୁକ୍ତିଯୁକ୍ତ ସମ୍ଭବ ନୁହେଁ ଯେ ଏହି ଦୁଇଟିର ଭାବ ଗୋଟିଏ ଅସ୍ତିତ୍ୱ ଭିତରେ ଏକତ୍ରିତ ହେବ କାରଣ ଯେଉଁଠି ଈଶ୍ୱରତ୍ୱର ଅର୍ଥ ଏହା ଆବଶ୍ୟକ କରୁଛି ଯେ କେବଳ ସେହି ଅସ୍ତିତ୍ୱର ନାମ ଈଶ୍ୱର ରଖାଯାଉ ଯିଏ ସମସ୍ତଙ୍କଠାରୁ ଉର୍ଦ୍ଧରେ (ଅର୍ଥାତ ସମସ୍ତଙ୍କଠାରୁ ବଡ଼) ସେଠି ସୃଷ୍ଟଜର ଭାବ ଏକଥାକୁ ଆବଶ୍ୟକ କରୁଛି ଯେ ଯାହାକୁ ଆମେ ସୃଷ୍ଟଜ ବୋଲି ଅଭିହିତ କରିବା ତା ଉପରେ ଆଉ କୌଣସି ଅସ୍ତିତ୍ୱ ମଧ୍ୟ ରହିବା ଉଚିତ । ତେଣୁ ଏହି ଦୁଇଟି ଭାବ କୌଣସି ମତେ ମଧ୍ୟ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇପାରିବେ ନାହିଁ ।

ଅର୍ଥାତ ଏହା ସମ୍ଭବ ନୁହେଁ କି ଗୋଟିଏ ଅସ୍ତିତ୍ୱ ଈଶ୍ୱର ବି ହେଉ ଓ ସୃଷ୍ଟଜ ବି ହେଉ । ତେଣୁ ଯଦି ଏହା ଅସମ୍ଭବ ତେବେ ଆମକୁ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ଯେବେ ଆମେ କୌଣସି ଅସ୍ତିତ୍ୱକୁ ଈଶ୍ୱର ରୂପେ ମାନିନେଉଛେ ତେବେ ତାହାଙ୍କ ସମ୍ବନ୍ଧରେ ଏ ପ୍ରଶ୍ନ ଉଠି ହିଁ ନପାରେ କି ତାହାଙ୍କର ସୃଷ୍ଟି କର୍ତ୍ତା କିଏ ? ତୃତୀୟ ଉତର ମୁଁ ଏ ସନ୍ଦେହ ସମ୍ବନ୍ଧରେ ଦେବାକୁ ଚାହିଁବି ଯେ ଆସନ୍ତୁ ଆମେ କିଛି ସମୟ ପାଇଁ ଏକଥା ମାନିନେବା ଯେ ଈଶ୍ୱର ସୃଷ୍ଟି ହୋଇଛନ୍ତି ତା'ପରେ ପୁଣି ଦେଖିବା ଯେ ଏହାର ଫଳ କଣ ହେବ । ଯଦି ଖୁଦାଙ୍କୁ ମଖଲୁଖ ଅର୍ଥାତ କାହାଦ୍ୱାରା ସୃଷ୍ଟି ହୋଇଛନ୍ତି ବୋଲି ମାନିନେବା ତେବେ ତାଙ୍କର ସମସ୍ତ ବିଶେଷଗୁଣକୁ ଅସ୍ୱୀକାର କରିବାକୁ ହେବ । ଉଦାହରଣ ସ୍ୱରୂପ ଯଦି ଈଶ୍ୱର ମଖ୍‌ଲୁକ୍ ତେବେ ସେ ଆଦି (ସର୍ବପ୍ରଥମ) ହୋଇପାରିବେ ନାହିଁ ବରଂ ତାଙ୍କୁ ନୂଆ ବୋଲି ମାନିବାକୁ ପଡ଼ିବ । ଯଦି ଈଶ୍ୱର ମଖ୍‌ଲୁକ୍ (ଅର୍ଥାତ ସୃଷ୍ଟି ହୋଇଛନ୍ତି) ତେବେ ସେ ଅମର ହୋଇପାରିବେ ନାହିଁ ବରଂ ତାଙ୍କୁ ନଶ୍ୱର ମଣିବାକୁ ହେବ । ସେହିପରି ଯଦି ଈଶ୍ୱର ମଖ୍‌ଲୁକ୍ ତେବେ ସେ ସ୍ୱୟଂ ପ୍ରତିଷ୍ଠିତ ହୋଇପାରିବେ ନାହିଁ ବରଂ ତାଙ୍କୁ ସୃଷ୍ଟିକର୍ତ୍ତା ତଥା ମାଲିକଙ୍କ ସାହାରା ନେଇ ପ୍ରତିଷ୍ଠିତ ହେବାକୁ ପଡ଼ିବ ।

### ଏ ଦୁନିଆକୁ କାହିଁକି ଗଏର୍ ମଖଲୁକ ଅର୍ଥାତ କାହାଦ୍ୱାରା ସୃଷ୍ଟ ହୋଇନାହିଁ ବୋଲି ମଣା ନଯିବ ?

ତା'ପରେ ମୁଁ ଆଉ ଏକ ସନ୍ଦେହକୁ ଦୂର କରିବାକୁ ଚାହିଁବି । ତାହା ହେଉଛି ଏହା କି ଯଦି ଆମେ ଈଶ୍ୱରଙ୍କୁ ଗଏର୍ ମଖ୍‌ଲୁକ୍ ଅର୍ଥାତ ସେ କାହାଦ୍ୱାରା ସୃଷ୍ଟି ହୋଇନାହାନ୍ତି ବୋଲି ଭାବିବା ଓ ସେ ଅନନ୍ତ କାଳରୁ ଆମ୍ ବିଦ୍ୟମାନ ବୋଲି ଜାଣିବା ତେବେ କାହିଁକି ଏ ଦୁନିଆକୁ ହିଁ ସ୍ୱୟଂ ପ୍ରତିଷ୍ଠିତ ଓ ଗଏର୍ ମଖ୍‌ଲୁକ୍ ଅର୍ଥାତ କାହାଦ୍ୱାରା ସୃଷ୍ଟି ହୋଇନାହିଁ ବୋଲି ଭାବିବା ନାହିଁ ? ଏହି ପ୍ରକାର ସନ୍ଦେହ ଧ୍ୟାନ ଦେଇ ଚିନ୍ତା ନ କରିବା ଯୋଗୁଁ ଏବଂ ନାସ୍ତିକବାଦୀ ଚିନ୍ତାଧାରରୁ ହିଁ ସୃଷ୍ଟି ହୋଇଥାଏ । ଆମେ ଏ ସଂସାରକୁ ମଖ୍‌ଲୁକ୍ (ଅର୍ଥାତ ସୃଷ୍ଟି ହୋଇଛି) ବୋଲି ଏଥିଯୋଗୁଁ ମାନୁନାହୁଁ ଯେ ଯେହେତୁ ପ୍ରତ୍ୟେକ ବସ୍ତୁ ମଖ୍‌ଲୁକ୍ ହେବା ଜରୁରୀ ତେଣୁ ଏ ଦୁନିଆ ମଧ୍ୟ ମଖ୍‌ଲୁକ୍ ହେବା ଉଚିତ ବରଂ ଏଥିଯୋଗୁଁ ମାନୁଛୁ ଯେ ଏ ଦୁନିଆର ଅବସ୍ଥା ଦୁନିଆକୁ ମଖ୍‌ଲୁକ୍ ବୋଲି ପ୍ରମାଣିତ କରୁଅଛି । ପ୍ରତ୍ୟେକ ବସ୍ତୁର ବିଶେଷ ଅବସ୍ଥା ରହିଛି ଏବଂ ତା'ର ବିଶେଷ ଅବସ୍ଥା ଅନ୍ତର୍ଗତ ତା ସମ୍ବନ୍ଧରେ କୌଣସି ରାୟ ଦିଆଯାଇପାରେ । ଏ ଦୁନିଆରେ କୌଣସି ବସ୍ତୁ ମଧ୍ୟ ଏପରି ନାହିଁ, ଯାହାକୁ ଯଦି ତାକୁ ଆମେ ମଖ୍‌ଲୁକ୍ (ସୃଷ୍ଟି ହୋଇଛି) ବୋଲି ମାନିନେବା ତେବେ ତା'ର କୌଣସି ବିଶେଷ ଗୁଣକୁ ଅସ୍ୱୀକାର କରିବାକୁ ପଡ଼ିବ । କିନ୍ତୁ ଈଶ୍ୱରଙ୍କୁ ଯଦି ମଖ୍‌ଲୁକ୍ ବୋଲି ଭାବିନିଆଯାଏ ତେବେ ତାହାଙ୍କର ସମସ୍ତ ବିଶେଷଗୁଣ ଓ ସିଦ୍ଧାନ୍ତକୁ ଅସ୍ୱୀକାର କରିବାକୁ ପଡ଼ିବ ।

### ଭଲ ଏବଂ ମନ୍ଦ ବିଷୟରେ ଜ୍ଞାନ ହାସଲ କରିବାର ଦଲିଲ

ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ପରବର୍ତୀ ଯୁକ୍ତିଯୁକ୍ତ ପ୍ରମାଣକୁ ମୁଁ ଏଠାରେ ଉପସ୍ଥାପନ କରିବାକୁ ଚାହିଁବି । ତାହା ହେଉଛି ସେହି ନୈତିକ ଗୁଣ ଯାହା ପ୍ରତ୍ୟେକ ମନୁଷ୍ୟର ପ୍ରକୃତିରେ ଭରି ରହିଛି । ଭଲ ଏବଂ ମନ୍ଦ ଜାଣିବା ପାଇଁ ଯେଉଁ ଜ୍ଞାନର ଆବଶ୍ୟକ ତାହା ପ୍ରତ୍ୟେକ ମଣିଷ ଭିତରେ ମହଜୁଦ୍ ରହିଛି ଏବଂ ଏହି ଜ୍ଞାନ ଏ କଥାର ଏକ ଜବରଦସ୍ତ ପ୍ରମାଣ ଯେ ମଣିଷ ଆପଣାଛାଏଁ କୌଣସି ଆକସ୍ମିକ ଭାବରେ ସୃଷ୍ଟି ହୋଇଯାଇନାହିଁ ଏବଂ ନା ସେ କୌଣସି ଅନ୍ଧାରି କାନୁନ୍‌ର ଫଳ ବରଂ ଜଣେ ସର୍ବଜ୍ଞ ଏବଂ ତତ୍ୱଜ୍ଞାନୀ ସତା/ଅସ୍ତିତ୍ୱ ତାକୁ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଅନ୍ତର୍ଗତ ସୃଷ୍ଟି କରିଛି । ସେହି ଉଦ୍ଦେଶ୍ୟ ହେଉଛି ଏହା କି ମଣିଷ ନିଜର ଏହି ପ୍ରାକୃତିକ ଜ୍ଞାନକୁ, ଯାହା ଏକ ବୀଜ ସଦୃଶ ତା ଭିତରେ ରଖାଯାଇଅଛି, ତାକୁ ପୋଷଣ ଦେଇ ନିଜ ପାଇଁ ଉନ୍ନତିର ମାର୍ଗ ଖୋଲିବ ଏବଂ ସେହି ସୌନ୍ଦର୍ଯ୍ୟମୟ ଏବଂ ଅନୁଗ୍ରହକାରୀ ସ୍ୱୟଂ ସମ୍ପୁର୍ଣ୍ଣ ଉତ୍ସ ଏବଂ ସେହି ଏକେଶ୍ୱରବାଦ ରୂପକ ଜୀବନ ଝରଣା ଅର୍ଥାତ ଈଶ୍ୱରଙ୍କ ପ୍ରତିରୂପକୁ ନିଜ ଭିତରେ ଧାରଣ କରି ସମସ୍ତ ପ୍ରକାରର ଉଚ୍ଚତମ ସ୍ତରଙ୍କୁ ହାସଲ କରିବାକୁ ସକ୍ଷମ ହେବ । ଅତଏବ ପବିତ୍ର କୁର୍‌ଆନ୍‌ରେ ବର୍ଣ୍ଣିତ ଅଛି **ଫଅଲହମହା ଫୁଜୁରହା ୱ ତକ୍‌ୱାହା (ସୁରଃ ଅଶ୍‌ଶମସ:୯)** ଅର୍ଥାତ: "ଈଶ୍ୱର ପ୍ରତ୍ୟେକ ମନୁଷ୍ୟର ପ୍ରକୃତିରେ କୁକର୍ମ ତଥା ପୂଣ୍ୟକର୍ମକୁ ଚିହ୍ନିବାର ଜ୍ଞାନ ଭରିଦେଇଛନ୍ତି ଏବଂ ତାକୁ ତାହାର ସ୍ୱଭାବ ଜରିଆରେ ବତାଇ ଦେଇଛି ଯେ ଏହି ରାସ୍ତା ହେଉଛି ମନ୍ଦ ଓ ଏହି ରାସ୍ତା ହେଉଛି ଭଲ ।"

ପୁଣି ଆଉ ଏକ ସ୍ଥାନରେ ଅଲ୍ଲାଃ କହୁଛନ୍ତି **ୱ ହଦୈନାହୁନ୍ ନଜଦୈନ୍ (ସୁରଃ ଅଲ୍‌ବଲଦ:୧୧)** ଅର୍ଥାତ ଆମେ ମଣିଷକୁ ସୁପଥ ଓ କୁପଥ ଉଭୟ ପଥ (ତା' ସ୍ୱଭାବ ଜରିଆରେ) ଦେଖାଇ ଦେଇଛୁ ।"

### ସାର୍ବଜନୀନ ସ୍ୱୀକୃତିର ପ୍ରମାଣ

ତା'ପରେ ମୁଁ ଯେଉଁ ପ୍ରମାଣ ବିଷୟରେ ବର୍ଣ୍ଣନା କରିବାକୁ ଚାହୁଁଛି ତାହା ହେଉଛି ସାର୍ବଜନୀନ ସ୍ୱୀକୃତି । ଏହି ଦଲିଲ୍ ଏ ସିଦ୍ଧାନ୍ତ ଉପରେ ଆଧାରିତ ଯେ ସଂସାରରେ କୌଣସି ଧାରଣା ବା ବିଶ୍ୱାସର ଯେଉଁ ସାର୍ବଜନୀନ ସ୍ୱୀକୃତି ପ୍ରତ୍ୟେକ ଯୁଗରେ ତିଷ୍ଠି ରହିଛି, ତାହା ଏହାର ପ୍ରମାଣ ଯେ ସେହି ଧାରଣା ବା ବିଶ୍ୱାସ ମୂଳତଃ ସତ୍ୟ ଉପରେ ଆଧାରିତ ।

ଏବେ ଏହି ସିଦ୍ଧାନ୍ତ ଅନ୍ତର୍ଗତ ତର୍କ ଉପରେ ଯଦି ଦୃଷ୍ଟି ନିକ୍ଷେପ କରିବା ତେବେ ଜାଣିପାରିବା ଯେ, ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବାର ଆସ୍ଥା ଏପରି ଏକ ଆସ୍ଥା ରୂପେ ପ୍ରମାଣ ହେଉଛି ଯାହାକୁ କୌଣସି ବୁଦ୍ଧିମାନ ବ୍ୟକ୍ତି ଅସ୍ୱୀକାର କରିପାରିବ ନାହିଁ । ଦୁନିଆରେ ଯେତେକ ବି ଜାତି ବା ଧର୍ମର ଲୋକ ଅଛନ୍ତି, ସେ ବଡ଼ ହେଉ କି ଛୋଟ, ସଭ୍ୟ ହୁଅନ୍ତୁ ବା ଅସଭ୍ୟ, ଶିକ୍ଷିତ ବା ଅଶିକ୍ଷିତ ଅତଏବ ଯେତେ ବି ଜାତି ଅଛନ୍ତି ଓ ଯେଉଁଠି ବି ଅଛନ୍ତି, ସେମାନେ ନିଜ ନିଜ ମଧ୍ୟରେ ଅସଂଖ୍ୟ ମତ ପାର୍ଥକ୍ୟ ରଖିବା ସତ୍ୱେ ମଧ୍ୟ ଏକଥାରେ ସହମତ ଯେ ଏ ବ୍ରହ୍ମାଣ୍ଡ ଆପେ ଆପେ ସୃଷ୍ଟି ହୋଇଯାଇନାହିଁ ବରଂ ଏହାର ଜଣେ ସୃଷ୍ଟିକର୍ତ୍ତା ଏବଂ ମାଲିକ ଅଛନ୍ତି ଏବଂ ଏହି ଧାରଣା କେବଳ ଏ ଯୁଗରେ ଥିବା ଧର୍ମ ତଥା ଜାତିର ଲୋକମାନଙ୍କ ମଧ୍ୟରେ ସୀମିତ ନୁହେଁ ବରଂ ସେହି ସମସ୍ତ ଯୁଗର ଇତିହାସ, ଯାହା ଆମ ସମ୍ମୁଖରେ ସୁରକ୍ଷିତ ଅଛି, ସେଥିରେ ବିନା ବ୍ୟତିକ୍ରମ ଏହି ଦୃଶ୍ୟପଟ ନଜର ଆସିଥାଏ ଯେ କୌଣସି କୌମ୍/ ଜାତି/ଧର୍ମ ମଧ୍ୟ ଏହି ବିଶ୍ୱାସରୁ ଖାଲି ନାହିଁ ଯେ ଏ ଦୁନିଆ ଏକ ଉଚ୍ଚ ସୃଷ୍ଟିକର୍ତ୍ତାଙ୍କ ଦ୍ୱାରା ଦୃଷ୍ଟି ହୋଇଛି ଓ ସେ ଏ ସଂସାରର ମାଲିକ ।

### ଈଶ୍ୱରଙ୍କ ଉପରେ ବିଶ୍ୱାସ କରିବା ଅନ୍ଧବିଶ୍ୱାସ ଉପରେ ଆଧାରିତ କି ?

ଏଠାରେ ଯଦି କାହା ମନରେ ଏ ସନ୍ଦେହ ସୃଷ୍ଟି ହୁଏ ଯେ କେତେକ ପାଶ୍ଚାତ୍ୟ ଲେଖକ ଏହା ଉଲ୍ଲେଖ କରିଛନ୍ତି ଯେ ଦୁନିଆରେ ଏମିତି କେତେ ଜାତି/ସମ୍ପ୍ରଦାୟ ଥିଲେ ଯେଉଁମାନେ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବା ସମ୍ବନ୍ଧରେ ସମ୍ପୂର୍ଣ୍ଣରୂପେ ଅଜ୍ଞ ଥିଲେ । ଏହାର ଉତର ହେଉଛି ଏହା କି ଅବଶ୍ୟ କେତେକ ଲେଖକ/ଐତିହାସିକ ଏପରି ଲେଖିଛନ୍ତି କିନ୍ତୁ ଯଦି ଚିନ୍ତା କରାଯାଏ ତେବେ ସ୍ପଷ୍ଟଭାବେ ଏହା ଜଣାପଡୁଛି ଯେ ସେହି ଐତିହାସିକମାନଙ୍କୁ ଧୋକା ଲାଗିଛି ଓ ସେମାନେ ଠିକ୍‌ରେ ଗବେଷଣା କରିନାହାନ୍ତି । ବିଶେଷରୂପେ ସେମାନେ ଏ ଭୁଲ କରିଛନ୍ତି ଯେ ସେମାନେ କେତେକ ପୁରାତନ ମୁସ୍‌ରିକ୍ ଜାତିର ମୂର୍ତିପୁଜା ପ୍ରଥାକୁ କେବଳ ଭୟ, ଅଜ୍ଞତା ଏବଂ ଅନ୍ଧବିଶ୍ୱାସର କାରଣ ରୂପେ ଅଭିହିତ କରିଦେଲେ ଏବଂ ଭୁଲରେ ଏକଥା ଭାବିନେଲେ ଯେ ଏକେଶ୍ୱରବାଦ ଉପରେ ସେମାନଙ୍କ କେବେ ବି ବିଶ୍ୱାସ ନଥିଲା ବୋଲି । ଯେବେ କି ପ୍ରକୃତରେ ଏହା ସମ୍ପୁର୍ଣ୍ଣ ଭୂଲ ଅଟେ । ପ୍ରକୃତ କଥା ହେଉଛି ଏହା କି ଯଦିଓ ମୂର୍ତିପୂଜା ସେମାନଙ୍କ ଅଜ୍ଞତାର ଫଳ କିନ୍ତୁ ତାହା ନିଶ୍ଚିତରୂପେ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବାର ଏକ ଶାଖା ଅଟେ ମୂଳ ନୂହେଁ । ଅର୍ଥାତ ମୂର୍ତିପୁଜାର ପ୍ରଥା ସର୍ବଦା ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବାର ଏକ ବିକୃତ ଅବସ୍ଥାର ଫଳ । ଏମିତି ହୁଏ ନାହିଁ ଯେ ଈଶ୍ୱର ବିଶ୍ୱାସ ବିଲ୍‌କୁଲ୍ ଶେଷ ହୋଇଯିବା କ୍ଷେତ୍ରରେ ମୂର୍ତିପୂଜାର ପ୍ରଥା ସୃଷ୍ଟି ହୋଇଥାଏ । ସୁତରାଂ ବିଶ୍ୱ ଇତିହାସରେ ଏପରି ଉଦାହରଣ ମିଳିଥାଏ ଯେ ଗୋଟିଏ କୌମ/ସମ୍ପ୍ରଦାୟ ପ୍ରାରମ୍ଭରେ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବାର ଦେଖାଯାଏ ଏବଂ ପୁଣି ଧିରେ ଧିରେ ତା' ମଧ୍ୟରେ ମୂର୍ତିପୂଜାର ଧାରଣା ପ୍ରବେଶ କରିଥିବା ଆରମ୍ଭ ହୋଇଯାଏ ।

**ରସୁଲ୍ ଅର୍ଥାତ ଅବତାରମାନଙ୍କର ଅବିସ୍ମରଣୀୟ ବିଜୟ**

ଯେବେଠାରୁ ଏ ଦୁନିଆର ଇତିହାସ ରେକର୍ଡ଼ ହେଲାଣି, ଆମେ ଏକଥା ଦେଖିଆସୁଛେ ଯେ ଯେବେ ମଧ୍ୟ ଈଶ୍ୱର ବିଶ୍ୱାସୀ ଦଳ ଓ ଈଶ୍ୱରଙ୍କ ଉପରେ ବିଶ୍ୱାସ ନ କରୁଥିବା ଦଳଙ୍କ ମଧ୍ୟରେ ମୁକାବିଲା ହୋଇଛି ସର୍ବଦା ପ୍ରଥମ ଦଳର ବିଜୟ ହୋଇଛି । ଏଥିରୁ ପ୍ରମାଣିତ ହେଉଛି ଯେ ଈଶ୍ୱରବିଶ୍ୱାସୀ ଦଳଙ୍କ ସହିତ ଯେଉଁ ସାହାଯ୍ୟ ସହଯୋଗ ରହିଛି ସେଥିରେ କୌଣସି ଲୁକ୍କାୟିତ ଶକ୍ତିର ହାତ ରହିଛି । ମୁଁ ଏକଥା କହୁନାହିଁ ଯେ ସବୁ ପରିସ୍ଥିତିରେ ଈଶ୍ୱର ବିଶ୍ୱାସୀ ନିଶ୍ଚିତ ରୂପେ ଅବିଶ୍ୱାସୀମାନଙ୍କ ବିରୁଦ୍ଧରେ ବିଜୟୀ ହୋଇଥାଏ ବୋଲି । କାରଣ ସାଧାରଣ ଅବସ୍ଥାରେ ବିଜୟ କିମ୍ବା ପରାଜୟ ପ୍ରକୃତିର ନିୟମ ଅନ୍ତର୍ଗତ ହୋଇଥାଏ । ତେଣୁ ଜଣେ କାଫିର୍ ଅର୍ଥାତ ଈଶ୍ୱରଙ୍କ ଉପରେ ବିଶ୍ୱାସ ନ ରଖୁଥିବା ବ୍ୟକ୍ତି ଯଦି ସଫଳତାର ମାର୍ଗକୁ ଅନୁସରଣ କରୁଥିବ ଓ ଜଣେ ମୋମିନ୍ ଅର୍ଥାତ ଈଶ୍ୱର ବିଶ୍ୱାସୀ ତାହା ନ କରୁଥିବ ତେବେ ଏପରି କ୍ଷେତ୍ରରେ କାଫିର୍‌କୁ ବିଜୟ ନ ମିଳି କଣ ମୋମିନ୍‌କୁ ମିଳିବ ? ସାଧାରଣ ଅବସ୍ଥାରେ ଏପରି କେବେ ବି ହେବନାହିଁ ବରଂ ସଫଳତା ତାହାକୁ ମିଳିବ ଯିଏ ସଫଳତାର ମାର୍ଗରେ ପରିଚାଳିତ ହେଉଥିବ । ସେ କିଏ ବି ହେଉ । ସୁତରାଂ ଏଠାରେ ଦୁନିଆର ସାଧାରଣ ପ୍ରତିଯୋଗିତା ବିଷୟରେ ମୁଁ କହୁନାହିଁ ବରଂ ମୋ କହିବାର ଉଦ୍ଦେଶ୍ୟ ହେଉଛି ଏହା କି ଯେତେବେଳେ ଜଣେ ସଦାଚାରୀ ବ୍ୟକ୍ତି ଏ ଘୋଷଣା କରନ୍ତି ଯେ ସେ ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ହୋଇଛନ୍ତି ଏବଂ ଏ ଦାବି କରିଥାନ୍ତି ଯେ ମୋ ଜୀବନର ଉଦ୍ଦେଶ୍ୟ ହେଉଛି ଏହା କି ମୁଁ ଇମାନ୍ (ଈଶ୍ୱର ବିଶ୍ୱାସ)କୁ ଦୁନିଆରେ ପ୍ରତିଷ୍ଠା କରିବି ସୁତରାଂ ଏହି ମିଶନ୍‌ରେ ସେ ନିଶ୍ଚିତରୂପେ ସଫଳ ହୋଇଥାଏ ଏବଂ ଦୁନିଆର କୌଣସି ଶକ୍ତି ତା ସଫଳତାର ମାର୍ଗକୁ ରୋକିପାରେ ନାହିଁ । ଅତଏବ ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା କହୁଛନ୍ତି: **କତବଲ୍ଲାହୁ ଲଅଗଲିବନ୍ନା ଅନା ୱ ରୁସୁଲି** ଅର୍ଥାତ:- ଅଲ୍ଲାଃ ନିଷ୍ପତି କରିସାରିଛନ୍ତି ଯେ ସେ ଓ ତାହାଙ୍କ ରସୁଲ୍ ସର୍ବଦା ବିଜୟୀ ହେବେ ।

**ସଦାଚାରୀ ଏବଂ ଧାର୍ମିକମାନଙ୍କର ସାକ୍ଷ୍ୟ**

ଶେଷ ଯୁକ୍ତିଯୁକ୍ତ ପ୍ରମାଣ ଯାହାକୁ ମୁଁ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଉପସ୍ଥାପନ କରିବାକୁ ଚାହୁଁଛି ତାହା ହେଉଛି ସଦାଚାରୀ ଓ ଧାର୍ମିକମାନଙ୍କର ସାକ୍ଷ୍ୟ । ଅର୍ଥାତ ଏହା ଏପରି ନିୟମ ଉପରେ ଆଧାରିତ ଯେ ଅନେକ ଲୋକ ଏପରି ଅଛନ୍ତି ଯେଉଁମାନଙ୍କର ସତ୍ୟତା ସ୍ଥାପିତ ହୋଇଛି ଏବଂ ସେମାନଙ୍କ ବୁଦ୍ଧିମତା ଉପରେ କୌଣସି ସନ୍ଦେହ ନାହିଁ । ସେମାନେ ନିଜର ନିଜସ୍ୱ ସାକ୍ଷ୍ୟ ଉପସ୍ଥାପନ କରୁଛନ୍ତି ଯେ ବାସ୍ତବିକ ଆମର ଜଣେ ଈଶ୍ୱର ଅଛନ୍ତି ଯାହାଙ୍କୁ ଆମେ ସେହିପରି ଦେଖିଛୁ ଓ ଚିହ୍ନିଛୁ ଯେପରି ଆମେ ଅନ୍ୟାନ୍ୟ ଅଦୃଶ୍ୟ ବସ୍ତୁଗୁଡ଼ିକୁ ଦେଖିଥାଉଁ ଓ ଚିହ୍ନିଥାଉଁ ।

**ଭଗବାନଙ୍କ ଉପରେ ବିଶ୍ୱାସ କରିବାର ବଡ଼ ଲାଭ**

ବର୍ତମାନ ମୁଁ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ କିଛି ଏପରି ଯୁକ୍ତି ଦର୍ଶାଇବାକୁ ଚାହିଁବି ଯାହା ଏ ନିୟମ ଉପରେ ଆଧାରିତ ଯେ ଈଶ୍ୱରଙ୍କ ଉପରେ ବିଶ୍ୱାସ ନିଜ ଭିତରେ ଏପରି ଗୁରୁତ୍ୱପୂର୍ଣ୍ଣ ଲାଭ ବହନ କରି ରଖିଛି ଯାହା ତାହାଙ୍କ ଉପରେ ବିଶ୍ୱାସ ନ ରଖିବା ଯୋଗୁଁ ଅନ୍ୟ କୌଣସି ଉପାୟରେ ପ୍ରାପ୍ତ ହୋଇପାରିବ ନାହିଁ ।

**ଈଶ୍ୱରଙ୍କ ଉପରେ ବିଶ୍ୱାସ ଏକତା ଏବଂ ଭାଇଚାରା ସୃଷ୍ଟି କରେ**

ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିବା ସର୍ବପ୍ରଥମ ଲାଭ ହେଉଛି ଏହାକି ଈଶ୍ୱରଭାବନା ଲୋକମାନଙ୍କ ମନରେ ଏକତା ଓ ଭାଇଚାରାର ମନୋଭାବ ସୃଷ୍ଟି କରିବାର ବଡ଼ ମାଧ୍ୟମ ହୋଇଥାଏ । ଏହି ଭାବନା ମାନବଜାତିର କଲ୍ୟାଣ ଓ ବିଶ୍ୱଶାନ୍ତି ପାଇଁ ଅତ୍ୟନ୍ତ ଜରୁରୀ ଓ ଲାଭଦାୟକ । ଏଠାରେ କାହା ମନରେ ଏ ଶଙ୍କା ସୃଷ୍ଟି ହୋଇପାରେ ଯେ ଈଶ୍ୱରଙ୍କୁ ମାନୁନଥିବା ଲୋକେ ମଧ୍ୟ ବେଳେ ବେଳେ ଅନ୍ୟମାନଙ୍କ ସହିତ ପ୍ରେମ ଓ ସହାନୁଭୁତିପୂର୍ଣ୍ଣ ବ୍ୟବହାର କରିଥାନ୍ତି ଓ ଜନକଲ୍ୟାଣ କାର୍ଯ୍ୟକୁ ଆଗ୍ରହର ସହିତ ନିର୍ବାହ କରିଥାନ୍ତି । ତେଣୁ ଏଥିରୁ ଜଣାପଡୁଛି ଯେ ଏହି ମନୋଭାବକୁ ସୃଷ୍ଟି କରିବାପାଇଁ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବାର କୌଣସି ଆବଶ୍ୟକତା ନାହିଁ । ଏହାର ଉତର ହେଉଛି ଏହା କି ଆମେ ଏ ଦାବି କଦାପି କରିନାହୁଁ ଯେ ଏହି ମନୋଭାବ କେବଳ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବା ବ୍ୟତିତ ଅନ୍ୟ କୌଣସି ଜରିଆରେ ସୃଷ୍ଟି ହୋଇପାରିବ ନାହିଁ ବୋଲି ବରଂ ଆମେ ନିଜେ ଏ କଥାକୁ ମାନୁଛୁ ଯେ ଅଳ୍ପେ ବହୁତେ ଅନେକ ବସ୍ତୁ ଏହାର କାରଣ ହୋଇଥାଏ । କିନ୍ତୁ ଆମେ ନିଶ୍ଚିତରୂପେ ଏକଥା କହୁଅଛୁ ଯେ ମୋଟା ମୋଟି ଭାବେ ସମସ୍ତ ଲୋକମାନଙ୍କ ନିକଟରେ ସମ୍ପୁର୍ଣ୍ଣ ରୂପେ ଏହି ମନୋଭାବ/ଭାବନା କେବଳ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବା ଫଳରେ ହିଁ ସୃଷ୍ଟି ହୋଇପାରେ । ବାକି ସମସ୍ତ ମାଧ୍ୟମଗୁଡ଼ିକ ନିଜର ସ୍ଥିତି ଓ ପରିମାଣ ଅନୁସାରେ ଏହାର ମୁକାବିଲା କରିପାରିବେ ନାହିଁ ।

**ଈଶ୍ୱରଙ୍କ ଉପରେ ବିଶ୍ୱାସ ଜଣକୁ ମନ୍ଦ କାର୍ଯ୍ୟରୁ ନିବୃତ କରେ**

ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବା ଦ୍ୱାରା ଦ୍ୱିତୀୟ ବଡ଼ ଲାଭ ଯାହା ଏ ଦୁନିଆରେ ସାଧାରଣତଃ ହାସଲ ହୋଇପାରେ, ତାହା ହେଉଛି ଏହା କି ଏହା ମଣିଷକୁ ମନ୍ଦ କାର୍ଯ୍ୟରୁ ନିବୃତ ରଖିଥାଏ । କାରଣ ଯେ କେହି ମଧ୍ୟ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିଥାଏ ସେ ତତ୍‌ସହିତ ଏ ବିଶ୍ୱାସ ମଧ୍ୟ ରଖିଥାଏ ଯେ ଯଦି ମୁଁ ମନ୍ଦ କାର୍ଯ୍ୟ କରେ ତେବେ ଈଶ୍ୱର ମୋ ଉପରେ କ୍ରୋଧ କରିବେ ଏବଂ ଏହି କ୍ରୋଧ ଯୋଗୁଁ ମତେ କିଛି ନା କିଛି ଦଣ୍ଡ ଭୋଗିବାକୁ ହେବ । ଏହାର ବିପରୀତ ଯଦି ମୁଁ ମନ୍ଦ କାର୍ଯ୍ୟରୁ ନିବୃତ ରହେ ତେବେ ଈଶ୍ୱର ମୋ ଉପରେ ପ୍ରସନ୍ନ ହେବେ ଏବଂ ତାହାଙ୍କ ପ୍ରସନ୍ନତା ମତେ ଲାଭ ପହଂଚାଇବ ଓ ମତେ ଏହାର ପୁରସ୍କାର ମିଳିବ । ଅତଏବ ଏହି ଧାରଣା ଅନ୍ତର୍ଗତ ପ୍ରତ୍ୟେକ ବ୍ୟକ୍ତି ଯିଏ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିଥାଏ ଓ ତା'ର ବିଶ୍ୱାସ କେବଳ ଲୋକଦେଖାଣିଆ ବିଶ୍ୱାସ ନଥାଏ, ସେ ନିଶ୍ଚିତ ରୂପେ ଅନ୍ୟମାନଙ୍କ ତୁଳନାରେ ମନ୍ଦକାର୍ଯ୍ୟ ଓ ପାପକାର୍ଯ୍ୟରୁ ଅଧିକା ବଚିଂ ରହିବ ।

**ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବା ଦ୍ୱାରା ପଦାର୍ଥଗୁଡ଼ିକର ବାସ୍ତବିକତା ଉପରେ ଗବେଷଣା କରିବାକୁ ସାହାଯ୍ୟ ମିଳିଥାଏ**

ଈଶ୍ୱରଙ୍କ ଉପରେ ଯିଏ ବିଶ୍ୱାସ ଆଣିଥାଏ ତା'ର ହୃଦୟ ଏମିତି ବିଶ୍ୱାସରେ ପରିପୂର୍ଣ୍ଣ ଥାଏ ଯେ ଏ ଜଗତର ପ୍ରତ୍ୟେକ ବସ୍ତୁ ହେଉଛି ମୋ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ଏବଂ ଈଶ୍ୱର ଏ ସବୁକୁ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନିମନ୍ତେ ସୃଷ୍ଟି କରିଛନ୍ତି । ତେଣୁ ଦୁନିଆର କୌଣସି ବସ୍ତୁ ମଧ୍ୟ ବ୍ୟର୍ଥ ଓ ତ୍ରୁଟିପୂର୍ଣ୍ଣ ନୁହେଁ ବରଂ ପ୍ରତ୍ୟେକ ବସ୍ତୁ ନିଜ ନିଜର ସୃଷ୍ଟିର ଉଦ୍ଦେଶ୍ୟ ଅନ୍ତର୍ଗତ ନିଜ ନିଜର ଧାର୍ଯ୍ୟ କାର୍ଯ୍ୟକୁ ସମ୍ପାଦନ କରିଥାନ୍ତି । ତେଣୁ ଏହି ବିଶ୍ୱାସ ବସ୍ତୁର ବାସ୍ତବତାକୁ ଖୋଜିବା ପାଇଁ ଏକ ବିଶେଷ ଉତ୍ସାହ, ପ୍ରେରଣା ଓ ଆଶା ଉଜାଗର କରିଥାଏ । ଏହି ବିଶ୍ୱାସ ବିନା କେବେ ବି ଏହା ହାସଲ ହୋଇପାରିବ ନାହିଁ ।

**ଈଶ୍ୱରଙ୍କ ଉପରେ ବିଶ୍ୱାସ ହୃଦୟକୁ ସନ୍ତୁଷ୍ଟି ପ୍ରଦାନ କରିଥାଏ**

ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବା ଦ୍ୱାରା ପଂଚମ ବଡ଼ ଲାଭ ହେଉଛି ଏହା କି ଈଶ୍ୱର ବିଶ୍ୱାସ ଯୋଗୁଁ ମଣିଷ ମନରେ ଏକ ଆତ୍ମ ସନ୍ତୋଷତାର ସ୍ଥିତି ସୃଷ୍ଟି ହୋଇଥାଏ ଏବଂ ଏହି ମାନସିକ ଶାନ୍ତି ଜୀବନର ପ୍ରତ୍ୟେକ ପଥରେ ଉପଯୋଗୀ ସାବ୍ୟସ୍ତ ହୋଇଥାଏ ।

**ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବା ଦ୍ୱାରା ନୈତିକ ଓ ଚାରିତ୍ରିକ ସ୍ତର ପ୍ରତିଷ୍ଠା ହୋଇଥାଏ**

ଷଷ୍ଠ ବଡ଼ ଲାଭ ଯାହା ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବା ଫଳରେ ଏ ସଂସାରକୁ ମିଳିଥାଏ, ତାହା ହେଉଛି ଏହା କି ଏହି ଈଶ୍ୱର ବିଶ୍ୱାସ ଦ୍ୱାରା ଏ ଦୁନିଆରେ ନୈତିକ ସ୍ତର ସ୍ଥାପନ ହୋଇଥାଏ ଓ ଏହା ଈଶ୍ୱରଙ୍କ ବିନା କେବେବି ସ୍ଥାପନ ହୋଇପାରିବ ନାହିଁ । ଯେହେତୁ ମଣିଷ ଏକ ବଡ଼ ଅସ୍ତିତ୍ୱ ଦ୍ୱାରା ସୃଷ୍ଟି ହୋଇଛି ତେଣୁ ଏଥିରୁ ପ୍ରମାଣିତ ଯେ ଏପରି କ୍ଷେତ୍ରରେ ମଣିଷ ପାଇଁ ସେହି ବଡ଼ ଅସ୍ତିତ୍ୱ ବ୍ୟତିତ ଅନ୍ୟ କୌଣସି ନମୁନା ଅନୁକରଣୀୟ ହୋଇନପାରେ । ତେଣୁ ମଣିଷ ତା'ର ନୈତିକ ସ୍ତରକୁ ନିଜ ସୃଷ୍ଟିକର୍ତା ଓ ମାଲିକଙ୍କ ବିଶେଷ ଗୁଣରେ ଅନୁପ୍ରାଣିତ କରିପାରିବ । ଅତଏବ ଆଁ ହଜ୍‌ରତ୍ ସ:ଆ:ସ ଏ ଉପଦେଶ ଦେଇଛନ୍ତି ***"ତଖଲ୍ଲକୁ ବିଅଖ୍‌ଲାକିଲ୍ଲାହ୍"*** ଅର୍ଥାତ:- "ହେ ଲୋକମାନେ ! ତୁମେ ନିଜର ଚରିତ୍ରକୁ ଅଲ୍ଲାଃଙ୍କ ଚରିତ୍ର ଅର୍ଥାତ ଅଲ୍ଲାଃଙ୍କ ବିଶେଷ ଗୁଣ ମୁତାବକ ଢ଼ାଳିନିଅ ।

✲✲✲✲✲✲✲✲

# ଅଲ୍ଲାଃ ତାଲାଙ୍କ ବିଶେଷ ଗୁଣବାଚକ ନାମ- ପବିତ୍ର କୁର୍ଆନ୍, ନବୀ ସଃଆଃସଙ୍କ ହଦିସ୍ ଏବଂ ହଜ୍ରତ୍ ମସିହ୍ ମଉଦ୍ (ପ୍ରତିଶ୍ରୁତ ମସିହ୍)ଙ୍କ ବାଣୀର ଆଲୋକରେ

(ମାମୁନୁର୍ ରଶିଦ୍ ତବରେଜ୍, ମୁରବୀ ସିଲ୍‌ସିଲା, ତାରିଖେ ଅହେମଦୀୟତ ବିଭାଗ କାଦିୟାନ୍)

ନିଜର ବଶେଷଗୁଣ ସମ୍ବନ୍ଧରେ ଖୁଦାତାଲା ସ୍ୱୟଂ ପବିତ୍ର କୁର୍ଆନ୍‌ରେ ପ୍ରକାଶ କରିଛନ୍ତି: **ୱ ଲିଲ୍ଲାହିଲ୍ ଅସ୍‌ମାଉଲ୍ ହୁସ୍‌ନା......... ମା କାନୁ ୟାମଲୁନ୍ (ଅଲ୍ଆରାଫ୍:୧୮୧)** ଅର୍ଥାତ:- ସମସ୍ତ ଗୁଣ ଅଲ୍ଲାଃଙ୍କ ପାଇଁ ହିଁ ଉଦ୍ଧିଷ୍ଟ: ଅତଏବ ତୁମେମାନେ ସେଗୁଡ଼ିକ ମାଧ୍ୟମରେ ତାହାଙ୍କ ନିକଟରେ ପ୍ରାର୍ଥନା କର; ଏବଂ ଯେଉଁମାନେ ତାଙ୍କର ଗୁଣାବାଳୀ ସଂକ୍ରାନ୍ତରେ ବିଭ୍ରାନ୍ତ କରୁଛନ୍ତି, ସେମାନଙ୍କୁ ପରିତ୍ୟାଗ କର; ସେମାନଙ୍କୁ ତାଙ୍କର କର୍ମ ପାଇଁ ପ୍ରତିଫଳ ପ୍ରଦାନ କରାଯିବ।

ଖୁଦାତାଲା ନିଜ ବିଶେଷଗୁଣ ସମ୍ବନ୍ଧରେ ମଣିଷକୁ ଏଥିପାଇଁ ଜ୍ଞାନ ଦେଇଛି ଯେ ମଣିଷ ନିଜେ ମଧ୍ୟ ସେହି ଗୁଣଗୁଡ଼ିକୁ ନିଜ ଭିତରେ ସୃଷ୍ଟିକରୁ। ହଦିସ୍‌ରେ ଆସୁଛି ଯେ ଅଲ୍ଲାଃ ତାଲାଙ୍କର ଅନେଶ୍ୱତ (ଗୁଣବାଚକ) ନାମ ରହିଛି। ଯିଏ ତା ଜୀବନକାଳରେ ସେଥିପ୍ରତି ଧ୍ୟାନ ଦେବ ଏଂ ସେହିଗୁଣଗୁଡ଼ିକୁ ଆପଣେଇବା ପାଇଁ ଚେଷ୍ଟା କରିବ, ସେ ବୈକୁଣ୍ଠରେ ପ୍ରବେଶ କରିବ। ନିମ୍ନରେ ସେହି ସମସ୍ତ ଗୁଣବାଚନ ନାମଗୁଡ଼ିକୁ ସଂକ୍ଷେପରେ ଚର୍ଚ୍ଚା କରାଯାଉଅଛି।

(୧) **ଅର୍‌ରହ୍‌ମାନ୍** : (ଅଶେଷ ଦୟାବାନ) ପବିତ୍ର କୁର୍ଆନ୍‌ର ପ୍ରଥମ ଆୟତ "ବିସ୍‌ମିଲ୍ଲାହିର୍ ରହ୍‌ମାନିର୍‌ରହିମ୍"ରେ ଏହା ବର୍ଣ୍ଣିତ ଅଛି। "ରହ୍‌ମାନ୍" ହେଉଛି ଏପରି ବିଶେଷଗୁଣ ଯାହା ଏହା ପ୍ରକାଶ କରିଥାଏ ଯେ ମଣିଷ କିଛି ନ ମାଗିବା ସତ୍ତ୍ୱେ ମଧ୍ୟ ଖୁଦାତାଲା ମଣିଷକୁ ବହୁତ କିଛି ଦେଇଛନ୍ତି। ଏହି ଉପହାର ପାଇଁ କିଛି ବି ସର୍ତ ରଖାଯାଇନାହିଁ। ଯେମିତି ପାଣି, ଆଲୋକ ଏବଂ ବାୟୁ ଇତ୍ୟାଦି ସବୁକିଛି ମଣିଷର ହିତ ପାଇଁ ସମାନ ଭାବରେ ସୃଷ୍ଟ କରିଛନ୍ତି। "ରହ୍‌ମାନ୍" ଗୁଣବାଚକ ଅନ୍ତର୍ଗତ ଅଲ୍ଲାଃ ତାଲା ଜାତିବର୍ଣ୍ଣ ସମ୍ପ୍ରଦାୟ ନିର୍ବିଶେଷରେ ସମଗ୍ର ପ୍ରାଣୀଜଗତକୁ ଉପକୃତ କରୁଛନ୍ତି।

(୨) **ଅର୍‌ରହିମ୍** : (ସଦା କରୁଣାମୟ) ପୁଣି ପ୍ରଥମ ଆୟତରେ "ରହିମିୟତ୍" ଗୁଣର ବର୍ଣ୍ଣନା କରାଯାଇଅଛି। ଯାହାର ଅର୍ଥ ହେଉଛି ପୂଣ୍ୟ କର୍ମକୁ ନଷ୍ଟ ନ କରି ନିଜର ପ୍ରାଣୀମାନଙ୍କୁ ନିଜ କରୁଣାରୁ ଉତମ ଫଳ ପ୍ରଦାନ କରିବା।

(୩) **ଅଲ୍‌ମଲିକୁ** : (ମାଲିକ) ଏହି ବିଶେଷଗୁଣ ଦ୍ୱାରା ଅଲ୍ଲାଃ ତାଲା ସମଗ୍ର ବ୍ରହ୍ମାଣ୍ଡର ପ୍ରତ୍ୟେକ ବସ୍ତୁ ଏବଂ କଣିକା ଉପରେ ପୂର୍ଣ୍ଣ ପ୍ରଭୁତ୍ୱ ରଖିବାର ପ୍ରକାଶ ହେଉଅଛି। ପ୍ରତ୍ୟେକ ବସ୍ତୁକୁ ରଚନା କରିବା ଏବଂ ସେସବୁର ବିକାଶ କରିବା ମଧ୍ୟ ତାହାଙ୍କ ନିୟନ୍ତ୍ରଣରେ ରହିଛି।

(୪) **ଅଲ୍‌କୁଦ୍ଦୁସ୍** : (ପବିତ୍ର ମୟ)। ଅଲ୍ଲାଃ ଏପରି ସମସ୍ତ ଦୋଷ ଓ ତୃଟିରୁ ପବିତ୍ର ଅଟନ୍ତି ଯେ ମଣିଷ ତାହାକୁ ଅନୁଭବ କରିପାରେ ବା ଈଶ୍ୱରଙ୍କ ପ୍ରତି ତା'ର ଖିଆଲ୍ ଆସେ ବା ତା ହୃଦୟ ଈଶ୍ୱରଙ୍କୁ ବୁଝିପାରୁ।

(୫) **ଅସ୍‌ସଲାମୁ** : ଅର୍ଥାତ ସବୁ ପ୍ରକାରର କ୍ଷତିରୁ ସୁରକ୍ଷିତ ରହିବା। ସୁରକ୍ଷାର ଉତ୍ସ ଏବଂ ଶାନ୍ତି ପ୍ରଦାନକାରୀ।

ଅସଲରେ ଏହା ହେଉଛି ଏକ ମସଦର୍ ଅର୍ଥାତା ମୂଳଶବ୍ଦ। ଯାହାର ଅର୍ଥ ହେଉଛି ସୁରକ୍ଷା। କିନ୍ତୁ ଈଶ୍ୱରଙ୍କ ନାମରେ ଏହାର ଅର୍ଥ ହେଉଛି "ସାଲିମ୍" ଅର୍ଥାତ ଏପରି ପବିତ୍ର ଅସ୍ତିତ୍ୱ ଯାହା ସମସ୍ତ ପ୍ରକାରର ତ୍ରୁଟି ଏବଂ କ୍ଷତିରୁ ସୁରକ୍ଷିତ।

(୬) **ଅଲ୍‌ମୁମିନୁ** : ନିଜର ପ୍ରତିଜ୍ଞାରେ ସଚ୍ଚା। ଯିଏ ନିଜ ଦଣ୍ଡରୁ ଏବଂ ସମସ୍ତ ପ୍ରକାର ଦୁଃଖ ବିପତିରୁ ଶାନ୍ତି ପ୍ରଦାନ କରେ। ନିଜର ସିଦ୍ଧତା ଏବଂ ଏକେଶ୍ୱରବାଦ ଉପରେ ବଳିଷ୍ଠ ଯୁକ୍ତି ପ୍ରତିଷ୍ଠାକାରୀ। ସମସ୍ତ ସତ୍ୟ ଉପରେ ବିଶ୍ୱାସ ଆଣିବା ବାଲା।

(୭) **ଅଲ୍‌ମୁହୈମିନୁ** : ସମସ୍ତ କାର୍ଯ୍ୟର ସୁରକ୍ଷାକର୍ତା, ଜାଣିବାବାଲା ଏବଂ ସାକ୍ଷୀ।

(୮) **ଅଲ୍ଅଜିଜୁ** : ଅର୍ଥାତ- ଅପୂର୍ବ ଓ ସମସ୍ତଙ୍କ ଅପେକ୍ଷା ଶକ୍ତିଶାଳୀ। ସୂକ୍ଷ୍ମରୁ ସୂକ୍ଷ୍ମତର କଣିକାମାନଙ୍କୁ ନିୟନ୍ତ୍ରଣ କରୁଥିବା ଅସ୍ତିତ୍ୱ। ମାନ୍ୟବର। ଯାହାଙ୍କ ନିକଟରେ କୌଣସି ବିଷୟ ଅସମ୍ଭବ ନୁହେଁ। ଯାହାଙ୍କ ପ୍ରକୃତିରେ କୌଣସି ତୃଟି ନଥାଏ।

(୯) **ଅଲଜବ୍‌ବାର** : ସମ୍ପାଦକ। ମଣିଷର ଦୋଷ ଓ ତୃଟିକୁ ସଂଶୋଧନ କରିବାପଇଁ ଅବସର ସୃଷ୍ଟିକାରୀ ଅସ୍ତିତ୍ୱ। ବଡ଼ ପ୍ରଭାବଶାଳୀ।

ବାସ୍ତବରେ "ଜବ୍‌ବାର" ଶବ୍ଦଟି ହେଉଛି ମୁବାଲିଗା ର ସିଗା (ଦ୍ରଃ ଏଠାରେ ଆରବୀ ବ୍ୟାକରଣ ଅନୁସାରେ ବୁଝାଯାଉଛି) ଯାହା ଜବର୍ ସହିତ ମୁଶ୍‌ତକ୍। ଜବର ଶବ୍ଦର ଅର୍ଥ ହେଉଛି ଭାଙ୍ଗି ଯାଇଥିବା ଜିନିଷକୁ ଯୋଡ଼ିଦେବା ଏବଂ କାହାର ଅବସ୍ଥାକୁ ସୁଧାରି ଦେବା ଏବଂ କାହାକୁ ଜୋର କରି ଏବଂ ପ୍ରାଧାନ୍ୟ ଦେଇ କୌଣସି କାର୍ଯ୍ୟ କରିବାକୁ ମନାଇବା।

(୧୦) **ଅଲ୍‌ମୁତକବ୍‌ବିର୍** : ସମସ୍ତ ପ୍ରାଣୀମାନଙ୍କର ଦୋଷ ଦୃବଳତା ଏବଂ ପ୍ରାଣୀମାନଙ୍କ ସହଜାତ ଗୁଣରୁ ମୁକ୍ତ। ସମସ୍ତ ଛୋଟ ଓ ବଡ଼ ସିର୍କରୁ ତାହାଙ୍କ ଅସ୍ତିତ୍ୱ ପବିତ୍ର ଓ ଉର୍ଦ୍ଧ୍ୱରେ। ମହିମା ମଣ୍ଡିତ, ମହାନତାର ମାଲିକ ଓ ଯୋଗ୍ୟ ଏବଂ ଗୁରୁ।

(୧୧) **ଅଲ୍‌ଖାଲିକୁ** : ପ୍ରତ୍ୟେକ ବସ୍ତୁର ବୁଦ୍ଧିମତାର ସହିତ ମୂଲ୍ୟାଙ୍କନକାରୀ। ଏ ଦୁନିଆରେ ବିଦ୍ୟମାନ ଥିବା ସମସ୍ତ ବସ୍ତୁର ସୃଷ୍ଟିକର୍ତା।

(୧୨) **ଅଲ୍‌ବାରିଉ** : ପ୍ରତ୍ୟେକ ବସ୍ତୁର ଉତ୍କୃଷ୍ଟ ସାରାଂଶ ଉପସ୍ଥାପନକାରୀ। ଶୂନ୍ୟରୁ ଅସ୍ତିତ୍ୱ ସୃଷ୍ଟି କରୁଥିବା ସତା।

(୧୩) **ଅଲ୍‌ମୁସୱ୍ୱିରୁ** : ପ୍ରାଣୀଜଗତର ଭିନ୍ନ ଭିନ୍ନ ଆକୃତି ସୃଷ୍ଟିକାରୀ। ଅର୍ଥାତ ସମସ୍ତ ପ୍ରାଣୀର ଆକୃତି ଓ ରୂପକୁ ତିଆରି କରିବାବାଲା।

ଖାଲିକ୍, ବାରି ଏବଂ ମୁସୱ୍ୱିର୍ ଶବ୍ଦଗୁଡ଼ିକ ଉର୍ଦ୍ଧୁ ଭାଷାରେ ସମର୍ଥବୋଧକ ଶବ୍ଦ ରୂପେ ବ୍ୟବହୃତ ହୋଇଥାଏ କିନ୍ତୁ ବାସ୍ତବରେ ଏହା ସୃଷ୍ଟି ହେବାର ତିନୋଟି ଭିନ୍ନ ରୂପକୁ ଏହି ବିଶେଷଗୁଣ ପରିପ୍ରକାଶ କରିଥାଏ। ଉଦାହରଣ ସ୍ୱରୁପ "ଖଲିକ୍" ଶବ୍ଦ ସେତେବେଳେ ବ୍ୟବହାର ହୋଇଥାଏ ଯେତେବେଳେ କି ତାହାର ଅସ୍ତିତ୍ୱ ସୃଷ୍ଟି ହେବା ପୂର୍ବରୁ ହିଁ ଆକଳନ କରାଯାଇଥାଏ। "ବାରି" ଶବ୍ଦଟି ସୃଷ୍ଟିର ମାଠଣି ଓ ପାଲିସ୍ ନିମନ୍ତେ ବ୍ୟବହାର ହୁଏ ଏହା ଜନ୍ମର ଦ୍ୱିତୀୟ ପର୍ଯ୍ୟାୟ। ପୁଣି "ମୁସୱ୍ୱିର୍" ଶବ୍ଦଟି ଶେଷ ପର୍ଯ୍ୟାୟରେ ବ୍ୟବହୃତ ହୋଇଥାଏ ଅର୍ଥାତ ରୂପ ଗଢ଼ିବା ଓ ଆକୃତି ତିଆରି କରିବା ଅର୍ଥକୁ ପ୍ରକାଶ କରିଥାଏ।

ନଂ ୫ ରୁ ନଂ ୧୨ ପର୍ଯ୍ୟନ୍ତ ଈଶ୍ୱରଙ୍କ ବିଶେଷଗୁଣ ସମ୍ବନ୍ଧରେ ପବିତ୍ର କୁର୍ଆନ୍‌ର ସୁରଃ ହଶର୍‌ର ଶେଷରେ ଏପରି ବର୍ଣ୍ଣନା ହୋଇଛି।

***ହୁୱ୍ଲାହୁଲ୍ ଲଜ୍ଜି ଲା ଇଲାହା ଇଲ୍ଲା ହୁୱ୍................. ୱ ହୁୱ୍ଲ୍ ଅଜିଜୁଲ୍ ହକିମ୍ ।*** (ଅଲ୍‌ହଶର୍: ୨୩-୨୪)

(୧୪) **ଅଲ୍‌ଗଫ୍‌ଫାର୍** : ଅତ୍ୟଧିକ କ୍ଷମାପ୍ରଦାନକାରୀ: ପାପକୁ ଘୋଡ଼ାଇ ଦେଉଥିବା ଓ ଲୁଚାଇ ଦେଉଥିବା ଅସ୍ତିତ୍ୱ।

ସୁତରାଂ ପବିତ୍ର କୁର୍ଆନ୍‌ରେ ଅଲ୍ଲାଃ ତାଲା କହିଛନ୍ତି: ରବ୍‌ବୁସ୍ ସମାୱ୍ୱାତି ୱ୍ୱଲ୍ ଅର୍‌ଜି ୱ୍ୱମା ବଇନହୁମଲ୍ ଅଜିଜୁଲ୍ ଗଫ୍‌ଫାର (ସ୍ୱାଦ:୬୭) ଅର୍ଥାତ: ଅଲ୍ଲାଃ ହେଉଛନ୍ତି ଆକାଶ ଓ ପୃଥିବୀର ପଳାନକର୍ତା; ଏବଂ ଯାହା କିଛି ସେ ଦୁଇଟି ମଧ୍ୟରେ ଅଛି (ତାହାର ମଧ୍ୟ ପାଳନକର୍ତା); ସେ ଅତ୍ୟନ୍ତ ପରାକ୍ରମୀ ଓ କ୍ଷମାଶୀଳ।

(୧୫) **ଅଲ୍‌କହ୍‌ହାରୁ** : ସମ୍ପୂର୍ଣ୍ଣ ପ୍ରାଧାନ୍ୟ ରଖିଥିବା ପରାକ୍ରମୀ ଶାସକ। "କହର୍' ଶବ୍ଦର ଅର୍ଥ ଆରବୀ ଭାଷାରେ ପରାକ୍ରମୀ ଓ ଶକ୍ତିଶାଳୀକୁ ବୁଝାଏ। "ଅଲ୍‌କହାର୍" ହେଉଛି ଅଲ୍ଲା।ଙ୍କ ବିଶେଷଗୁଣ। ଏହାର ଅର୍ଥ ହେଉଛି ସେହି ପବିତ୍ର ଅସ୍ତିତ୍ୱ ଯିଏ ସମସ୍ତଙ୍କ ଉପରେ ପ୍ରାଧାନ୍ୟ ରଖିଥାନ୍ତି। ପବିତ୍ର କୁରଆନ୍ ସ୍ୱୟଂ "ଅଲ୍‌କାହିର୍"କୁ ବୁଝାଇ ଦେଇ କହିଛି:-

***ୟା ସାହିବୟିସ୍ ସିଜ୍‌ନି ଆ ଅର୍‌ବାବୁମ୍ ମୁତଫର୍‌ରିକୁନ୍‌ ଖୈରୁନ୍ ଅମିଲ୍ଲାହୁଲ୍ ୱ୍ୱାହିଦୁଲ୍ କହ୍‌ହାର୍ (ୟୁସୁଫ୍:୪୦)*** ଅର୍ଥାତ: କାରାଗାରରେ ଥିବା ହେ ମୋର ଦୁଇ ସାଥି! କଣ (ପରସ୍ପର ମଧ୍ୟରେ) ବିରୋଧଭାବ ପୋଷଣ କରୁଥିବା ପ୍ରଭୁମାନେ ଉତମ, ନା ଏକ (ଓ) ଅଦ୍ୱିତୀୟ ପରାକ୍ରମୀ ଅଲ୍ଲାଃ ଉତମ?

(୧୬) **ଅଲ୍‌ୱ୍ୱହ୍‌ହାବ୍** : ଅର୍ଥାତ ଦାତା। କୃପା କରିବା ଓ ଦାନଦେବାକୁ ଆରବୀରେ ୱ୍ୱହବ୍ ଏବଂ ହିବା କୁହାଯାଏ। ୱ୍ୱହାବ ଶବ୍ଦଟି ଅତ୍ୟଧିକ କୃପା ଓ ସ୍ଥାୟିତ୍ୱ ପ୍ରଦାନ ଅର୍ଥରେ ବ୍ୟବହୃତ। ଅତଏବ ପବିତ୍ର କୁର୍ଆନ୍‌ରେ ଏହି ବିଶେଷ ଗୁଣ ସମ୍ବନ୍ଧରେ ଏପରି ବର୍ଣ୍ଣନା କରାଯାଇଅଛି।

***ରବ୍‌ବନା ଲା ତୁଜିଗ୍ କୁଲୁବନା ବାଦା ଇଜ୍ ହଦଇତନା ୱ ହବ୍‌ଲନା ମିଲ୍ ଲଦୁନ୍‌କା ରହ୍‌ମାଃ। ଇନ୍ନକା ଅନ୍‌ତଲ୍ ୱ୍ୱହାବୁ*** (ଆଲେ ଇମ୍‌ରାନ୍:୯) ଅର୍ଥାତ:- ହେ ଆମମାନଙ୍କ ପାଳନକର୍ତା! ତୁମ୍ଭେ

ଆମମାନଙ୍କୁ ସତ୍‌ପଥଗାମୀ କରାଇବା ପରେ ଆମମାନଙ୍କ ହୃଦୟକୁ କୁଟିଳ କରନାହିଁ; ଏବଂ ତୁମ୍ଭ ନିକଟରୁ ଆମମାନଙ୍କୁ କରୁଣା ପ୍ରଦାନ କର; ବାସ୍ତବରେ ତୁମ୍ଭେ ହିଁ ମହାନ୍ ଦାତା ।

(୧୭) **ଅର୍‌ରଜ୍ଜାକୁ** : ପ୍ରାଣୀଜଗତର ଜୀବିକା ପ୍ରଦାନକାରୀ ।

ଏହି ବିଶେଷ ଗୁଣର ଅର୍ଥ ହେଉଛି ଈଶ୍ୱର ସମଗ୍ର ପ୍ରାଣୀଜଗତକୁ ଉପଯୁକ୍ତ ଏବଂ ସଠିକ୍ ଜୀବିକା ପହଂଚାଉଛନ୍ତି । ଜୀବିକା ଦୁଇ ପ୍ରକାରର । ଗୋଟିଏ ହେଉଛି ଯାହାକୁ ଭୋଗ କରିହେବ ଏବଂ ଦ୍ୱିତୀୟଟି ହେଉଛି ବୃଦ୍ଧି । ଏହିଗୁଣର ବର୍ଣ୍ଣନା ପବିତ୍ର କୁର୍‌ଆନ୍‌ର ଅନେକ ସ୍ଥାନରେ ହୋଇଅଛି କିନ୍ତୁ "ରଜ୍ଜାକ୍" ଶବ୍ଦଟି ଗୋଟିଏ ସ୍ଥାନରେ ବ୍ୟବହାର ହୋଇଛି । ***ଇନ୍ନଲ୍ଲାହା ହୁଓ୍ୱର୍ ରଜ୍ଜାକୁ ଜୁଲ୍ କୁଓ୍ୱତିଲ୍ ମତିନୁ*** (ଜାରିୟାତ୍:୫୯) ଅର୍ଥାତ:- ଅଲ୍ଲାଃ ହିଁ ସମସ୍ତଙ୍କୁ ଜୀବିକା ପ୍ରଦାନ କରିଥାନ୍ତି ଏବଂ ସେ ଅତି ବଳବାନ ଓ ଶକ୍ତିଶାଳୀ ।

(୧୮) **ଅଲ୍‌ଫତ୍ତାହୁ** : ଅର୍ଥାତ ଜଟିଳ ପରିସ୍ଥିତି ଓ ଅସୁବିଧାର ସୁଧାରକାରୀ ଏବଂ ନିଷ୍ପତି ପ୍ରଦାନକାରୀ ।

"ଫତହ୍" ଶବ୍ଦର ଅର୍ଥ ହେଉଛି ଖୋଲିବା ଓ ନିଷ୍ପତି କରିବା । ପବିତ୍ର କୁର୍‌ଆନ୍‌ରେ ଏହି ବିଶେଷ ଗୁଣଟିକୁ ଏପରି ବର୍ଣ୍ଣନା କରାଯାଇଅଛି:-

***ସୁମ୍ମା ୟଫତହୁ ବୈନନା ବିଲ୍ ହକ୍କି ଓ୍ୱ ହୁଓ୍ୱଲ୍ ଫତ୍ତାହୁଲ୍ ଅଲୀମ*** (ସବା:୨୭) ଅର୍ଥାତ- ପୁଣି (ଆମ ଈଶ୍ୱର) ସତ୍ୟ ଓ ନ୍ୟାୟ ସହିତ ଆମମାନଙ୍କ ମଧ୍ୟରେ ନିଷ୍ପତି କରିଦେବେ । ସେ ହିଁ ଶେଷ ବିଚାରକ ଓ ସର୍ବଜ୍ଞ ।

(୧୯) **ଅଲୀମୁ** : ଅର୍ଥାତ ବହୁତ ଜ୍ଞାନୀ ଓ ସର୍ବଜ୍ଞ ।

ଅଲୀମ୍ ଶବ୍ଦଟି ଆଲିମ୍ ଶବ୍ଦର ଅତ୍ୟଧିକତାକୁ ସୁଚାଇଥାଏ । ଅର୍ଥାତ ଅଲ୍ଲାଃ ତାଲା ସମସ୍ତ ଦୃଶ୍ୟମାନ ଓ ଅଦୃଶ୍ୟ ଜିନିଷକୁ ଜାଣନ୍ତି ଏବଂ ସେ ଏପରି କଥାକୁ ମଧ୍ୟ ଜାଣିଛନ୍ତି ଯାହା ଏ ପର୍ଯ୍ୟନ୍ତ ହୃଦୟ ଭିତରେ ଜନ୍ମ ମଧ୍ୟ ହୋଇନାହିଁ । ଏହାର ଚର୍ଚ୍ଚା ଉପରେ ବର୍ଣ୍ଣିତ ପବିତ୍ର କୁର୍‌ଆନ୍ ଆୟତରେ କରାଯାଇଅଛି ।

(୨୦) **ଅଲ୍‌କାବିଜୁ** : ଅର୍ଥାତ ଲୋକମାନଙ୍କର ଜୀବିକାକୁ ଅଟକାଇ ଦେଉଥିବା ଶକ୍ତି ।

(୨୧) **ଅଲ୍‌ବାସିତୁ** : ଲୋକମାନଙ୍କ ରୋଜଗାରକୁ ବୃଦ୍ଧି କରିବାବାଲା । ଅର୍ଥାତ ଲୋକଙ୍କ ଜୀବିକାକୁ ସହଜ କରି ପ୍ରଶସ୍ତ କରିବାବାଲା ।

ଏହି ଦୁଇଟ ବିଶେଷ ଗୁଣ ପରସ୍ପର ବିରୋଧି ଶବ୍ଦ । "କବଜ" ଶବ୍ଦର ଅର୍ଥ ହେଉଛି ଏହା କି ଜଣେ ବ୍ୟକ୍ତି ଯେଉଁ ଜିନିଷ ଅଲ୍ଲାଃ ତାଲାଙ୍କ ପାଇଁ ଦେଇଥାଏ ଅଲ୍ଲାଃ ତାଲା ଖୁଦ୍ ତାକୁ ରୋକି ଦିଏ ଏବଂ "ବସତ୍" ଗୁଣ ଅନ୍ତର୍ଗତ ତାକୁ ବଢ଼ାଇଦାଏ ଓ ପ୍ରସାର କରିଥାଏ । ଅତଏବ ଏହି ଦୁଇଟି ଗୁଣ ସମ୍ବନ୍ଧରେ ପବିତ୍ର କୁର୍‌ଆନ୍‌ରେ ଏପରି ବର୍ଣ୍ଣିତ ଅଛି । **ଓ୍ୱଲ୍ଲାହୁ ୟକ୍‌ବିଜୁ ଓ୍ୱ ୟବ୍‌ସୁତୁ ଓ୍ୱ ଇଲୈହେ ତୁର୍‌ଜଉନ୍** (ବକ୍ରାଃ:୨୪୬) ଅର୍ଥାତ:- ଏବଂ ଅଲ୍ଲାଃ (ଲୋକମାନଙ୍କ ଧନ) ଗ୍ରହଣ ମଧ୍ୟ କରନ୍ତି ଓ ତାହାକୁ ବୃଦ୍ଧି ମଧ୍ୟ କରନ୍ତି । ପରିଶେଷରେ ତୁମମାନଙ୍କୁ ତାହାଙ୍କ ନିକଟକୁ ଫେରାଇ ନିଆଯିବ ।

(୨୨) **ଅଲ୍‌ଖାଫିଜୁ** : ଅବାଧ୍ୟ/ଅବିଶ୍ୱାସକାରୀ ମାନଙ୍କୁ ଅପମାନିତ କରିବାବାଲା ଏବଂ ମୃତ୍ୟୁ ପରେ ସେମାନଙ୍କ ସ୍ତରକୁ ବୃଦ୍ଧି ନ କରିବାବାଲା ।

(୨୩) **ଅର୍‌ରାଫିଉ** : ଆଜ୍ଞାବହତା ସ୍ୱୀକାର କରିଥିବା ଲୋକମାନଙ୍କର ମର୍ଯ୍ୟାଦାକୁ ବୃଦ୍ଧି କରିବାବାଲା ଏବଂ ମୃତ୍ୟୁ ପରେ ସେମାନଙ୍କର ପଦମର୍ଯ୍ୟାଦାର ସ୍ତରକୁ ବୃଦ୍ଧି କରିବବାଲା ।

ଉପରୋକ୍ତ ଦୁଇଟି ବିଶେଷ ଗୁଣ ଅର୍ଥ ହେଉଛି ଏହା କି ଭଗବାନ ନିଜ ଆଜ୍ଞାକାରୀମାନଙ୍କୁ ଏ ଦୁନିଆରେ ନିଜ ନିକଟତର ହେବାର ଧନ ପ୍ରଦାନ କରିଥାଏ ଏବଂ ମୃତ୍ୟୁ ପରେ ସେମାନଙ୍କର ପଦମର୍ଯ୍ୟାଦାର ସ୍ତରକୁ ବୃଦ୍ଧି କରିଥାଏ ଯେବେ କି ଅବିଶ୍ୱାସକାରୀ ଓ ବିଦ୍ରୋହୀମାନଙ୍କୁ ଆଧାତ୍ମିକ ଉଚ୍ଚ ସମ୍ମାନ ମିଳିନଥାଏ । ପବିତ୍ର କରୁଆନ୍‌ରେ ହଜ୍‌ରତ୍ ଇସା ଆ:ସଙ୍କ ସମ୍ବନ୍ଧରେ ଆସିଛି କି: **ୟା ଇସା ଇନ୍ନି ମୁତଓ୍ୱଫଇକା ଓ୍ୱ ରାଫେଉକା ଇଲୟା** (ଆଲେ ଇମ୍‌ରାନ୍:୫୬) ଅର୍ଥାତ: ହେ ଇସା! ଆମ୍ଭେ ତୁମକୁ (ସ୍ୱଭାବିକ ରୀତିରେ) ମୃତ୍ୟୁ ପ୍ରଦାନ କରିବୁ; ଏବଂ ତୁମକୁ ନିଜ ସମୀପରେ ସମ୍ମାନ ପ୍ରଦାନ କରିବୁ ।

(୨୪) **ଅଲ୍‌ମୁଇଜ୍ଜୁ** : ସମ୍ମାନ ପ୍ରଦାନକାରୀ

(୨୫) **ଅଲ୍‌ମୁଜିଲ୍ଲୁ** : ଅପମାନିତ କରିବାବାଲା ।

ଅଲ୍ଲାଃ ତାଲା ଯାହାକୁ ଚାହାନ୍ତି ସମ୍ମାନିତ କରିଥାନ୍ତି । ଉଦାହରଣ ସ୍ୱରୁପ ଏ ଦୁନିଆରେ ଧନସମ୍ପତି ଓ ଶକ୍ତି ପ୍ରଦାନ କରି, ପରକାଳରେ ଉଚ୍ଚ ଆଧାତ୍ମିକ ସମ୍ମାନ ଦେଇ ଏବଂ ବୈକୁଣ୍ଠର ପୁରସ୍କାର ଦେଇ ସମ୍ମାନିତ କରିଥାଏ ତାହାର ବିପରୀତ ଯାହାକୁ ଚାହିଁଥାଏ ଅପମାନିତ କରିଥାଏ ।

ଉପରୋକ୍ତ ଦୁଇଟି ଗୁଣ ସମ୍ବନ୍ଧରେ ପବିତ୍ର କୋରାନ୍‌ରେ ଏପରି ବର୍ଣ୍ଣିତ ଅଛି । **ଓ୍ୱ ତୁଇଜ୍ଜୁ ମନ୍ ତଶାଉ ଓ୍ୱ ତୁଜିଲ୍ଲୁ ମନ୍ ତଶାଉ** (ଆଲେ ଇମ୍‌ରାନ୍:୨୭) ଅର୍ଥାତ ତୁମ୍ଭେ ଯାହାକୁ ଇଚ୍ଛା ସମ୍ମାନିତ କର ଏବଂ ଯାହାକୁ ଇଚ୍ଛା ଅପମାନିତ କର ।

(୨୬) **ଅସ୍‌ସମିଉ** : ମହାନ ଶ୍ରୋତା । ସମସ୍ତଙ୍କୁ ଶୁଣିଥାନ୍ତି । ପ୍ରାର୍ଥନା ଗ୍ରହଣକାରୀ ।

ପବିତ୍ର କୁର୍‌ଆନ୍‌ରେ ହଜ୍‌ରତ୍ ଇବ୍ରାହିମ୍ ଆ:ସଙ୍କର ଏ ଦୁଆ ରହିଛି: **ରବ୍‌ବନା ତକବ୍‌ବଲ୍ ମିନ୍ନା ଇନ୍ନକା ଅନ୍‌ତସ୍ ସମିଉଲ୍ ଅଲୀମ୍** (ବକ୍ରାଃ:୧୨୮) ଅର୍ଥାତ ହେ ଆମର ପାଳନକର୍ତ୍ତା: ଆମ୍ଭମାନଙ୍କ ପକ୍ଷରୁ (ଏହି ସେବାକୁ) ଗ୍ରହଣ କର; ତୁମ୍ଭେ ହିଁ ମହାନ୍ ଶ୍ରୋତା ଓ ସର୍ବଜ୍ଞ ।

(୨୭) **ଅଲ୍‌ବସିରୁ** : ମହାନ୍ ଦ୍ରଷ୍ଟା । ଗଭୀର ନିରୀକ୍ଷଣକାରୀ । ଏହି ଗୁଣବାଚକ ନାମ ମଧ୍ୟ ପବିତ୍ର କୁର୍‌ଆନ୍‌ରେ ବହୁବାର ଆସିଛି । ଅଲ୍ଲାଃ ତାଲା କହୁଛନ୍ତି: **ଓ୍ୱଲ୍ଲାହୁ ବସିରୁନ୍ ବିଲ୍ ଇବାଦ୍ (ଆଲେ ଇମ୍‌ରାନ୍:୧୬)** ଅର୍ଥାତ- ଏବଂ ଅଲ୍ଲାଃ ନିଜ ଭକ୍ତମାନଙ୍କ ପ୍ରତି ଲକ୍ଷ୍ୟ ରଖିଥାଆନ୍ତି ।

(୨୮) **ଅଲ୍‌ହକମ୍** :- ସମଗ୍ର ସୃଷ୍ଟିର ହାକିମ୍ * ଯିଏ ସଠିକ୍ ନିଷ୍ପତି କରିଥାଏ ।

ପବିତ୍ର କୁର୍‌ଆନ୍‌ର ସୁରଃ ରାଆଦ୍‌ରେ ଆସିଛି: **ଓ୍ୱଲ୍ଲାହୁ ୟହ୍‌କୁମୁ ଲା ମୁଅକ୍କିବା ଲିହୁକ୍‌ମିହି** (ରାଆଦ୍:୪୨) ଅର୍ଥାତ- ଏବଂ ଅଲ୍ଲାଃ ନିଷ୍ପତି କରିଥାନ୍ତି ଏବଂ ତାହାଙ୍କ ନିଷ୍ପତିକୁ କେହି ବଦଳାଇ ପାରନ୍ତିନାହିଁ ।

(୨୯) **ଅଲ୍‌ଅଦ୍‌ଲୁ** : ନ୍ୟାୟ ପ୍ରଦାନକାରୀ । ଯିଏ ଅନ୍ୟାୟ ବିଚାର କରେନାହିଁ ।

(୩୦) **ଅଲ୍‌ଲତିଫୁ** : ନମ୍ର ଓ ଦୟାଳୁ । ସୂକ୍ଷ୍ମାତି ସୂକ୍ଷ୍ମଦର୍ଶୀ ।

(୩୧) **ଅଲ୍‌ଖବୀରୁ** : ସଚେତକ- ବୁଦ୍ଧିମାନ-ଜ୍ଞାନୀ- ସମ୍ବାଦସୂଚକ ।

ଏହି ବିଶେଷ ଗୁଣବାଚକ ନାମଟି ଆରବୀ ଭାଷାର "ଖବର" ରୁ ଆନିତ । ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ କହିଛନ୍ତି: **ଲା ତୁଦ୍‌ରିକୁହୁଲ୍ ଅବସାରୁ ଓ୍ୱ ହୁଓ୍ୱ ୟୁଦ୍‌ରିକୁଲ୍ ଅବ୍‌ସାରା ଓ୍ୱ ହୁଓ୍ୱଲ୍ ଲତିଫୁଲ୍ ଖବୀରୁ** (ଅନ୍‌ଆମ୍:୧୦୪) ଅର୍ଥାତ: ଦୃଷ୍ଟି ତାହାଙ୍କ ପର୍ଯ୍ୟନ୍ତ ପହଂଚିପାରେନାହିଁ, କିନ୍ତୁ ସେ ଦୃଷ୍ଟି ପର୍ଯ୍ୟନ୍ତ ପହଂଚି ପରନ୍ତି; ଏବଂ ସେ ହେଉଛନ୍ତି ସୂକ୍ଷ୍ମଦର୍ଶୀ ରହସ୍ୟମୟ ଓ ସର୍ବଜ୍ଞାତା ।

(୩୨) **ଅଲ୍‌ହଲିମୁ** : ସହନଶୀଳ । ଉଦାର ।

ହଲିମ୍ ତାକୁ କୁହାଯାଏ ଯିଏ କ୍ରୋଧ ହୋଇନଥିବ ଏବଂ ପ୍ରତିଶୋଧ ନେବାକୁ ଶିଘ୍ର କରିନଥାଏ ବରଂ ପୂର୍ଣ୍ଣ କ୍ଷମତା ଥିବା ସତ୍ୱେ ମଧ୍ୟ କ୍ଷମା କରିଥାଏ । ସେଥିଯୋଗୁଁ ଅଲ୍ଲାଃ ତାଲାଙ୍କୁ "ହଲିମ୍" କୁହାଯାଏ । କାରଣ ସେ ଦଣ୍ଡ ଦେବାର ଶିଘ୍ର କରିନଥାଏ ।

(୩୨) **ଅଲ୍‌ଅଜିମୁ** : ମହାନ୍ ଶ୍ରେଷ୍ଠ- ସମସ୍ତ ସମ୍ମାନର ଅଧିକାରୀ । ସୁରଃ ବକରାଃରେ ଏ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଅଛି କି : **ଓ୍ୱସିୟା କୁର୍‌ସିୟୁହୁସ୍ ସମାଓ୍ୱାତି ଓ୍ୱଲ୍‌ଅର୍‌ଜା ଓ୍ୱଲା ୟଉଦୁହୁ ହିଫ୍‌ଜୁହୁମା ଓ୍ୱ ହୁଓ୍ୱଲ୍ ଅଲିୟୁଲ୍ ଅଜିମୁ** (ବକ୍ରାଃ:୨୫୬) ଅର୍ଥାତ: ତାହାଙ୍କର ସିଂହାସନ ଆକାଶ ଓ ପୃଥିବୀକୁ ବ୍ୟାପୀ ରହିଛି ଏବଂ ଏଗୁଡ଼ିକର ରକ୍ଷଣାବେକ୍ଷଣ ତାଙ୍କୁ କ୍ଲାନ୍ତ କରେନାହିଁ; ଏବଂ ସେ ହିଁ ଅତ୍ୟୁଚ୍ଚ ଓ ମହାନ୍ ।

(୩୪) **ଅଲ୍‌ଗଫୁର୍** : ବହୁତ କ୍ଷମାପ୍ରଦାନକାରୀ । ଦୋଷ ଘୋଡ଼ାଇବାବାଲା ।

ଗଫ୍‌ଫାର୍ ଏବଂ ଗଫୁର୍ ଦୁଇଟିଯାକ ଅତ୍ୟଧିକ ପାଇଁ ବ୍ୟବହୃତ ହୋଇଥାଏ କିନ୍ତୁ "ଗଫୁର୍" ଶବ୍ଦରେ ଅତ୍ୟଧିକତାର ଅର୍ଥ ଅଧିକା ରହିଛି । ଅର୍ଥାତ ତାହାଙ୍କ କ୍ଷମା ସମ୍ପୂର୍ଣ୍ଣ କ୍ଷମା ହୋଇଥାଏ ।

(୩୫) **ଅଶ୍‌ଶକୁର୍** : ଗୁଣଗ୍ରାହୀ

"ଅଲ୍‌ଗଫୁର୍" ଏବଂ "ଅଶ୍‌ଶକୁର" ଏହି ଦୁଇଟିଯାକ ଗୁଣବାଚକ ନାମ ଏକା ସାଙ୍ଗରେ ମଧ୍ୟ ବ୍ୟବହୃତ ହୋଇଅଛି । ସୁରଃ ଫାତିର୍‌ରେ ଅଲ୍ଲାଃ କହୁଛନ୍ତି: **ଓ୍ୱ କାଲୁ ଅଲ୍‌ହମ୍‌ଦୁ ଲିଲ୍ଲାହିଲ୍ ଲଜ୍ଜି ଅଜ୍‌ହବା ଅନ୍ନଲ୍ ହଜନା ଇନ୍ନା ରବ୍‌ବନା ଲଗୁଫୁରୁନ୍ ଶକୁର୍** (ଫାତିର୍:୩୫) ଅର୍ଥାତ: ଏବଂ ସେମାନେ କହିବେ, "ଅଲ୍ଲାଃ ହିଁ ସମସ୍ତ ପ୍ରଶଂସାର ପାତ୍ର ଯେ ଆମମାନଙ୍କର (ସମସ୍ତ) ଦୁଃଖ ଦୂରୀଭୂତ କରିଛନ୍ତି; ଏବଂ ବାସ୍ତବରେ ଆମମାନଙ୍କ ପାଳନକର୍ତ୍ତା ଅତ୍ୟନ୍ତ କ୍ଷମାଶୀଳ (ଓ) ଗୁଣଗ୍ରାହୀ ।

(୩୬) **ଅଲ୍‌ଅଲିୟୁ** : ବହୁତ ଉଚ୍ଚରେ ଅଧିଷ୍ଠିତ; ମହାମହିମାମୟ ଅଲ୍ଲାଃ ତାଲାଙ୍କର ମାନ/ସ୍ଥିତି ଯେହେତୁ ସମସ୍ତଙ୍କଠାରୁ ଉର୍ଦ୍ଧରେ ତେଣୁ ତାହାଙ୍କ

ନାମ ହେଉଛି "ଅଲ୍‌ଅଲିୟୁ"

(୩୭) **ଅଲ୍‌କବୀର୍** : ସମସ୍ତ ଗୌରବର ଅଧିକାରୀ । ଅତ୍ୟନ୍ତ କ୍ଷମତା ସମ୍ପନ୍ନ ।

ଅଲ୍‌ଅଲିୟୁ ଅଲ୍‌କବୀର ଏହି ଦୁଇଟି ଗୁଣବାଚକ ନାମ ମଧ୍ୟ ସାଧାରଣତଃ ଏକା ସାଙ୍ଗରେ ଆସିଥାଏ । ବେଳେବେଳେ ଅଲ୍‌ଅଲିୟୁ ଅଲ୍‌ଅଜିମୁ ମଧ୍ୟ ଆସିଥାଏ । ବେଳେବେଳେ ଅଲ୍‌ଅଲିୟୁ ଅଲ୍‌ହକିମୁ ମଧ୍ୟ ଆସିଥାଏ । ପ୍ରଥମଟିର ଉଦାହରଣ ସୁରାଃ ସବାରେ ବର୍ଣ୍ଣିତ ରହିଛି । ଅଲ୍ଲାଃ କହୁଛନ୍ତି: **କାଲୁଲ୍ ହକ୍‌କୁ ୱ ହୁୱଲ୍ ଅଲିୟୁଲ୍ କବୀର୍** (ସବା :୨୪) ଅର୍ଥାତ- ସେମାନେ କହିବେ ଆମ ପାଳନକର୍ତ୍ତା "ଯାହା କହିଲେ, ସତ୍ୟ ହିଁ କହିଲେ," ଏବଂ ସେ ହିଁ ମହାମହିମମୟ (ଓ) ଅତ୍ୟନ୍ତ କ୍ଷମାତସମ୍ପନ୍ନ ।

(୩୮) **ଅଲ୍‌ହଫିଜୁ** : ଅଭିଭାବକ । ସମସ୍ତଙ୍କର ରକ୍ଷକ । ପବିତ୍ର କୁର୍‌ଆନ୍‌ରେ ବର୍ଣ୍ଣିତ ଅଛି: **ଇନ୍ନା ରବ୍‌ବି ଅଲା କୁଲ୍ଲି ଶୈଇନ୍ ହଫିଜ୍** (ହୁଦ୍ : ୫୮) ଅର୍ଥାତ- ବାସ୍ତବରେ ଆମ ପାଳନକର୍ତ୍ତା ସକଳ ବିଷୟର ସଂରକ୍ଷକ ଅଟନ୍ତି ।

(୩୯) **ଅଲ୍‌ମୁକିତ** : ପର୍ଯ୍ୟବେକ୍ଷକ । କ୍ଷମତାଶୀଳ ।

(୪୦) **ଅଲ୍‌ହସିବ୍** : ହିସାବ ନେବା ବାଲା । ଯଥେଷ୍ଟ । ଏହି ନାମ ଉଭୟ ଅର୍ଥରେ ବ୍ୟବହୃତ ହୋଇଥାଏ । ଗୋଟିଏ ଅର୍ଥରେ କୌଣସି ବସ୍ତୁ ଯଥେଷ୍ଟ ହୋଇଯିବା । ଉଦାହରଣ ସ୍ୱରୂପ ଏ ଜିନିଷ ମୋ ପାଇଁ ଯଥେଷ୍ଟ ହୋଇଗଲା । କେତେକ ଓ୍ୱଲେମା ତା ଅର୍ଥକୁ ହିସାବ ନିସାବ ରଖିବା ମଧ୍ୟ କରିଥାନ୍ତି । ସୁରାଃ ନିସାରେ ଆସିଛି **ଇନ୍‌ନଲ୍ଲାହା କାନା ଅଲା କୁଲ୍ଲି ଶୈଇନ୍ ହସିବା** (ନିସା:୮୭) ଅର୍ଥାତ: ବାସ୍ତବରେ ଅଲ୍ଲାଃ ପ୍ରତ୍ୟେକ ବିଷୟର ହିସାବ ନେବେ ।

(୪୧) **ଅଲ୍‌ଜଲିଲୁ** : ଗୌରବମୟ । ଐଶି ପ୍ରକୋପର ନିଦର୍ଶନ ପ୍ରକାଶକାରୀ ।

(୪୨) **ଅଲ୍‌କରିମୁ** : ଅନୁକମ୍ପାଶୀଳ । କରିମ୍ ହେଉଛି ସେ ଯିଏ ଦଣ୍ଡ ଦେବାକୁ ସମର୍ଥ ଥିବା ସତ୍ୱେ ମଧ୍ୟ କ୍ଷମା କରିପାରେ । ଯଦି କୌଣସି ପ୍ରତିଶୃତି ଦିଏ ତା'ହେଲେ ତାକୁ ପାଳନ କରେ ଏବଂ ଯଦି ଦିଏ ତା' ହେଲେ ଆଶାଠାରୁ ଅଧିକା ଦିଏ । ଯଦି କିଏ ତାଙ୍କ ନିକଟରେ ନିବେଦନ କରେ ତେବେ ତାକୁ ସେ ନଷ୍ଟ କରେନାହିଁ । ପବିତ୍ର କୁର୍‌ଆନ୍‌ରେ ଆସିଛି: **ୱ ମନ୍ କଫରା ଫଇନ୍ନା ରବ୍‌ବି ଗନିଉନ୍ କରିମ୍** (ନମଲ୍ : ୪୧) ଅର୍ଥାତ- ଯେ ଅକୃତଜ୍ଞ ହୁଏ ତେବେ (ମନେରଖ ଯେ) ଆମ୍ଭର ପାଳନକର୍ତ୍ତା ବାସ୍ତବରେ ସ୍ୱୟଂ-ପର୍ଯ୍ୟାପ୍ତ (ଓ) ଅତ୍ୟନ୍ତ ଦାନଶୀଳ ।

(୪୩) **ଅର୍‌ରକିବ୍** : ରକ୍ଷକ । ତତ୍ୱାବଧାରକ । ସୁରାଃ ନିସାରେ ଏହି ଗୁଣକୁ ବର୍ଣ୍ଣନା କରାଯାଇଅଛି : **ଇନ୍‌ନଲ୍ଲାହା କାନା ଆଲେକୁମ୍ ରକିବା (ନିସା:୨)** ଅର୍ଥାତ: ଅଲ୍ଲାଃ ନିଶ୍ଚୟ ତୁମମାନଙ୍କର ତତ୍ୱାବଧାରକ ଅଟନ୍ତି ।

(୪୪) **ଅଲ୍‌ମୁଜିବ୍** : ପ୍ରାର୍ଥନା ଗ୍ରହଣକାରୀ - ଉତରଦାତା । ଉତର ଦେବା ଏବଂ ପ୍ରାର୍ଥନା ଗ୍ରହଣକରିବାକୁ "ଇଜାବତ୍" କୁହାଯାଏ । ଅର୍ଥାତ ଯେଉଁ ବ୍ୟକ୍ତି ଅଲ୍ଲାଃ ତାଲାଙ୍କୁ ଆନ୍ତରିକତାର ସହିତ ଡ଼ାକିଥାଏ ସେ ତା'ର ଉତର ଦେଇଥାଏ ଏବଂ ତା ପ୍ରାର୍ଥନାକୁ ଗ୍ରହଣ କରିଥାଏ । ଦୁଆ ଗ୍ରହଣୀୟ ହେବା କୌଣସି ରଙ୍ଗରେ ହେଉ ନା କାହିଁକି । ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା କହୁଛନ୍ତି : **ଇନ୍ନା ରବ୍‌ବି କରିବୁନ୍ ମୁଜିବ୍** (ହୁଦ୍ : ୬୨) ଅର୍ଥାତ- ବାସ୍ତବରେ ଆମ୍ଭର ପାଳନକର୍ତ୍ତା (ଖୁବ୍) ନିକଟରେ ଅଛନ୍ତି; (ଏବଂ ପ୍ରାର୍ଥନା) ଗ୍ରହଣକାରୀ ଅଟନ୍ତି ।

(୪୫) **ଅଲ୍‌ୱାସିଉ** : ବଡ଼ ବ୍ୟାପକ

ଏହି ବିଶେଷ ଗୁଣଟି "ସାଆତୁନ୍"ରୁ ଆନିତ । ତାହାର ଅର୍ଥ ହେଉଛି ବ୍ୟାପକତା, ତୃପ୍ତକରିବା ଏବଂ ଘେରିନେବା । ଅଲ୍ଲାଃ କହିଛନ୍ତି; **ୱ କାନାଲ୍ଲାହୁ ୱାସିଅନ୍ ହକିମା** (ନିସା:୧୩୧) ଅର୍ଥାତ- ଅଲ୍ଲାଃ ଅତ୍ୟନ୍ତ ଦାନଶୀଳ (ଓ) ତତ୍‌ଜ୍ଞ ।

ପୁଣି ଅଲ୍ଲାଃ କହିଲେ: **ଇନ୍ନା ରବ୍‌ବକା ୱାସିଉଲ୍ ମଗ୍‌ଫିରାଃ** (ନଜମ୍:୩୩) ଅର୍ଥାତ- ତୁମ୍ଭର ପାଳନକର୍ତ୍ତା ଅତି ବ୍ୟାପକ କ୍ଷମାଶୀଳ ।

ପୁଣି ଅଲ୍ଲାଃ କହିଛନ୍ତି : **ଇନ୍‌ନଲ୍ଲାହା ୱାସିଉନ୍ ଅଲୀମ୍** (ବକ୍‌ରାଃ : ୧୧୬) ଅର୍ଥାତ- ବାସ୍ତବରେ ଅଲ୍ଲାଃ ହିଁ ସର୍ବବ୍ୟାପୀ ଓ ସର୍ବଜ୍ଞ ।

ପୁଣି କହିଲେ: **ଫକୁଲ୍ ରବ୍‌ବକୁମ୍ ଜୁ ରହ୍‌ମତିନ୍ ୱାସିଅତିନ୍** (ଅନ୍‌ଆମ୍ : ୧୪୮) ଅର୍ଥାତ- ତୁମେ କୁହ, "ତୁମମାନଙ୍କର ପାଳନକର୍ତ୍ତା ଅସୀମ କରୁଣାମୟ ।

(୪୬) **ଅଲ୍‌ହକିମ୍** : ତତ୍‌ଜ୍ଞ । ସମସ୍ତ ପଦାର୍ଥର ବାସ୍ତବିକ ଜ୍ଞାନୀ । ଏହି ନାମ "ହିକ୍‌ମତ୍" ଶବ୍ଦରୁ ଉତ୍ପନ୍ନ । କୌଣସି କାର୍ଯ୍ୟ ଉପରେ ଉତମ ପ୍ରଭାବ ପଡ଼ିବାକୁ ହିକ୍‌ମତ୍ କହନ୍ତି । ହକିମ୍ ହେଉଛି ସେ ଯିଏ ପଦାର୍ଥଗୁଡ଼ିକର ରହସ୍ୟ/ଭେଦ ଜାଣିଥାଏ ସେହିଭଳି ପ୍ରାଣୀଜଗତ ଓ ଉତ୍ପାଦନର ସବିଶେଷ ତଥ୍ୟକୁ ଭଲ ଭାବରେ ଜାଣିଥାଏ । ଅତଏବ ପବିତ୍ର କୁର୍‌ଆନ୍‌ରେ ଫରିସ୍ତା (ଦେବଦୂତ)ମାନଙ୍କର କଥନ ଏପରି ବର୍ଣ୍ଣିତ ରହିଛି : **କାଲୁ ସୁବ୍‌ହାନକା ଲା ଇଲ୍‌ମା ଲନା ଇଲ୍ଲା ମା ଅଲ୍ଲମ୍‌ତନା ଇନ୍ନକା ଅନ୍‌ତଲ୍ ଅଲିମୁଲ୍ ହକିମ୍** (ବକ୍‌ରାଃ :୩୩) ଅର୍ଥାତ ସେମାନେ କହିଲେ, "ତୁମେ ପବିତ୍ର, ତୁମେ ଆମମାନଙ୍କୁ ଯାହାକିଛି ଶିଖାଇ ଅଛ ତାହା ବ୍ୟତିତ ଆମମାନଙ୍କର ଅନ୍ୟ କୌଣସି ଜ୍ଞାନ ନାହିଁ, ବାସ୍ତବରେ ତୁମେ ହିଁ ସର୍ବଜ୍ଞ ଓ ତତ୍‌ଜ୍ଞ ।

(୪୭) **ଅଲ୍‌ୱଦୁଦ୍** : ବହୁତ ସ୍ନେହୀ । ଧାର୍ମିକମାନଙ୍କର ବନ୍ଧୁ । ପବିତ୍ର କୁର୍‌ଆନ୍‌ରେ ଏହି ଗୁଣ ସମ୍ବନ୍ଧରେ ଏପରି ବର୍ଣ୍ଣିତ ରହିଛି : **ୱ ହୁୱଲ୍ ଗଫୁରୁଲ୍ ୱଦୁଦ୍** (ବୁରୁଜ୍ : ୧୫) ଅର୍ଥାତ- ଏବଂ ସେହି (ଈଶ୍ୱର) ଅତ୍ୟନ୍ତ କ୍ଷମାଶୀଳ (ଓ) ପରମ ପ୍ରେମମୟ ଅଟନ୍ତି ।

(୪୮) **ଅଲ୍‌ମଜିଦ୍** : ଗୌରବମୟ । ଭଦ୍ର । ମହାନ୍ ।

ପବିତ୍ର କୁର୍‌ଆନ୍‌ରେ ହଜ୍‌ରତ୍ ଇବ୍ରାହିମ୍ ଆ:ସଙ୍କ ଅତିଥିମାନଙ୍କର କଥନକୁ ଉପସ୍ଥାପନ କରାଯାଇଅଛି : **କାଲୁ ଆ ତାଜବିନା ମିନ୍ ଅମ୍‌ରିଲ୍ଲାହି ରହ୍‌ମତୁଲ୍ଲାହି ୱ ବରକାତୁହୁ ଆଲୈକୁମ୍ ଅହଲଲ୍ ବୈତି । ଇନ୍ନହୁ ହମିଦୁମ୍ ମଜିଦ୍** (ହୁଦ୍ : ୭୪) ଅର୍ଥାତ- ସେମାନେ କହିଲେ, "କଣ ତୁମେ ଅଲ୍ଲାଃଙ୍କ ଆଦେଶକୁ ଆଶ୍ଚର୍ଯ୍ୟ ମନେକରୁଅଛ ? ହେ ଏହି ଗୃହରେ ବାସ କରୁଥିବା ଲୋକମାନେ ! ତୁମମାନଙ୍କ ପ୍ରତି ଅଲ୍ଲାଃଙ୍କର କରୁଣା ଓ ତାହାଙ୍କର ଆଶିର୍ବାଦ (ଅବତୀର୍ଣ୍ଣ ହେଉ) ଅଛି; ସେ (ଅଲ୍ଲାଃ) ନିଃସନ୍ଦେହରେ ବହୁତ ପ୍ରଶଂସିତ (ଓ) ଗୌରବମୟ ଅଟନ୍ତି ।

(୪୯) **ଅଲ୍‌ବାଇସୁ** : ପୁନର୍ଜୀବନ ପ୍ରଦାନକାରୀ । ଜ୍ଞାନୀମାନଙ୍କ ଉପରେ ଆଧାତ୍ମିକ ମୃତ୍ୟୁ ଆସିବା ବେଳେ ଜୀବନର ଆତ୍ମା ପ୍ରଦାନକାରୀ । ଦୂତ ପ୍ରେରଣକାରୀ । ନିଦ୍ରାରେ ଥିବା ଲୋକମାନଙ୍କର ଜାଗ୍ରତକାରୀ ।

ଅତଏବ୍ ଅଲ୍ଲାଃ ତାଲା କହୁଛନ୍ତି : **ହୁୱଲ୍ଲଜି ବାଆସା ଫିଲ୍ ଉମ୍ମିୟିନା ରସୁଲା** (ଯୁମା : ୩) ଅର୍ଥାତ- ସେ (ଅଲ୍ଲାଃ) ହିଁ ଏକ ନିରକ୍ଷର ସମ୍ପ୍ରଦାୟ ପ୍ରତି ତାହାରି ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ମହାନ୍ ରସୁଲ୍ ଭାବରେ ପ୍ରେରଣ କରିଛନ୍ତି ।

(୫୦) **ଅଶ୍‌ଶହୀଦୁ** : ଉପସ୍ଥିତ ତତ୍ୱାବଧାରକ । ସାକ୍ଷୀ ଓ ନିରୀକ୍ଷକ । ଏହି ନାମଟି "ଶହୁଦ୍" ବା "ଶହାଦତ୍" ଶବ୍ଦରୁ ଉତ୍ପନ୍ନ । ଶହୁଦ୍‌ର ଅର୍ଥ ହେଉଛି ଉପସ୍ଥିତ ହେବା ଏବଂ ଶହାଦତ୍‌ର ଅର୍ଥ ସାକ୍ଷ୍ୟ ଦେବା । ପବିତ୍ର କୁର୍‌ଆନ୍‌ରେ ହଜ୍‌ରତ୍ ଇସାଙ୍କ କଥନ ଏପରି ବର୍ଣ୍ଣିତ ରହିଛି: **ୱ କୁନ୍‌ତୁ ଆଲୈହିମ୍ ଶହୀଦନ୍ ମା ଦୁମ୍‌ତୁ ଫିହିମ୍.......... ୱ ଅନ୍‌ତା ଆଲା କୁଲ୍ଲି ଶୈଇନ୍ ଶହୀଦ୍** (ଅଲ୍‌ମାଏଦାଃ :୧୧୮) ଅର୍ଥାତ- ଯେ ପର୍ଯ୍ୟନ୍ତ ଆମ୍ଭେ ସେମାନଙ୍କ ମଧ୍ୟରେ ଥିଲୁ; ସେ ପର୍ଯ୍ୟନ୍ତ ଆମ୍ଭେ ସେମାନଙ୍କର ତତ୍ୱାବଧାରକ ଥିଲୁ; କିନ୍ତୁ ଯେତେବେଳେ ତୁମେ ଆମର ପ୍ରାଣନାଶ କଲ (ସେତେବେଳେ) ତୁମେ ହିଁ ସେମାନଙ୍କର ତତ୍ୱାବଧାରକ ଥିଲ; ଏବଂ ତୁମେ ହିଁ ସକଳ ବିଷୟର ତତ୍ୱାବଧାରକ ।

(୫୧) **ଅଲ୍‌ହକ୍କୁ** : ସତ୍ୟର ଉତ୍ସ । ନିଜ ଅସ୍ତିତ୍ୱରେ ନିଜେ ପ୍ରତିଷ୍ଠିତ ଏବଂ ଯାହାର କୌଣସି ସମାପ୍ତି ନାହିଁ ଓ ଯାହାର କୌଣସି ପରିବର୍ତନ ହୋଇପାରେନାହିଁ ।

ପବିତ୍ର କୁର୍‌ଆନ୍‌ରେ ଏହି ବିଶେଷଗୁଣ ବିଷୟରେ ଏପରି ବର୍ଣ୍ଣିତ ଅଛି : **ସୁମ୍ମା ରୁଦ୍ଦୁ ଇଲଲ୍ଲାହି ମୌଲାହୁମୁଲ୍ ହକ୍କି** (ଅଲ୍‌ଅନାମ୍ : ୬୩) ଅର୍ଥାତ - ତତ୍ପରେ ସେମାନଙ୍କୁ ସେମାନଙ୍କର ବାସ୍ତବ ପ୍ରଭୁ ଅଲ୍ଲାଃଙ୍କ ନିକଟକୁ ଫେରାଇ ନିଆଯିବ ।

(୫୨) **ଅଲ୍‌ୱକିଲ୍** : କାର୍ଯ୍ୟ ସମ୍ପାଦନକାରୀ । ପର୍ଯ୍ୟାପ୍ତ ।

ୱକିଲ୍ ତାକୁ କୁହନ୍ତି ଯାହାଙ୍କ ଉପରେ ଆମେ ନିଜର ସମସ୍ତ କାର୍ଯ୍ୟ ନ୍ୟସ୍ତ କରଦେଇଥାଉଁ ଓ ସେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥାଏ । ସୁରାଃ ଆଲେ ଇମ୍‌ରାନ୍‌ରେ ଅଲ୍ଲାଃ ତାଲା କହୁଛନ୍ତି: **ୱ କାଲୁ ହସ୍‌ବୁନଲ୍ଲାହୁ ୱ ନେମଲ୍ ୱକିଲ୍** (ଆଲେ ଇମ୍‌ରାନ୍: ୧୭୪) ଅର୍ଥାତ- ଏବଂ ସେମାନେ କହିଲେ, "ଅଲ୍ଲାଃ ଆମମାନଙ୍କ ପାଇଁ ଯଥେଷ୍ଟ ଓ ସେ ହିଁ ଉତମ କାର୍ଯ୍ୟ ସମ୍ପାଦନକାରୀ ଅଟନ୍ତି ।

(୫୩) **ଅଲ୍‌କୱିୟୁ** : ବଳବାନ୍ । ଶକ୍ତିସମ୍ପନ୍ନ

ପବିତ୍ର କୁର୍‌ଆନ୍‌ରେ ଏହି ବିଶେଷଗୁଣ ସମ୍ବନ୍ଧରେ ବର୍ଣ୍ଣିତ ରହିଛି: **ଅଲ୍ଲାହୁ ଲତିଫୁନ୍ ବିଇବାଦିହି ୟର୍‌ଜୁକୁ ମଇଁ ୟଶାଓ ୱ ହୁୱଲ୍ କୱିୟୁଲ୍ ଅଜିଜ୍ ।** (ଅଶ୍‌ଶୁରା : ୨୦) ଅର୍ଥାତ- ଅଲ୍ଲାଃ ନିଜ ଭକ୍ତମାନଙ୍କର ଗୁପ୍ତ ବିଷୟଗୁଡ଼ିକୁ ଜାଣନ୍ତି । ସେ ଯାହାପାଇଁ ଇଚ୍ଛା କରନ୍ତି ତାହାକୁ (ପ୍ରଚୁର) ଜୀବିକା ପ୍ରଦାନ କରନ୍ତି, ଏବଂ ସେ ହିଁ ବଳବାନ (ଓ) ପରାକ୍ରମୀ ।

(୫୪) **ଅଲ୍‌ମତିନୁ** : ମଜ୍‌ବୁତ୍

ଗୁଣଧାରୀ । ଅତି ବଳବାନ ।

ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କହିଲେ: **ଇନ୍ନଲ୍ଲାହା ହୁଓ୍ୱର୍ ରଜ୍ଜାକୁ ଜୁଲ୍ କୁଓ୍ୱତିଲ୍ ମତିନ୍** (ଜାରିୟାତ୍ : ୫୯) ଅର୍ଥାତ- ଅଲ୍ଲାଃ ହିଁ ସମସ୍ତଙ୍କୁ ଖାଦ୍ୟ ଖୁଆଇଥାନ୍ତି ଯେ ଅତି ବଳବାନ୍ ।

(୫୫) **ଅଲ୍‌ଓ୍ୱଲିୟୁ** - ଅତ୍ୟନ୍ତ ପ୍ରେମକରୁଥିବା ସତା । ସାହାଯ୍ୟକାରୀ । ଅଭିଭାବକ । ନିକଟତର ।

ଅଲ୍ଲାଃ ତାଲା ଧର୍ମପରାୟଣ ଏବଂ ସଦାଚାରୀମାନଙ୍କର ବନ୍ଧୁ ଅଟନ୍ତି ଏବଂ ସେମାନଙ୍କୁ ସାହାଯ୍ୟ କରିଥାନ୍ତି । ଓ୍ୱଲି ମତଓ୍ୱଲି (ତତ୍ୱବଧାରକ)ଙ୍କୁ ମଧ୍ୟ କୁହାଯାଏ । ଅଲ୍ଲାଃ ତାଲା ପୂଣ୍ୟବନ୍ତମାନଙ୍କର ତତ୍ୱାବଧାରକ ଅଟନ୍ତି । ଓ୍ୱଲି ନିକଟତର ଅର୍ଥରେ ମଧ୍ୟ ବ୍ୟବହୃତ ହୋଇଥାଏ । ଅର୍ଥାତ ଅଲ୍ଲାଃ ତାଲା ସଦାଚାରୀମାନଙ୍କ ଅତି ନିକଟତର ଅଟନ୍ତି ।

(୫୬) **ଅଲ୍‌ହମିଦୁ** - ସମସ୍ତ ପ୍ରଶଂସାର ପାତ୍ର ।

"ହମିଦ୍" ଗୁଣ ସମ୍ବନ୍ଧରେ ପବିତ୍ର କୁର୍‌ଆନ୍‌ରେ ଅନେକ ସ୍ଥାନରେ ବର୍ଣ୍ଣିତ ଅଛି । ସୁରଃ ଶୁରାରେ "ଓ୍ୱଲି" ଏବଂ "ହମିଦ୍" ଉଭୟ ଦରଜ ରହିଛି । **ଓ୍ୱ ୟନ୍‌ଶୁରୁ ରହ୍‌ମତହୁ ଓ୍ୱ ହୁଓ୍ୱଲ୍ ଓ୍ୱଲିୟୁଲ୍ ହମିଦ୍** (ଅଶ୍‌ଶୁରା: ୨୯) ଏବଂ (ଅଲ୍ଲାଃ) ନିଜର କରୁଣାକୁ ସଂପ୍ରସାରିତ କରିଦିଅନ୍ତି; ଏବଂ ସେ ହିଁ (ପ୍ରକୃତ) ଆଶ୍ରୟଦାତା (ଓ) ସକଳ ପ୍ରଶଂସାର ପାତ୍ର ।

(୫୭) **ଅଲ୍‌ମୁହ୍‌ସି** : ପ୍ରତ୍ୟେକ ବସ୍ତୁକୁ ନିଜର ଜ୍ଞାନଦ୍ୱାରା ଆୟତ କରିବାବାଲା । ଗଣନାକାରୀ ।

ଯେହେତୁ ଅଲ୍ଲାଃ ତାଲା ସକଳ ବସ୍ତୁର ତତ୍ୱ ଓ ରହସ୍ୟକୁ ଜାଣିଛନ୍ତି ଏବଂ ବ୍ରହ୍ମାଣ୍ଡର ଟିକିନିଖି ବସ୍ତୁକୁ ସେ ଜ୍ଞାତସାରରେ ରଖିଛନ୍ତି ତେଣୁ ତାଙ୍କୁ "ମୁହ୍‌ସି" କୁହାଯାଏ । ପବିତ୍ର କୁର୍‌ଆନ୍‌ରେ ଆସିଛି: **ଓ୍ୱ ଆହାତା ବିମା ଲଦୈହିମ୍ ଓ୍ୱ ଅହ୍‌ସା କୁଲ୍ଲା ଶୈଇନ୍ ଅଦଦା** (ଅଲ୍‌ଜିନ୍ନ : ୨୯) ଅର୍ଥାତ- ଏବଂ ଯାହା କିଛି ସେମାନଙ୍କ ନିକଟରେ ଅଛି ସେ ତାହାକୁ ପରିବେଷ୍ଟନ କରି ରଖିଥାନ୍ତି ଓ ସବୁଗୁଡ଼ିକୁ ଗଣିରଖନ୍ତି ।

(୫୮) **ଅଲ୍‌ମୁବ୍‌ଦିଉ** : ସର୍ବପ୍ରଥମ ସୃଷ୍ଟିକର୍ତା । ଆରମ୍ଭ କରିବାବାଲା ।

(୫୯) **ଅଲ୍‌ମୁଇଦୁ** : ପୁନରୁତ୍ପତିକାରୀ । ପୁନରାବୃତିକାରୀ ।

ଉପରୋକ୍ତ ଦୁଇଟିଯାକ ବିଶେଷ ଗୁଣ ପବିତ୍ର କୁର୍‌ଆନ୍‌ରେ ଗୋଟିଏ ସ୍ଥାନରେ ଆସିଅଛି । **ଇନ୍ନହୁ ହୁଓ୍ୱ ୟୁବ୍‌ଦିଉ ଓ୍ୱ ୟୁଇଦ୍** (ବୁରୁଜ୍ : ୧୪) ଅର୍ଥାତ:- ସେ (ଅଲ୍ଲାଃ) ହିଁ ଆରମ୍ଭ କରିଥାନ୍ତି ଓ ବାରମ୍ବାର, କରିଥାନ୍ତି ।

(୬୦) **ଅଲ୍‌ମୁହ୍‌ଇ** : ଜୀବମାନଙ୍କୁ ଜୀବନ ପ୍ରଦାନକାରୀ ।

ସୁରଃ ରୋମ୍‌ରେ ଅଲ୍ଲାଃ ତାଲା କହିଛନ୍ତି: **ଇନ୍ନା ଜାଲିକା ଲ ମୁହ୍‌ଇଲ୍ ମୌତା ଓ୍ୱ ହୁଓ୍ୱ ଅଲା କୁଲ୍ଲି ଶୈଇନ୍ କଦିର୍** (ରୋମ୍ : ୫୧) ଅର୍ଥାତ- ସେ ହିଁ (କୟାମତ ଦିନ) ମୃତମାନଙ୍କୁ ଜୀବିତ କରିବେ; ଏବଂ ସେ ହିଁ (ଏ) ସକଳ ବିଷୟ କରିବାକୁ ସକ୍ଷମ ।

(୬୧) **ଅଲ୍‌ମୁମିତ** : ମୃତ୍ୟୁ ପ୍ରଦାନକାରୀ ।

ଅଲ୍ଲାଃ ତାଲା କହିଛନ୍ତି: **ଓ୍ୱଲ୍ଲାହୁ ୟୁଦ୍‌ଇ ଓ୍ୱ ୟୁମିତ୍** (ଆଲେ ଇମ୍‌ରାନ୍:୧୫୭) ଅର୍ଥାତ- ଏବଂ ଅଲ୍ଲାଃ ହିଁ ଜୀବନ ଦାନ କରନ୍ତି ଓ ମୃତ୍ୟୁ ପ୍ରଦାନ କରନ୍ତି ।

(୬୨) **ଅଲ୍‌ହୟୁ** : ସ୍ୱୟଂ ଜୀବିତ ଓ ଅନ୍ୟମାନଙ୍କ ଜୀବନର କାରଣ । ଚିରଞ୍ଜୀବୀ

(୬୩) **ଅଲ୍‌କୟୁମ** : ସ୍ୱୟଂ ପ୍ରତିଷ୍ଠିତ ଏବଂ ଅନ୍ୟ ସମସ୍ତଙ୍କର ପ୍ରତିଷ୍ଠାତା ଉପୋରକ୍ତ ଦୁଇଟିଯାକ ବିଶେଷଗୁଣ ବର୍ଣ୍ଣନା କରାଯାଇଛି: **ଅଲ୍ଲାହୁ ଲା ଇଲାହା ଇଲ୍ଲା ହୁଓ୍ୱଲ୍ ହିୟୁଲ୍ କିୟୁମ୍** (ଆଲେ ଇମ୍‌ରାନ୍ :୩) ଅର୍ଥାତ: ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ; ସେ ଚିରଞ୍ଜୀବୀ, (ଓ ସେ ସ୍ୱୟଂ) ପ୍ରତିଷ୍ଠିତ ଓ (ସମସ୍ତଙ୍କର) ପ୍ରତିଷ୍ଠାତା ।

(୬୪) **ଅଲ୍‌ଓ୍ୱାଜିଦ୍** : ଲାଳସା ରହିତ ଏବଂ ନିଶ୍ଚିନ୍ତ ସତା । ଲକ୍ଷ୍ୟ ହାସଲ କରିବାରେ ସଫଳତା ପ୍ରଦାନକାରୀ ।

(୬୫) **ଅଲ୍‌ମାଜିଦୁ** : ଆଦରଣୀୟ । ଶ୍ରଦ୍ଧେୟ ।

(୬୬) **ଅଲ୍‌ଓ୍ୱାହିଦ୍** : ଏକକ । ଅଦ୍ୱିତୀୟ । ଏକା ।

"ଓ୍ୱାହିଦ୍" ଶବ୍ଦର ଅର୍ଥ ହେଉଛି ଯାହାକୁ ଖଣ୍ଡ ଖଣ୍ଡ ଓ ଭାଗ ଭାଗ କରାଯାଇହୁଏ ନାହିଁ । ଅଲ୍ଲାଃ ତାଲା କହୁଛନ୍ତି : **ଓ୍ୱମା ମିନ୍ ଇଲାହିନ୍ ଇଲଲ୍ଲାହୁଲ୍ ଓ୍ୱାହିଦୁଲ୍ କହ୍‌ହାର୍ ।** (ସ୍ୱାଦ୍:୬୬) ଅର୍ଥାତ- ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କେହି ଉପାସ୍ୟ ନାହିଁ; ସେ ଅଦ୍ୱିତୀୟ (ଓ) ପରାକ୍ରମୀ ।

(୬୭) **ଅଲ୍‌ଅହଦୁ** : ଏକ । ତାହାଙ୍କ ପରି ଆଉ କେହି ନାହାନ୍ତି ।

ସୁରଃ ଏଖ୍‌ଲାସ୍‌ରେ ଅଲ୍ଲାଃ ତାଲା ନିଜର ଏହି ବିଶେଷ ଗୁଣ ସମ୍ବନ୍ଧରେ ଚର୍ଚ୍ଚା କରିଛନ୍ତି । **କୁଲ୍ ହୁଓ୍ୱଲଲ୍ଲାହୁ ଅହଦ୍** (ଏଖ୍‌ଲାସ୍:୨) ଅର୍ଥାତ: ତୁମେ (ଅନ୍ୟ ଲୋକମାନଙ୍କୁ) କହୁଥାଅ, "ସେ ହିଁ ଅଲ୍ଲାଃ, ଯେ କି ଅଦ୍ୱିତୀୟ" । ଏଠାରେ ଏକଥା ମଧ୍ୟ ସ୍ପଷ୍ଟ କରିଦେବା ଜରୁରୀ ଯେ "ଅହଦ୍" ଏବଂ "ଓ୍ୱାହିଦ୍" ଶବ୍ଦ ମଧ୍ୟରେ ସେତିକି ଫରକ ଅଛି ଯେତିକି ଆମ ଭାଷାରେ "ଏକ" ଏବଂ "ଏକଲା" ମଧ୍ୟରେ ଫରକ ଥାଏ ।

(୬୮) **ଅସ୍‌ସମଦୁ** : ସମ୍ପନ୍ନ । ନିଶ୍ଚିତ । ମଣିଷ ଉଦ୍ଦେଶ୍ୟର ଅସଲ ଉତ୍ସ ।

"ସମଦ୍" ଶବ୍ଦର ଅସଲ ଅର୍ଥ ହେଉଛି ସଂକଳ୍ପ କରିବା । ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କହୁଛନ୍ତି : **ଅଲ୍ଲାହୁସ୍ ସମଦ୍ :** (ଏଖ୍‌ଲାସ୍:୩) ଅର୍ଥାତ: ସେ ହିଁ ଅଲ୍ଲାଃ ଯାହାଙ୍କ ଉପରେ ସମସ୍ତେ ନିର୍ଭରଶୀଳ । (ଏବଂ ସେ କାହାରି ଉପରେ ନିର୍ଭରଶୀଳ ନୁହନ୍ତି) ।

ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କହୁଛନ୍ତି: **କୁଲ୍ ହୁଓ୍ୱଲ୍ କାଦିରୁ ଅଲା ଅଇଁ ୟବ୍‌ଅସା ଆଲୈକୁମ୍ ଅଜାବମ୍ ମିନ୍ ଫୌକିକୁମ୍ ଅଓ ମିନ୍ ତହ୍‌ତି ଅର୍‌ଜୁଲିକୁମ୍** (ଅଲ୍‌ଅନାମ୍ : ୬୬) ଅର୍ଥାତ: ତୁମ୍ଭେ (ସେମାନଙ୍କୁ) କୁହ, "ତୁମମାନଙ୍କ ଉର୍ଦ୍ଧ୍ୱରୁ ଓ ତୁମମାନଙ୍କୁ ପାଦ ତଳୁ ତୁମମାନଙ୍କ ପ୍ରତି ଶାସ୍ତି ପ୍ରେରଣ କରିବାକୁ ସେ ସକ୍ଷମ ।

(୭୦) **ଅଲ୍‌ମୁକ୍‌ତଦିରୁ** : ସମସ୍ତ କାର୍ଯ୍ୟ କରିବାକୁ ସକ୍ଷମ । କ୍ଷମତାଶୀଳ ।

"ମୁକ୍‌ତଦିର୍" ଏବଂ "କାଦିର୍" ଶବ୍ଦର ଅର୍ଥ ତ ଏକା କିନ୍ତୁ "ମୁକ୍‌ତଦିର୍" ଶବ୍ଦରେ ଅତ୍ୟଧିକତା ରହିଥାଏ । ଅଲ୍ଲାଃ ତାଲା କହୁଛନ୍ତି: **ଇନ୍ନଲ୍ ମୁତ୍‌ତକିନା ଫି ଜନ୍ନାତିନ୍ ଓ୍ୱ ନହ୍‌ରିନ୍** (କମର୍ : ୫୫) **ଫି ମକ୍‌ଅଦି ସିଦ୍‌କିନା ଇନ୍‌ଦା ମଲିକିମ୍ ମୁକ୍‌ତଦିରିନ୍** (କମର:୫୬)

ଅର୍ଥାତ:- ଧାର୍ମିକମାନେ ବୈକୁଣ୍ଠ ମଧ୍ୟରେ ତଥା ବିଭିନ୍ନ ପ୍ରକାର ପ୍ରାଚୁର୍ଯ୍ୟ ମଧ୍ୟରେ ରହିବେ । ତାହା ଏପରି ଏକ ସ୍ଥାନ, ଯାହା ଚିରସ୍ଥାୟୀ ହେବ; (ଏବଂ ସେମାନେ) ଶକ୍ତିଶାଳୀ ସମ୍ରାଟଙ୍କ ଗହଣରେ (ରହିବେ) ।

(୭୧) **ଅଲ୍‌ମୁକଦ୍ଦିମୁ** : ଆଗକୁ ବଢ଼ାଇବା ବାଲା (ନିଜ ପ୍ରୀୟଜନଙ୍କୁ ଈଶ୍ୱରଙ୍କ ଆଡ଼କୁ ବଢ଼ାଇବା ବାଲା) ।

(୭୨) **ଅଲ୍‌ମୁଅଖ୍‌ରରୁ** :- ପଛକୁ ଠେଲିବାବାଲା । (ଶତୃମାନଙ୍କୁ ନିଜର ପ୍ରତାପ ଦ୍ୱାରା ପଛକୁ ଠେଲିଥାଏ)

(୭୩) **ଅଲ୍‌ଅଓ୍ୱଲୁ** : ପ୍ରଥମ

ଅଲ୍ଲାଃ ତାଲାଙ୍କ ସମ୍ବନ୍ଧରେ କୁହାଯାଇଛି "ସେ ସର୍ବପ୍ରଥମ ଏବଂ ତାହାଙ୍କ ପୂର୍ବରୁ କୌଣସି ବସ୍ତୁ ନଥିଲା । ଜଗତ ମଧ୍ୟରେ ଏପରି କୌଣସି ଜିନିଷ ନାହିଁ ଯାହା ଈଶ୍ୱରଙ୍କ ପୂର୍ବରୁ ଥିବ" ।

(୭୪) **ଅଲ୍‌ଆଖିରୁ** : ଶେଷ । ଅନ୍ତ ।

ଖୁଦାତାଲାଙ୍କ ପାଇଁ ଏ କଥା ମଧ୍ୟ କୁହାଯାଇଅଛି "ପ୍ରତ୍ୟେକ ବସ୍ତୁ ସମାପ୍ତି ହେବାପରେ ତାହାଙ୍କ (ଅର୍ଥାତ ଖୁଦାଙ୍କ) ପବିତ୍ର ଅସ୍ତିତ୍ୱ ମହ୍‌ଜୁଦ୍ ରହିଥିବା ।"

(୭୫) **ଅଜ୍‌ଜାହିରୁ** : ପ୍ରକାଶ୍ୟମାନ :

ଖୁଦାତାଲାଙ୍କ ପାଇଁ ଏହା ମଧ୍ୟ ଆସିଛି ଯେ "ସକଳ ବସ୍ତୁ ଉପରେ ତାହାଙ୍କ ପ୍ରାଧାନ୍ୟ ପ୍ରକାଶମାନ । କେବଳ ସେ ହିଁ ବିଦ୍ୟମାନ । ତାହାଙ୍କ ଉପରକୁ ଅନ୍ୟ କିଛି ଦୃଶ୍ୟମାନ ନାହିଁ ।

(୭୬) **ଅଲ୍‌ବାତିନ୍** : ଗୁପ୍ତ । ଲୁକ୍କାୟିତ । ଅନ୍ତର ।

ଅଲ୍ଲାଃ ତାଲାଙ୍କ ପାଇଁ ଏ ବାକ୍ୟ ମଧ୍ୟ ଆସିଛି । "ସେ ଏକ ଲୁକ୍କାୟିତ ରହସ୍ୟ ଅଟନ୍ତି ତାହାଙ୍କ ବ୍ୟତୀତ ଆଉ କେହି ନାହାନ୍ତି ଯାହାଙ୍କର ଏପରି ରହସ୍ୟ ଥିବ । ଉପରୋକ୍ତ ଚାରୋଟି ବିଶେଷଗୁଣ ସୁରଃ ହଦିଦ୍‌ରେ ମିଳୁଅଛି । ଅଲ୍ଲାଃ ତାଲା କହୁଛନ୍ତି : **ହୁଓ୍ୱଲ୍ ଅଓ୍ୱଲୁ ଓ୍ୱଲ୍ ଆଖିରୁ ଓ୍ୱଜ୍ ଜାହିରୁ ଓ୍ୱଲ୍ ବାତିନୁ ଓ୍ୱ ହୁଓ୍ୱ ବିକୁଲ୍ଲି ଶୈଇନ୍ ଅଲୀମ୍ । (ହଦିସ୍ : ୪)** ଅର୍ଥାତ: ସେ ହିଁ ଆଦି ଓ ସେ ହିଁ ଅନ୍ତ; ସେ ହିଁ ପ୍ରକାଶ୍ୟ ଓ ସେ ହିଁ ଗୁପ୍ତ, ଏବଂ ସେ ପ୍ରତ୍ୟେକ ବିଷୟକୁ ଜାଣନ୍ତି ।

(୭୭) ଅଲ୍‌ଓ୍ୱାଲି : ସମସ୍ତ ବିଷୟର ସହାୟକ ଏବଂ ସମସ୍ତଙ୍କର ମାଲିକ ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା କହିଛନ୍ତି : **ଓ୍ୱ ଇଜା ଅରାଦଲ୍ଲାହୁ ବିକୌମିନ୍ ସୁଅନ୍ ଫଲା ମରଦ୍‌ଦାଲହୁ ଓ୍ୱମାଲହୁମ୍ ମିନ୍ ଦୁନିହି ମିନ୍ ଓ୍ୱାଲି** (ରାଆଦ୍ : ୧୨) ଅର୍ଥାତ : ଏବଂ ଯେତେବେଳେ ଅଲ୍ଲାଃ କୌଣସି ସମ୍ପ୍ରଦାୟ ସଂକ୍ରାନ୍ତରେ ଶାସ୍ତି (ପ୍ରଦାନ କରିବାକୁ) ନିଷ୍ପତି କରନ୍ତି, ସେତେବେଳେ କେହି ଏହାକୁ ଟଳାଇ ପାରିବେ ନାହିଁ, ଏବଂ ତାହାଙ୍କ ବ୍ୟତୀତ ସେମାନଙ୍କର ଅନ୍ୟ କେହି ସହାୟକ ନାହାନ୍ତି ।

(୭୮) **ଅଲ୍‌ମୁତଆଲି** : ଉଚ୍ଚ ପଦମର୍ଯ୍ୟାଦା ସମ୍ପନ୍ନ । ଗୌରବମୟ । ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା କହୁଛନ୍ତି: **ଆଲିମୁଲ୍ ଗଇବି ଓ୍ୱଶ୍ ଶହାଦତିଲ୍ କବୀରୁଲ୍ ମୁତଆଲି** ।(ରାଆଦ୍ : ୧୦)

ଅର୍ଥାତ: ସେ ପରୋକ୍ଷ ଓ ପ୍ରତ୍ୟକ୍ଷ (ଉଭୟ)କୁ ଜାଣନ୍ତି; ସେ ହିଁ ମହାନ୍ (ଓ) ଗୌରବମୟ ।

(୭୯) **ଅଲ୍‌ବିର୍‌ରୁ** : ଯିଏ ନିଜ

ଭକ୍ତମାନଙ୍କ ସହିତ ଦୟା ଓ ଅନୁଗ୍ରହ ପୂର୍ଣ୍ଣ ବ୍ୟବହାର କରିଥାଏ । ପୂଣ୍ୟକର୍ମର ପ୍ରଶଂସାକାରୀ ।

ଏହି ବିଶେଷ ଗୁଣଟି ସୁରଃ ତୁର୍ ରେ "ରହିମ୍" ସହିତ ମିଶି ଆସିଛି । **ଇନ୍ନା କୁନ୍ନା ମିନ୍ କବ୍‌ଲୁ ନଦ୍‌ଉହୁ । ଇନ୍ନହୁ ହୁୱ୍ଲ ବର୍‌ରୁର୍ ରହିମ୍ ।** (ତୁର୍:୨୯) ଅର୍ଥାତ: ଆମେମାନେ ପୂର୍ବରୁ ତାହାଙ୍କୁ (ଅର୍ଥାତ ଅଲ୍ଲାଃଙ୍କୁ) ହିଁ ଡ଼ାକୁଥିଲୁ; ସେ ହିଁ ପରମ ହିତକାରୀ (ଓ) ସଦା କରୁଣାମୟ ।

(୮୦) **ଅତ୍‌ତୱ୍ୱାବୁ** : ଭକ୍ତଙ୍କ ପାପର ତୌବା (ଅର୍ଥାତ ଅନୁତାପ)କୁ ଗ୍ରହଣକାରୀ ।

"ତୱ୍ୱାବ" ଶବ୍ଦଟି "ତୌବାଃ" ରୁ ଉତ୍ପତି । ତୌବାଃର ଅସଲ ଅର୍ଥ ହେଉଛି ଫେରି ଆସିବା/ ଲେଉଟି ଆସିବା ଏବଂ କୌଣସି ପାପ କର୍ମକୁ ପରିତ୍ୟାଗ କରିବା ଅର୍ଥରେ ବ୍ୟବହୃତ ହୋଇଥାଏ ଏବଂ ପାପକର୍ମକୁ ଛାଡ଼ି ତା ସ୍ଥାନରେ ପୂଣ୍ୟକର୍ମ କରିବା । ଏହି ବିଶେଷଗୁଣ ପବିତ୍ର କୁର୍‌ଆନ୍‌ର ବହୁତ ସ୍ଥାନରେ ଆସିଛି । ସୁରଃ ବକ୍‌ରାଃ ରେ ଅଲ୍ଲାଃ କହିଛନ୍ତି :

**ଇଲ୍ଲଲ୍ଲଜିନା ତାବୁ ୱ୍ୱ ଅସ୍‌ଲହୁ ୱ୍ୱ ବୟନୁ ଫଉଲାଇକା ଅତୁବୁ ଆଲୈହିମ୍ । ୱ୍ୱ ଅନତ୍ ତୱ୍ୱାବୁର୍ ରହିମ୍** (ବକ୍‌ରାଃ:୧୬୧) ଅର୍ଥାତ: କିନ୍ତୁ ଯେଉଁମାନେ ଅନୁତାପ କରନ୍ତି ଓ ନିଜକୁ ସଂଶୋଧନ କରନ୍ତି ଏବଂ (ଅଲ୍ଲାଃ ତାଲାଙ୍କ ଆଦେଶଗୁଡ଼ିକୁ) ସ୍ପଷ୍ଟରୂପେ ବର୍ଣ୍ଣନା କରନ୍ତି, ଆମ୍ଭେ ସେମାନଙ୍କ ପ୍ରତି ଦୟାପୂର୍ବକ ଧ୍ୟାନ ଦେବୁ ଏବଂ ଆମ୍ଭେ (ନିଜ ଭକ୍ତମାନଙ୍କ ପ୍ରତି) ଅତ୍ୟନ୍ତ ମନୋଯୋଗୀ ଓ ସଦା କରୁଣାମୟ ।

(୮୧) **ଅଲ୍‌ମୁନ୍‌ତକିମ୍** : ଅବାଧମାନଙ୍କ ପ୍ରତିଶୋଧ ନେଇଥାନ୍ତି । ଅମାନ୍ୟର ଦଣ୍ଡ ପ୍ରଦାନକାରୀ ।

ପବିତ୍ର କୁର୍‌ଆନ୍‌ରେ ବର୍ଣ୍ଣିତ ଅଛି: **ୱ୍ୱମନ୍ ଅଜ୍‌ଲମୁ ମିମ୍ମନ୍ ଜୁକ୍କିରା ବିଆୟାତି ରବ୍‌ବିହି ସୁମ୍ମା ଆରଜା ଅନ୍‌ହା । ଇନ୍ନା ମିନଲ୍ ମୁଜ୍‌ରିମିନା ମୁନ୍‌ତକିମୁନା** (ସଜ୍‌ଦାଃ:୨୩) ଅର୍ଥାତ: ଏବଂ ଯାହାକୁ ତାହାର ପାଳନକର୍ତାଙ୍କ ନିଦର୍ଶନଗୁଡ଼ିକୁ ସ୍ମରଣ କରାଇ ଦିଆଯାଏ, ତଥାପି ସେ ସେଥିରୁ ବିମୁଖ ହୁଏ ତା'ଠାରୁ ବଳି ଅଧିକ ଅତ୍ୟାଚାରୀ ଆଉ କିଏ ହୋଇପାରେ? ଆମେ ନିଶ୍ଚୟ ଅପରାଧିମାନଙ୍କଠାରୁ ପ୍ରତିଶୋଧ ନେବୁ ।

(୮୨) **ଅଲ୍‌ଅଫୁୱ୍ୱୁ** : ପାପଗୁଡ଼ିକର କ୍ଷମାକାରୀ- ପାପ କ୍ଷୟକାରୀ । କ୍ଷମା ପ୍ରଦାନକାରୀ ।

"ଅଫୁୱ୍ୱ" ସର୍ବଦା "ଗଫ୍‌ରା"ଠାରୁ ଅଧିକା । କାରଣ ଗଫ୍‌ରା ଅନ୍ତର୍ଗତ ପାପକୁ ଲୁଚାଇବାକୁ ଓ ଢ଼ାଙ୍କିବାକୁ ପଡ଼ିଥାଏ କିନ୍ତୁ "ଅଫୁୱ୍ୱ" ଅନ୍ତର୍ଗତ ପାପଗୁଡ଼ିକୁ ନିଶ୍ଚିହ୍ନ କରିଦିଆଯାଏ । ପବିତ୍ର କୁର୍‌ଆନ୍‌ରେ ଏପରି ବର୍ଣ୍ଣିତ ଅଛି : **ୱ୍ୱକାନଲ୍ଲାହୁ ଅଫୁୱ୍ୱନ୍ ଗଫୁରା** (ନିସା:୧୦୦) ଅର୍ଥାତ: କାରଣ ଅଲ୍ଲାଃ ତାଲା ହିଁ ଅତ୍ୟନ୍ତ ମାର୍ଜନାକାରୀ (ଓ) କ୍ଷମାଶୀଳ ।

(୮୩) **ଅର୍‌ରଉଫ୍** : ନମ୍ର ବ୍ୟବହାରକାରୀ - ବହୁତ ଦୟାଳୁ ।

ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କହିଛନ୍ତି : **ୱ୍ୱ ଲୌ ଲା ଫଜ୍‌ଲୁଲ୍ଲାହି ଆଲୈକୁମ୍ ୱ୍ୱ ରହ୍‌ମତୁହୁ ୱ୍ୱ ଅନ୍ନଲ୍ଲାହା ରଉଫୁର୍ ରହିମ୍** (ନୂର:୨୧) ଅର୍ଥାତ: ଏବଂ ଯଦି ତୁମମାନଙ୍କ ପ୍ରତି ଅଲ୍ଲାଃଙ୍କର କୃପା ଓ କରୁଣା ନଥାନ୍ତା (ତେବେ ତୁମମାନଙ୍କ ମଧ୍ୟରେ ଅଶ୍ଳୀଳତା ବ୍ୟାପି ଯାଆନ୍ତା)

(୮୪) **ମାଲିକୁଲ୍ ମୁଲ୍‌କି** : ସାମ୍ରାଜ୍ୟର ମାଲିକ - ଦେଶ ମାଲିକ - ସକଳ ରାଜ୍ୟର ଅଧିଶ୍ୱର ।

ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା କହିଛନ୍ତି : **କୁଲିଲ୍ଲାହୁମ୍ମା ମାଲିକଲ୍ ମୁଲ୍‌କି ତୁତିଲ୍ ମୁଲ୍‌କା ମନ୍ ତଶାଉ ୱ୍ୱ ତନ୍‌ଜିଉଲ୍ ମୁଲ୍‌କା ମିମ୍ମନ୍ ତଶାଉ** (ଆଲେଇମ୍‌ରାନ୍:୨୭) ଅର୍ଥାତ- ତୁମେ କୁହ "ହେ ଅଲ୍ଲାଃ ! ତୁମ୍ଭେ ସକଳ ରାଜ୍ୟର ଅଧିଶ୍ୱର, ତୁମ୍ଭେ ଯାହାକୁ ଇଚ୍ଛା ରାଜତ୍ୱ ପ୍ରଦାନକର ଏବଂ ଯାହାଠାରୁ ଇଚ୍ଛା ରାଜତ୍ୱ ଛଡ଼ାଇ ନିଅ ।"

(୮୫) **ଜୁଲ୍‌ଜଲାଲି ୱ୍ୱଲ୍ ଇକ୍‌ରାମ୍** : ଅତ୍ୟନ୍ତ ମଙ୍ଗଳମୟ । ଅଲ୍ଲାଃ ତାଲା ସୁରଃ ରହ୍‌ମାନ୍‌ରେ କହିଛନ୍ତି : **ତବାରକସ୍‌ମୁ ରବ୍‌ବିକା ଜିଲ୍‌ଜଲାଲି ୱ୍ୱଲ୍ ଇକ୍‌ରାମ୍** (ରହ୍‌ମାନ୍:୭୯) ଅର୍ଥାତ- ତୁମ୍ଭର ମହିମାମୟ ଓ ସମ୍ମାନୀୟ ପାଳନକର୍ତାଙ୍କ ନାମ ଅତ୍ୟନ୍ତ ମଙ୍ଗଳମୟ ଅଟେ ।

(୮୬) **ଅଲ୍‌ମୁକସିତୁ** : ଯଥାର୍ଥତା ପ୍ରତିପାଦନକାରୀ - ନ୍ୟାୟଶୀଳ- ନ୍ୟାୟାଧିଶ । ଜୋର୍ ଜୁଲମକୁ ଦମନକାରୀ । ଅଲ୍ଲାଃ ତାଲା କହିଛନ୍ତି : **ଶହିଦଲ୍ଲାହୁ ଅନ୍ନହୁ ଲା ଇଲାହା ଇଲ୍ଲା ହୁୱ୍ୱ ୱ୍ୱଲ୍ ମଲାଇକତୁ ୱ୍ୱ ଉଲୁଲ୍ ଇଲ୍‌ମି କାଏମନ୍ ବିଲ୍‌କିସ୍‌ତି ଲା ଇଲାହା ଇଲ୍ଲା ହୁୱ୍ୱଲ୍ ଅଜିଜୁଲ୍ ହକିମ୍ ।** (ଆଲେ ଇମ୍‌ରାନ୍:୧୯) ଅର୍ଥାତ- ଅଲ୍ଲାଃ ତାଲା ଯେ କି ପରମ ନ୍ୟାୟବନ୍ତ ଏହି ସାକ୍ଷ୍ୟ ଦେଉଛନ୍ତି ଯେ ପ୍ରକୃତରେ ତାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ; ଏବଂ ଦେବଦୂତମାନେ ଓ ଜ୍ଞାନବନ୍ତମାନେ ମଧ୍ୟେ (ଏ ପ୍ରକାର ସାକ୍ଷ୍ୟ ଦେଉଅଛନ୍ତି) ଯେ ତାହାଙ୍କ ବ୍ୟତିତ ଅନ୍ୟ କେହି ଉପାସ୍ୟ ନାହିଁ; ସେ ହିଁ ପରାକ୍ରମୀ (ଓ) ତତ୍ୱଜ୍ଞ ।

(୮୭) **ଅଲ୍‌ଯାମିଉ** : ଯିଏ ସମସ୍ତ ପ୍ରାଣୀଜଗତକୁ ଏକତ୍ର କରିଥାଏ । ସମସ୍ତ ସିଦ୍ଧତାର ସମଷ୍ଟି । ଏକତ୍ରକାରୀ ।

ଅଲ୍ଲାଃ ତାଲା କହିଛନ୍ତି : **ରବ୍‌ବନା ଇନ୍ନକା ଯାମିଉନ୍ ନାସି ଲିୟୋଲ୍ ଲା ରଏବା ଫିହି** (ଆଲେ ଇମ୍‌ରାନ୍:୧୦) ଅର୍ଥାତ: ହେ ଆମମାନଙ୍କର ପାଳନକର୍ତା । ଯେଉଁ ଦିବସର ଆଗମନ ସମ୍ବନ୍ଧରେ କୌଣସି ସନ୍ଦେହ ନାହିଁ ନିଶ୍ଚୟ ତୁମ୍ଭେ ସେହି ଦିବସର ସମସ୍ତ ଲୋକଙ୍କୁ ଏକତ୍ରିତ କରିବ ।

(୮୮) **ଅଲ୍‌ଗନିୟୁ** : ଆତ୍ମ ନିର୍ଭରଶୀଳ ।

ସୁରଃ ହଜ୍‌ରେ ଅଲ୍ଲାଃ କହିଛନ୍ତି **: ଲହୁ ମା ଫିସ୍ ସମାୱ୍ୱାତି ୱ୍ୱମା ଫିଲ୍ ଅର୍‌ଜି ୱ୍ୱ ଇନ୍ନଲ୍ଲାହା ଲହୁୱ୍ୱଲ୍ ଗନିୟୁଲ୍ ହମିଦ୍** (ହଜ୍:୬୫) ଅର୍ଥାତ: ଯାହା କିଛି ଆକାଶରେ ଅଛି ଯାହା କିଛି ପୃଥିବୀରେ ଅଛି ସେ ସବୁ ତାହାଙ୍କର; ଏବଂ ଅଲ୍ଲାଃ ହିଁ ଆତ୍ମନିର୍ଭରଶୀଳ (ଓ) ପ୍ରଶଂସନୀୟ

(୮୯) **ଅଲ୍‌ମୁଗନି** : ଯିଏ ଧନ୍‌ବାନ୍ କରାଇଦିଅନ୍ତି । ଯିଏ ନିସ୍ୱାର୍ଥପର କରାନ୍ତି ।

ସୁରଃ ନୂରରେ ନିକାହ୍ କରିବାର ସାମର୍ଥ୍ୟ ନ ରଖିଥିବା ଲୋକମାନଙ୍କ ସମ୍ବନ୍ଧରେ ଆସୁଛି: **ୱ୍ୱଲ୍‌ୟସ୍‌ତାଫିଫିଲ୍ ଲଜିନା ଲା ୟଜିଦୁନା ନିକାହନ୍ ହତ୍‌ତା ୟୁଗ୍‌ନିୟହୁମୁଲ୍‌ଲ୍ଲାହୁ ମିନ୍ ଫଜ୍‌ଲିହି ।** (ନୂର:୩୪) ଅର୍ଥାତ- ଏବଂ ଯେଉଁମାନଙ୍କର ବିବାହ ନିମିତ ସାମର୍ଥ୍ୟ ନାହିଁ ସେମାନେ ପବିତ୍ରତା ଅବଲମ୍ବନ କରନ୍ତୁ ଏପରି କି ଅଲ୍ଲାଃ ନିଜ କୃପା ବଳରେ ସେମାନଙ୍କୁ ଧନବାନ୍ କରିଦେବେ ।

(୯୦) **ଅଲ୍‌ମାନିଉ** : ପ୍ରତିରୋଧକାରୀ - ନିଜ ଭକ୍ତମାନଙ୍କର ଦୁଃଖ ହରଣକାରୀ ।

(୯୧) **ଅଜ୍‌ଜାର୍‌ରୁ** : ଯିଏ କୁକର୍ମର ଫଳ ଖରାପ ଦେଇଥାଏ । କଷ୍ଟର ମାଲିକ ।

(୯୨) **ଅନ୍‌ନାଫିଉ** : ହିତକାରୀ- ଉପକାରକାରୀ ।

(୯୩) **ଅନ୍‌ନୂର** : ଆଲୋକର ଉତ୍ସ - ଆଲୋକ ପ୍ରଦାନକାରୀ- ପୂର୍ଣ୍ଣ ଜ୍ୟୋତି- ଜ୍ୟୋତି ହିଁ ଜ୍ୟୋତି ।

ସୁରଃ ନୂର୍‌ରେ ଏହି ବିଶେଷ ଗୁଣର ବର୍ଣ୍ଣନା ମିଳୁଛି ଅଲ୍ଲାଃ କହୁଛନ୍ତି **ଅଲ୍ଲାହୁ ନୂରୁସ୍ ସମାୱ୍ୱାତି ୱ୍ୱଲ୍ ଅର୍‌ଜି** (ନୂର୍:୩୬) ଅର୍ଥାତ: ଅଲ୍ଲାଃ ହି ଆକାଶ ଓ ପୃଥିବୀର ଜ୍ୟୋତି ।

(୯୪) **ଅଲ୍‌ହାଦି** : ଯିଏ ସତ୍‌ପଥରେ ପରିଚାଳିତ କରାନ୍ତି । ଯିଏ ସଫଳ କରାନ୍ତି- ମାର୍ଗଦର୍ଶକ ।

ଅଲ୍ଲାଃ ତାଲା କହୁଛନ୍ତି: **ୱ୍ୱଲ୍ଲାହୁ ୟହ୍‌ଦି ମଇଁ ୟଶାଓ ଇଲା ସିରାତିମ୍ ମୁସ୍‌ତକିମ୍** (ନୂର:୪୭) ଅର୍ଥାତ- ଏବଂ ଅଲ୍ଲାଃ ତାଲା ଯାହାକୁ ପସନ୍ଦ କରନ୍ତି ତାହାକୁ ସରଳ ପଥରେ ପରିଚାଳିତ କରାନ୍ତି ।

(୯୫) **ଅଲ୍‌ବଦିଉ** : ନୂତନ ଉଦ୍ଭାବକ- ସୃଷ୍ଟିର ପ୍ରାରମ୍ଭକାରୀ । ସ୍ରଷ୍ଟା ।

ସୁରଃ ବକ୍‌ରାଃର ଅଲ୍ଲାଃ ତାଲା କହୁଛନ୍ତି : **ବଦିଉସ୍ ସମାୱ୍ୱାତି ୱ୍ୱଲ୍‌ଅର୍‌ଜି ୱ୍ୱ ଇଜା କଜା ଅମ୍‌ରନ୍ ଫଇନ୍ନମା ୟକୁଲୁ ଲହୁ କୁନ୍ ଫୟକୁନ୍** (ବକ୍‌ରାଃ:୧୧୮) ଅର୍ଥାତ- ସେ ଆକାଶ ଓ ପୃଥିବୀର ସ୍ରଷ୍ଟା; ଏବଂ ଯେତେବେଳେ ସେ କୌଣସି ବିଷୟ (ସୃଷ୍ଟି) କରିବାକୁ ନିଷ୍ପତି କରନ୍ତି (ସେତେବେଳେ) ସେ ସମ୍ବନ୍ଧରେ ସେ କେବଳ ଏତିକି କହନ୍ତି "ହୋଇ ଯା" ଏବଂ ତାହା ହୋଇଯାଏ ।

(୯୬) **ଅଲ୍‌ବାକି** : ଯିଏ ବଂଚି ରହେ । ଯିଏ କଦାପି ନଷ୍ଟ ହେବେନାହିଁ ।

ସୁରଃ ରହମାନ୍‌ରେ ଅଲ୍ଲାଃ ତାଲା କହିଛନ୍ତି : **ୱ୍ୱ ୟବ୍‌କା ୱ୍ୱଜ୍‌ହୁ ରବ୍‌ବିକା ଜୁଲ୍ ଜଲାଲି ୱ୍ୱଲ୍ ଇକ୍‌ରାମ୍** (ରହ୍‌ମାନ୍:୨୮) ଅର୍ଥାତ- ଏବଂ ତୁମ ପାଳନକର୍ତାଙ୍କ ଯଶ ଓ ଗୌରବ ବାକି ରହିବ ଯିଏ ହେଉଛନ୍ତି ତେଜସ୍ୱୀ/ପ୍ରତାପି ଓ ଗୌରବମୟ ।

(୯୭) **ଅଲ୍‌ୱ୍ୱାରିସୁ** : ଅସଲ ପ୍ରଭୁ । ଦାୟଦ ଅଲ୍ଲାଃ କହିଲେ: **ୱ୍ୱ ଇନ୍ନା ଲନହ୍‌ନୁ ନୁହୟି ୱ୍ୱ ନୁମିତୁ ୱ୍ୱ ନହ୍‌ନୁଲ୍ ୱ୍ୱାରିସୁନ୍** (ହିଜର୍:୨୪) ଅର୍ଥାତ- ଏବଂ ନିଶ୍ଚିତ ରୂପେ ଆମ୍ଭେ ଜୀବନ ଦାନ କରୁ ଓ ମୃତ୍ୟୁପ୍ରଦାନ କରୁ ଏବଂ ଆମ୍ଭେ ହିଁ (ସମସ୍ତଙ୍କର) ଦାୟଦ ।

(୯୮) **ଅର୍‌ରଶିଦ୍** : ସୁପଥ ପ୍ରଦାନକାରୀ- ମାର୍ଗଦର୍ଶକ- ପୂର୍ଣ୍ଣ ଗୁଣର ଅଧିକାରୀ ।

ଅଲ୍ଲାଃ ତାଲା ହଜ୍‌ରତ୍ ଇବ୍ରାହିମ୍‌ଙ୍କ ସମ୍ବନ୍ଧରେ କହିଛନ୍ତି : **ୱ୍ୱ ଲକଦ୍ ଆତୈନା ଇବ୍‌ରାହିମା ରୁଶ୍‌ଦହୁ ମିନ୍ କବ୍‌ଲୁ ୱ୍ୱ କୁନ୍ନା ବିହି ଆଲମୀନ୍** (ଅମ୍ବିୟା:୫୨) ଅର୍ଥାତ- ଏବଂ ଆମ୍ଭେ ଏହା ପୂର୍ବରୁ ଇବ୍ରାହିମ୍‌ଙ୍କୁ ଉତମ ଦକ୍ଷତା ଓ ଯୋଗ୍ୟତା ପ୍ରଦାନ କରିଥିଲୁ ଏବଂ ଆମ୍ଭେ ତାହାଙ୍କ ଅଭ୍ୟନ୍ତର ସମ୍ବନ୍ଧରେ ଭଲ ଭାବରେ ଅବଗତ ଥିଲୁ ।

(୯୯) **ଅସ୍‌ସବୁର୍** : ବହୁତ ଧର୍ଯ୍ୟଶୀଳ/ ଧର୍ଯ୍ୟବାନ୍- ଦଣ୍ଡ ଦେବାରେ ଧିମା ।

ଅସଲରେ "ସବର୍" ର ଅର୍ଥ ହେଉଛି ସହନଶୀଳତା ଏବଂ ବର୍‌ଦାସ୍ତ / ଧୈର୍ଯ୍ୟ । ଯେହେତୁ ଅଲ୍ଲାଃ ତାଲା ନିଜ ଭକ୍ତମାନଙ୍କର ଅହଂକାର ଓ ଅବାଧତାକୁ ସହ୍ୟ କରିଥାନ୍ତି ଏବଂ ଶିଘ୍ର ଦଣ୍ଡ ଦିଅନ୍ତି ନାହିଁ । ସେଥିଯୋଗୁଁ ତାହାଙ୍କର ଏହି ବିଶେଷ ଗୁଣର ନାମ ହେଉଛି "ସବୁର୍" ।

******

# ଅଲ୍ଲାଃଙ୍କ ଅସ୍ତିତ୍ୱର ମହାନ୍ ପ୍ରେମୀ ହଜ୍‌ରତ୍ ମୁହମ୍ମଦ ସଃଆଃସ

(ସଲିକ୍ ଅହ୍‌ମଦ୍ ନାଏକ୍, ମୁରବି ସିଲ୍‌ସିଲା ନିଜାରତ୍ ଉଲିୟା କାଦିଆନ୍)

**ଖଲାଇକ୍ କେ ଦିଲ୍ ଥେ ୟକିଁ ସେ ତହି**
**ବୁତୋଁ ନେ ଥି ହକ୍କ୍ କି ଯଗହ୍ ଘେର୍‌ଲି**
**ଜଲାଲତ୍ ଥି ଦୁନିୟା ପେ ଓ୍ୱହ୍ ଛା ରହି**
**କେ ତୌହିଦ୍ ଢୁଣ୍ଡେ ସେ ମିଲ୍‌ତି ନ ଥି**
**ହୁଆ ଆପ କେ ଦମ୍ ସେ ଉସ୍ କା କୟାମ୍**
**ଆଲୈକସ୍ ସଲାତୁ ଆଲୈକସ୍ ସଲାମ୍**

ସମଗ୍ର ବ୍ରହ୍ମାଣ୍ଡର ନାୟକ ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପବିତ୍ର ଅସ୍ତିତ୍ୱର ଅଲ୍ଲାଃ ତାଲାଙ୍କର ଅସ୍ତିତ୍ୱ ପ୍ରତିରୂପ ଥିଲା । ତାଙ୍କର ପ୍ରତ୍ୟେକ କଥନ ଓ କର୍ମ ଅଲ୍ଲାଃଙ୍କ ପ୍ରେମରେ ପରିପୂର୍ଣ୍ଣ ଥିଲା । ତାଙ୍କର ଜୀବନ କେବଳ ତାଙ୍କ ପ୍ରଭୁଙ୍କ ପାଇଁ ଉତ୍ସର୍ଗ ଥିଲା । ଏହି କାରଣ ବସତଃ ଅଲ୍ଲାଃ ତାଲା ମଧ୍ୟ ଆକାଶରୁ ଏ ସାକ୍ଷ୍ୟ ଦେଲେ ଯେ ହେ ନବୀ! ତୁମେ (ସେମାନଙ୍କୁ) କହିଦିଅ, "ଆମ୍ଭର ନମାଜ ଏବଂ ଆମ୍ଭର ତ୍ୟାଗ ତଥା ଆମ୍ଭର ଜୀବନ ଓ ଆମ୍ଭର ମୃତ୍ୟୁ ସମସ୍ତ ଜଗତର ପାଳନକର୍ତ୍ତା ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ । (ଏବଂ) ତାହାଙ୍କର କୌଣସି ସମକକ୍ଷ ନାହାନ୍ତି; ଏବଂ ଆମ୍ଭକୁ ଏ ବିଷୟରେ ଆଦେଶ ଦିଆହୋଇଛି ଏବଂ ଆମ୍ଭେ ସର୍ବ ପ୍ରଥମେ ଆଜ୍ଞାବହ ଅଟୁ ।" ***(ସୁରଃ ଅଲ୍‌ଅନାମ୍:୧୬୩-୧୬୪)***

ଆପଣ ସ:ଆ:ସଙ୍କ ଆଶୀର୍ବାଦ ପୂର୍ଣ୍ଣ ବ୍ୟକ୍ତିତ୍ୱର ଏହି ସ୍ୱତନ୍ତ୍ରତା ଥିଲା ଯେ ଆପଣ ସ:ଆ:ସଙ୍କ ଉପରେ ଅଲ୍ଲାଃ ତାଲା ନିଜ ଅସ୍ତିତ୍ୱ ସମ୍ବନ୍ଧରେ ଥିବା ଗୁପ୍ତ ରହସ୍ୟକୁ ଉନ୍ମୋଚନ କଲେ ଯାହା ମହାଭାଗଙ୍କ ବ୍ୟତୀତ ଏ ବ୍ରହ୍ମାଣ୍ଡରେ କାହା ପାଇଁ ନଥିଲା । ଅତଏବ ଆପଣ ସ:ଆ:ସ କହିଲେ: ଅଲ୍ଲାଃ ତାଲା ମୋ ଉପରେ ନିଜର ଉତମତା ଓ ପ୍ରଶଂସାର ତତ୍ତ୍ୱଜ୍ଞାନ ଏପରି ଖୋଲି ଦେଇଛନ୍ତି ଯେ ମୋ ପୂର୍ବରୁ କାହା ଉପରେ ଏପରି ଖୋଲାଯାଇନାହିଁ । ***(ସହି ବୁଖାରୀ, କିତାବୁଲ୍ ତଫ୍‌ସିର୍, ସୁରଃ ବନି ଇସ୍ରାଇଲ୍....)***

ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱ ପାଇଁ ମହାଭାଗ ସ:ଆ:ସଙ୍କ ହୃଦୟ କେତେ ଚିନ୍ତିତ ଥିଲା ଏହାର ଅନୁମାନ ମହାଭାଗ ସ:ଆ:ସଙ୍କ ଜୀବନର କ୍ଷେତ୍ର ସହିତ ଜଡ଼ିତ ଥିବା ପ୍ରତ୍ୟେକ ଛୋଟ ଓ ବଡ଼ କାର୍ଯ୍ୟରୁ ଏହା ବହୁତ ସ୍ୱଚ୍ଛତାର ସହିତ ପ୍ରକାଶ ହେଉଅଛି । ତାହାର କିଛି ଝଲକ ପାଠକପାଠିକାଙ୍କ ସେବାରେ ଉପସ୍ଥାପିତ କରାଯାଉଅଛି ।

ମହାଭାଗ ସ:ଆ:ସଙ୍କ ଉପାସନାର ସ୍ତର ବହୁତ ଉତ୍କୃଷ୍ଟ ଥିଲା । ଈଶ୍ୱରଙ୍କ ସହିତ ପୂର୍ଣ୍ଣ ଏବଂ ନିର୍ମଳ ପ୍ରେମ ଆରମ୍ଭରୁ ହିଁ ମହାଭାଗ ସ:ଆ:ସଙ୍କ ହୃଦୟ ଭିତରେ ଭରି ରହି ଥିଲା । ପିଲାଦିନ ହେଉ ବା ଯୁବକ ଅବସ୍ଥା, ପ୍ରତ୍ୟେକ ଯୁଗରେ କେବଳ ଈଶ୍ୱରଙ୍କୁ ସ୍ମରଣ କରିବା ତଥା ଉପାସନା କରିବା ତାଙ୍କର ଲକ୍ଷ୍ୟ ଦୃଶ୍ୟମାନ ହେଉଥିଲା । ଦୁନିଆରୁ ଅଲଗା ହୋଇ ଏକାନ୍ତର ପଥ ଗ୍ରହଣକରି କେବଳ ନିଜ ପ୍ରୀୟ ପ୍ରଭୁଙ୍କ ସହିତ ଗୁପ୍ତ ସାକ୍ଷାତକାର ହିଁ ତାଙ୍କ ହୃଦୟକୁ ଆରାମ ଓ ସନ୍ତୁଷ୍ଟତା ଦେଉଥିଲା । ଅତଏବ ଯୌବନ ଅବସ୍ଥାରେ ହିଁ ତାଙ୍କୁ ଭଲ ଏବଂ ସଚ୍ଚା ସ୍ୱପ୍ନର ଶୃଙ୍ଖଳା ଆରମ୍ଭ ହୋଇଯାଇଥିଲା । (ବୁଖାରୀ, ବାବ ବଦଉଲ୍ ଓ୍ୱହି)

ଯୌବନରେ ମହାଭାଗ ସ:ଆ:ସ ପ୍ରତି ବର୍ଷ ହୀରଃ ନାମକ ଗୁମ୍ଫା ଭିତରେ ଏକ ମାସ ପାଇଁ ଏତେକାଫ୍ କରୁଥିଲେ । ଏବଂ ଏକାନ୍ତରେ ଅଲ୍ଲାଃଙ୍କୁ ସ୍ମରଣ କରୁଥିଲେ । ଜାହିଲିୟତ ଅର୍ଥାତ ଅଜ୍ଞାନତାର ଯୁଗରେ କୁରୈଶ୍ ବଂଶର ଲୋକମାନଙ୍କର ଉପାସନା କରିବାର ଏହା ଏକ ଶୈଳୀ ଥିଲା । ଯେବେ ମହାଭାଗ ସ:ଆ:ସଙ୍କର ଏହି ଏତେକାଫ୍ ଶେଷ ହେଉଥିଲା ସେତେବେଳେ ସେଠାରୁ ଲେଉଟି ପ୍ରଥମେ ଖାନାକାବା (ଅର୍ଥାତ କାବାର ଗୃହ) ପରିକ୍ରମା କରୁଥିଲେ ତା'ପରେ ଘରକୁ ଯାଉଥିଲେ । ଯେବେ ମହାଭାଗ ସ:ଆ:ସଙ୍କୁ ପ୍ରଥମ ଓ୍ୱହି (ସ୍ୱର୍ଗବାଣୀ) ହେଲା ସେତେବେଳେ ରମ୍‌ଜାନ୍ ମାସଥିଲା ଓ ମହାଭାଗ ସ:ଆ:ସ ହିରା ଗୁମ୍ଫା ଭିତେର ଏତେକାଫ୍ କରୁଥିଲେ । ***(ସିରତୁନ୍ ନବଓ୍ୱିୟା ଲୋଇବ୍‌ନେ ହୁଶାମ୍ ଖଣ୍ଡ-୧, ପୃ-୨୫୦-୨୫୧, ମକ୍‌ତବାଃ ମୁସ୍ତଫା ଅଲ୍‌ବାବିଲ୍ ହଲ୍‌ବି)***

ଉପାସନାର ଏହି ଧାରା କେବଳ ଫର୍ଜ ନମାଜ ପଢ଼ିବା ମଧ୍ୟରେ ସୀମିତ ନଥିଲା ବରଂ ଏତଦ୍‌ବ୍ୟତୀତ ବିଶେଷତଃ ରାତ୍ରି ସମୟରେ ମହାଭାଗ ସ:ଆ:ସ ଅଲ୍ଲାଃ ତାଲାଙ୍କ ଗଭୀର ପ୍ରେମରେ ଜୁଡ଼ୁବୁଡ଼ୁ ହୋଇ ଅତ୍ୟନ୍ତ ନମ୍ରତା ଓ ନିବେଦନତାର ସହିତ ବହୁତ ଲମ୍ବା ଓ ସୁନ୍ଦର ପ୍ରାର୍ଥନା କରୁଥିଲେ । ଏପରି କି ତାଙ୍କର ଗୋଡ଼ ଫୁଲିଯାଉଥିଲା । ନିଜ ପାଳନକର୍ତ୍ତାଙ୍କ ଉପାସନା କରିବା ମହାଭାଗ ସ:ଆ:ସଙ୍କୁ ଅନ୍ୟ କୌଣସି ଜିନିଷ ଅପେକ୍ଷା ଅଧିକ ପ୍ରିୟ ଥିଲା ।

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ସହିତ ଏକା ସାଙ୍ଗରେ ନଅ ଜଣ ପତ୍ନୀ ରହିଛନ୍ତି । ନିଜର ପ୍ରୀୟ ପତ୍ନୀ ହଜ୍‌ରତ୍ ଆଇଶା ର:ଅଙ୍କ ସହିତ ନବମ ଦିନ ମହାଭାଗ ସ:ଆ:ସ ଦେଖା କରିବାର ସୁଯୋଗ ପାଉଥିଲେ । ଥରେ ଶୀତ ଋତୁର ଶିତୁଆ ରାତିରେ ତାଙ୍କ କମ୍ବଳ ଭିତରେ ପଶିଯିବା ପରେ କହିବାକୁ ଲାଗିଲେ ହେ ଆଇଶା ! ଯଦି ଅନୁମତି ଦେବେ ତାହେଲେ ଆଜି ରାତି ମୁଁ ମୋ ପ୍ରଭୁଙ୍କ ଉପାସନାରେ ବିତାଇ ଦେବି । ହଜ୍‌ରତ୍ ଆଇଶା ର:ଅ ଖୁସିରେ ରାଜି ହୋଇ ଅନୁମତି ଦେଇଦେଲେ ଏବଂ ମହାଭାଗ ରାତି ତମାମ ନିଜ ପାଳନକର୍ତ୍ତାଙ୍କୁ ଉପାସନା କରି ବିତାଇ ଦେଲେ ଓ କାନ୍ଦି କାନ୍ଦି ସଜ୍‌ଦାଃଗାଃକୁ ଭିଜାଇ ଦେଲେ ।***(ଦୁର୍‌ରେ ମନ୍‌ସୁର୍...... ଖଣ୍ଡ-୬, ପୃ-୨୭ ମୁଦ୍ରଣ ବେରୁତ)***

ଈଶ୍ୱରଙ୍କ ପ୍ରେମର ଅଭିବ୍ୟକ୍ତ ଆପଣ ସ:ଆ:ସଙ୍କ ଏକେଶ୍ୱରବାଦକୁ ପ୍ରତିଷ୍ଠା କରିବାର ଉଦ୍ୟମରୁ ହିଁ ସ୍ୱଷ୍ଟ ହେଉଅଛି । ଆପଣ ସ:ଆ:ସଙ୍କ ଶରିୟତ ର ପ୍ରଥମ ଶିକ୍ଷା ଏକେଶ୍ୱରବାଦର ବାଣୀ **ଲା ଇଲାହା ଇଲ୍ଲଲ୍ଲାହୁ** ଥିଲା । ଅର୍ଥାତ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କେହି ଉପାସ୍ୟ ନାହିଁ ।

ଆପଣ ସ:ଆ:ସଙ୍କ ଆବରଣ ଏକେଶ୍ୱରବାଦ ହିଁ ଥିଲା ଏବଂ ସକାଳେ ଓ ସନ୍ଧ୍ୟାରେ ଈଶ୍ୱରଙ୍କ ଏକେଶ୍ୱରବାଦ ଗୁଣଗାନ କରୁଥିଲେ । ଦିନର ଆରମ୍ଭ ମାତ୍ରେ ମହାଭାଗଙ୍କ ଓଠରେ ଏ ପ୍ରାର୍ଥନା ଜାରି ହେଉଥିଲା ଯେ "ଆମ୍ଭେ ଇସ୍‌ଲାମର ପ୍ରକୃତି, ଏକେଶ୍ୱରବାଦର ବାଣୀ, ନବୀ ସ:ଆ:ସଙ୍କ ଦୀନ୍ ଏବଂ ନିଜ ପୂର୍ବଜ ଇବ୍ରାହିମ୍‌ଙ୍କ ଧର୍ମରେ ପ୍ରଭାତ କରିଛୁ ଯିଏ ଏକେଶ୍ୱରବାଦୀ ଥିଲେ ଓ ବହୁ ଈଶ୍ୱରବାଦୀମାନଙ୍କ ମଧ୍ୟରେ ନଥିଲେ ।" ***(ମସ୍‌ନଦ୍ ଅହ୍‌ମଦ୍, ଖଣ୍ଡ୦୩, ପୃ-୪୦୬ ମୁଦ୍ରଣ ବେରୁତ)***

ସନ୍ଧ୍ୟା ହେବା କ୍ଷଣି ଏ ପ୍ରାର୍ଥନା ମୁଖରୁ ନିଶ୍ରୁତ ହେଉଥିଲା । **ଅମ୍‌ସୈନା ଓ୍ୱ ଅମ୍‌ସଲ୍ ମୁଲ୍‌କୁ ଲିଲ୍ଲାହି** ଅର୍ଥାତ- "ଆମ୍ଭେ ଓ ସାରା ଜଗତ ଅଲ୍ଲାଃଙ୍କ ଖାତିର ସନ୍ଧ୍ୟା କରିଛୁ ଏବଂ ସମସ୍ତ ପ୍ରଶଂସା ଅଲ୍ଲାଃଙ୍କ ନିମନ୍ତେ । ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କେହି ଦେବତା ନାହିଁ । ସେ ଏକ ଅଟନ୍ତି ଓ ତାହାଙ୍କର କେହି ସମକକ୍ଷ ନାହାନ୍ତି । ତାଙ୍କର ହିଁ ସାମ୍ରାଜ୍ୟ । ସମସ୍ତ ପ୍ରଶଂସାର ସେ ହିଁ ମାଲିକ ଏବଂ ସେ ସମସ୍ତ କାର୍ଯ୍ୟ କରିବାକୁ ସକ୍ଷମ ।" ***(ମୁସ୍‌ଲିମ୍, କିତାବୁଲ୍ ଜିକ୍‌ର........ ୪୯୦୧)***

କୌଣସି ମୁସିବତ ଅର୍ଥାତ ବିପଦ ଆପଦ ଆସିଲେ ଏ ଦୁଆ କରନ୍ତି **"ଲା ଇଲାହା ଇଲ୍ଲଲ୍ଲାହୁଲ୍ ଅଜିମୁଲ୍ ହଲିମ୍"** ଅର୍ଥାତ "ଅଲ୍ଲାଃଙ୍କ ବ୍ୟତିତ କେହି ଉପାସ୍ୟ ନାହାନ୍ତି ଓ ସେ ହେଉଛନ୍ତି ମହାନ୍ ଏବଂ ସହିଷ୍ଣୁ । ଅଲ୍ଲାଃଙ୍କ ବ୍ୟତୀତ ପୂଜାର ଅଧିକାରୀ କେହି ନାହାନ୍ତି ଏବଂ ସେ ମହାନ୍ ସିଂହାସନରେ ପ୍ରଭୁ ଅଟନ୍ତି । ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କୌଣସି ଠାକୁର ନାହିଁ ଓ ସେ ଆକାଶ ଓ ପୃଥିବୀର ପାଳନକର୍ତ୍ତା । ଅଲ୍ଲାଃଙ୍କ ବ୍ୟତୀତ କେହି ଉପାସ୍ୟ ନାହିଁ, ସେ ଅନୁକମ୍ପାଶୀଳ ସିଂହାସନର ଅଧିଷ୍ଠାତା ।" ***(ବୁଖାରୀ, କିତାବୁଲ୍ ଦାଓ୍ୱାତ୍, ବାବୁଦ୍ ଦୁଆ ଇନ୍‌ଦଲ୍ କରବ୍:୫୮୬୯)***

ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ହିଁ ଥିଲେ ଯିଏ ଅନେକେଶ୍ୱରବାଦ ଏବଂ ମୂର୍ତିପୂଜାର ପରିବେଶରେ ଏକେଶ୍ୱରବାଦର ସ୍ଲୋଗାନ ଲଗାଇଲେ ପୁଣି ସାରା ଜୀବନ ଏହି ଏକେଶ୍ୱରବାଦର ଧ୍ୱଜାକୁ ଟେକି ରଖିଲେ । କେବେ ଏଥିରେ ଦାଗ ଲାଗିବାକୁ ଦେଲେନାହିଁ । ଏହି ଏକେଶ୍ୱରବାଦ ଖାତିର ସମସ୍ତ ପ୍ରକାର ଯନ୍ତ୍ରଣା ଭୋଗିଲେ, ନିର୍ଯ୍ୟାତନା ସହ୍ୟ କଲେ, ନିଜ ପ୍ରୀୟ ବନ୍ଧୁମାନଙ୍କର ବଳିଦାନ ମଧ୍ୟ ଦେଲେ । ନିଜେ ନିଜ ଜୀବନକୁ ଉତ୍ସର୍ଗ କରିବାକୁ କୁଣ୍ଠାବୋଧ ମଧ୍ୟ କଲେ ନାହିଁ । ଏକେଶ୍ୱରବାଦକୁ ପ୍ରତିଷ୍ଠା କରିବାପାଇଁ ଧର୍ଯ୍ୟର ପାହାଡ଼ ହୋଇ ସବୁ ପ୍ରକାରର ବିପଦ ଆପଦର ମୁକାବିଲା କଲେ । ଏକେଶ୍ୱରବାଦକୁ ହିଁ ମୋକ୍ଷ ପାଇବାର ମାର୍ଗ ରୂପେ ଅଭିହିତ କଲେ ଏବଂ ଏ କଥା କହିଲେ ଯେ ଏକେଶ୍ୱରବାଦକୁ ଆନ୍ତରିକତାର ସହ ସ୍ୱୀକାର କଲା ସେ ବୈକୁଣ୍ଠବାସୀ । ***(ମସ୍‌ନଦ୍ ଅହ୍‌ମଦ୍, ଖଣ୍ଡ-୪, ପୃ-୪୧୧.....ବେରୁତ)***

ଏତଦ୍‌ବ୍ୟତୀତ ଜୀବନର ବଡ଼ ବଡ଼ ଦୁଃଖ ବିପତିରେ ମଧ୍ୟ, ଯେବେ ସ୍ୱୟଂ ରସୁଲୁଲ୍ଲାଃ ସ:ଆ:ସ ଏବଂ ତାଙ୍କ ସାହାବାଗଣଙ୍କ ଜୀବନ ବିପଦରେ ଥିଲା, ସେତେବେଳେ ବି ଆପଣ ସ:ଆ:ସ

ଏକେଶ୍ୱରବାଦ ସୁରକ୍ଷା ନିମନ୍ତେ ଅବହେଳା କରିନାହାନ୍ତି ବରଂ ଏକେଶ୍ୱରବାଦ ପ୍ରତି ଥିବା ତାଙ୍କର ପ୍ରେମଭାବ ମହା ବୈଭବର ସହିତ ପ୍ରକାଶ ହୋଇଛି ।

ଗୋଟିଏ ରିୱାୟତ (କଥନ)ରେ ଆସିଛି ଯେ ହଜ୍‌ରତ୍ ବରାଅ ର:ଅ ବର୍ଣ୍ଣନା କରୁଛନ୍ତି ଯେ ରସୁଲେ କରିମ୍ ସ:ଆ:ସ ପଚାଶ (୫୦) ଜଣ ପଦାତିକ ସେନାର ସେନାପତି ରୂପେ ଓ୍ୱହଦ୍ ଯୁଦ୍ଧ ଦିନ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର:ଅଙ୍କୁ ମୃତୟନ କଲେ । ତା'ପରେ ଏ ଉପଦେଶ ଦେଲେ ଯେ ଯଦି ତୁମେ ଆମର ଅବସ୍ଥା ଏପରି ଦେଖିବାକୁ ପାଅ ଯେ ଆମକୁ ପଶୁପକ୍ଷୀ ଖିନ୍ନଭିନ୍ନ କରୁଥିବେ (ଅର୍ଥାତ ଆମେ ରଣ ଭୂମିରେ ମରି ପଡ଼ିଥିବୁ) ତେବେ ମଧ୍ୟ ତୁମେମାନେ ନିଜ ମୃତୟନ ସ୍ଥାନକୁ ସେ ପର୍ଯ୍ୟନ୍ତ ଛାଡ଼ିବ ନାହିଁ ଯେ ପର୍ଯ୍ୟନ୍ତ ତୁମକୁ ଆଦେଶ ନ ମିଳିଛି ଏବଂ ଯଦି ତୁମେ ଏକଥା ଜାଣିନିଅ ଯେ ଆମ୍ଭେ ଶତ୍ରୁଙ୍କୁ ପରାସ୍ତ କରିଦେଇଛୁ ଓ ଦଳିଦେଇଛୁ ତେବେ ମଧ୍ୟ ତୁମେ ନିଜ ସ୍ଥାନରୁ ହଟିଯିବ ନାହିଁ, ଯେ ପର୍ଯ୍ୟନ୍ତ ଆଦେଶ ନ ମିଳିଛି । ତା'ପରେ ଯୁଦ୍ଧ ହେଲା ଓ ମୁସଲମାନମାନେ କୁଫାର (ଅବିଶ୍ୱାସକାରୀ)ମାନଙ୍କ ଉପରେ ବିଜୟ ପ୍ରାପ୍ତ କଲେ । ଏହା ଦେଖି ହଜ୍‌ତର ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କ ସେନା କହିବାକୁ ଲାଗିଲେ ଯେ ବର୍ତମାନ ଗନିମତ୍ (ଯୁଦ୍ଧ ଜିଣିବା ପରେ ଯେଉଁ ଧନସମ୍ପତି ମିଳେ) ନେବାର ସମୟ ଆସିଯାଇଛି । ତୁମର ସାଥିମାନେ ଜିତିଗଲେଣି । ଏବେ କାହାର ପ୍ରତିକ୍ଷା କରିଛ ? ଏହା ଶୁଣି ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର:ଅ ସେମାନଙ୍କୁ କହିଲେ: କଣ ତୁମେମାନେ ରସୁଲେ କରିମ୍ ସ:ଆ:ସଙ୍କ ଆଦେଶକୁ ଭୂଲିଯାଇଛ କି ? ସେମାନେ କହିଲେ ଅଲ୍ଲାଃଙ୍କ ରାଣ ଆମେ ମଧ୍ୟ ଅନ୍ୟ ସମସ୍ତ ସେନାମାନଙ୍କ ସହିତ ମିଶି ମାଲେ ଗନିମତ୍ ହାସଲ କରିବାକୁ ଚାହୁଁଛୁ । ତା'ପରେ ଯେବେ ସେମାନେ ଗନିମତ ପାଇବା ଉଦ୍ଦେଶ୍ୟ ନେଇ ସେନାଙ୍କ ସହିତ ମିଶି ଗଲେ ସେତେବେଳେ ଶତ୍ରୁପକ୍ଷଙ୍କ ପ୍ରତି ଆକ୍ରମଣ ଦ୍ୱାରା ପରାଜୟ ବରଣ କଲେ ଓ ରଣଭୂମି ଛାଡ଼ି ପଳାୟନ କଲେ । ଏହି ଘଟଣା ସମ୍ବନ୍ଧରେ ପବିତ୍ର କୁର୍‌ଆନ୍‌ରେ ନିମ୍ନଲିଖିତ ଆୟତ ଅବତୀର୍ଣ୍ଣ ହେଲା । "ସେତେବେଳର ଘଟଣାକୁ ସ୍ମରଣ କର ଯେତେବେଳେ ରସୁଲୁଲ୍ଲାଃ ତୁମକୁ ପଛକୁ ଆସିବାପାଇଁ ଡ଼ାକୁଥିଲେ ।" ଏବଂ ରସୁଲେ କରିମ୍ ସ:ଆ:ସଙ୍କ ସହିତ ବାରଜଣ ସାହାବାଙ୍କ ବ୍ୟତିତ ଆଉ କେହି ନଥିଲେ । ସେତେବେଳେ ଶତ୍ରୁପକ୍ଷର ଲୋକେ ଆମର ସତୁରୀ ଜଣ ଲୋକଙ୍କୁ କ୍ଷତି ପହଂଚାଇଥିଲେ ଯେବେ କି ବଦର୍ ଯୁଦ୍ଧ ସମୟରେ ରସୁଲେ୍ କରିମ୍ ଓ ସାହାବାମାନେ କୁଫାର୍ (ଅମାନ୍ୟକାରୀମାନଙ୍କ)ର ଶହେ ଚାଳିଶି ଜଣ ଲୋକଙ୍କୁ କ୍ଷତି କରିଥିଲେ । ସତୁରୀ ଜଣ ହତ୍ୟା ହେଲେ ଓ ସତୁରୀ ଜଣ ବନ୍ଦୀ ହୋଇଥିଲେ ।

ଅତଏବ ଯେତେବେଳେ ସେନା ଛିନ୍ନଛତ୍ର ହୋଇଗଲା ଓ ରସୁଲେ୍ କରିମ୍ ସ:ଆ:ସଙ୍କ ଚତୁଃପାର୍ଶ୍ୱରେ କେବଳ ଅଳ୍ପ କରି ଲୋକ ରହି ଯାଇଥିଲେ ସେତେବେଳେ ଅବୁ ସୁଫିୟାନ୍ ରଡ଼ିଛାଡ଼ି କହୁଥିଲା କଣ ଏବେ ତୁମମାନଙ୍କ ଗହଣରେ ମୁହମ୍ମଦ (ସ:ଆ:ସ) ବଂଚିଛନ୍ତି ? ଏହିଭଳି ସେ ତିନିଥର ଡ଼ାକ ଦେଲା । ଏହା ସତ୍ୱେ ମଧ୍ୟ ରସୁଲେ କରିମ୍ ସ:ଆ:ସ ନିଜ ସାଥିମାନଙ୍କୁ ତା କଥାର ଉତର ଦେବାପାଇଁ ମନା କରିଦେଲେ । ତା'ପରେ ପୁଣି ଅବୁ ସୁଫିୟାନ୍ ତିନିଥର ବଡ଼ ପାଟିରେ କହିଲା ଯେ କଣ ତୁମମାନଙ୍କ ଗହଣରେ ଇବ୍‌ନେ ଅବୁ କାହାଫା (ଅର୍ଥାତ ହଜ୍‌ରତ୍ ଅବୁବକର ର:ଅ) ବଂଚିଛନ୍ତି ? ଏହାର ଉତର ମଧ୍ୟ ଦିଆଗଲା ନାହିଁ । ପୁଣି ସେ ତୃତୀୟଥର ପାଇଁ ତିନି ଡ଼ାକ ଦେଲା ଯେ କଣ ତୁମମାନଙ୍କ ଗହଣରେ ଇବ୍‌ନୁଲ୍ ଖତ୍ତାବ (ଅର୍ଥାତ ହଜ୍‌ରତ୍ ଉମର୍ ର:ଅ) ବଂଚିଛନ୍ତି ? ପୁଣି ବି ଏହାର ଉତର ତାକୁ ମିଳିଲା ନାହିଁ । ତା'ପରେ ସେ ତା ସାଥିମାନଙ୍କୁ ସମ୍ବୋଧନ କରି କହିଲା ଯେ ଏହି ସବୁ ଲୋକମାନେ ମରିଯାଇଛନ୍ତି । ଏକଥା ଶୁଣି ହଜ୍‌ରତ୍ ଉମର୍ ର:ଅ ବରଦାସ୍ତ କରିପାରିଲେ ନାହିଁ ଓ ଅବୁ ସୁଫିୟାନ୍‌କୁ ଉତର ଦେଇ କହିଲେ ହେ ଈଶ୍ୱରଙ୍କ ଶତ୍ରୁ ! ତୁମେ ମିଛ କହୁଛ ଯେଉଁମାନଙ୍କର ନାମ ଧରି ତୁମେ ଡ଼ାକ ଛାଡୁଥିଲେ, ସେମାନେ ସମସ୍ତେ ଜୀବିତ ଅଛନ୍ତି ଏବଂ ଯାହାକୁ ତୁମେ ନିଜ ପାଇଁ ପସନ୍ଦ କରୁନାହଁ ତାହା ଏ ପର୍ଯ୍ୟନ୍ତ ବାକି ଅଛି । ଏ ଉତରକୁ ଶୁଣି ଅବୁ ସୁଫିୟାନ୍ କହିଲା ଆଜିର ଦିନଟି ବଦର ଯୁଦ୍ଧର ପ୍ରତିଶୋଧ ନିଆଗଲା । ଯୁଦ୍ଧର ଅବସ୍ଥା ପାଣି ମାଠିଆ ସଦୃଶ । ତୁମେ ନିଜର ମୃତ ସୈନିକମାନଙ୍କ ମଧ୍ୟରୁ କେତେକଙ୍କୁ ଏପରି ପାଇବ ଯେଉଁମାନଙ୍କର ନାକ କାନ କଟାହୋଇଥିବ । ମୁଁ ଏମିତି କରିବାକୁ ନିର୍ଦ୍ଦେଶ ଦେଇନଥିଲି କିନ୍ତୁ ମୁଁ ଏହାକୁ ନା ପସନ୍ଦ ମଧ୍ୟ କରେନାହିଁ । ପୁଣି ଅବୁ ସୁଫିୟାନ୍ ବଡ଼ ଗର୍ବର ସହିତ ଉଚ୍ଚ ସ୍ୱରରେ କହିବାକୁ ଲାଗିଲା **ଉଲୁ ହୁବଲ୍ ଉଲୁ ହୁବଲ୍** ଅର୍ଥାତ: ହେ ହୁବଲ୍ (ଠାକୁର) ତୁମର ଜୟ ହେଉ, ହେ ହୁବଲ୍ ତୁମର ଜୟ ହେଉ । ଏହା ଶୁଣି ରସୁଲେ କରିମ୍ ସ:ଆ:ସ ନିଜ ସାହାବାମାନଙ୍କୁ କହିଲେ ଯେ ତୁମେ ତା'ର ଉତର କାହିଁକି ଦେଉନାହଁ ? ସାହାବାମାନେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ସ:ଆ:ସ ଅମେ କଣ କହିବୁ ? ମହାଭାଗ କହିଲେ କୁହ: **ଅଲ୍ଲାହୁ ଆଲା ୱ ଅଜଲ୍** ଅର୍ଥାତ- ଖୁଦାତାଲା ହିଁ ସର୍ବୋଚ୍ଚ ପଦବୀର ଅଧିକାରୀ, ସବୁଠାରୁ ଅଧିକା ଗୌରବମୟ । ଅବୁ ସୁଫିୟାନ୍ ଏହା ଶୁଣି କହିଲା:- "ଆମର ତ' ଜଣେ ଠାକୁର ଅଛି ତା' ନା ହେଉଛି ଉଜ୍ଜା ଯେବେ କି ତୁମର ତ କୌଣସି ହେଲେ ଉଜ୍ଜା ନାହାନ୍ତି ।" ଏହା ଶୁଣି ଯେତେବେଳେ ସାହାବାମାନେ ନୀରବ ରହିଲେ ରସୁଲେ କରିମ୍ ସ:ଆ:ସ କହିଲେ କଣ ତୁମେ ଉତର ଦେଉନାହଁ ? ସାହାବାମାନେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆମେ କଣ କହିବୁ ? ମହାଭାଗ କହିଲେ ତାକୁ କୁହ ଯେ **"ଅଲ୍ଲାହୁ ମୌଲାନା ୱଲା ମୌଲା ଲକୁମ୍" ।** ଅର୍ଥାତ:- ଖୁଦାତାଲା ଆମର ବନ୍ଧୁ ଓ ସାହାଯ୍ୟକାରୀ ଅଟନ୍ତି ଯେବେ କି ତୁମର କେହି ବନ୍ଧୁ ନାହିଁ । ***(ସହି ବୁଖାରୀ, କିତାବୁଲ୍ ଜିହାଦ୍......)***

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର ର:ଅ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ ମେମ୍ବର ଉପରେ ଖୁତ୍‌ବା ଦେଉଥିବା ସମୟରେ ଏହି ଆୟତ ପଢ଼ିଲେ: ଆକାଶ ତାହାଙ୍କ ଡ଼ାହଣ ହାତରେ ଗୁଡ଼ାଇ ହୋଇ ରହିଛି । ଯେଉଁ ଲୋକମାନେ ତାହାଙ୍କ ମୁକାବିଲାରେ ଅନ୍ୟ କାହାକୁ ତାହାଙ୍କର ସମକକ୍ଷ କରୁଛନ୍ତି ସେ ସେଥିରୁ ପବିତ୍ର ଓ ଉର୍ଦ୍ଧ୍ୱରେ ।

ପୁଣି ମହାଭାଗ ସ:ଆ:ସ କହିଲେ: ଅଲ୍ଲାଃ ତାଲା କହୁଛନ୍ତି ମୁଁ ବଡ଼ ଶକ୍ତିଶାଳୀ ଏବଂ କ୍ଷତି ଭରଣାକାରୀ । ସମସ୍ତ ପ୍ରଶଂସା ମୋ ପାଇଁ । ମହାଭାଗ ଏହି ବାକ୍ୟଗୁଡ଼ିକୁ ବହୁତ ଜୋସ୍‌ରେ ବାରମ୍ବାର ପାଠ କରୁଥିଲେ ଏପରି କି ମେମ୍ବର (ଡ଼ାଇସ୍) ଥରିବାକୁ ଲାଗିଲା । ଆମେ ଭାବିଲୁ କାଳେ ମେମ୍ବରଟି ପଡ଼ିନଯାଉ । ***(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ, ଖଣ୍ଡ-୨, ପୃ-୮୮)***

ବହୁଈଶ୍ୱରବାଦ ଏବଂ ମୃତିପୂଜାର ସେହି ଅନ୍ଧକାରମୟ ଯୁଗରେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଜରିଆରେ ଏକେଶ୍ୱରବାଦର ମହାନ କାର୍ଯ୍ୟ ସମ୍ପାଦନ କରାଯିବାର ଥଲା । ସେଥିଯୋଗୁଁ ଅଲ୍ଲାଃ ତାଲା ପ୍ରାରମ୍ଭରୁ ହିଁ ମହାଭାଗଙ୍କ ହୃଦୟରେ ଏକେଶ୍ୱରବାଦ ପ୍ରତି ପ୍ରେମ ଓ ମୃତିପୂଜା ପ୍ରତି ଘୃଣାଭାବ ରଖିଦେଇଥିଲେ ଏବଂ ନିଜର ବିଶେଷ ଇଚ୍ଛା ଅନ୍ତର୍ଗତ ମହାଭାଗଙ୍କୁ ପ୍ରତ୍ୟେକ ପ୍ରକାରର ସିର୍କ (ଅର୍ଥାତ ବହୁ ଈଶ୍ୱରବାଦ ଯେମିତି ଅନେକ ଦେବା ଦେବି ପୂଜା କରିବା ଇତ୍ୟାଦି କାର୍ଯ୍ୟ)ରୁ ସୁରକ୍ଷିତ ରଖିଥିଲେ ।

ରସୁଲେ କରିମ୍ ସ:ଆ:ସଙ୍କ ମାଉସି ଉମ୍ମେ ଅଇମନ୍ ବର୍ଣ୍ଣନା କରୁଥିଲେ ଯେ "ବୁଆନାଃ" ନାମକ ଏକ ମୃତି ଥିଲା । କୁରେଶ୍ରେ ଲୋକମାନେ ତା'ର ବହୁତ ସମ୍ମାନ କରୁଥିଲେ । ତା'ନିକଟରେ ହାଜର ହୋଇ ବଳି ପକାଉଥିଲେ । ବର୍ଷକରେ ଗୋଟିଏ ଦିନ ସେଠାରେ ଏତେକାଫ୍ କରୁଥିଲେ । ଅବୁ ତାଲିବ ମଧ୍ୟ ନିଜ ସମ୍ପ୍ରଦାୟର ଲୋକମାନଙ୍କ ସହିତ ସେଠାକୁ ଯାଆନ୍ତି ଏବଂ ରସୁଲେ କରିମ ସ:ଆ:ସଙ୍କୁ ମଧ୍ୟ ସାଥିରେ ନେବାକୁ ଚାହାନ୍ତି କିନ୍ତୁ ରସୁଲୁଲ୍ଲାଃ ସ:ଆ:ସ ମନା କରିଦେଉଥିଲେ । ସେଥିଯୋଗୁଁ ବେଳେବେଳେ ହଜୁର ସ:ଆ:ସଙ୍କ ପିଉସିମାନେ ଓ ନିଜେ ଅବୁ ତାଲିବ ମଧ୍ୟ ନାରାଜ୍ ହୋଇ ଯାଉଥିଲେ ଏବଂ କହୁଥିଲେ ଯେ ମୁହମ୍ମଦ ସ:ଆ:ସଙ୍କ ପ୍ରତିମା/ପିତୁଳା ପ୍ରତିଥିବା ଘୃଣାଭାବ ଯୋଗୁଁ ଆମେ ତାଙ୍କ ପାଇଁ ଭୟ କରୁଥିଲୁ ।

ଏକଦା ନିଜ ପିଉସିମାନଙ୍କ ବାଧ କରିବାରେ ମହାଭାଗ ସ:ଆ:ସ ସେଠାକୁ ଚାଲି ତ ଗଲେ କିନ୍ତୁ ବହୁତ ଭୟଭିତ ହୋଇ ସେଠାରୁ ଲେଉଟି ଆସିଲେ ଏବଂ କହିଲେ ଯେ ମୁଁ ସେଠାରେ ଏକ ଅଦ୍ଭୁତ ଦୃଶ୍ୟ ଦେଖିଲି । ପିଉସିମାନେ କହିଲେ ଏତେ ପୂଣ୍ୟବାନ ଲୋକ ଉପରେ ସଇତାନ ପ୍ରଭାବ ପକାଇ ପାରିବନାହିଁ । ତେଣୁ ସେମାନେ ପଚାରିଲେ ତୁମେ କଣ ଦୃଶ୍ୟ ଦେଖିଲ ? ମହାଭାଗ କହିଲେ ଯେ ଯେତେବେଳେ ମୁଁ ମୃତି/ପ୍ରତିମା ନିକଟକୁ ଯାଉଥିଲି ସେତେବେଳେ ଧଳା ରଙ୍ଗର ଜଣେ ଡ଼େଙ୍ଗା ଲୋକ ମତେ ପାଟି କରି କହୁଥିଲା ଯେ ହେ ମୁହମ୍ମଦ ସ:ଆ:ସ ! ପଛକୁ ଚାଲିଯାଅ ଓ ଏହି ପ୍ରତିମାକୁ ଛୁଅଁ ନାହିଁ । ଏହି ଘଟଣା ପରେ ତାଙ୍କ ପିଉସିମାନେ ମଧ୍ୟ ମହାଭାଗଙ୍କୁ ସେହି ପ୍ରତିମା ନିକଟକୁ ଯିବାପାଇଁ ବାଧ କରିବା ଛାଡ଼ିଦେଲେ । ଅଲ୍ଲାଃ ତାଲା ମଧ୍ୟ ଆପଣ ସ:ଆ:ସଙ୍କୁ ଏହିଭଳି ପ୍ରତିମା ପୂଜା/ମୃତି ପୂଜା ଇତ୍ୟାଦି ମୁସ୍‌ରିକ୍ ପ୍ରଥାରୁ ବଂଚାଇ ରଖିଲେ । ***(ଦଲାଇଲୁନ୍ ନବୂୱା ଲିଲ୍‌ବେହ୍‌କି, ଖଣ୍ଡ-୨, ପୃ-୨୬-୨୯ ମୁଦ୍ରଣ-ବେରୁତ)***

ଆପଣ ସ:ଆ:ସଙ୍କ ଈଶ୍ୱରୀୟ ପ୍ରେମର ପରିପ୍ରକାଶ ଏଥିରୁ ମଧ୍ୟ ଜ୍ଞାତ ହେଉଛି ଯେ ଆପଣ ସ:ଆ:ସ ଈଶ୍ୱରଙ୍କ ଆଦେଶଗୁଡ଼ିକୁ କିପରି ପାଳନ କରୁଥିଲେ । ମହାଭାଗ ସେ ପର୍ଯ୍ୟନ୍ତ ମକ୍କାରୁ ବାହାରିଲେ ନାହିଁ ଯେ ପର୍ଯ୍ୟନ୍ତ ଈଶ୍ୱରଙ୍କ ତରଫରୁ ନିର୍ଦ୍ଦେଶ ନ ମିଳିଥିଲା । ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି ଯେ ଆମେ ଦିନେ ବସିଥିଲୁ ଠିକ୍ ଦ୍ୱିପ୍ରହର ବେଳେ ରସୁଲେ କରିମ୍ ସ:ଆ:ସ ଆସି ପହଂଚିଲେ * ତାଙ୍କ ମୁଣ୍ଡ ଢଙ୍କା ହୋଇଥିଲା ସାଧାରଣତଃ ମହାଭାଗ ସେ ସମୟରେ କେବେ ବି ଆସନ୍ତିନାହିଁ । ହଜ୍‌ରତ୍ ଅବୁବକର ର:ଅ କହିଲେ ମହାଭାଗ ! ଆପଣଙ୍କ ପାଇଁ ଆମର ସବୁକିଛି ଉତ୍ସର୍ଗ ହେଉ । ବୋଧ ହୁଏ ଆପଣ କୌଣସି ବଡ଼ କାର୍ଯ୍ୟ ପାଇଁ ବର୍ତମାନ ଆସିଥିବେ । ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି ଯେ ରସୁଲେ କରିମ୍ ସ:ଆ:ସ ଘର ଭିତରକୁ ପ୍ରବେଶ କରିବା ପାଇଁ ଅନୁମତି ମାଗିଲେ । ଅନୁମତି ମିଳିବା ପରେ ଘର ଭିତରକୁ ଆସିଲେ ତା'ପରେ କହିଲେ: ଯେଉଁ ଲୋକମାନେ ବସିଛନ୍ତି ସେମାନଙ୍କୁ କୁହ ସେମାନେ ଛିଡ଼ା ହୋଇଯାଆନ୍ତୁ । ଏହା ଶୁଣି ହଜ୍‌ରତ୍ ଅବୁବକର ର:ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଅଲ୍ଲାଃଙ୍କ ସୌଗନ୍ଧ ! ଏମାନେ ତ ଆପଣଙ୍କ ପରିବାରର ଲୋକେ । ଏଥିରେ ମହାଭାଗ କହିଲେ ଠିକ୍ ଅଛି । ଏବେ ମତେ ହିଜ୍‌ରତ୍ (ଅର୍ଥାତ ନିଜସ୍ଥାନକୁ ଛାଡ଼ି ଅନ୍ୟତ୍ର ପ୍ରବାଶ କରିବା)ର ନିର୍ଦ୍ଦେଶ ମିଳିଯାଇଛି । ଏହା ଶୁଣି ହଜ୍‌ରତ୍ ଅବୁବକର ର:ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ ! କଣ ମତେ ଆପଣଙ୍କ ସହିତ ଯିବାପାଇଁ ସୌଭାଗ୍ୟ ମିଳିବ କି ? ମହାଭାଗ ତାଙ୍କର ନିବେଦନ ଗ୍ରହଣ କଲେ ଓ କହିଲେ "ହଁ" । ***(ବୁଖାରୀ କିତାବୁଲ୍ ମନାକିବ୍ ବାବ୍ ହିଜ୍‌ରତୁନ୍ ନବୀ)***

ଏହି ଘଟଣାରୁ ଜଣାପଡୁଛି ଯେ ହଜୁର ସ:ଆ:ସ ସେ ପର୍ଯ୍ୟନ୍ତ ମକ୍କା ଛାଡ଼ି ଯାଇନଥିଲେ ଯେ ପର୍ଯ୍ୟନ୍ତ ଆଦେଶ ମିଳିନଥିଲା ଏବଂ ଶେଷ ସମୟ ପର୍ଯ୍ୟନ୍ତ ଏ କଥାରେ ଅଟଳ ରହିଲେ ଯେ ଖୁଦାଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ କରିବେନାହିଁ ।

ପୁଣି ନିଜ ପ୍ରିୟଙ୍କ ସହିତ ଥିବା ପ୍ରେମକୁ ପ୍ରକାଶ କରିବାର ଏକ ଲକ୍ଷଣ ଏହା ମଧ୍ୟ ହୋଇଥାଏ ଯେ ପ୍ରିୟତମ ଲୋକର ଭୟ ମଧ୍ୟ ମନ ଭିତରେ ପ୍ରେମ ସହିତ ମିଶି ରହିଥାଏ । ଅତଏବ ଭୟର ଏହି ଆକର୍ଷଣୀୟ ଦିଗ ଉପରେ ଈର୍ଷା ହୋଇଥାଏ । ଏହାର ଏକ ଉତମ ଉଦାହରଣ ବଦର ଯୁଦ୍ଧ ସମୟରେ ଦେଖିବାକୁ ମିଳିଲା । ଯୁଦ୍ଧ ଚାଲିଥିବା ସମୟରେ ଶତୃପକ୍ଷଙ୍କ ସମ୍ମୁଖରେ ମହାଭାଗ ନିଜର ଜୀବନ ଉତ୍ସର୍ଗକାରୀ ବାହାଦୁର୍ ସାହାବାମାନଙ୍କୁ ସାଥିରେ ନେଇ ଛିଡ଼ା ହୋଇଥିଲେ । ଅଲ୍ଲାଙ୍କ ସମର୍ଥନର ସଙ୍କେତ ମିଳିସାରିଥିଲା । କୁଫ୍‌ଫାର ଅର୍ଥାତ ଅମାନ୍ୟକାରୀମାନେ ନିଜ ପାଦକୁ ଦୃଢ଼ ରଖିବାପାଇଁ ଶକ୍ତ ଭୂଇଁରେ ନିଜର ଛାଉଣୀ ଲଗାଇଥିଲେ ଓ ମୁସଲମାନମାନଙ୍କ ନିମନ୍ତେ ବାଲୁକା ଭୂଇଁକୁ ଛାଡ଼ି ଦେଇଥିଲେ କିନ୍ତୁ ଅଲ୍ଲାଃ ତାଲା ବର୍ଷାକୁ ପ୍ରେରଣ କରି କୁଫ୍‌ଫାରଙ୍କ ଛାଉଣିକୁ କାଦୁଅ କରିଦେଲ ଏବଂ ବର୍ଷା ହେବା ଯୋଗୁଁ ମୁସଲମାନମାନଙ୍କ ଛାଉଣି ରହିଥିବା ଇଲାକାଟି ଶକ୍ତ ହୋଇଗଲା । ଏହିପରି ଐଶ୍ୱରୀୟ ସମର୍ଥନ ଆହୁରି ମଧ୍ୟ ପ୍ରକାଶ ହେବାକୁ ଲାଗିଲା କିନ୍ତୁ ଏହା ସତ୍ୱେ ମଧ୍ୟ ଅଲ୍ଲାଃ ତାଲାଙ୍କ ଭୟ ମହାଭାଗଙ୍କ ହୃଦୟ ଭିତରେ ଏପରି ଥିଲା ଯେ ସମସ୍ତ ପ୍ରକାର ସାହାଯ୍ୟ ସମର୍ଥନ ଓ ନିଦର୍ଶନ ମିଳିବାର ପ୍ରତିଶୃତି ମିଳିଥିଲେ ସୁଧା ତାହାଙ୍କ ସ୍ୱୟଂ ସମ୍ପନ୍ନତା ହେବାର ଗୁଣକୁ ଦେଖି ବ୍ୟତିବ୍ୟସ୍ତ ହୋଇଯାଉଥିଲେ ଓ ବ୍ୟାକୁଳତାର ସହିତ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥିଲେ ଯେ ପ୍ରଭୁ ମୁସଲମାନମାନଙ୍କୁ ବିଜୟ ପ୍ରଦାନ କର । ମହାଭାଗ ଏ ପ୍ରାର୍ଥନା କରିବା ସମୟରେ ଏତେ ବିନୟ ହୋଇଯାଉଥିଲେ ଯେ ତାଙ୍କ କାନ୍ଧରୁ ଚାଦରଟି ବାରମ୍ୱାର ଖସିପଡୁଥିଲା ।

**ଅଲ୍ଲାହୁମ୍ମା ଇନ୍ନି ଅନ୍‌ଶୁଦୁ ଅହ୍‌ଦକା ୱ୍ ୱ୍‌ଅଦକା ଅଲ୍ଲାହୁମ୍ମା ଇନ୍ନା ତହ୍‌ଲିକା ହାଜିହିଲ୍ ଇସାବତା ମିନ୍ ଅହ୍‌ଲିଲ୍ ଇସ୍‌ଲାମି ଲା ତୁବହୁ ଫିଲ୍ ଅର୍‌ଜ୍** (ତିବ୍‌ରି) ଅର୍ଥାତ- ହେ ମୋର ଅଲ୍ଲାଃ ନିଜ ପ୍ରତିଶୃତି ଓ ନିଜର ସମର୍ଥନକୁ ପୂରଣ କର । ହେ ମୋର ଅଲ୍ଲାଃ ଯଦି ମୁସଲମାନମାନଙ୍କର ଏହି ଦଳ ଆଜି ଶେଷ ହୋଇଯାଆନ୍ତି ତେବେ ଏ ଦୁନିଆରେ ତୁମ୍ଭର ଉପାସକ ଆଉ କେହି ରହିବେ ନାହିଁ ।

ସେତେବେଳେ ମହାଭାଗ ଏତେ କ୍ଲେଶ ଅବସ୍ଥାରେ ଥିଲେ ଯେ କେବେ ସେ ସଜ୍‌ଦାଃ କରୁଥିଲେ ତ କେବେ ଛିଡ଼ା ହୋଇ ଈଶ୍ୱରଙ୍କୁ ଡ଼ାକୁଥିଲେ ଏବଂ ଘୋଡ଼ିଥିବା ଚାଦରଟି କାନ୍ଧ ଉପରୁ ଖସି ଯାଉଥିଲା । ହଜ୍‌ରତ୍ ଅଲୀ ର:ଅ କହୁଛନ୍ତି : ଯୁଦ୍ଧ ଭୂମିରେ ଲଢୁଥିବା ସମୟରେ ମତେ ମହାଭାଗଙ୍କ କଥା ମନେ ପଡ଼ିଯାଉଥିଲା ତେଣୁ ମୁଁ ଧାଇଁଯାଇଁ ତାଙ୍କ ନିକଟରେ ପହଂଚିଯାଇ ଯେବେ ଦେଖୁଥିଲି ସେତେବେଳେ ମହାଭାଗ ସିଜ୍‌ଦାଃରେ ପଡ଼ି ରହିଥିଲେ ଓ ତାଙ୍କ ମୁହଁରୁ **ୟା ହୟୁ ୟା କୟୁମୁ** ଶବ୍ଦ ବାହାରୁଥିଲା । ହଜ୍‌ରତ୍ ଅବୁବକର ର:ଅ ମହାଭାଗଙ୍କର ଏପରି ଅବସ୍ଥା ଦେଖି ବ୍ୟତିବ୍ୟସ୍ତ ହୋଇଯାଉଥିଲେ କହୁଥିଲେ ହେ ଅଲ୍ଲାଃଙ୍କ ରସୁଲ ! ମୋ ମା ବାପା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ଅଲ୍ଲାଃ ନିଶ୍ଚିତ ରୂପେ ନିଜ ପ୍ରତିଶୃତିକୁ ପୂରଣ କରିବେ । କିନ୍ତୁ ହଜୁର ସ:ଆ:ସ ଲଗାତାର ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା ଓ ନିବେଦନ କରିଚାଲିଥିଲେ । ମହାଭାଗଙ୍କ ମନ ଭିତରେ ଅଲ୍ଲାଃଙ୍କ ପ୍ରତାପର ଅନୁଭବ ଏପରି ଥିଲା ଯେ କାଳେ ଖୁଦାଙ୍କ ପ୍ରତିଶୃତିରେ ଏପରି କିଛି ଭେଦ ତ ନାହିଁ ଯାହାକୁ ନଜାଣିପାରି ଆମେ ଅସୁବିଧାର ପଡ଼ିଯିବା । ***(ସହି ବୁଖାରୀ, କିତାବୁଲ୍ ଜିହାଦ୍.......)***

ସେହିପରି ମହାଭାଗଙ୍କ ଈଶ୍ୱରପ୍ରେମକୁ ଦେଖି ମକ୍କାର ଲୋକମାନେ ଏକଥା କହିବାକୁ ଲାଗିଗଲେ ଯେ ମୁହମ୍ମଦ (ସ:ଆ:ସ) ନିଜ ପ୍ରଭୁଙ୍କ ପାଇଁ ପାଗଳ ହୋଇଯାଇଛି । ବାସ୍ତବିକ ଏଥିରେ କଣ ସନ୍ଦେହ ଅଛି ଯେ ହଜୁର ସ:ଆ:ସ ନିଜ ପ୍ରଭୁଙ୍କର ପ୍ରକୃତ ପ୍ରେମୀ ଥିଲେ । ତାଙ୍କ ପ୍ରେମର ଅଭିବ୍ୟକ୍ତ ଉପାସନା, ପ୍ରାର୍ଥନା ଏବଂ ପ୍ରଭୁଙ୍କୁ ସ୍ମରଣ କରିବାରେ ଖୁବ୍ ପରିପ୍ରକାଶ ହେଉଥିଲା । ରସୁଲୁଲ୍ଲାଃ ସ:ଆ:ସଙ୍କ ଈଶ୍ୱର ପ୍ରେମର ଅବସ୍ଥା ଏପରି ଥିଲା ଯେ ହଜ୍‌ରତ୍ ଦାଉଦ୍ ଆ:ସଙ୍କ ଏହି ଦୁଆକୁ ବହୁତ ଆଗ୍ରହର ସହିତ ନିଜ ପ୍ରାର୍ଥନାରେ ସାମିଲ କରୁଥିଲେ ।

***ଅଲ୍ଲାହୁମ୍ମା ଇନ୍ନି ଅସାଲୁକା ହୁବ୍‌ବକା ୱ୍ ହୁବ୍‌ବା ମନ ୟୁହିବ୍‌ବୁକା ୱ୍‌ଲ୍ ଅମଲଲ୍ ଲଜି ୟୁବଲ୍ଲିଗୁନି ହୁବ୍‌ବକା, ଅଲ୍ଲାହୁମ୍ମା ଇଜ୍‌ଅଲ୍ ହୁବ୍‌ବକା ଅହବ୍‌ବା ଇଲୟା ମିନ୍ ନଫ୍‌ସି ୱ୍‌ମାଲି ୱ୍ ଅହ୍‌ଲି ୱ୍ ମିନଲ୍ ମାଇଲ୍ ବାରିଦ୍*** । ଅର୍ଥାତ: "ହେ ଅଲ୍ଲାଃ ! ମୁଁ ତୁମ୍ଭଠାରୁ ତୁମର ପ୍ରେମ ଚାହୁଁଛି ଏବଂ ତାହାର ପ୍ରେମ ମଧ୍ୟ ଚାହୁଁଛି ଯିଏ ତୁମ୍ଭକୁ ଭଲପାଉଛି । ମୁଁ ତୁମ୍ଭଠାରୁ ଏ ଆଶା ରଖିଛି ଯେ ମତେ ତୁମ୍ଭେ ଏମିତି କର୍ମ କରିବାକୁ ସାମର୍ଥ୍ୟ ପ୍ରଦାନ କରିବେ ଯାହା ସାହାଯ୍ୟରେ ମୁଁ ତୁମର ପ୍ରେମ ପାଇପାରିବି । ହେ ଅଲ୍ଲାଃ ! ନିଜର ଏତେ ପ୍ରେମ ମୋ ହୃଦୟରେ ଭରି ଦିଅନ୍ତୁ ଯାହା ମୋ ନିଜଠାରୁ, ମୋ ଧନଠାରୁ ମୋ ପରିବାର ଲୋକମାନଙ୍କଠାରୁ ଏବଂ ଶୀତଳ ଜଳଠାରୁ ଅଧିକ ପ୍ରୀୟ ହୋଇଥିବ ।" ***(ତିର୍‌ମିଜି, କିତାବୁଲ୍ ଦାୱାତ୍......୩୪୧୨)***

କିନ୍ତୁ ଈଶ୍ୱର ପ୍ରେମର ଯେଉଁ ପ୍ରାର୍ଥନା (ଦୁଆ) ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଶିଖାଇଛନ୍ତି ତାହା ହଜ୍‌ରତ୍ ଦାଉଦ୍‌ଙ୍କ ଦୁଆଠାରୁ ବହୁ ବିସ୍ତୃତ ଓ ସାରଗର୍ଭକ ଅଟେ । ମହାଭାଗ ସ:ଆ:ସ ନିଜ ପ୍ରଭୁଙ୍କ ଗୋଚରେ ନିବେଦନ କରୁଛନ୍ତି:

***ଅଲ୍ଲାହୁମ୍ମା ଅର୍‌ଜୁକିନ୍ ହୁବ୍‌ବକା ୱ୍ ହୁବ୍‌ବା ମଇଁ ୟନ୍‌ଫଉନି ହୁବ୍‌ବହୁ ଇନ୍‌ଦକା ଅଲ୍ଲାହୁମ୍ମା ମା ରଜକ୍‌ତନି ମିମ୍ମା ଉହିବ୍‌ବୁ ଫଜ୍‌ଅଲହୁ କୁୱ୍‌ତଲ୍ ଲି ଫିମା ତୁହିବ୍‌ବୁ ୱ୍‌ମା ଜୱ୍ୱେତା ଅନ୍ନି ମିମ୍ମା ଉହିବ୍‌ବୁ ଫଜ୍‌ଅଲହୁ ଫରାଗଲ୍ ଲି ଫିମା ତୁହିବ୍‌ବୁ ।***

ଅର୍ଥାତ: "ହେ ଅଲ୍ଲାଃ ! ମତେ ତୁମ୍ଭର ପ୍ରେମ ପ୍ରଦାନ କର ଏବଂ ତାହାଙ୍କ ପ୍ରେମକୁ ମଧ୍ୟ ପ୍ରଦାନକର ଯାହାଙ୍କ ପ୍ରେମ ମତେ ତୁମ୍ଭ ନିକଟରେ ଲାଭ ଦେଉଥିବ । ହେ ଅଲ୍ଲାଃ ! ମୋ ମନପସନ୍ଦ ଜିନିଷ ଯାହା ତୁମ୍ଭେ ମତେ ପ୍ରଦାନ କରିଅଛ ସେଗୁଡିକର ସାହାଯ୍ୟରେ ନିଜର ପ୍ରୀୟ ଜିନିଷକୁ ହାସଲ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ମୋର ଯେଉଁ ପ୍ରିୟ ଜିନିଷଗୁଡ଼ିକୁ ତୁମ୍ଭେ ମୋଠାରୁ ଅଲଗା କରିଦେଉଅଛ, ସେଗୁଡ଼ିକର ପ୍ରତିବଦଳରେ ତୁମ୍ଭ ନିଜର ପସନ୍ଦ ଯୋଗ୍ୟ ଜିନିଷ ମତେ ପ୍ରଦାନ କର । ***(ତିର୍‌ମିଜ୍, କିତାବୁଦ୍ ଦାୱାତ୍......୩୪୧୩)***

**ମମୃତ୍ୟୁ ପୂର୍ବରୁ ଶେଷ ଇଚ୍ଛା/ଅଭିଳାଷ**

ଏହା ହଜୁର ସ:ଆ:ସଙ୍କ ଏକେଶ୍ୱରବାଦକୁ ପ୍ରତିଷ୍ଠା କରିବାପାଇଁ ଶେଷ ପ୍ରୟାସ ମଧ୍ୟ ଥିଲା ତଥା ଇଚ୍ଛା ମଧ୍ୟ ଥିଲା । ସେଥିପାଇଁ ତ ମହାଭାଗ ଏ ଦୁଆ (ପ୍ରାର୍ଥନା) କରୁଥିଲେ: **ଅଲ୍ଲାହୁମ୍ମା ଲା ତଜ୍‌ଅଲ୍ କବ୍‌ରି ଓସ୍‌ନନ୍** ଅର୍ଥାତ: ହେ ଅଲ୍ଲାଃ ! ମୋ କବରକୁ ପ୍ରତିମା ପୂଜାର ସ୍ଥଳୀ ବନାଇବେ ନାହିଁ । ***(ମସ୍‌ନଦ୍ ଅହ୍‌ମଦ୍, ଖଣ୍ଡ-୨, ପୃ-୨୪୬......ବେରୁତ)***

ଏବେ ଦେଖନ୍ତୁ ଈଶ୍ୱର ନିଜର ଏହି ଏକେଶ୍ୱରବାଦୀ ଭକ୍ତର ଆତ୍ମସମ୍ମାନକୁ କିପରି ସମ୍ମାନ ଦେଲେ ଯେ ସେହି ଏକେଶ୍ୱରବାଦର ସମ୍ରାଟଙ୍କ ପବିତ୍ର ସମାଧି ସମସ୍ତ ପ୍ରକାରର ଶିର୍କ ଏବଂ ପ୍ରତିମାପୂଜାରୁ ମୁକ୍ତ ରହିଛି ।

ଅଲ୍ଲାଃ ତାଲା ଆମ ସମସ୍ତଙ୍କ ହୃଦୟକୁ ଈଶ୍ୱରପ୍ରେମର ଜ୍ୟୋତି ଦ୍ୱାରା ପ୍ରଜ୍ୱଳିତ କରନ୍ତୁ ଓ ପ୍ରେମରେ ପରିପୂର୍ଣ୍ଣ କରନ୍ତୁ । ଆମିନ୍ !

*********

# ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱର ପ୍ରମାଣ ପ୍ରାର୍ଥନା ଗ୍ରହଣୀୟ ହେବାର ଆଲୋକରେ

(ସୟଦ୍‌ କଲିମୁଦ୍ଦିନ୍‌ ଅହ୍‌ମଦ୍‌ କାଜି ସିଲ୍‌ସିଲା ଅହେମଦୀୟା ମର୍କଜିୟା କାଦିଆନ୍‌)

ଅଲ୍ଲାଃ ତାଲ ପବିତ୍ର କୁର୍‌ଆନ୍‌ରେ ଏ ନିର୍ଦ୍ଦେଶ ଦେଇଛନ୍ତି: **ୱ ଇଜା ସାଲକା ଇବାଦି ଅନ୍ନି ଫଇନ୍ନି କରିବ୍‌ । ଉଜିବୁ ଦାଓ୍ୱତଦ୍‌ ଦାଇ ଇଜା ଦଆନ୍‌ । ଫଲ୍‌ ୟସ୍‌ତଜିବୁ ଲି ୱଲ୍‌ ୟୁମିନୁ ବି ଲଅଲ୍ଲହୁମ୍‌ ୟର୍‌ଶୁଦୁନ୍‌** (ସୁରଃ ବକ୍‌ରଃ :୧୮୭) ଅର୍ଥାତ: ଏବଂ (ହେ ରସୁଲ୍‌!) ଯେବେ ଆମ୍ଭ ଭକ୍ତମାନେ ତୁମ୍ଭକୁ ଆମ୍ଭ ସଂକ୍ରାନ୍ତରେ ପ୍ରଶ୍ନ କରିବେ ତେବେ (କୁହ) ଆମ୍ଭେ ସେମାନଙ୍କ ନିକଟରେ ଅଛୁ; ପ୍ରାର୍ଥନାକାରୀ ଯେବେ ବି ଆମ୍ଭକୁ ପ୍ରାର୍ଥନାକରେ ଆମ୍ଭେ ତାହାର ପ୍ରାର୍ଥନାକୁ ଗ୍ରହଣ କରିଥାଉ; ସୁତରାଂ ଆମ୍ଭର ଆଦେଶ ଗ୍ରହଣ କରିବା ଓ ଆମ୍ଭ ଉପରେ ବିଶ୍ୱାସ ସ୍ଥାପନ କରିବା ସେମାନଙ୍କ ପକ୍ଷେ ବିଧେୟ, ଫଳରେ ସେମାନେ ସତ୍‌ପଥଗାମୀ ହେବେ ।

ଅଲ୍ଲାଃଙ୍କର ଗୋଟିଏ ବିଶେଷ ଗୁଣବାଚକ ନାମ ହେଉଛି "ମୁଜିବ୍‌" ଯାହା ଅନ୍ତର୍ଗତ ସେ ନିଜ ଭକ୍ତମାନଙ୍କର ଡ଼ାକ ଶୁଣିଥାଏ ଏବଂ ପ୍ରାର୍ଥନା ଗ୍ରହଣ କରି ନିଜ ଅସ୍ତିତ୍ୱର ପ୍ରମାଣ ଦେଇଥାଏ । ଗୋଟିଏ ପଟେ ଯେଉଁଠି ଖୁଦାତାଲା ଅସହାୟ, ଅସମର୍ଥ, ନିରୁପାୟ ଏବଂ ବ୍ୟାକୁଳଙ୍କ ଦୁଆ ଶୁଣିଥାଏ ଓ ସେମାନଙ୍କର ଆବଶ୍ୟକତା ପୁରଣ କରିଥାଏ ସେଠି ଅନ୍ୟପଟେ ତା'ର ବିଶେଷ କୃପା ଜରିଆରେ ଯୁଗ ସୁଧାରକ/ସଂସ୍କାରକମାନଙ୍କୁ ଦୁଆ ଗ୍ରହଣୀୟ ହେବାର ସମ୍ମାନ ପ୍ରଦାନ କରିଥାଏ । ଏହିଭଳି ଅଲ୍ଲାଃ ନିଜ ଅସ୍ତିତ୍ୱର ପ୍ରମାଣ ଦେଇଥାଏ ।

ମୁଁ ଆଜି ଏହି ବିଷୟକୁ ଅର୍ଥାତ "ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱ" ବିଷୟବସ୍ତୁକୁ ଆମ୍ଭ ପ୍ରୀୟ ମୁନୀବ ହଜ୍‌ରତ୍‌ ଅକ୍‌ଦସ୍‌ ମୁହମ୍ମଦ ମୁସ୍ତଫା ସ:ଆ:ସ ଏବଂ ତାଙ୍କ ଆଧାତ୍ମିକ ମାନସ ପୁତ୍ର ହଜ୍‌ରତ୍‌ ମସିହ୍‌ ମଉଦ୍‌ ଆ:ସ ଏବଂ ତାଙ୍କ ଖଲିଫାମାନଙ୍କ ଦୁଆ ଗ୍ରହଣୀୟ ହେବାର ବିଶ୍ୱାସ ବର୍ଦ୍ଧକ ମହାନ୍‌ ଘଟଣାବଳୀଗୁଡ଼ିକରୁ କିଛି ଉପସ୍ଥାପନ କରିବି ଇନ୍‌ଶାଅଲ୍ଲାଃ !

ପ୍ରୀୟ ପାଠକେ ! ଯେତେବେଳେ ଆମେ ହଜ୍‌ରତ୍‌ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପବିତ୍ର ଜୀବନୀ ଓ ହଦିସ୍‌ଗୁଡ଼ିକୁ ଅଧ୍ୟୟନ କରୁଛେ ସେତେବେଳେ ଦୁଆ ଗ୍ରହଣୀୟ ହେବାର ମହାନ ଘଟଣାଗୁଡ଼ିକୁ ଦେଖି ଆମ ଆଶ୍ଚର୍ଯ୍ୟର ସୀମା ରହୁନାହିଁ । ଏବେ ସେହି ଘଟଣାବଳୀମାନଙ୍କ ମଧ୍ୟରୁ ଗୋଟିଏ ଦୁଇଟି ଘଟଣା ଏଠାରେ ଉପସ୍ଥାପିତ କରିବି ।

ହଜ୍‌ରତ୍‌ ଅବୁ ହୁରୈରାଃ ର:ଅ ହଜୁର ସ:ଆ:ସଙ୍କ ଦୁଆ (ପ୍ରାର୍ଥନା) ଯୋଗୁଁ ନିଜ ମାଆଙ୍କର ଇସ୍‌ଲାମ୍‌ ଗ୍ରହଣ କରିବାର ଘଟଣାକୁ ଏପରି ବର୍ଣ୍ଣନା କରିଛନ୍ତି ଯେ ମୋ ମାତା ପ୍ରତିମାପୂଜକ ଥିଲେ । ମୁଁ ତାଙ୍କୁ ଇସ୍‌ଲାମ୍‌ ଗ୍ରହଣ କରିବାପାଇଁ ନିବେଦନ କରୁଥିଲି । ଦିନେ ମୁଁ ତାଙ୍କୁ ଇସ୍‌ଲାମ୍‌ର ବାର୍ତା ପହଂଚାଇବା ବେଳେ ସେ ହଜୁର ସ:ଆ:ସଙ୍କ ସମ୍ବନ୍ଧରେ ଏମିତି କିଛି କଥା କହିଲେ ଯଦ୍ୱାରା ମତେ ତାହା ଖରାପ ଲାଗିଲା । ମୁଁ କାନ୍ଦି କାନ୍ଦି ହଜୁର ସ:ଆ:ସଙ୍କ ନିକଟରେ ପହଂଚିଲି ଓ କହିଲି ଯେ ମୁଁ ମୋ ମାଆଙ୍କୁ ଇସ୍‌ଲାମ୍‌ ଗ୍ରହଣ କରିବା ପାଇଁ ନିବେଦନ କରୁଥିଲି ଓ ସେ ମନା କରି ଦେଉଥିଲେ । ଆଜି ଯେବେ ମୁଁ ତାଙ୍କୁ ଇସ୍‌ଲାମ୍‌ ଆଡ଼କୁ ଡ଼ାକିଲି ଆପଣ ସ:ଆ:ସଙ୍କ ସମ୍ବନ୍ଧରେ ସେ ମତେ ଏମିତି କଥା କହିଲେ ଯେ ମତେ ବହୁତ ଖରାପ ଲାଗିଲା । ତେଣୁ ଆପଣ ଦୁଆ କରନ୍ତୁ ଯେ ଅଲ୍ଲାଃ ଅବୁ ହୁରୈରାଃଙ୍କ ମାଆଙ୍କୁ ସତ୍‌ପଥ ଦେଖାନ୍ତୁ । ଏହା ଶୁଣି ରସୁଲୁଲ୍ଲାଃ ସ:ଆ:ସ ଦୁଆ କଲେ: **ଅଲ୍ଲାହୁମ୍ମା ଏହ୍‌ଦେ ଉମ୍ମି ଅବି ହୁରୈରାଃ** ଅର୍ଥାତ ହେ ଅଲ୍ଲାଃ ଅବୁ ହୁରୈରାଃଙ୍କ ମାଆଙ୍କୁ ସତ୍‌ପଥ ପ୍ରଦାନ କର ।

ହଜ୍‌ରତ୍‌ ଅବୁ ହୁରୈରାଃ ବର୍ଣ୍ଣନା କରୁଛନ୍ତି ଯେ ମୁଁ ହଜୁର ସ:ଆ:ସଙ୍କ ଏହି ଦୁଆ ଯୋଗୁଁ ଆନନ୍ଦରେ ଘରକୁ ଫେରିଲି । ଯେତେବେଳେ ଘରର ଦରଜା ନିକଟରେ ପହଂଚିଲି ତାହା ବନ୍ଦ ଥିଲା । ମୋ ମାଆ ମୋ ପାଦର ଶବ୍ଦ ଶୁଣି କହିଲେ ହେ ଅବୁ ହୁରୈରାଃ ! ସେହିଠାରେ ଛିଡ଼ା ହୁଅ । ଏହି ସମୟରେ ମୁଁ ପାଣି ପଡୁଥିବାର ଶବ୍ଦ ଶୁଣିଲି । ଅବୁ ହୁରୈରାଃ କହୁଛନ୍ତି ଯେ ମୋ ମା ସ୍ନାନ କଲେ, ପୋଷାକ ବଦଳାଇଲେ ଏବଂ ଓଢ଼ଣୀ ଘୋଡ଼ି କବାଟ ଖୋଲିଲେ । ତା'ପରେ କହିଲେ ଅବୁ ହୁରୈରାଃ ! **ଅଶ୍‌ହଦୁ ଅନ ଲା ଇଲାହା ଇଲ୍ଲଲ୍ଲାହୁ ୱ ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍‌ ଅବଦୁହୁ ୱ ରସୁଲୁହୁ ।**

ହଜ୍‌ରତ୍‌ ଅବୁ ହୁରୈରାଃ ର:ଅ ବର୍ଣ୍ଣନା କରୁଛନ୍ତି ଯେ ମୁଁ ତତ୍‌କ୍ଷଣାତ୍‌ ହଜୁର ସ:ଆ:ସଙ୍କ ଗୋଚରେ ଖୁସିରେ କାନ୍ଦି କାନ୍ଦି ଉପସ୍ଥିତ ହେଲି ଏବଂ କହିଲି ମୁବାରକ୍‌ ହୋ (ଆପଣଙ୍କୁ ଶୁଭେଚ୍ଛା) । ଅଲ୍ଲାଃ ତାଲା ଆପଣଙ୍କ ଦୁଆ (ପ୍ରାର୍ଥନା) ଶୁଣିନେଲେ ଓ ହଜ୍‌ରତ୍‌ ଅବୁ ହୁରୈରାଃ ର:ଅଙ୍କ ମାଆଙ୍କୁ ହିଦାୟତ୍‌ ଦେଇଦେଲେ । ଏହାଶୁଣି ହଜୁର ସ:ଆ:ସ ଅଲ୍ଲାଃ ତାଲାଙ୍କ ପ୍ରଶଂସାଗାନ କଲେ ଓ କହିଲେ: ବହୁତ ଭଲ ହେଲା । ତା'ପରେ ମୁଁ ନିବଦେନ କରି ହେ ଅଲ୍ଲାଃଙ୍କ ରସୁଲ୍‌ ! ଆପଣ ଅଲ୍ଲାଃଙ୍କ ନିକଟରେ ଏ ଦୁଆ ମଧ୍ୟ କରନ୍ତୁ ଯେ ସେ ମତେ ଓ ମୋ ମାଆଙ୍କୁ ମୋମିନ୍‌ମାନଙ୍କର ପ୍ରୀୟ କରିଦିଅନ୍ତୁ ଏବଂ ସେମାନେ ଆମର ପ୍ରୀୟ ହୋଇଯାଆନ୍ତୁ । ହଜୁର ସ:ଆ:ସ ଦୁଆ କଲେ ଯେ ହେ ଅଲ୍ଲାଃ ! ତୁମ୍ଭେ ନିଜର ଏହି ଭକ୍ତ ହଜ୍‌ରତ୍‌ ଅବୁ ହୁରୈରାଃ ର:ଅ ଏବଂ ତାଙ୍କ ମାଆଙ୍କୁ ମୋମିନମାନଙ୍କର ଏବଂ ମୋମିନ୍‌ମାନଙ୍କୁ ଏମାନଙ୍କର ପ୍ରୀୟ ବନାଇ ଦିଅ । ହଜ୍‌ରତ୍‌ ଅବୁ ହୁରୈରାଃ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଯେଉଁ ମୋମିନ୍‌ (ବିଶ୍ୱାସକାରୀ) ମତେ ଦେଖି ବି ନଥିଲେ କେବଳ ମୋ ସମ୍ବନ୍ଧରେ ଶୁଣିଥିଲେ ସେମାନେ ମଧ୍ୟ ମତେ ପ୍ରେମ କରୁଛନ୍ତି । ***(ସହି ମୁସ୍‌ଲିମ୍‌, ଫଜାଇଲେ ସାହାବାଃ, ବାବ୍‌ ମିନ୍‌ ଫଜାଇଲେ ଅବି ହୁରୈରାଃ)***

ହଜ୍‌ରତ୍‌ ଅନସ୍‌ ର:ଅ ବର୍ଣ୍ଣନା କରୁଛନ୍ତି ଯେ " ଦିନେ ଜଣେ ବ୍ୟକ୍ତି ମସ୍‌ଜିଦ୍‌ ନବଓ୍ୱିର ମେମ୍ବର (ଡ଼ାଇସ୍‌) ନିକଟରେ ଥିବା ଦରଜାରେ ପ୍ରବେଶ କଲା । ରସୁଲୁଲ୍ଲାଃ ସ:ଆ:ସ ସେତେବେଳେ ଛିଡ଼ା ହୋଇ ଖୁତ୍‌ବା ଦେଉଥିଲେ । ସେହି ଲୋକ ଜଣକ ହଜୁର ସ:ଆ:ସଙ୍କ ଧ୍ୟାନକୁ ନିଜ ଆଡ଼କୁ ଆକର୍ଷିତ କରି କହିଲା ହେ ଅଲ୍ଲାଃଙ୍କ ରସୁଲ୍‌ (ସ:ଆ:ସ) ! ଜୀବଜନ୍ତୁ ମରୁଛନ୍ତି, ରାସ୍ତା ଚିନ୍ତାଜନକ ହୋଇଗଲାଣି ତେଣୁ ଆପଣ ଅଲ୍ଲାଃ ତାଲାଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ଯେ ସେ ଆମ ଉପରେ ଜଳ ବର୍ଷା କରନ୍ତୁ । ଏହା ଶୁଣି ହଜୁର ସ:ଆ:ସ ହାତ ଉଠାଇ ଦୁଆ କଲେ **ଅଲ୍ଲାଃହୁମ୍ମା ଅସ୍‌କିନା** (ଅର୍ଥାତ ହେ ଅଲ୍ଲାଃ ଜଳବର୍ଷା କରି ଆମର ତୃଷ୍ଣା ନିବାରଣ କର) । ରାଓ୍ୱି ବର୍ଣ୍ଣନା କରୁଛନ୍ତି ଯେ ସେ ସମୟରେ ଆକାଶରେ କୌଣସି ବାଦଲ ବା ବାଦଲଖଣ୍ଡ ମଧ୍ୟ ନଥିଲା । ଅଚାନକ ସଲ୍‌ଆ ପାହାଡ଼ ପଛପଟୁ ଖଣ୍ଡେ ବାଦଲ ଉଠିଲା ଓ ତାହା ଆକାଶରେ ମଧ୍ୟ ଭାଗରେ ପହଂଚି ଚାରିଆଡ଼େ ବ୍ୟାପିଗଲା ଓ ବର୍ଷିବା ଆରମ୍ଭ କରିଦେଲା ତା'ପରେ ପୁଣି ଲଗାତାର ଛଅ ଦିନ ପର୍ଯ୍ୟନ୍ତ ସୂର୍ଯ୍ୟ ଦେଖାଦେଲା ନାହିଁ । ପୁଣି ସେ ଆସନ୍ତା ଯୁମାକୁ ଉପସ୍ଥିତ ହୋଇ ବର୍ଷା ବନ୍ଦ ହେବାପାଇଁ ନିବେଦନ କଲା । ପୁଣି ହଜୁର ସ:ଆ:ସ ହାତ ଉଠାଇ ଦୁଆ କଲେ । ରାଓ୍ୱି ବର୍ଣ୍ଣନା କରୁଛନ୍ତି ଯେ ହଜୁରଙ୍କ ଦୁଆ କରିବା ସଙ୍ଗେ ସଙ୍ଗେ ବର୍ଷା ବନ୍ଦ ହୋଇଗଲା ଓ ଯୁମା ନମାଜ ପଢ଼ି ଯେତେବେଳେ ଲୋକମାନେ ବାହାରକୁ ବାହାରିଲେ ସେତେବେଳେ ଖରା ବାହାରିଥିଲା ।" ***(ବୁଖାରୀ, କିତାବୁଲ୍‌ ଯୁମା, ବାବୁଲ୍‌ ଇସ୍‌ତସ୍‌କାଆ ଫିଲ୍‌ ମସ୍‌ଜିଦିଲ୍‌ ଜାମେ)***

ସୁବ୍‌ହାନଲ୍ଲାଃ (ଅଲ୍ଲାଃ ପବିତ୍ରମୟ) । କଣ ଏହି ପ୍ରାର୍ଥନା ଗ୍ରହଣୀୟ ହେବାର ଚମତ୍କାର ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ନୁହେଁ ? ହଁ ନିଶ୍ଚିତ ରୂପେ । ଏବେ ମୁଁ ହଜ୍‌ରତ ଅକ୍‌ଦସ୍‌ ମସିହ୍‌ ମଉଦ୍‌ ଆ:ସ ଏ ଯୁଗର ଇମାମଙ୍କ ଦୁଆ ଗ୍ରହଣୀୟ ହେବାର ଗୋଟିଏ ଦୁଇଟି ଘଟଣାବଳୀ ବର୍ଣ୍ଣନା କରିବି ଯାହାକୁ ପଢ଼ି ହୃଦୟ ଆନନ୍ଦିତ ହୋଇଯାଉଛି ।

ହଜ୍‌ରତ୍‌ ହକିମ୍‌ ଫଜଲ୍‌ ଦୀନ୍‌ ସାହେବ ଯିଏ ହଜ୍‌ରତ୍‌ ଖଲିଫତୁଲ୍‌ ମସିହ୍‌ ପ୍ରଥମଙ୍କ ପୁତୁରା ଓ ଜ୍ୱାଇଁ ମଧ୍ୟ ଥିଲେ ସେ ହଜ୍‌ରତ୍‌ ମସିହ୍‌ ମଉଦ୍‌ ଆ:ସଙ୍କ ଦୁଆ ଗ୍ରହଣୀୟ ହେବାର ଏକ ଅଦ୍ଭୁତ ଓ ବିରଳ ଘଣଟା ବର୍ଣ୍ଣନା କରିଛନ୍ତି । ସେ କହୁଛନ୍ତି: ୧୯୦୭ ମସିହାରେ ମୋର ଦ୍ୱିତୀୟ ପୁତ୍ର ଅବ୍‌ଦୁଲ୍‌ ହଫିଜ୍‌ ଜନ୍ମ ହେଲା । ଥଣ୍ଡା ଦିନ ଥିଲା ଏବଂ ସେହି ଦିନଗୁଡ଼ିକରେ ବହୁତ ଗର୍ଭବତୀ ମହିଳାମାନେ ମାଂସପେଶି ଟାଣି ହେବାର ରୋଗରେ ମୃତ୍ୟୁବରଣ କରୁଥିଲେ । ଗର୍ଭବତୀମାନଙ୍କ ପାଇଁ ଏ ରୋଗ ବହୁତ ବିପଦପୂର୍ଣ୍ଣ ହୋଇଥାଏ । ଶହେରୁ ଜଣେ ବଂଚୁଥିବେ । ମୋ ସ୍ତ୍ରୀ ହଫ୍‌ସା (ସୁପତ୍ରୀ ହଜ୍‌ରତ୍‌ ଖଲିଫତୁଲ୍‌ ମସିହ୍‌ ପ୍ରଥମ)ଙ୍କୁ ପିଲା ଜନ୍ମ ହେବାର ସପ୍ତମ ଦିନ ମଗ୍‌ରିବ୍‌ ନିକଟ ସମୟରେ ଏହି ରୋଗର ଲକ୍ଷଣ ଜଣାପଡ଼ିଲା । ଯେହେତୁ ସେହି ଦିନମାନଙ୍କର ଏହି ମହାମାରୀ ରୋଗ ବ୍ୟାପିଥିଲା ସେଥି ସକାଶେ ତାହାପ୍ରତି ଧ୍ୟାନ ଆକର୍ଷଣ ହେଲା । ମୁଁ ମଗ୍‌ରିବ୍‌ ପରେ ହଜ୍‌ରତ୍‌ ସାହେବଙ୍କ ନିକଟକୁ ଧାଇଁ ଯାଇ ଏ ବିଷୟ ଜଣାଇଲି । ମହାଭାଗ କହିଲେ ଏହା ତ ବଡ଼ ବିପଜ୍ଜନକ ରୋଗର ପୂର୍ବବର୍ତୀ ଲକ୍ଷଣ ତେଣୁ ତୁମେ ଯଥାଶିଘ୍ର ଦଶ ରତି ହିଙ୍ଗୁ ଖାଇବାକୁ ଦେଇଦିଅ ପୁଣି ଘଂଟାଏ ଦେଢ଼ ଘଂଟା ପରେ ମତେ ଏତେଲା କର । ମୁଁ ଈଶା ନମାଜ ପରେ ପୁଣି ହାଜିର୍‌ ହୋଇ

କହିଲି ଯେ ରୋଗ ବଢ଼ିଗଲାଣି । ହଜୁର କହିଲେ ଦଶ ରତି କସ୍ତୁରୀ ଦେଇ ଦିଅ । ପୁଣି ଏକ ଘଂଟା ପରେ ମତେ ଜଣାଅ ଏବଂ ଏକଥା ଭାବିବ ନାହିଁ ଯେ ମୁଁ ଶୋଇଯାଇଥିବି ବୋଲି । ନିଃଶଙ୍କୋଚରେ ପୁରୁଷମାନଙ୍କ ପାଇଁ ଥିବା ପାହାଚରେ ଚଢ଼ି ଡ଼ାକିଦେବ । ମୁଁ କହିଲି ବର୍ତମାନ ମୁଁ କସ୍ତୁରୀ କେଉଁଠି ପାଇବି ? ହଜୁର ଆ:ସ ମୁଠାଏ କସ୍ତୁରୀ ଆଣି ଦେଲେ ଓ କହିଲେ ଏହା ଦଶରତି ହେବ । ମୁଁ କହିଲି ହଜୁର ଏହା ତ ଅଧିକା ଓଜନର ହେବ । ହଜୁର କହିଲେ ନେଇଯାଅ ପରେ କାମରେ ଆସିବ । ମୁଁ ତାହା ନେଇଗଲି ଏବଂ ଦଶରତି ଓଜନର କସ୍ତୁରୀ ରୋଗୀଙ୍କୁ ଦେଇଦେଲି । ପୁଣି ଏକ ଘଂଟା ଛାଡି ହଜୁର ଆ:ସଙ୍କ ନିକଟରେ ହାଜର ହୋଇ କହିଲି ଯେ ରୋଗ ବହୁତ ବଢ଼ିଗଲାଣି । ହଜୁର ଆ:ସ କହିଲେ ଦଶ ତୋଳା କାଷ୍ଟର ଅଏଲ୍ ଦେଇ ଦିଅ । ତା'ପରେ ରୋଗୀଙ୍କୁ ଭିଷଣ ବାନ୍ତି ହେଲା । ବାନ୍ତି ରୋଗୀର ଶେଷ ଅବସ୍ଥା ହୋଇଥାଏ । ବାନ୍ତିପରେ ରୋଗୀର ନିଃଶ୍ୱାସପ୍ରଶ୍ୱାସ ରଦ୍ଧ ହେବାକୁ ଲାଗିଲା ବେକ ଭିଡ଼ି ହୋଇପଛକୁ ଚାଲିଗଲା । ଆଖିକୁ ଅନ୍ଧାର ଦିଶିଲା ଏବଂ କଥା କହିବା ବନ୍ଦ ହୋଇଗଲା । ମୁଁ ପୁଣି ଧାଇଁ ଯାଇ ପାହାଚରେ ଚଢ଼ିଗଲି । ହଜୁର ମୋ ଡ଼ାକ ଶୁଣି କବାଟ ଖୋଲିଦେଲେ ଓ ପଚାରିଲେ କଣ ସବୁ ଠିକ୍ ଅଛି ତ ? ମୁଁ କହିଲି ବର୍ତମାନ ତ ଅବସ୍ଥା ସଙ୍କଟାପନ୍ନ । ଶ୍ୱାସ ରୁଦ୍ଧି ହୋଇଗଲାଣି, ବେକ ମୋଡ଼ି ହୋଇଗଲାଣି ଆଖିରେ ଆଲୋକ ନାହିଁ ଏବଂ କଥା ବନ୍ଦ ହୋଇଗଲାଣି । ହଜୁର କହିଲେ ଦୁନିଆର ଯେତେକ ଅସ୍ତ୍ରଥିଲା ତାହା ତ ଆମେ ପ୍ରୟୋଗ କରିସାରିଛେ ଏବେ ଗୋଟିଏ ଅସ୍ତ୍ର ବାକି ଅଛି ଓ ତାହା ହେଉଛି ଦୁଆ । ତୁମେ ଯାଅ ମୁଁ ଦୁଆ (ପ୍ରାର୍ଥନା)ରୁ ସେତେବେଳେ ମୁଣ୍ଡ ଉଠାଇବି ଯେତେବେଳେ ତାଙ୍କୁ ଆରୋଗ୍ୟ ଲାଭ ହେବ । ମୁଁ ଏକଥା ଶୁଣି ଲେଉଟି ଆସିଲି ଏବଂ ତାଙ୍କୁ କହିଲି ଏବେ ତୁମର ଚିନ୍ତା କଣ ? ଏବେ ତ ଠିକାଦାର ନିଜେ ଠିକା ନେଇଗଲେଣି । ସେତେବେଳକୁ ରାତି ଦୁଇଟା ବାଜି ସାରିଥିଲା । ମୁଁ ଘରକୁ ଆସିଲି ଓ ରୋଗୀକୁ ଏହିଭଳି ଅବସ୍ଥାରେ ଛାଡ଼ି ଅନ୍ୟ ଏକ କୋଠରୀରେ ଖଟିଆ ଉପରେ ଶୋଇପଡ଼ିଲି । ସକାଳେ କିଛି ବାସନ କୁସନର ଶଦ୍ଦ ଶୁଣି ମୋ ଆଖି ଖୋଲିଗଲା । ମୁଁ ଦେଖିଲି ମୋ ଗୋଡ଼ ଆଡ଼କୁ ମୋ ସ୍ତ୍ରୀ କିଛି ବାସନକୁ ସଜାଡୁଥିଲେ । ମୁଁ ପଚାରିଲି କେମିତି ଅଛ ? ସେ କହିଲେ ଆପଣ ତ ଶୋଇ ପଡ଼ିଲେ କିନ୍ତୁ ମତେ ଦୁଇ ଘଂଟା ପରେ ଅଲ୍ଲାଃ ତାଲା ଆରାମ ଦେଇଦେଲେ । ଅଲହମ୍ଦୁ ଲିଲ୍ଲାଃ ରବ୍ବିଲ୍ ଆଲମୀନ୍ । *(ସିରତ୍ ଅହ୍ମଦ୍, ସଂକଳକ କୁଦ୍‌ରତୁଲ୍ଲାଃ ସନ୍‌ଓ୍ୱାରି ସାହେବ୍ ପୃ-୧୭୦-୧୭୨)*

ସୟଦନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ରଚିତ ପୁସ୍ତକ "ହକିକତୁଲ୍ ୱ୍ହି"ରେ ଦୁଆ ଗ୍ରହଣୀୟ ହେବାର ଏକ ମହାନ ଘଟଣା ବିଷୟରେ ଉଲ୍ଲେଖି କରି କହୁଛନ୍ତି: "ଅବଦୁଲ୍ କରିମ୍ ପିତା ଅବଦୁର୍ ରହ୍‌ମାନ୍ ସାକିନ୍ ହାଇଦ୍ରାବାଦ ଦକ୍ଷିଣ ଆମ ମଦର୍ସାର ଜଣେ ଛାତ୍ର । ଦୁର୍ଭାଗ୍ୟବସତଃ ତାକୁ ପାଗଳା କୁକୁର କାମୁଡ଼ି ଦେଲା । ଆମେ ତାକୁ ଚିକିତ୍ସା ପାଇଁ କସୋଲି ପଠାଇଦେଲୁ । କିଛି ଦିନ ପର୍ଯ୍ୟନ୍ତ କସୋଲିଠାରେ ତା'ର ଚିକିତ୍ସା ଚାଲିଲା । ପୁଣି ସେ କାଦିଆନ୍ ଚାଲି ଆସିଲା । କିଛିଦିନ ଅନ୍ତେ ତା'ଠାରେ ସେହି ପାଗଳା ଲକ୍ଷଣ ଅର୍ଥାତ ଜଳାତଙ୍କ ରୋଗ ପ୍ରକାଶ ପାଇଲା ଯାହା ପାଗଳା କୁକୁର କାମୁଡ଼ିଲେ ପ୍ରକାଶ ପାଇଥାଏ । ପାଣିକୁ ଭୟ କଲା । ଭୟଙ୍କର ପରିସ୍ଥିତି ହୋଇଗଲା । ସେହି ପ୍ରବାଶି ଅସହାୟ ପିଲାଟି ପାଇଁ ମୋ ମନ ବ୍ୟତିବ୍ୟସ୍ତ ହୋଇଗଲା ଏବଂ ଦୁଆ କରିବା ପାଇଁ ଏକ ବିଶେଷ ଧ୍ୟାନ ସୃଷ୍ଟି ହେଲା । ସମସ୍ତେ ଏକଥା ଭାବୁଥିଲେ ଯେ ସେହି ଅସହାୟ ପିଲାଟି କିଛି ଘଂଟା ପରେ ମରିଯିବ । ତେଣୁ ଉପାୟଶୂନ୍ୟ ହୋଇ ତାକୁ ବୋର୍ଡ଼ିଙ୍ଗରୁ ବାହାର କରି ଆଉ ଏକ ଘରେ ଅନ୍ୟମାନଙ୍କଠାରୁ ଅଲଗା କରି ବହୁତ ଯତ୍ନର ସହିତ ରଖାଗଲା ଏବଂ କସୋଲିର ଇଂରେଜ୍ ଡ଼ାକ୍ତରଙ୍କ ନିକଟକୁ ଟେଲିଗ୍ରାମ ପଠାଇ ଏ କଥା ପଚରାଗଲା ଯେ କଣ ଏବେ ଏହାର କିଛି ଚିକିତ୍ସା ହୋଇପାରିବ ? ସେପଟୁ ଟେଲିଗ୍ରାମ୍ ଦ୍ୱାରା ଉତର ଆସିଲା ଯେ ଏବେ ଏଥିପାଇଁ କୌଣସି ଚିକିତ୍ସା ନାହିଁ । କିନ୍ତୁ ଏହି ଗରୀବ ଏବଂ ପ୍ରବାଶି ପିଲାଟି ପାଇଁ ମୋ ମନରେ ଗଭୀର ସହାନୁଭୂତି ଜନ୍ମିଲା ଏବଂ ମୋ ବନ୍ଧୁମାନେ ମଧ୍ୟ ତା'ପାଇଁ ଦୁଆ କରିବାକୁ ବହୁତ ବାଧ କଲେ କାରଣ ସେହି ପିଲାଟିର ଅବସ୍ଥା ଦୟନୀୟ ଥିଲା ଏବଂ ମନରେ ଏ ଭୟ ସୃଷ୍ଟିହେଲା ଯେ ଯଦି ସେ ମରିଯାଏ ତେବେ ତା'ର ମୃତ୍ୟୁ ଶତ୍ରୁମାନଙ୍କୁ ଖୁସି ପହଂଚାଇବ । ଏଥିରେ ମୋ ହୃଦୟ ତା ପାଇଁ ଭିଷଣ ବ୍ୟଥିତ ଓ ବ୍ୟତିବ୍ୟସ୍ତ ହୋଇଗଲା ଏବଂ ଐଶି ଚମତ୍କାର ପ୍ରତି ଧ୍ୟାନ ଆକର୍ଷଣ ହେଲା ଯାହା ନିଜ ଚେଷ୍ଟାରେ ସୃଷ୍ଟି ହୁଏ ନାହିଁ ବରଂ କେବଳ ଅଲ୍ଲାଃଙ୍କ ତରଫରୁ ସୃଷ୍ଟି ହୋଇଥାଏ । ଯଦି ତାହା ସୃଷ୍ଟି ହୋଇଯାଏ ତେବେ ଖୁଦାତାଲାଙ୍କ ଅନୁମତି ଦ୍ୱାରା ସେହି କାର୍ଯ୍ୟ ସାଧିତ ହୋଇଥାଏ । ସମ୍ଭବତଃ ତାହା ଦ୍ୱାରା ମୁର୍ଦ୍ଦାର ଜୀବିତ ହୋଇଯିବ । ଅତଏବ ସେଥିଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଗଲା ଯେ ଯେତେବେଳେ ମୋର ଧ୍ୟାନ ଶେଷ ସୀମାରେ ପହଂଚିଲା ଏବଂ ମୋ ହୃଦୟ ବେଦନାରେ ଭରିଗଲା ସେତେବେଳେ ସେହି ବେମାର ପିଲାଟି ପାଇଁ ଯିଏ ବାସ୍ତବିକ ମୁର୍ଦ୍ଦା ହୋଇଯାଇଥିଲା, ଧ୍ୟାନର ଲକ୍ଷଣ ପ୍ରକାଶ ପାଇବା ଆରମ୍ଭ ହୋଇଗଲା । ଯିଏ ପାଣିକୁ ଭୟ କରୁଥିଲା ଓ ଆଲୋକଠାରୁ ଦୁରେଇଯାଉଥିଲା, ଅଚାନକ ତା ସ୍ୱାସ୍ଥ୍ୟ ଠିକ୍ ହେବାକୁ ଲାଗିଲା । ଫଳତଃ ସେ କହିଲା ଯେ ଏବେ ମତେ ପାଣିକୁ ଭୟ ଲାଗୁନାହିଁ । ତାକୁ ଯେତେବେଳେ ପାଣି ଦିଆଗଲା ସେ ବିନା କୌଣସି ଭୟରେ ପିଇ ଦେଲା ଏବଂ ରାତି ତମାମ୍ ଶୋଇଗଲା । ତା'ର ଭୟଙ୍କର ଓ ପାଶବିକ ଅବସ୍ଥା ଦୂର ହେବାକୁ ଲାଗିଲା ଏପରି କି କିଛି ଦିନ ଭିତରେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲା । ମୋ ମନ ଭିତରେ ତତ୍‌କ୍ଷଣାତ୍ ଏକଥା ପହଂଚାଗଲା ଯେ ଏହି ପାଗଳ ଅବସ୍ଥା ଯାହା ତା' ମଧ୍ୟରେ ସୃଷ୍ଟି ହୋଇଯାଇଥିଲା, ତାହା ଏଥିଯୋଗୁଁ ହୋଇନଥିଲା ଯେ ସେହି ପାଗଳପଣ ତାକୁ ମାରିଦେବ ବରଂ ତାହା ଏଥିଯୋଗୁଁ ହୋଇଥିଲା ଯେ ଏହା ଦ୍ୱାରା ଅଲ୍ଲାଃଙ୍କ ନିଦର୍ଶନ ପ୍ରକାଶ ହେବ ।" *(ରୁହାନୀ ଖଜାଇନ୍, ଖଣ୍ଡ-୨୨, ହକିକତୁଲ୍ ୱ୍ହି, ପୃ-୪୮୦-୪୮୧)*

ଏବେ ମୁଁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ପ୍ରଥମ ର:ଅଙ୍କ ଦୁଆ ଗ୍ରହଣୀୟ ହେବାର ଘଟଣାବଳୀଗୁଡ଼ିକ ମଧ୍ୟରୁ ଗୋଟିଏ ଦୁଇଟି ଘଟଣା ଉପସ୍ଥାପନ କରିବି । ଶ୍ରୀମାନ ଚୌଧୁରୀ ଗୁଲାମ୍ ମୁହମ୍ମଦ ସାହେବ ବି.ଏଙ୍କ ବୟାନ ଏପରି ରହିଛି କି ୧୯୦୯ ମସିହାରେ ବର୍ଷା ଋତୁରେ ଥରେ ଆଠ ଦିନ ପର୍ଯ୍ୟନ୍ତ ଲଗାଣ ବର୍ଷା ଜାରି ରହିଲା ଫଳତଃ କାଦିଆନ୍‌ରେ ବହୁତ ଘର ଭାଙ୍ଗିଗଲା । ହଜ୍‌ରତ୍ ନୱାବ୍ ମୁହମ୍ମଦ ଅଲୀ ଖାନ୍ ସାହେବ୍ କାଦିଆନ୍ ବାହାରେ ନୂଆ କୋଠି ନିର୍ମାଣ କରିଥିଲେ, ତାହା ମଧ୍ୟ ଭାଙ୍ଗିଗଲା । ଅଷ୍ଟମ ବା ନବମ ଦିନ ହଜ୍‌ରତ୍ ଖଲିଫତୁଲ୍ ମସହି ପ୍ରଥମ ର:ଅ ଜୋହର୍ ନମାଜ ପରେ କହିଲେ ଯେ ମୁଁ ଏବେ ଦୁଆ କରୁଛି ଓ ଆପଣମାନେ ସମସ୍ତେ ଆମିନ୍ କହନ୍ତୁ । ଦୁଆ କରିବା ପରେ ହଜୁର ର:ଅ କହିଲେ ଯେ ମୁଁ ଆଜି ସେହି ଦୁଆ କରିଛି ଯାହା ହଜ୍‌ରତ୍ ମୁହମ୍ମଦ ସ:ଆ:ସ ନିଜ ଜୀବନକାଳରେ କେବଳ ଥରେ ହିଁ କରିଥିଲେ । ଦୁଆ କରିବା ସମୟରେ ବର୍ଷା ବହୁତ ଜୋର୍‌ରେ ହେଉଥିଲା । ତା'ପରେ ବର୍ଷା ବନ୍ଦ ହୋଇଗଲା ଏବଂ ଅସର୍ ନମାଜ ସମୟରେ ଆକାଶ ସମ୍ପୁର୍ଣ୍ଣରୂପେ ନିର୍ମଳ ଥିଲା ଏବଂ ଖରା ବାହାରିଥିଲା । *(ହୟାତେ ନୂର୍, ପୃ-୪୪୦-୪୪୧)*

ଏହିପରି ପୁସ୍ତକ "ହୟାତେ ନୂର୍"ରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ପ୍ରଥମ ର:ଅଙ୍କ ଦୁଆ ଗ୍ରହଣୀୟ ହେବାର ଗୋଟିଏ ବହୁତ ବିଶ୍ୱାସ ବର୍ଦ୍ଧକ ଘଟଣା ଏପରି ଦରଜ ରହିଛି ଯେ: ହଜୁର ର:ଅ କହିଲେ ଏହି ନଜମ୍ ମୋ ଦରଦି ହୃଦୟକୁ ବହୁତ ସ୍ୱର୍ଶ କରିଛି । ଶ୍ରୀମାନ କାଜି ମୁହମ୍ମଦ ଜହୁରୁଦ୍ଦିନ୍ ସାହେବ ଅକ୍‌ମଲଙ୍କ ଦ୍ୱାରା ସେହି ନଜମ୍‌ଟି ରଚିତ, ଯିଏ ସେତେବେଳେ ଖବର କାଗଜରେ ଆସିଷ୍ଟାଂଟ ଏଡିଟର୍ ଥିଲେ । ସେହି ନଜମ୍‌ର ପ୍ରଥମ ପଦଟି ଏପରି ଥିଲା

**ଆର୍‌ଜି ରଙ୍ଗେ ବକା ଥା ମୁଝେ ମାଲୁମ୍ ନ ଥା**

**ସର୍‌ମାଏ ଚଶ୍‌ମେ ଫନା ଥା ମୁଝେ ମାଲୁମ୍ ନ ଥା**

ଶ୍ରୀମାନ୍ କାଜି ସାହେବ ଏହି କ୍ରମରେ ହଜୁର ର:ଅଙ୍କ ଦୁଆ ଗ୍ରହଣୀୟ ହେବାର ଏକ ବିରଳ ଘଟଣା ବର୍ଣ୍ଣନା କରିଛନ୍ତି । ସେ ଲେଖୁଛନ୍ତି: "ମୁଁ ବଦର୍ କାର୍ଯ୍ୟାଳୟରେ ସବୁଦିନ ପରି ଦିନେ ଖଟିଆ ଉପରେ ଶୋଇ ବିଛଣାକୁ ତକିଆ କରିଲି ଏବଂ ସାମନରେ ମେଜ ରଖି ଦଫ୍‌ତର ଏଡିଟର ଏବଂ ମେନେଜରଙ୍କ କାର୍ଯ୍ୟ ସମ୍ପାଦନ କରୁଥିଲି ସେତେବେଳେ ମତେ ହଜ୍‌ରତ୍ ଖଲିଫା ପ୍ରଥମ ର:ଅଙ୍କ ଏକ ଚିଠା ମିଳିଲା । ସେଥିରେ ଲେଖାଥିଲା "ମୁଁ ଆପଣଙ୍କ ପାଇଁ ବହୁତ ଦୁଆ କରିଛି ଅଲ୍ଲାଃ ତାଲା ଏହାର ଉପଯୁକ୍ତ, ପ୍ରତିବଦଳ ଦେବେ ।

**ଓ୍ୱଲମ୍ ଅକୁନ୍ ବିଦୁଆଇକା ରବ୍ବି ଶକିୟା**" ମୁଁ ବହୁତ ଆଶ୍ଚର୍ଯ୍ୟ ହୋଇଗଲି କାରଣ ଏହା ତ ଠିକ୍ କଥା ଥିଲା ଯେ ମୋର ଦୁଇଜଣ ପୁଅ ଜଣକ ପରେ ଜଣେ ଚାଳିଶି ଦିନ ଭିତେର ଗୋଲିକି (ଜିଲ୍ଲା ଗୁଜ୍‌ରାତ୍) ରେ ମୃତ୍ୟୁ ବରଣ କରି ସାରିଥିଲେ । ଜମ୍‌ଶେଦ୍ ସାତ ଅକ୍ଟୋବର ୧୯୦୮ରେ ସାଢ଼େ ନଅ ମାସ ବୟସରେ ଏବଂ ବଡ଼ ପୁଅ ଖୁର୍‌ଶିଦ୍ ଏଗାର ନଭେମ୍ବର ୧୯୦୮ ମସିହାରେ ପାଂଚ ବର୍ଷ ଆଠମାସ ବୟସରେ ମୃତ୍ୟୁ ବରଣ କରିସାରିଥିଲେ । କିନ୍ତୁ ମୁଁ ହଜୁରଙ୍କ ଗୋଚରରେ ଦୁଆ କରିବାପାଇଁ କୌଣସି ନିବେଦନ କରିନଥିଲି । ଶେଷରେ ଏକଥା ଜଣାପଡ଼ିଲା ଯେ ମୋର ଏହି ନଜମ୍ ଅବଦୁସ୍ ସଲାମ୍ ମରହୁମ୍‌ଙ୍କ ମାତା ହଜ୍‌ରତ୍ ଅମ୍ମାଜୀ ଘରେ ସ୍ୱର ଲଗାଇ ପଢ଼ିଲେ । ହଜ୍‌ରତ୍ ଖଲିଫା ପ୍ରଥମ ର:ଅ ଆଖି ବନ୍ଦ କରି ବିଛଣାରେ ଗଡୁଥିଲେ, ଅଚାନକ ଉଠି ବସିପଡ଼ିଲେ ଓ କହିଲେ: ଅଲ୍ ହମ୍‌ଦୁ ଲିଲ୍ଲାହ ମତେ ତ ଜଣା ଥିଲା ।

ଅମ୍ମାଜୀ ବତାଇଲେ ଯେ ଏହି ନଜମ୍‌ଟି ଅକ୍‌ମଲ୍ ସାହେବଙ୍କର ଲେଖା ଯିଏ ଆପଣଙ୍କର ଶିଷ୍ୟ ସକିନତୁନ୍ ନିସାଆଙ୍କ ଏବଂ ସ୍ୱାମୀ ଅଟନ୍ତି । ତାଙ୍କର ଦୁଇଟି ପିଲା ଗୋଟିକ ପରେ ଗୋଟିଏ

ମରିଗଲେ । ହଜ୍‌ରତ୍ ଖଲିଫା ପ୍ରଥମ ର:ଅଙ୍କ ଉପରେ ଏହାର ବହୁତ ପ୍ରଭାବ ପଡ଼ିଲା ତେଣୁ ହଜୁରଙ୍କ ଧ୍ୟାନ ତତ୍‌କ୍ଷଣାତ୍ ଦୁଆ କରିବା ପ୍ରତି ଆକର୍ଷଣ ହେଲା । ତା'ପରେ ହଜୁର ର:ଅ ମତେ ଏ ଚିଠା ଲେଖି ପଠାଇଲେ । ଯାହାର ଚର୍ଚ୍ଚା ଉପରେ ହୋଇସାରିଛି ।

ତା'ପରେ ୧୯୧୦ ମସିହାରେ ମୋ ଘରେ ଅଲ୍ଲାଃଙ୍କ କୃପାରୁ ପୁଅ ଜନ୍ମ ହେଲା । ଯାହାର ନାମ ହଜୁର ର:ଅ ଅବ୍‌ଦୁର୍ ରହିମ୍ ରଖିଲେ । (ଶିବ୍‌ଲି ଏମ୍ କମ୍) ଏବଂ ଏହିପରି ହଜୁର ର:ଅଙ୍କ ଦୁଆ ଗ୍ରହଣୀୟ ହେବାର ଆମେ ନଜରା ଦେଖିଲୁ । ଫଅଲ୍‌ହମ୍‌ଦୁଲିଲ୍ଲାହ ଆଲା ଜାଲିକା ।" ***(ହୟାତେ ନୂର, ପୃ-୪୩୧-୪୩୨)***

ଏବେ ମୁଁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଦ୍ୱିତୀୟ ର:ଅଙ୍କ ଦୁଆ ଗ୍ରହଣୀୟ ହେବାର କିଛି ଘଟଣା ଉପସ୍ଥାପନ କରିବି ।

ଶ୍ରୀମାନ୍ ସେଠ୍ ଅବ୍‌ଦୁଲ୍ଲାଃ ଭାଇ ଆଲାଦ୍ଦିନ୍ ସାହେବ ଲେଖିଛନ୍ତି: ୧୯୧୮ ମସିହାରେ ମୁଁ ମୋ ପୁଅ ଅଲି ମୁହମ୍ମଦ ସାହେବଙ୍କୁ ଏବଂ ସେଠ୍ ଆଲାଦ୍ଦିନ୍ ଇବ୍ରାହିମ୍ ଭାଇ ନିଜର ପୁଅ ଫାଜିଲ୍ ଭାଇଙ୍କୁ ଶିକ୍ଷା ଗ୍ରହଣ କରିବା ଉଦ୍ଦେଶ୍ୟରେ କାଦିଆନ୍ ପଠାଇଲୁଁ । ଅଲି ମୁହମ୍ମଦ ୧୯୨୦ ମସିହାରେ ମେଟ୍ରିକ୍ ପାସ କରିନେଲେ । ତାଙ୍କୁ ଲଣ୍ଡନ ଯିବାର ଥିଲା । ଦୁଇଜଣଯାକ ଘରକୁ ଲେଉଟିବା ପାଇଁ ପ୍ରସ୍ତୁତି ଚଳାଇ ଥିଲେ ଯେ ଏତିକି ବେଳେ ଅଚାନକ ଫାଜିଲ୍ ଭାଇକୁ Typhoid ଜ୍ୱର ହୋଇଗଲା । ନୂର୍ ହସ୍ପିଟାଲ୍‌ର ସମ୍ମାନୀୟ ଡ଼ାକ୍ତର ଶ୍ରୀମାନ୍ ହଶ୍‌ମତୁଲ୍ଲାଃ ସାହେବ ଯାହା କିଛି ତାଙ୍କ ଦ୍ୱାରା ସମ୍ଭବ ସବୁ ଚିକିତ୍ସା କଲେ । ସ୍ୱାସ୍ଥ୍ୟ ଠିକ୍ ମଧ୍ୟ ହୋଇଗଲା କିନ୍ତୁ ଖାଦ୍ୟର ସନ୍ତୁଳନ ନ ରହିବା ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟ ପୁଣି ଏତେ ଖରାପ ହୋଇଗଲା ଯେ ଜୀବନର ଆଶା ରହିଲାନାହିଁ । ଯେତେବେଳେ ଏହି ଖବର ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଦ୍ୱିତୀୟ ର:ଅଙ୍କୁ ମିଳିଲା ହଜୁର ସ୍ୱୟଂ ବୋର୍ଡ଼ିଂକୁ ଆସିଲେ ଏବଂ ବହୁ ସମୟ ଧରି ଦୁଆ (ପ୍ରାର୍ଥନା) କଲେ । ତା'ପରେ ତାଙ୍କ ସ୍ୱାସ୍ଥ୍ୟ ଚମତ୍କାର ଭାବେ ସୁଧୁରିବାକୁ ଲାଗିଲା ଏବଂ ଖୁଦାତାଲାଙ୍କ କୃପାରୁ ନୂଆ ଜୀବନ ମିଳିଗଲା । ବାସ୍ତବିକ ହଜ୍‌ରତ୍ ରସୁଲେ କରିମ୍ ସ:ଆ:ସ ଯେଉଁ କଥା କହିଛନ୍ତି କି "ମୃତ୍ୟୁ ଟଳେ ନାହିଁ କିନ୍ତୁ ଦୁଆ ଦ୍ୱାରା ଟଳିଯାଏ" ଏହି ସତ୍‌ବାଣୀକୁ ଆମେ ସ୍ପଷ୍ଟ ଭାବେ ନିଜ ଆଖିରେ ଦେଖିନେଲୁ । ଅଲ୍‌ହମ୍‌ଦୁ ଲିଲ୍ଲାହ୍- ***(ଅଲ୍‌ହକମ୍ ଡ଼ିସେମ୍ବର ୧୯୩୯, ଜୁବୁଲି ସଂଖ୍ୟା ପୃ-୩୭)***

ସେହିପରି ଶ୍ରୀମାନ୍ ମଲକ ହବିବୁଲ୍ଲାଃ ସାହେବ ରିଟାଏଡ଼୍ ଡ଼େପୁଟି ଇନିସ୍‌ପେକ୍ଟର ଅଫ୍ ସ୍କୁଲ (Dy Inspector of School) ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ଦୁଆ ଗ୍ରହଣୀୟ ହେବା ସମ୍ବନ୍ଧରେ ଲେଖୁଛନ୍ତି: "ଶୁଯାବାଦ୍‌ରେ ରହଣି ସମୟରେ ମତେ ଏପରି ଏକ ରୋଗ ହୋଇଗଲା ଯାହା ମତେ ଦୁର୍ବଳ କରିଦେଲା ଓ ମୋର ଅବସ୍ଥା ମୃତ ବ୍ୟକ୍ତିଙ୍କ ସଦୃଶ ହୋଇଗଲା । କିଛି ଦିନ ଅନ୍ତରାଳେ ପେଟରେ ଏତେ ଯନ୍ତ୍ରଣା ହେଉଥିଲା ଯେ ମୁଁ ବେହୋଶ୍ ହୋଇଯାଉଥିଲି । ଊଣା ଅଧିକେ ଦୁଇବର୍ଷ ପର୍ଯ୍ୟନ୍ତ ମୁଁ ସବୁପ୍ରକାରର ଚିକିତ୍ସା କଲି କିନ୍ତୁ କିଛି ଲାଭ ହେଲାନାହିଁ ବରଂ ଦିନକୁ ଦିନ ଅବସ୍ଥା ବିଗିଡ଼ି ଚାଲିଲା । ଶେଷରେ ମୁଁ ଥକିହାରି ଅମୃତସରର ସରକାରୀ ଡ଼ାକ୍ତରଖାନାରେ ଆଡ଼୍‌ମିଟ୍ ହେଲି । ସେଠାରେ ପରୀକ୍ଷା କରାଗଲା ଏବଂ ଏ ନିଷ୍ପତି ନିଆଗଲା ଯେ ମୋ ପିତ ଓ ଆପେଡ଼ିଂକ୍‌ସ ଉଭୟଙ୍କର ଅପରେଶନ ହେବ । ଏଥିରେ ମୁଁ ବ୍ୟତିବ୍ୟସ୍ତ ହୋଇଗଲି ତେଣୁ ଦିନେ ମୁଁ ବିନା ଅନୁମତିରେ ଡ଼ାକ୍ତରଖାନାରୁ ଚାଲିଆସିଲି ଓ କାଦିଆନ୍‌ରେ ପହଂଚିଗଲି । ପୁଣି ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଦ୍ୱିତୀୟ ର:ଅଙ୍କ ଗୋଚରରେ ଉପସ୍ଥିତ ହୋଇ ସବୁ ଘଟଣା ଜଣାଇଲି । ହଜୁର ର:ଅ ଧ୍ୟାନର ସହିତ ଶୁଣି କହିଲେ: ଆପଣଙ୍କୁ କିଛି ହୋଇନାହିଁ ହଁ ପିତରେ କିଛିଟା ଅସୁବିଧା ରହିଛି ଆପଣ ଚିକିତ୍ସା କରନ୍ତୁ ମୁଁ ଦୁଆ କରିବି ଇନ୍‌ଶାଅଲ୍ଲାଃ ଆରାମ୍ ମିଳିବ । ତା'ପରେ ମତେ ବିଶ୍ୱାସ ହୋଇଗଲା ଯେ ମୁଁ ସୁସ୍ଥ ହୋଇଯିବି । ତେଣୁ ମୁଁ ମୋ ଚାକିରିକୁ ଚାଲିଗଲି ଏବଂ ମୁଲ୍‌ତାନ୍‌ର ଜଣେ ହକିମ୍‌ଙ୍କଠାରୁ ମାମୁଲି ଔଷଧ ନେଇ ବ୍ୟବହାର କରିବାକୁ ଲାଗିଲି ଠିକ୍ ଏକ ମାସ ପରେ ରୋଗର ଚିହ୍ନବର୍ଣ୍ଣ ନଥିଲା । ଯେବେ କି ଆ ପୂର୍ବରୁ ଊଣା ଅଧିକେ ଦୁଇବର୍ଷ ପର୍ଯ୍ୟନ୍ତ ୟୁନାନି ଏବଂ ଇଂରାଜୀ ଔଷଧ ବ୍ୟବହାର କରିସାରିଥିଲି । ଅତଏବ୍ ଏହା କେବଳ ହଜୁର ର:ଅଙ୍କ ଦୁଆ ର ଚମତ୍କାରୀ ପ୍ରଭାବ ଥିଲା ଯାହା ମୋ ପରିକା ମୃତ ସଦୃଶ ରୋଗୀକୁ ଆରୋଗ୍ୟ କରିଦେଲା । ତା'ପରେ ଖୁଦାଙ୍କ କୃପାରୁ ଆଜି ପର୍ଯ୍ୟନ୍ତ ମତେ ପେଟ ଯନ୍ତ୍ରଣା ହୋଇନାହିଁ । ଯେବେ କି ମୁଁ ଖାଦ୍ୟ ଖାଇବାରେ ବହୁତ ବଦ୍‌ପର୍‌ହେଜି (ଅନିୟମିତତା) କରିଥାଏ ।" ***(ରୋଜ୍‌ନାମା ଅଲ୍‌ଫଜଲ୍ ୨୦ ମାର୍ଚ୍ଚ ୧୯୬୬, ପୃ-୫)***

ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍ ଫେବୃୟାରୀ ୧୯୯୮ ମସିହାରେ ଶ୍ରୀମାନ୍ ମୁହମ୍ମଦ ଅହ୍‌ମଦ୍ ମଲକ୍ ସାହେବ୍ ନିଜର ଏକ ନିବନ୍ଧରେ ଲେଖୁଛନ୍ତି ଯେ "ଥରେ ସେ ଖଲିଫତୁଲ୍ ମସିହ୍ ଦ୍ୱିତୀୟ ର:ଅଙ୍କ ନିକଟକୁ ଦୁଆ ନିମନ୍ତେ ଚିଠି ଲେଖିଲେ ଏବଂ ନିବେଦନ କଲେ ଯେ ତାଙ୍କ ପତ୍ନୀ ଏକ ମହିଳା ଜନିତ ଅସାଧ ରୋଗରେ ପିଡ଼ିତା । ଚିକିତ୍ସା କରିବା ସତ୍ୱେ ମଧ୍ୟ ରୋଗ ବଢ଼ି ବଢ଼ି ଚାଲିଛି ଏପରି କି ସେ ଜୀବନରୁ ନିରାଶ ହୋଇଯାଇଛନ୍ତି । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଦ୍ୱିତୀୟ ର:ଅ ଈଶ୍ୱରଙ୍କ ଛାମୁରେ ପ୍ରାର୍ଥନା କଲେ ଏବଂ ଉତର ଲେଖି ପଠାଇଲେ ଯେ "ଠିକ୍ ହୋଇଯିବେ" ଏହି ଅବଧିରେ ତାଙ୍କ ପତ୍ନୀ ସ୍ୱପ୍ନରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କୁ ଏହା କହିବାର ଶୁଣିଲେ ଯେ "ଦୁଆକୁ ଔଷଧ ରୂପେ ବ୍ୟବହାର କରିଚାଲ" ଅତଏବ ଏହା ଅସାଧ ରୋଗ ଥିବା ସତ୍ୱେ ମଧ୍ୟ ଆରୋଗ୍ୟ ଲାଭ ହେଲା ଓ ସନ୍ତାନ ମଧ୍ୟ ପ୍ରାପ୍ତ ହେଲା ।" ***(ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍ ୨୦ ଫେବୃୟାରୀ ୧୯୯୮)***

***ଗଏର୍ ମୁମ୍‌କିନ୍ କୋ ୟେ ମୁମ୍‌କିନ୍ ମେଁ ବଦଲ୍ ଦେତି ହୈ ଅଏ ମେରେ ଫଲ୍‌ସଫିଓ ! ଜୋରେ ଦୂଆ ଦେଖୋ ତୋ (କଲାମେ ମେହ୍‌ମୁଦ୍)***

ଯେବେ ଆମେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ତୃତୀୟ ରହେମୁଲ୍ଲାଃଙ୍କ ଯୁଗକୁ ଦେଖିବା ତେବେ ମହାଭାଗଙ୍କ ଦୁଆ ଗ୍ରହଣୀୟ ହେବାର ଆଶ୍ଚର୍ଯ୍ୟଜନକ ନମୁନା ଦେଖିବାକୁ ପାଇବା । ଶ୍ରୀମାନ୍ ମିଆଁ ମୁହମ୍ମଦ ଅସ୍‌ଲମ୍ ପତୁକି ସାହେବ୍ ଲେଖୁଛନ୍ତି ଯେ ମୁଁ ୧୧ ନଭେମ୍ବର ୧୯୬୩ ମସିହାରେ ଅହେମଦୀୟତ ଗ୍ରହଣ କଲି ଏବଂ ୯ ଏପ୍ରିଲ୍ ୧୯୬୫ ମସିହାରେ ମୋର ବିବାହ ହେଲା । ବାର ବର୍ଷ ପର୍ଯ୍ୟନ୍ତ ମୋର କୌଣସି ପିଲାପିଲି ହେଲେ ନାହିଁ । ମୋର ସବୁ ବନ୍ଧୁବାନ୍ଧବ ଗଏର୍ ଅହେମଦୀ (ଅଣଅହେମଦୀ)ଥିଲେ ଓ ମତେ ବିରୋଧ କରୁଥିଲେ । ଗାଁର ସବୁ ଲୋକମାନେ ମଧ୍ୟ ଏକଥା କହୁଥିଲେ ଯେ ଯେହେତୁ ଇଏ କାଦିଆନି ହୋଇଯାଇଛି ତେଣୁ ସେ ଅବ୍‌ତର୍ ରହିବ (ନଉଜୁବିଲ୍ଲାଃ) । (ଅର୍ଥାତ ତା'ର ପୁତ୍ର ସନ୍ତାନ ହେବନାହିଁ) । ମୁଁ ସବୁ ପ୍ରକାରର ଚିକିତ୍ସା କଲି କିନ୍ତୁ ସନ୍ତାନ ପ୍ରାପ୍ତି ହେଲା ନାହିଁ । ସେପଟେ ମୋ ପତ୍ନୀ ମଧ୍ୟ ମୋ ବନ୍ଧୁବାନ୍ଧବଙ୍କ ଲାଞ୍ଛନା ଶୁଣି ଶୁଣି ମୋର ଦ୍ୱିତୀୟ ବିବାହ ପାଇଁ ରାଜି ହୋଇଗଲେ । ଏହି ଅବଧିରେ ମୁଁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଦ୍ୱିତୀୟ ର:ଅଙ୍କ ଗୋଚରରେ ସୁବଘଟଣା ଲେଖି ନିବେଦନ କଲି ଯେ ଖୁଦାତାଲା ମତେ ସନ୍ତାନ ଦିଅନ୍ତୁ । ହଜୁର ମତେ ଚିଠିରେ ଉତର ଦେଲେ ଯେ "ଅଲ୍ଲାଃ ତାଲା ଆପଣଙ୍କୁ କେବେ ବି ନଷ୍ଟ କରିବେ ନାହିଁ ଏବଂ ନିଶ୍ଚିତ ରୂପେ ପୁତ୍ର ସନ୍ତାନ ପ୍ରଦାନ କରିବେ" । ହଜୁରଙ୍କ ଏହି ଦୁଆ ର ସୌଭାଗ୍ୟରୁ ଏବେ ମୋ ଘରେ ଚାରିଜଣ ପୁତ୍ର ସନ୍ତାନ ଅଛନ୍ତି । ସବୁ ଲୋକେ ଆଶ୍ଚର୍ଯ୍ୟ ହୋଇଗଲେ ଯେ ଏ ସନ୍ତାନ କିପରି ଜନ୍ମ ହେଲେ ଯେବେ କି ଲେଡ଼ି ଡ଼ାକ୍ତରମାନେ ଏକଥା କହିଥିଲେ ଯେ ଏହି ମହିଳାଙ୍କ ଗର୍ଭରୁ ସନ୍ତାନ ଜନ୍ମ ନେବାର ପ୍ରଶ୍ନ ହିଁ ଉଠୁନାହିଁ । ମୁଁ ଏହାର ଉତରରେ ନିଜର ଗଏର୍ ଅହେମଦୀ ବନ୍ଧୁବାନ୍ଧବମାନଙ୍କୁ ଏକଥା କହିଥାଏ ଯେ ଏହା ହେଉଛି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତାର ଜୀବନ୍ତ ନିଦର୍ଶନ ଯାହା ଅଲ୍ଲାଃ ତାଲା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଦ୍ୱିତୀୟ ର:ଅଙ୍କ ଦୁଆ ର ଆର୍ଶିବାଦରୁ ପ୍ରକାଶ ହୋଇଛି । ***(ମାହ୍‌ନାମା ଖାଲିଦ୍, ସୟଦନା ନାସିର୍ ସଂଖ୍ୟା, ଏପ୍ରିଲ୍-ମଇ ୧୯୮୩, ପୃ-୨୯୨-୨୯୩)***

ଶ୍ରୀମାନ୍ ଚୌଧୁରୀ ମୁହମ୍ମଦ ସଇଦ୍ କଲିମ୍ ସାହେବ୍ ଦାରୁଲ୍ ଉଲୁମ୍ ଗର୍‌ବି ରବ୍‌ୱା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଦ୍ୱିତୀୟ ରହେମୁଲ୍ଲାଃଙ୍କ ଦୁଆ ଗ୍ରହଣୀୟ ହେବାର ଏକ ଘଟଣା ଏପରି ଲେଖିଛନ୍ତି ଯେ "ମୋ ବୋହୁ ଯିଏ ଆଜିକାଲି ଜର୍ମାନୀରେ ରହୁଛନ୍ତି ତାଙ୍କ ପେଟରେ ଭିଷଣ ଯନ୍ତ୍ରଣା ହେଉଥିଲା । ତେଣୁ ସେଠିକାର ଡ଼ାକ୍ତରମାନେ ଏ ପରାମର୍ଶ ଦେଲେ ଯେ ଅପରେଶନ୍ କରିଦିଅ । ମୁଁ ଏହି ଚିଠିକୁ ନେଇ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଦ୍ୱିତୀୟ ରହେମୁଲ୍ଲାଃଙ୍କ ନିକଟରେ ପେଶ୍ କଲି ଏବଂ ନିବେଦନ କଲି ଯେ ହଜୁର ଦୁଆ କରନ୍ତୁ ଯେ ମୋ ବୋହୁ ବିନା ଅପରେଶନ୍‌ରେ ଠିକ୍ ହୋଇଯାଆନ୍ତୁ । ଏଥିରେ ମହାଭାଗ ରହେମୁଲ୍ଲାଃ କହିଲେ "ତାଙ୍କୁ ଲେଖିଦିଅ ଯେ ଅପରେଶନ୍ କରିବେନାହିଁ ମୁଁ ଦୁଆ କରିବି ସେ ଠିକ୍ ହୋଇଯିବେ ।" ଅତ୍‌ଏବ ମୁଁ ହଜୁରଙ୍କ ଆଦେଶକୁ ଲେଖି ଜଣାଇଦେଲି ଏବଂ ସେ ବିନା ଅପରେଶନ୍‌ରେ ଠିକ୍ ହୋଇଗଲେ ଓ ଏ ପର୍ଯ୍ୟନ୍ତ ଠିକ୍ ଅଛନ୍ତି ଅଲ୍‌ହମ୍‌ଦୁ ଲିଲ୍ଲାହ" ***(ମାହନାମା ଖାଲିଦ୍ ସୟଦନା ନାସିର୍ ସଂଖ୍ୟା ଏପ୍ରିଲ୍-ମଇ ୧୯୮୩, ପୃ-୨୯୧)***

ପୁଣି ଚତୁର୍ଥ ଖଲିଫାଙ୍କ ସମୟରେ ମଧ୍ୟ ଦୁଆ ଗ୍ରହଣୀୟ ହେବାର ଅଜବ ଦୃଶ୍ୟ ଦେଖିବାକୁ ମିଳିଥାଏ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଚତୁର୍ଥ ରହେମୁଲ୍ଲାଃଙ୍କ ଦୁଆ ଗ୍ରହଣୀୟ ହେବାର ଘଟଣାବଳୀଗୁଡ଼ିକ ମଧ୍ୟରୁ ଗୋଟିଏ ଦୁଇଟି ଏଠାରେ ଉପସ୍ଥାପନ କରୁଅଛି ।

"ଡ଼ାକ୍ତର ସୟଦ୍ ବରକାତ୍ ଅହ୍‌ମଦ୍ ସାହେବ୍ ଇଣ୍ଡିଆନ୍ ଫରେନ୍ ସର୍‌ଭିସ୍‌ରେ ଥିବା ବେଳେ ଅନେକ ପୁସ୍ତକ ରଚନା କରିଛନ୍ତି । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଚତୁର୍ଥ ରହେମୁଲ୍ଲାଃଙ୍କ ପୁସ୍ତକ "ମଜ୍‌ହବ୍ କେ ନାମ୍ ପର୍ ଖୁନ୍" (ଧର୍ମ

ନାମରେ ହତ୍ୟା)ର ସେ ଇଂରାଜୀ ଅନୁବାଦ କଲେ । ସେ ମୁତ୍ରାଶୟ କ୍ୟାନସ୍‌ର ରୋଗରେ ପିଡ଼ିତ ଥିଲେ । ତାଙ୍କର ଆମେରିକାରେ ଆଠଘଂଟାର ଅସଫଳ ଅପରେଶନ୍ ହୋଇଥିଲା । ଡ଼ାକ୍ତରମାନେ ଚାରିରୁ ଛଅ ସପ୍ତାହ ବଂଚିବେ ବୋଲି ବତାଇଥିଲେ । ସେ ହଜୁରଙ୍କ ଗୋଚରରେ ଦୁଆ କରିବାପାଇଁ ଦରଖାସ୍ତ କଲେ । ଉତର ଆସିଲା ଦୁଆ କରିବାପାଇଁ ଆପଣଙ୍କର ଆବେଗପୂର୍ଣ୍ଣ ଚିଠି ଖୁବ୍ ପ୍ରଭାବ ପକାଇଲା ଏବଂ ଆପଣଙ୍କ ପାଇଁ ଅତ୍ୟନ୍ତ ବିନମ୍ରପୂର୍ଣ୍ଣ ଦୁଆ କରିବାକୁ ସୌଭାଗ୍ୟ ମିଳିଲା । ଦୁଆ କରିବା ସମୟରେ ଏମିତି ଏକ ବେଳ ଆସିଲା ଯେ ମୋ ଶରୀର ଥରି ଉଠିଲା । ମୁଁ କରୁଣାମୟ ଈଶ୍ୱରଙ୍କ ନିକଟରେ ଆଶାବାନ୍ଧି ବସିଛି ଯେ ଏହା ଦୁଆ ଗ୍ରହଣୀୟ ହେବାର ନିଦର୍ଶନ/ଚିହ୍ନ/ଲକ୍ଷଣ ଥିଲା । ଅତଏବ୍ ହଜୁରଙ୍କ ଦୁଆ ଗ୍ରହଣୀୟ ହେବା ଫଳରେ ଖୁଦାଙ୍କ କୃପାରୁ ସେ ଚାରିବର୍ଷ ପର୍ଯ୍ୟନ୍ତ ସକ୍ରିୟ ଜ୍ଞାନବର୍ଦ୍ଧକ ଏବଂ ଗବେଷଣାପୂର୍ଣ୍ଣ ଜୀବନ ବିତାଇଲେ । ଡ଼ାକ୍ତରମାନେ ତାଙ୍କର ଏଭଳି ସକ୍ରିୟ ଜୀବନ ଓ କର୍ମମୟ ଅନୁସନ୍ଧପୂର୍ଣ୍ଣ ଜୀବନ ବିତାଇବାକୁ ଦେଖି ଆଶ୍ଚର୍ଯ୍ୟଚକିତ ଥିଲେ । ବର୍‌କାତ୍ ସାହେବ୍ ସେମାନଙ୍କୁ କହନ୍ତି ଆମ ଆଧ୍ୟାତ୍ମିକ ଗୁରୁଙ୍କ ଦୁଆ ଈଶ୍ୱର ଶୁଣିନେଲେ । ଏଥିରେ ଡ଼ାକ୍ତରମାନେ ମୁଣ୍ଡ ହଲାଇ କହୁଥିଲେ ହଁ ଏହା ଚମତ୍କାର, ଚମତ୍କାର ।" ***(ଅଲ୍‌ଫଜଲ୍ ୯ ଡ଼ିସେମ୍ବର ୨୦୦୦ ମସିହା ବହୱାଲା ଦୈନିକ ଅଲ୍‌ଫଜଲ୍ ସୟଦନା ତାହେର୍ ସଂଖ୍ୟା, ୨୭ ଡ଼ିସେମ୍ବର ୨୦୦୩, ପୃ-୫୩)***

ସେହିପରି ଆଉ ଏକ ବିଶ୍ୱାସ ବର୍ଦ୍ଧକ ଘଟଣା ଏପରି ରହିଛି "ଇରାନ୍ ଦେଶରୁ ଡ଼ାକ୍ତର ଫାତିମା ଜୋହ୍‌ରାଃ ଲେଖୁଛନ୍ତି ଯେ ମୋର ଏକମାତ୍ର ପୁତ୍ରର ଡ଼ାହାଣପାର୍ଶ୍ୱ ଗୋଡ଼ର ଦୃବଳତା ଯୋଗୁଁ ସେ ବେମାର ହୋଇଗଲା ଏବଂ ଦିନକୁ ଦିନ ଅବସ୍ଥା ବିଗିଡ଼ିଗଲା । ଏପରି କି ସେ ଛୋଟେଇ ଛୋଟେଇ ଚାଲିବାକୁ ଲାଗିଲା । ବିଶେଷଜ୍ଞ ଡ଼ାକ୍ତରଙ୍କୁ ଦେଖାହେଲା କିନ୍ତୁ ଉପଚାରର କୌଣସି ନିର୍ଣ୍ଣୟ ହୋଇପାରିଲା ନାହିଁ ଏବଂ ସେମାନେ ପିଲାର ସ୍ୱାସ୍ଥ୍ୟ ସମ୍ବନ୍ଧରେ ନିରାଶ ପ୍ରକାଶ କଲେ । ସେ କହୁଛନ୍ତି ଯେ ମତେ ଅଚାନକ ଦୁଆ କରିବାକୁ ଖିଆଲ୍ ଆସିଲା । ଏହି ଭାବନା ଆସିବା କ୍ଷଣି ମୁଁ ନିଜେ ମଧ୍ୟ ଦୁଆ କଲି ଓ ଆପଣଙ୍କୁ (ଅର୍ଥାତ ହଜୁରଙ୍କୁ) ମଧ୍ୟ ଦୁଆ କରିବା ନିମନ୍ତେ ଚିଠି ଲେଖିଲି । ଅଲ୍ଲାଃ ତାଲାଙ୍କର ଏ ବୈଭବ ଯେ ସେହି ରୋଗୀ ଯାହାଙ୍କ ସମ୍ବନ୍ଧରେ ଡାକ୍ତରମାନେ ଉପାୟ ଶୂନ୍ୟ ହୋଇ ଅସାଧ ରୋଗ ରୂପେ ଅଭିହିତ କରିଥିଲେ ସେ ସେହି ଦିନଠାରୁ ଆରୋଗ୍ୟ ଲାଭ କରିଚାଲିଲା ଏବଂ ଡ଼ାକ୍ତରମାନେ ତା ରୋଗ ବିଷୟରେ କିଛି ବୁଝିପଡୁନଥିବା ଯୋଗୁଁ ଚିକିତ୍ସା କରିବାରୁ ବଂଚିତ ଥିଲେ । ଏହା ସତ୍ତ୍ୱେ ମଧ୍ୟ ବିନା ଚିକିତ୍ସାରେ ସେହି ଦିନଠାରୁ ଦେଖୁ ଦେଖୁ ତା'ର ଅବସ୍ଥା ବଦଳିବାକୁ ଲାଗିଲା ଏବଂ ଅଲ୍ଲାଃଙ୍କ କୃପାରୁ ଏବେ ମୁଁ ଏ ଘଟଣା ଲେଖୁଥିବା ସମୟରେ ସେ ସମ୍ପୁର୍ଣ୍ଣ ରୂପେ ଠିକ୍ ଅଛି ।" ***(ବହୱାଲା ଖୁତ୍‌ବାତେ ତାହେର୍, ଖଣ୍ଡ-୫, ପୃ-୫୨୬ ଖୁତ୍‌ବା ଯୁମା ପ୍ରଦତ ୨୫ ଜୁଲାଇ ୧୯୮୬)***

ଏବେ ମୁଁ ଆମର ଉପସ୍ଥିତ ଇମାମ୍ ସୟଦନା ହଜ୍‌ରତ୍ ଅକ୍‌ଦସ୍ ମିର୍ଜା ମସ୍‌ରୁର୍ ଅହ୍‌ମଦ୍ ସାହେବ ଖଲିଫତୁଲ ମସିହ୍ ପଂଚମ ଅ:ବ:ଅଙ୍କ ଦୁଆ (ପ୍ରାର୍ଥନା) ଗ୍ରହଣୀୟ ହେବାର କିଛି ଘଟଣାବଳୀ ଉପସ୍ଥାପନ କରିବି ଯାହାକୁ ବର୍ତମାନ ଯୁଗରେ ବିଶ୍ୱବ୍ୟାପୀ ଯମାତ୍ ଅହେମଦୀୟାର ସଦସ୍ୟମାନେ ନିଜେ ପରିଲକ୍ଷିତ କରୁଅଛନ୍ତି ।

ଜଲ୍‌ସା ସାଲାନା ଜର୍ମାନୀ ୨୦୧୫ ଅବସରରେ ବୁଲ୍‌ଗେରିୟା ଦେଶର ଜଣେ ନୂଆ ଅହେମଦୀ ବନ୍ଧୁ Etem ସାହେବ ନିଜର ପରିବାର ସହିତ ଜଲ୍‌ସାରେ ସାମିଲ ହୋଇଥିଲେ । ସେ ମହାଶୟ କିଛି ବର୍ଷ ପୂର୍ବେ ଇସାଇରୁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଛନ୍ତି କିନ୍ତୁ ତାଙ୍କ ପତ୍ନୀ ଏପର୍ଯ୍ୟନ୍ତ ବୟତ କରିନଥିଲେ । ତାଙ୍କ କହିବାର ଏହା ଥିଲା କି ମୋର ତିନିଜଣ ଝିଅ ଅଛନ୍ତି ଯଦି ମତେ ପୁତ୍ର ସନ୍ତାନ ପ୍ରାପ୍ତ ହେବ ତେବେ ମୁଁ ମଧ୍ୟ ଅହେମଦୀ ହୋଇଯିବି । ସେ ମହାଶୟା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ପଂଚମ ଅ:ବ:ଅଙ୍କୁ ଦୁଆ କରିବାପାଇଁ ଦରଖାସ୍ତ କଲେ । ତା' ପରବର୍ଷ ଯେବେ ସେ ପୂର୍ନବାର ଜଲ୍‌ସାରେ ସାମିଲ ହେଲେ ସେତେବେଳେ ସେ ସାତ ମାସର ଗର୍ଭବତୀ ଥିଲେ । ସାକ୍ଷାତକାର ସମୟରେ ସେ ହଜୁରଙ୍କୁ ପିଲାଟିର ନାମ ରଖିବାପାଇଁ ନିବେଦନ କଲେ । ହଜୁର କେବଳ ପୁଅ ପିଲାର ନାମ "ଜାୱେଦ୍" ରଖିଲେ ।

ଜଲ୍‌ସାରୁ ଲେଉଟି ଯିବା ପରେ ସେହି ମହିଳାଜଣଙ୍କ ମୁବଲ୍ଲିଗ୍ ସାହେବଙ୍କୁ କହିଲେ ଯେ ଡ଼ାକ୍ତରମାନେ ବତାଇଛନ୍ତି ଯେ ମୋ ଗର୍ଭରେ ଝିଅପିଲାଟିଏ ଅଛି ତେଣୁ ହଜୁରଙ୍କ ନିକଟକୁ ଆଉ ଏକ ଚିଠି ଲେଖନ୍ତୁ ଯେ ହଜୁର ଝିଅ ପିଲା ନାମ ଦିଅନ୍ତୁ । ଏଥିରେ ମୁବଲ୍ଲିଗ୍ ସାହେବ କହିଲେ ଯେ ଆପଣ ତ ଏକଥା କହିଥିଲେ ଯେ ଯଦି ପୁଅ ହେବ ତେବେ ଅହେମଦୀ ହୋଇଯିବେ । ଏବେ ହଜୁର କେବଳ ପୁଅ ନା ରଖିଛନ୍ତି ତେଣୁ ଇନ୍‌ଶାଅଲ୍ଲାଃ ପୁଅ ହିଁ ହେବ । ଡ଼ାକ୍ତର ଯାହା ମନେ ତାହା କହନ୍ତୁ, ସେମାନଙ୍କ ମିଶିନ୍ ଯାହା ପାଇଲେ ତାହା ଜଣାଉ କିନ୍ତୁ ଏବେ ଆପଣଙ୍କର ପୁଅ ହିଁ ହେବ କାରଣ ଖଲିଫତୁଲ୍ ମସିହ୍ ପୁଅ ନାଁ ରଖିଛନ୍ତି । ଏକଥା ଶୁଣି ସେ ମହିଳା କହିଲେ ମୁଁ ତ ଅହେମଦୀ ହୋଇସାରିଛି । ଅତଏବ ପିଲାଟି ଜନ୍ମ ହେଲା ଓ ଅଲ୍ଲାଃ ତାଲା ତାଙ୍କୁ ପୁତ୍ର ସନ୍ତାନ ପ୍ରଦାନ କଲେ । ସେ ଜଲ୍‌ସା ସମୟରେ ସେହି ପୁଅଟିକୁ ସାଥିରେ ଧରି ଆସିଥିଲେ ଓ ଲୋକମାନଙ୍କୁ କହି ବୁଲୁଥିଲେ ଦେଖ ଇଏ ହେଉଛି ଯୁଗ ଖଲିଫାଙ୍କ ଦୁଆ ଗ୍ରହଣୀୟ ହେବାର ନିଦର୍ଶନ/ନିଶାନ୍ । ***(ଅଲ୍‌ଫଜଲ୍ ଇଂଟରନ୍ୟାଶ୍‌ନାଲ୍ ୨୫ ଡ଼ିସେମ୍ବର ୨୦୧୫, ପୃ-୧୫)***

ସେହିଭଳି ହଜୁର ଅ:ବ:ଅଙ୍କ ଦୁଆ ଗ୍ରହଣୀୟ ହେବାର ଆଉ ଏକ ବିଶ୍ୱାସବର୍ଦ୍ଧକ ଓ ଅତ୍ୟନ୍ତ ମଜାଦାର୍ ଘଟଣା ପଢ଼ିବା ଓ ଶୁଣିବା ଯୋଗ୍ୟ: ୨୦୦୪ ମସିହାରେ ଆଫ୍ରିକା ଗସ୍ତ ସମୟରେ ଯେବେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ପଂଚମ ଅ:ବ:ଅ ନାଇଜେରିଆ ଦେଶରୁ ଯାଇ ବେନିନ୍ ଦେଶରେ ପହଂଚିଲେ ଏବଂ ମିଶନ୍ ହାଉସ୍‌ରେ ଆଗମନ ହେବା ସମୟରେ ଅସର ନମାଜର ସମୟ ଥିଲା । ଭିଷଣ ମୁସଳଧାର ବର୍ଷା ହେଉଥିଲା । ନମାଜ ପଢ଼ିବା ପାଇଁ ପ୍ରାଙ୍ଗଣରେ ଟେଂଟ ଲଗାଯାଇଥିଲା ଓ ତାହା ଚାରିପଟୁ ଖୋଲା ଥିଲା । ପ୍ରବଳ ବର୍ଷା ଯୋଗୁଁ ସେଠାରେ ନମାଜ ପଢ଼ିବା କଷ୍ଟକର ଥିଲା ବରଂ ଛିଡ଼ା ହେବା ମଧ୍ୟ କଷ୍ଟକର ଥିଲା । ହଜୁର ବାହାରକୁ ବାହାରି ନମାଜ ପଢ଼ିବା ସମ୍ବନ୍ଧରେ ପଚାରି ବୁଝିଲେ । ଅମୀର୍ ସାହେବ୍ କହିଲେ ଯେ ବର୍ତମାନ ତ ଭିଷଣ ବର୍ଷା ହେଉଛି ନମାଜ ପାଇଁ ବାହାରେ ଟେଂଟ ଲାଗିଛି କିନ୍ତୁ ବର୍ଷା ଯୋଗୁଁ ଅସୁବିଧା ହେଉଅଛି ।

ହଜୁର ଆକାଶକୁ ଚାହିଁ କହିଲେ: "ଦଶ ମିନିଟ୍ ପରେ ନମାଜ ପଢ଼ିବା" ତା'ପରେ ହଜୁର ଭିତରକୁ ଚାଲିଗଲେ । ଏବେ ଦୁଇ ତିନି ମିନଟ୍ ହିଁ ଯାଇଥିଲା କି ନାହିଁ ଏକଦମ୍ ବର୍ଷା ଥମିଗଲା । ଆକାଶ ନିର୍ମଳ ହୋଇଗଲା, ଦେଖୁଁ ଦେଖୁଁ ସୂର୍ଯ୍ୟ ବାହାରି ଆସିଲା ଏବଂ ସେହି ଟେଂଟ ଭିତରେ ନମାଜ ପଢ଼ିବାର ବ୍ୟବସ୍ଥା ହୋଇଗଲା । ସ୍ଥାନୀୟ ଲୋକମାନେ ଏହି ନିଶାନ୍/ନିଦର୍ଶନକୁ ଦେଖି ବହୁତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଯେ ଯଦି ଏଠାରେ ବର୍ଷା ଆରମ୍ଭ ହୋଇଯାଏ ତେବେ ଅନେକ ଘଂଟା ପର୍ଯ୍ୟନ୍ତ ଜାରି ରହିଥାଏ । ହଜୁର ଦଶ ମିନିଟ୍ କହିଲେ କିନ୍ତୁ ଏହା ତିନିମିନିଟ୍‌ରେ ଶେଷ ହୋଇଗଲା ଏବେ ନା କେବଳ ବର୍ଷା ଛାଡ଼ିଗଲା ବରଂ ବାଦଲ ମଧ୍ୟ ଅଦୃଶ୍ୟ ହୋଇଗଲେ । ***(ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍ ୨୫ ଡ଼ିସେମ୍ବର ୨୦୧୫, ପୃ-୧୪)***

ଅତଏବ୍ ଏଠାରେ ମୁଁ କିଛି ଘଟଣାର ଉଦାହରଣ ଉପସ୍ଥାପିତ କଲି । ଯାହା ଦ୍ୱାରା ଖୁଦାତାଲାଙ୍କ ଦୁଆ ଗ୍ରହଣ କରିବାର ବିଶେଷଗୁଣ ସମ୍ବନ୍ଧରେ ଆମକୁ ଜ୍ଞାତ ହେଉଅଛି ଓ ବିଶ୍ୱାସ ହେଉଛି ଏବଂ ତାହାଙ୍କ ଅସ୍ତିତ୍ୱ ଉପରେ ପୂର୍ଣ୍ଣ ବିଶ୍ୱାସ ମଧ୍ୟ ହେଉଅଛି । ଖୁଦାତାଲା ଦୁଆ ଗ୍ରହଣୀୟ ହେବାର ଦୃଶ୍ୟ ପ୍ରତି ଯୁଗରେ, ପ୍ରତି ଦେଶରେ ଏବଂ ପ୍ରତ୍ୟେକ ସ୍ଥାନରେ ପ୍ରକାଶ କରୁଛନ୍ତି ଏବଂ ଆସନ୍ତାକୁ ମଧ୍ୟ ପ୍ରକାଶ ଜୀବନ୍ତ ଈଶ୍ୱରଙ୍କ ଅସ୍ତିତ୍ୱର ମହାନ ପ୍ରମାଣ ଯାହାକୁ ଇସ୍‌ଲାମ୍ ଉପସ୍ଥାପିତ କରିଛି ଏବଂ ଯାହାକୁ ଅଲ୍ଲାଃଙ୍କ କୃପାରୁ ଜମାତ୍ ଅହେମଦୀୟା ଏକଶତାବ୍ଦିରୁ ଉର୍ଦ୍ଧ୍ୱ ସମୟ ହେବ ଦୁନିଆ ସାମନାରେ ଉପସ୍ଥାପନ କରି ଆସୁଅଛି ଯେ ଆମ ଈଶ୍ୱର ଦୁଆ (ପ୍ରାର୍ଥନା) ଶୁଣୁଛନ୍ତି ଏବଂ ପ୍ରାର୍ଥନାର ଉତର ମଧ୍ୟ ଦେଉଛନ୍ତି ଏବଂ ତାହାର ମିଠା ଫଳ ମଧ୍ୟ ପ୍ରଦାନ କରୁଛନ୍ତି ।

ଶେଷରେ ମୁଁ ହଜରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କର ଗୋଟିଏ ଇକ୍‌ତିବାସ୍ (ଆଲେଖ୍ୟର ଉଦ୍ଧୃତାଂଶ) ଉପସ୍ଥାପନ କରି ଏହି ବିଷୟ ବସ୍ତୁକୁ ସମାପ୍ତ କରିବାକୁ ଚାହିଁବି । ହଜୁର ଆ:ସ କହୁଛନ୍ତି: "ମୁଁ ସତ୍ୟ କହୁଅଛି ଯେ ଯଦି ଅଲ୍ଲାଃ ତାଲାଙ୍କ ନିକଟରେ ଆମର ଚିତ୍କାର ଏହିପରି ଆକଲୁ ନିବେଦନ ଓ ବ୍ୟାକୁଳତାର ସହିତ ହୁଏ ତେବେ ତାହା ଅଲ୍ଲାଃ ତାଲାଙ୍କ କୃପା ଓ କରୁଣାକୁ ଉତ୍ସାହିତ କରିଥାଏ ଓ ତାକୁ ଟାଣିଆଣିଥାଏ । ମୁଁ ନିଜ ଅନୁଭୁତିରୁ କହୁଅଛି ଯେ ଖୁଦାଙ୍କ କୃପା ଓ ଦୟାକୁ ଯାହା ଦୁଆ ଗ୍ରହଣୀୟ ହେବା ଦ୍ୱାରା ଆସିଥାଏ, ମୁଁ ନିଜ ଆଡ଼କୁ ଟାଣିବାର ଅନୁଭବ କରିଛି । ବରଂ ମୁଁ ତ ଏହା କହିବି ଯେ ଦେଖିଛି । ହଁ ଆଜିକାଲି ଯୁଗର ଅନ୍ଧକାର ପୂର୍ଣ୍ଣ ମସ୍ତିଷ୍କ ରଖିଥିବା ଦାର୍ଶନିକମାନେ ଏହାକୁ ନା ଅନୁଭବ କରିପାରନ୍ତି ନା ଦେଖିପାରନ୍ତି । କିନ୍ତୁ ଏଥିଯୋଗୁଁ ଏହି ସତ୍ୟତା ଦୁନିଆରୁ ଉଠିଯାଇପାରିବ ନାହିଁ ଏବଂ ବିଶେଷ ରୂପେ ଏପରି ଅବସ୍ଥାରେ ଯେବେକି ମୁଁ ଦୁଆ ଗ୍ରହଣୀୟ ହେବାର ନମୁନା ଦେଖାଇବା ପାଇଁ ସବୁ ସମୟ ପ୍ରସ୍ତୁତ ଅଛି ।" ***(ମଲ୍‌ଫୁଜାତ୍, ଖଣ୍ଡ-୧, ପୃ-୧୨୮, ଏଡ଼ିଶନ୍ ୨୦୦୩)***

✻✻✻✻✻✻

# ଈଶ୍ୱରଙ୍କ ଅସ୍ତିତ୍ୱର ଯୁକ୍ତିଯୁକ୍ତ ବୌଦ୍ଧିକ ପ୍ରମାଣ

**(ମୁହମ୍ମଦ ଶରିଫ୍ କୌସର, ମୁରବି ସିଲ୍‌ସିଲା, ଶିକ୍ଷକ ଜାମିଆ ଅହେମଦୀୟା କାଦିଆନ୍)**

ଆଜି ଦୁନିଆରେ ବହୁ ସଂଖ୍ୟକ ଲୋକ ନାସ୍ତିକତା ଆଡ଼କୁ ମୁହାଁଇବାକୁ ଲାଗିଛନ୍ତି । ସେମାନେ ବିଶ୍ୱାସ କରୁଛନ୍ତି ଯେ ଏ ବ୍ରହ୍ମାଣ୍ଡ ସ୍ୱୟଂ ଆପେ ଆପେ ସୃଷ୍ଟି ହୋଇଯାଇଛି ଏବଂ ଏହାର କୌଣସି ସୃଷ୍ଟିକର୍ତା ନାହାନ୍ତି ଓ ନା ଏହା କାହାର ସୃଷ୍ଟଜ । ସେମାନେ ଅଲ୍ଲାଃ ତାଲାଙ୍କ ଧାରଣା ଏବଂ ବିଶ୍ୱାସକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖାନ କରିଦେଉଛନ୍ତି । ଏହାର ସବୁଠାରୁ ବଡ଼ କାରଣ ହେଉଛି ଏହା କି ସେମାନଙ୍କର ପ୍ରଶ୍ନ ଓ ସଂଶୟର ସନ୍ତୋଷଜନକ ଉତର ଦେବାକୁ କେହି ନାହାନ୍ତି ଏବଂ ଏହା ମଧ୍ୟ ଏକ ବାସ୍ତବିକ ସତ୍ୟ କଥା ଯେ ଯଦି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆବିର୍ଭାବ ହୋଇନଥାନ୍ତା ତେବେ କ୍ୱଚିତ୍ କାହାର ହୃଦୟରେ ଅଲ୍ଲାଃ ତାଲାଙ୍କ ପ୍ରକୃତ ବିଶ୍ୱାସ ବାକି ରହିଥାନ୍ତା । ଏହା ତ ଅଲ୍ଲାଃ ତାଲାଙ୍କର ଅଶେଷ ଦୟା ଓ ଅନୁଗ୍ରହ ଯେ ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ପବିତ୍ର କୁର୍‌ଆନ୍‌ର ଏପରି ତତ୍ତ୍ୱଜ୍ଞାନ ଶିଖାଇଲେ ଯାହା ନାସ୍ତିକମାନଙ୍କର ପ୍ରତିଟି ପ୍ରଶ୍ନର ଯୁକ୍ତିଯୁକ୍ତ ଉତର ଥିଲା । ପ୍ରତ୍ୟେକ ପ୍ରକାରର ସନ୍ଦେହକୁ ଦୂର କରିବାପାଇଁ ଚେଷ୍ଟା କଲେ ଏବଂ ଏହା ମଧ୍ୟ ଅଲ୍ଲାଃ ତାଲାଙ୍କର ଅନୁଗ୍ରହ ଯେ ମହାଭାଗଙ୍କ ପୁସ୍ତକଗୁଡ଼ିକର ଅଧ୍ୟୟନ କରି ଅନେକ ପବିତ୍ର ଆତ୍ମା ନାସ୍ତିକବାଦ ଏବଂ ଧର୍ମହିନତାର କାଦୁଅରୁ ବାହାରି ପଡ଼ିଲେ ଏବଂ ସେମାନଙ୍କୁ ପ୍ରକୃତ ଈଶ୍ୱରଙ୍କ ବିଷୟରେ ଜ୍ଞାନ ହାସଲ ହୋଇଗଲା ।

ହଜ୍‌ରତ୍ ମିଆଁ ମହମଦ୍ ଦୀନ୍ ପଟ୍‌ୱାରୀ ର:ଅ ନିଜର ଏକ ଘଟଣା ବିଷୟରେ ଲେଖିଛନ୍ତି ଯେ:

"ଆର୍ଯ୍ୟା, ବ୍ରହ୍ମୋ ଏବଂ ନାସ୍ତିକ ଲେକ୍‌ଚରାରମାନଙ୍କ କୁସଙ୍ଗତର ପ୍ରଭାବ ମତେ ଓ ମୋ ପରି ଅନେକ ଲୋକଙ୍କୁ ଶେଷ କରିଦେଉଥିଲା ଏବଂ ସେହି ପ୍ରଭାବ ଅନ୍ତର୍ଗତ ମୁଁ ଏକ ଅର୍ଥହୀନ ଜୀବନ ବିତାଉଥିଲି । ଏହି ସମୟରେ ବରାହିନେ ଅହ୍‌ମଦୀୟା ପଢୁ ପଢୁ ଯେତେବେଳେ ମୁଁ ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣକୁ ପଢ଼ି ପୃଷ୍ଠା ୯୦ର ହାଶିୟା ନମ୍ବର ୧୧ ରେ ପହଂଚିଲି ଅଚାନକ ମୋ ନାସ୍ତିକ ଚିନ୍ତାଧାର ଉଡାନ୍ ହୋଇଗଲା ଏବଂ ମୋ ଆଖି ଏପରି ଖୋଲିଗଲା ଯେପରି ଶୋଇପଡ଼ିଥିବା ତଥା ମରିଯାଇଥିବା ଲୋକର ଆଖି ଖୋଲିଯାଏ ।" ***(ଅଖ୍‌ବାର ଅଲ୍‌ହକମ୍ ୧୪ ଅକ୍ଟୋବର ୧୯୩୮)***

ଏହା ହେଉଛି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଲେଖନୀର ବର୍‌କତ୍ ଯାହା ଦ୍ୱାରା ଆଧାତ୍ମିକ ତଥା ଧାର୍ମିକ ସ୍ତରରେ ମୃତପ୍ରାୟ ବ୍ୟକ୍ତି ନୂଆ ଜୀବନ ପାଇଥାଏ । ଏହା ହେଉଛି ସେହି ଅମୃତ ଯାହା ଆଧାତ୍ମିକରୂପେ ନିଷ୍କଳ ହୋଇଯାଇଥିବା ଶରୀରରେ ଜୀବନର ଆଶା ସଂଚାର କରିଦିଏ । ଏହି କାରଣ୍ଣ ଯମାତ୍‌ର ସଦସ୍ୟମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ରୁହାନୀ ଖଜାଇନ୍ (ଅର୍ଥାତ ଆଧାତ୍ମିକ ଭଣ୍ଡାର)କୁ ନିଜେ ମଧ୍ୟ ଅଧ୍ୟୟନ କରିବା ଉଚିତ ଏବଂ "ନାସ୍ତିକତା"ର ରୋଗରେ ପିଡ଼ିତ ଲୋକମାନଙ୍କୁ ସେମାନଙ୍କ ଉପଚାର ପାଇଁ ଏହି ପୁସ୍ତକଗୁଡ଼ିକୁ ଅଧ୍ୟୟନ ନିମନ୍ତେ ଦେବା ଉଚିତ ।

ଏହି ସଂକ୍ଷିପ୍ତ ମୁଖବନ୍ଧ ପରେ ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ଖୁଲ୍ଫାଏ ଅହେମଦୀୟତ (ଅର୍ଥାତ ଅହେମଦୀ ଖଲିଫାମାନଙ୍କ)ର ଶିକ୍ଷାକୁ ଉପସ୍ଥାପନ କରିବାପାଇଁ ଚେଷ୍ଟା କରିବି ଯେଉଁଥିରେ ଈଶ୍ୱରଙ୍କ ଅସ୍ତିତ୍ୱକୁ ପ୍ରମାଣ କରିବାପାଇଁ ଯୁକ୍ତିଯୁକ୍ତ ପ୍ରମାଣ ଉପସ୍ଥାପନ କରାଯାଇଅଛି ଏବଂ ଏହି ପ୍ରମାଣଗୁଡ଼ିକ ଏପରି ରହିଛି ଯେ ଯଦି ଜଣେ ନାସ୍ତିକ ସେଗୁଡ଼ିକୁ ଭଲ ଚିନ୍ତାଧାରା ରଖି ବିବେଚନା କରନ୍ତି ତା'ହେଲେ ନିଶ୍ଚିତରୂପେ ଅଲ୍ଲାଃଙ୍କ ଅସ୍ତିତ୍ୱକୁ ସ୍ୱୀକାର କରିନେବ ।

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ପଂଚମ ଅ:ବ:ଅ ଦୁନିଆରେ ବଢ଼ିଚାଲିଥିବା ନାସ୍ତିକ ଚିନ୍ତାଧାରା ସମ୍ବନ୍ଧରେ କୁହନ୍ତି:-

"ଆଜି ଖ୍ରୀଷ୍ଟଧର୍ମ ଦୁର୍ବଳତା ଆଡ଼କୁ ଗତି କରୁଅଛି । ଯଦିଚ ତାଙ୍କ ସହିତ ଏକ ପ୍ରତିଯୋଗିତା ମଧ୍ୟ ଚାଲିଛି କିନ୍ତୁ ତତ୍‌ସହିତ ଯେଉଁ ବିପଦ ମୁଣ୍ଡ ଟେକିଛି ଓ ଦିନକୁ ଦିନ ବଢ଼ି ଚାଲିଛି, ତାହା ହେଉଛି ନାସ୍ତିକତା । ଅନ୍ୟ ସମସ୍ତ ଧର୍ମଗୁଡ଼ିକ ଈଶ୍ୱରଙ୍କ ସହିତ କୌଣସି ପ୍ରକାରର ସମ୍ପର୍କ ନ ରହିବାର ଦେଖି ଧର୍ମଠାରୁ ଦୁରେଇ ରହିବାକୁ ଆରମ୍ଭ କରିଦେଇଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଧର୍ମହୀନ ହୋଇପଡ଼ିଛନ୍ତି ବରଂ ନାସ୍ତିକ ହୋଇଯାଇଛନ୍ତି । ଆପଣମାନଙ୍କୁ ଏବେ ନାସ୍ତିକତାକୁ ଶେଷ କରିବାକୁ ହେବ । ଏକେଶ୍ୱରବାଦକୁ ପ୍ରତିଷ୍ଠା କରିବାକୁ ହେବ ।" ***(ସାର୍ଟିଫିକେଟ ପୁରସ୍କାର ବିତରଣୀ ଉତ୍ସବ ଯାମିଆ ଅହେମଦୀୟା ୟୁ.କେ ୨୫ ମାର୍ଚ୍ଚ ୨୦୧୮)***

ହଜୁର ଅ:ବ:ଅ ଉପର ବର୍ଣ୍ଣିତ ଉଦ୍ଧୃତାଂଶରେ କହିଛନ୍ତି: "ଆପଣମାନଙ୍କୁ ଏବେ ନାସ୍ତିକବାଦର ମୂଳୋତ୍ପାଟନ କରିବାକୁ ହେବ ଓ ଏକେଶ୍ୱରବାଦକୁ ସ୍ଥାପନ କରିବାକୁ ହେବ ।" ଏହା ଏକ ଗ୍ରହଣୀୟ ସତ୍ୟ ଅଟେ ଯେ "ନାସ୍ତିକ" ଧାର୍ମିକ ପୁସ୍ତକଗୁଡ଼ିକର ଯୁକ୍ତିଯୁକ୍ତ ପ୍ରମାଣକୁ ଗ୍ରହଣ କରିବାକୁ ଅସ୍ୱୀକାର କରୁଛନ୍ତି । ତେଣୁ ସେମାନଙ୍କୁ ଯୁକ୍ତିଯୁକ୍ତ ବୌଦ୍ଧିକ ପ୍ରମାଣ ଦ୍ୱାରା ମନାଇବାକୁ ପଡ଼ିଥାଏ । ଯୁକ୍ତିଯୁକ୍ତ ପ୍ରମାଣମାନଙ୍କ ମଧ୍ୟରୁ ସର୍ବପ୍ରଥମେ ପ୍ରାକୃତିକ ଯୁକ୍ତି ଦ୍ୱାରା ବୁଝାଯାଇପାରେ ।

**ପ୍ରାକୃତିକ ଦଲିଲ୍ (ପ୍ରମାଣ)**

ଜଣେ ନାସ୍ତିକକୁ ଏହା ବତାଇବା ଓ ତା'ର ବିବେକକୁ ଜାଗ୍ରତ କରାଇବାକୁ ହେବ ଯେ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ସୁବଠାରୁ ଗୁରୁତ୍ୱପୂର୍ଣ୍ଣ ଯୁକ୍ତିଯୁକ୍ତ ପ୍ରମାଣମାନଙ୍କ ମଧ୍ୟରୁ ଗୋଟିଏ ହେଉଛି ମନୁଷ୍ୟ ପ୍ରକୃତିର ପ୍ରମାଣ । ମଣିର ପ୍ରାକୃତିକ ସ୍ୱଭାବ ନିଜେ ଏ ପ୍ରଶ୍ନ ଉଠାଇଥାଏ ଯେ ବ୍ରହ୍ମାଣ୍ଡର ଜଣେ ସୃଷ୍ଟିକର୍ତା ତଥା ମାଲିକ ଅଛନ୍ତି କି ନାହିଁ? ଏବଂ ଆମକୁ କିଏ ଓ କାହିଁକି ସୃଷ୍ଟି କରିଛି ? ଏହି ପ୍ରାକୃତିକ ପ୍ରଶ୍ନ ପରେ ବହୁତ ଲୋକେ ଏ ବିଷୟର ଅଧିକ ଗବେଷଣା କରିବାକୁ ଚାହାନ୍ତି । ଏବଂ ମଣିଷ ନିଜକୁ ଏ ପ୍ରଶ୍ନ ପଚାରିଥାଏ ଯେ କଣ ମୋର ଅସ୍ତିତ୍ୱ କେବଳ ଏକ ଆକସ୍ମିକତାର ଫଳ ବା ମତେ କୌଣସି ମହାନ ଶକ୍ତି ସୃଷ୍ଟି କରିଛି ? ଏହି ପ୍ରଶ୍ନର ଉତରରେ ସେ ଏକଥାରେ ଉପନିତ ହେବ ଯେ ମୋର ଜଣେ କେହି ସୃଷ୍ଟିକର୍ତା ଅଛି ଯିଏ ମତେ ଓ ସମଗ୍ର ବ୍ରହ୍ମାଣ୍ଡକୁ ସୃଷ୍ଟି କରିଛନ୍ତି । କିଛି ଲୋକେ ନିଜ ପ୍ରକୃତିର ସ୍ୱରକୁ ଦବାଇ ଏହାକୁ ଅଣଦେଖା କରୁଛନ୍ତି ଏବଂ ନାସ୍ତିକତାର ପଥରେ ଅଗ୍ରସର ହେଉଛନ୍ତି । ସୁତରାଂ ମଣିଷର ପ୍ରକୃତି, ମଣିଷର ଅସ୍ତିତ୍ୱ, ତାହାର ସୃଷ୍ଟି ଅଲ୍ଲାଃଙ୍କ ଅସ୍ତିତ୍ୱର ଏକ ବଡ଼ ପ୍ରମାଣ । ଯାହାକୁ କୌଣସି ବୁଦ୍ଧିମାନ ବ୍ୟକ୍ତି ଅସ୍ୱୀକାର କରିପାରିବ ନାହିଁ ଏବଂ ଆମ ଉପରେ ଅଲ୍ଲାଃଙ୍କର ବହୁତ ବଡ଼ ଅନୁଗ୍ରହ ଯେ ସେ ଆମ ମାର୍ଗଦର୍ଶନ ପାଇଁ ଆମ ପ୍ରକୃତି ମଧ୍ୟରେ ବିଶ୍ୱାସର ବୀଜ ବୁଣିଦେଇଛନ୍ତି ।

ଅଲ୍ଲାଃ ତାଲା କୁହନ୍ତି: **ଅୱଲମ୍ ୟରଲ୍ ଇନ୍‌ସାନୁ ଇନ୍ନା ଖଲକ୍‌ନାହୁ ମିନ୍ ନୁତ୍‌ଫତିନ୍ ଫଇଜା ହୁୱ୍ ଖସିମୁମ୍ ମୁବିନ୍ । ୱ୍ ଜରବା ଲନା ମସଲନ୍ ୱ୍ ନସିୟା ଖଲ୍‌କହୁ** (ୟାସିନ୍:୭୮-୭୯)

ଅର୍ଥାତ: କଣ ମନୁଷ୍ୟକୁ ଏହା ଜଣାନାହିଁ ଯେ ଆମ୍ଭେ ତାହାକୁ ଏକ (ତୁଚ୍ଛ) ଶୁକ୍ରବିନ୍ଦୁରୁ ସୃଷ୍ଟି କରିଅଛୁ; କିନ୍ତୁ (ଜନ୍ମଲାଭ କରିବାପରେ) ଏମିତି କଣ ହୋଇଗଲା ଯେ ସେ ସହସା ଏକ ମହାକଳହକାରୀ ହୋଇଗଲା ଏବଂ ଆମ୍ଭ ଅସ୍ତିତ୍ୱ ସମ୍ବନ୍ଧରେ କପୋଳକଳ୍ପିତ ବିଷୟ ରଚନା କରିବାକୁ ଲାଗିଲା ଓ ନିଜ ସୃଷ୍ଟି ବିଷୟକୁ ଭୂଲିଗଲା !

ଏହି ଆୟତର ଆଲୋକରେ ଜଣେ ନାସ୍ତିକକୁ ଏହା ବୁଝାଇବା ଉଚିତ ଯେ:

(କ) ମଣିଷକୁ ଈଶ୍ୱର ଶୁକ୍ରାଣୁ ମାଧ୍ୟମରେ ସୃଷ୍ଟି କଲେ । ଯେତେବେଳେ ସେ ମା ଗର୍ଭରେ ଜନ୍ମ ହୁଏ ସେତେବେଳେ ତାକୁ ନିଶ୍ୱାସ ନେବପାଇଁ ଅମ୍ଳଜାନର ଆବଶ୍ୟକ ହୋଇଥାଏ । କଣ ଏହି ଅମ୍ଳଜାନ ଆପେ ଆପେ ତିଆରି ହୋଇଗଲା ? ତା ସ୍ଥାନରେ ଯଦି କୌଣସି ବିଷାକ୍ତ ବାୟୁ ଥାନ୍ତା ତେବେ କଣ ସେ ନିଶ୍ୱାସ ନେଇପାରିଥାନ୍ତା ? ସେହିପରି ତା ସୂକ୍ଷ୍ମ ପାକସ୍ଥଳୀ ନିମନ୍ତେ ସୂକ୍ଷ୍ମ ଖାଦ୍ୟର ଆବଶ୍ୟକତା ଥିଲା ସେଥିଯୋଗୁଁ ମା ଖିରର ବ୍ୟବସ୍ଥା କରାଯାଇଛି । ଯଦି ତାକୁ କୁହାଯାଆନ୍ତା କ୍ଷୀର ମିଳିବ ନାହିଁ ତୁମେ ରୁଟି ବା ତୃଣଭୋଜି ପ୍ରାଣୀଙ୍କ ପରି ଘାସ ଖାଅ ତେବେ କଣ ସେ ଜୀବିତ ରହିପାରିଥାନ୍ତା ? କଦାପି ନୁହେଁ ।

ଅତଏବ ଏଠାରେ ପ୍ରଶ୍ନ ଉଠୁଛି ଯେ କଣ ଏପରି ସୁବ୍ୟବସ୍ଥା, ଏହି କ୍ରମ ଏବଂ ପରିସ୍ଥିତି ମୁତାବକ ଜୀବନର ମାନ ଏବଂ ତାହାର ନିରନ୍ତରତା ନିମନ୍ତେ ସମସ୍ତ ବସ୍ତୁ ଆପଣା ଛାଏଁ ଉପଲବ୍ଧ ହୋଇଗଲା ? କଦାପି ନୁହେଁ ବରଂ ସେହି ବିଶ୍ୱନିଅନ୍ତାଙ୍କ ଈଶ୍ୱରତ୍ୱର ବିଶେଷ ଗୁଣ ଜରିଆରେ ଏ ଜୀବନ ଗତିଶୀଳ ।

ଜଣେ ନାସ୍ତିକ ଏବଂ ଈଶ୍ୱରଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ନରଖିଥିବା ବ୍ୟକ୍ତିକୁ ଉପର ବର୍ଣ୍ଣିତ ତଥ୍ୟ ଗୁଡ଼ିକ ଉପରେ ଗଭୀର ଚିନ୍ତନ ଓ ମନନ କରିବା ଉଚିତ । ଯଦି ସେ ଏପରି କରିବ । ତା ହେଲେ ତାକୁ ନିଶ୍ଚିତ ରୂପେ ଅଲ୍ଲାଃ ତାଲାଙ୍କ ପରିଚୟ ଓ ତାହାଙ୍କ ଜ୍ଞାନ ପ୍ରାପ୍ତ ହେବ ।

**ଏ ବ୍ରହ୍ମାଣ୍ଡର ସୃଷ୍ଟି ସମ୍ବନ୍ଧରେ ଯୁକ୍ତିଯୁକ୍ତ ପ୍ରମାଣ**

ପବିତ୍ର କୁର୍‌ଆନ୍‌ରେ ଅନେକ ଆୟତ ଏପରି ରହିଛି ଯଦି ଜଣେ ନାସ୍ତିକ ଉତମ ଉଦ୍ଦେଶ୍ୟ ରଖି ସେ ସମସ୍ତ ଉପରେ ବିଚାର କରିବ ତେବେ ତାକୁ ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱର ଧାରଣା ହାସଲ ହୋଇପାରିବ । ସେ ନିଶ୍ଚୟ ଏ ବ୍ରହ୍ମାଣ୍ଡର ସୃଷ୍ଟି ବିଷୟରେ ଚିନ୍ତା କରୁ । ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା କହିଛନ୍ତି:

**କାଲତ୍ ରୁସୁଲୁହୁମ୍ ଅଫିଲ୍ଲାହି ଶକ୍‌କୁନ୍ ଫାତିରିସ୍ ସମାୱାତି ୱଲ୍ ଅରଜ୍** (ଇବ୍ରାହିମ୍:୧୧) ଅର୍ଥାତ:- ସେମାନଙ୍କ ରସୁଲମାନେ (ସେମାନଙ୍କୁ) କହିଲେ, "ଆକାଶ ଓ ପୃଥିବୀର ସୃଷ୍ଟିକର୍ତା ଅଲ୍ଲାଃଙ୍କ ସମ୍ପର୍କରେ କଣ ତୁମମାନଙ୍କର କିଛି ସନ୍ଦେହ ଅଛି ? ଏହି ଆୟତରେ ଅଲ୍ଲାଃ ତାଲାଙ୍କୁ ଅସ୍ୱୀକାର କରୁଥିବା ଲୋକମାନଙ୍କୁ ଅଲ୍ଲାଃ ତାଲା କହୁଛନ୍ତି ଯେ କଣ ତୁମକୁ ଏଥିରେ ସନ୍ଦେହ ଓ ଶଂକା ଅଛି କି ମୁଁ ଏ ଆକାଶ ଓ ପୃଥିବୀକୁ ସୃଷ୍ଟି କରିଛି ବୋଲି । ଅର୍ଥାତ ଏ ଆକାଶ ଓ ପୃଥିବୀ ତୁମ ସାମନାରେ ବିଦ୍ୟମାନ ଏବଂ ଏହା ଈଶ୍ୱରଙ୍କ ନିର୍ଦ୍ଦେଶାନୁସାରେ ନିଜ ନିଜର କର୍ତବ୍ୟ କ୍ରମାଗତ ଭାବରେ ପାଳନ କରିଚାଲିଛନ୍ତି । କଣ ସେମାନଙ୍କୁ ସୃଷ୍ଟି କରିବା ଓ ଲକ୍ଷ ଲକ୍ଷ ବର୍ଷ ହେବ ସେମାନଙ୍କଠାରେ ଅଲ୍ଲାଃ ତାଲା ଯେଉଁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି, ତାହା ସବୁ ସୁଚାରୁ ରୂପେ ନିର୍ବାହ କରି ଚାଲିବା

କଣ ତାହାଙ୍କ ସତ୍ୟତାକୁ ପ୍ରତିଫଳିତ କରୁନାହିଁ ଯେ କିଏ ଜଣେ ଏସବୁକୁ ପରିଚାଳିତ କରୁଅଛି । ଗୋଟିଏ ଘଟଣା ମାଧ୍ୟମରେ ଏହି ବିଷୟକୁ ଆହୁରି ଭଲଭାବରେ ବୁଝାଯାଇପାରିବ ।

ପ୍ରାଚୀନ କାଳରେ ଜଣେ ନାସ୍ତିକ ଜଣେ ମୁସଲମାନ ରାଜାଙ୍କ ନିକଟକୁ ଆସିଲା ଏବଂ କହିଲା ଯେ ମୁଁ ଅଲ୍ଲାଃଙ୍କ ଅସ୍ତିତ୍ୱକୁ ସ୍ୱୀକାର କରୁନାହିଁ । ମୋର ଏ ବିଶ୍ୱାସ ଯେ ଏ ବ୍ରହ୍ମାଣ୍ଡ ଆପଣାଛାଏଁ ସୃଷ୍ଟି ହୋଇଯାଇଛି ଏବଂ ଏହାର ସିଷ୍ଟମ ସ୍ୱୟଂଚାଳିତ ଭାବେ ଗତିଶୀଳ । ପୁଣି ସେହି ନାସ୍ତିକ ରାଜାଙ୍କୁ କହିଲା ଯେ କୌଣସି ଜ୍ଞାନୀ ଲୋକଙ୍କୁ ଡ଼ାକ ଯିଏ ଏ ବିଷୟରେ ମୋ ସହିତ ତର୍କ କରିବ । ଅତଏବ ରାଜା ନଦୀ ଆରପାରି ରହୁଥିବା ଜଣେ ମୁସଲମାନ ବୁଜୁର୍ଗଙ୍କୁ ଦରବାରରେ ଉପସ୍ଥିତ ହେବାପାଇଁ ବାର୍ତା ପଠାଇଲେ । ସେହି ମୁସଲମାନ ବୁଜୁର୍ଗ ଜଣଙ୍କ ବାର୍ତାବାହକଙ୍କୁ ଏହାର କାରଣ ପଚାରି ବୁଝିଲେ । ସେ ସେହି ନାସ୍ତିକର ପ୍ରଶ୍ନ ସମ୍ବନ୍ଧରେ ବୁଜୁର୍ଗଙ୍କୁ କହିଲେ । ତେଣୁ ସେହି ମୁସଲମାନ ବୁଜୁର୍ଗ ଜଣଙ୍କ ଦରବାରରେ ଉପସ୍ଥିତ ହେଲେ । ଦରବାରରେ ପହଂଚି ସେହି ନାସ୍ତିକର ଉପସ୍ଥିତିରେ ରାଜାଙ୍କୁ ସମ୍ବୋଧନ କରି କହିଲେ: ବାଦ୍‌ଶାହ ସଲାମତ୍ ଆଜି ମୋ ସହିତ ଏକ ଅଜବ ଘଟଣା ଘଟିଗଲା । ମୁଁ ଆପଣଙ୍କ ଦରବାରରେ ହାଜିର୍ ହେବାପାଇଁ ନଦୀ କୂଳରେ ଏକ ଡ଼ଙ୍ଗାର ଅପେକ୍ଷାରେ ଥିଲି । ଅଚାନକ ଦେଖିବାକୁ ପାଇଲି ଯେ ନଦୀ ଜଳରୁ ବଡ଼ ବଡ଼ କାଠଗଣ୍ଡି ଓ ପଟା ବାହାରକୁ ଆସିଲେ ପୁଣି ସେ ସବୁ ଅପୋଷରେ ଯୋଡ଼ି ହୋଇଗଲେ ପୁଣି ଲୁହାକଂଟାଗୁଡ଼ିକ ବାହାରି ପଡ଼ି ସେହି ପଟ୍ଟାଗୁଡ଼ିକୁ ଯୋଡ଼ିବାକୁ ଲାଗିଲେ ତା'ପରେ ପୁଣି ବଡ଼ ବଡ଼ ରଙ୍ଗଡ଼ବା ପାଣି ମଧ୍ୟରୁ ବାହାରିଲେ ଓ ଆପେ ଆପେ ସେହି କାଠପଟାଗୁଡ଼ିକ ଉପରେ ରଙ୍ଗ ବୋଳି ହୋଇଗଲା । ତା'ପରେ ପୁଣି ସେହି ଡ଼ଙ୍ଗାଟି ଆପଣାଛାଏଁ ତିଆରି ହୋଇଗଲା ମୋ ସମ୍ମୁଖରେ ଆସି ଛିଡ଼ା ହୋଇଗଲା ମୁଁ ତା ଉପରେ ବସିପଡ଼ିଲି । ତା'ପରେ ପୁଣି ସେହି ଡ଼ଙ୍ଗାଟି ବିନା କୌଣସି ନାଉରିଆରେ ଚାଲିବାକୁ ଲାଗିଲା ଓ ମୁଁ ଏପଟ କୂଳରେ ଆସି ଲାଗିଗଲି ।

ଯେତେବେଳେ ସେହି ନାସ୍ତିକ ଜଣକ ଏ କାହାଣୀ ଶୁଣିଲା ରାଗରେ ଜର୍ଜରିତ ହୋଇ ରାଜାଙ୍କୁ ସମ୍ବୋଧନ କରି କହିଲା କଣ ଅପଣ ଏହି ମୂର୍ଖ ଲୋକକୁ ମୋ ସହିତ ତର୍କ କରିବାପାଇଁ ଡ଼କାଇଛନ୍ତି ? କଣ ତାଙ୍କର ଏତିକି ବୁଦ୍ଧିନାହିଁ ସେ ଏକଥା କହୁଛନ୍ତି ଯେ କାଠପଟାଗୁଡ଼ିକ କିପରି ପାଣିଭୁତରୁ ପ୍ରକଟ ହୋଇଗଲେ ଓ ଡ଼ଙ୍ଗା ହୋଇଗଲା ? ଏହା କଦାପି ସମ୍ଭବ ନୁହେଁ । ଏହା ହୋଇନପାରେ ।

ସେହି ମୁସଲମାନ ବୁର୍ଜୁଗ ଜଣଙ୍କ ଛିଡ଼ା ହୋଇ ଯୁକ୍ତିଯୁକ୍ତ ପ୍ରମାଣ ଜରିଆରେ ସେହି ନାସ୍ତିକକୁ ବୁଝାଇଲେ ଯେ ଯଦି ତୁମର ବୁଦ୍ଧି ଡ଼ଙ୍ଗାଟିକୁ ଆପଣଛାଏଁ ସୃଷ୍ଟି ହୋଇଯିବାର ବିଷୟକୁ ସ୍ୱୀକାର କରୁନାହିଁ ତେବେ ତୁମେ ପୁଣି ଏହା କିପରି କହିପାରିବ ଯେ ଏ ବ୍ରହ୍ମାଣ୍ଡ ଆପଣା ଛାଏଁ ସୃଷ୍ଟି ହୋଇଯାଇଛି ବୋଲି ।

ପ୍ରକୃତ କଥା ହେଉଛି ଏହା କି ଏହି ବ୍ରହ୍ମାଣ୍ଡର ଜଣେ ସୃଷ୍ଟିକର୍ତା ଅଛନ୍ତି ଯିଏ ହେଉଛନ୍ତି **ରବ୍‌ବୁଲ୍ ଆଲମିନ୍** ଅର୍ଥାତ ସାରା ଜଗତର ପାଳନକର୍ତା । ଯିଏ ଏ ବ୍ରହ୍ମାଣ୍ଡକୁ ସୃଷ୍ଟି ମଧ୍ୟ କରିଛନ୍ତି ଓ ପରିଚାଳିତ ମଧ୍ୟ କରୁଛନ୍ତି । ସେ ବ୍ୟକ୍ତି ବଡ଼ ଅଭାଗା ଯିଏ ଅଲ୍ଲାଃ ତାଲାଙ୍କୁ ଚିହ୍ନିପାରନ୍ନାହିଁ ଓ ତାହାଙ୍କ ସମ୍ବନ୍ଧରେ ଜ୍ଞାନ ପାଇ ପାରୁନାହିଁ ।

"ହେ ଭାଗ୍ୟବାନ ଲୋକମାନେ ତୁମେ ଏପରି କରନାହିଁ । ତୁମର ଈଶ୍ୱର ହେଉଛନ୍ତି ସେ ଯିଏ ଅଗଣତି ନକ୍ଷତ୍ରମାନଙ୍କୁ ବିନା କୌଣସି ସ୍ତମ୍ଭରେ ଟଙ୍ଗାଇ ଦେଇଛନ୍ତି । ଏବଂ ଯିଏ ଏ ପୃଥିବୀ ଓ ଆକାଶକୁ ଶୂନ୍ୟରୁ ହିଁ ସୃଷ୍ଟି କରିଛନ୍ତି । କଣ ତୁମେ ତା ଉପରେ ଅବିଶ୍ୱାସ କରୁଛ ?" ***(କଶ୍‌ତି ନୂହ୍, ରୁହାନୀ ଖଜାଇନ, ଖଣ୍ଡ-୧୯, ପୃ-୨୧)***

ପ୍ରାଚୀନ ଯୁଗର ନବୀ ହଜ୍‌ରତ୍ ନୁହ୍ ଆ:ସ ନିଜ ସମ୍ପ୍ରଦାୟକୁ ତବ୍‌ଲିଗ୍ କରିବାବେଳେ ଅର୍ଥାତ ଈଶ୍ୱରଙ୍କ ଅସ୍ତିତ୍ୱ ବିଷୟରେ ବତାଇବା ବେଳେ ନିମ୍ନଲିଖିତ ଯୁକ୍ତି ଯୁକ୍ତ ପ୍ରମାଣ ଦେଇ ବୁଝାଇଲେ ଯେ: **ମା ଲକୁମ୍ ଲା ତର୍‌ଜୁନା ଲିଲ୍ଲାହି ୱକାରା । ୱକଦ୍ ଖଲକକୁମ୍ ଅତ୍‌ୱାରା । ଅଲମ୍ ତରଓ କୈଫା ଖଲକଲ୍ଲାହୁ ସବ୍‌ଆ ସମାୱାତିନ୍ ତିବାକା ୱ ଯାଆଲଲ୍ କମରା ଫିହିନ୍ନା ନୂରୌଁ ୱ ଜାଆଲସ୍ ଶମ୍‌ଶା ସିରାଜା** (ନୁହ:୧୪-୧୭) ଅର୍ଥାତ ତୁମମାନଙ୍କ କଣ ହୋଇଛି ଯେ ତୁମେମାନେ ଅଲ୍ଲାଃଙ୍କଠାରୁ ତତ୍ୱ ସଂକ୍ରାନ୍ତରେ ଆଶା ପୋଷଣ କରୁନାହଁ ? ଅଥଚ ସେ ତୁମମାନଙ୍କୁ ଆଶେଷ ଉନ୍ନତି ସାଧନର ସାମର୍ଥ୍ୟ ପ୍ରଦାନ କରି ସୃଷ୍ଟି କରିଛନ୍ତି । କ'ଣ ତୁମେମାନେ ଲକ୍ଷ୍ୟ କରିନାହଁ ଯେ ଅଲ୍ଲାଃ କିପରି ଭାବରେ ସପ୍ତ ଆକାଶ ସୃଷ୍ଟି କରିଛନ୍ତି ଯେଉଁଗୁଡ଼ିକ (ନିୟମାନୁସାରେ) ପରସ୍ପର ସହିତ ସମନ୍ୱୟ ରକ୍ଷା କରିଛନ୍ତି ଏବଂ ସେ ଚନ୍ଦ୍ରକୁ ଏଥିରେ (ଅର୍ଥାତ ଆକାଶରେ) ଜ୍ୟୋତିର ମାଧ୍ୟମ କରିଛନ୍ତି ଓ ସୂର୍ଯ୍ୟକୁ ଆକାଶରେ ଏକ ପ୍ରଦୀପ ସଦୃଶ ଗଢ଼ିଛନ୍ତି ?

ପ୍ରୀୟ ପାଠକେ ! ଏଠାରେ ସପ୍ତ ଆକାଶ କଥା କୁହାଯାଇଅଛି । ଆରବୀ ଭାଷାରେ ସାତ ସଂଖ୍ୟାଟି ବୁହବଚନ ପାଇଁ ପୁର୍ଣ୍ଣତା ପାଇଁ ବ୍ୟବହୃତ ହୋଇଥାଏ ।

ଚନ୍ଦ୍ର ଆମକୁ ଧିମା ଆଲୋକ ଦେଇଥାଏ । ଚନ୍ଦ୍ରର ଆଲୋକ ତା'ର ନିଜସ୍ୱ ଆଲୋକ ନୁହେଁ ସେ ସୂର୍ଯ୍ୟର ଆଲୋକକୁ ବହୁତ ସୁନ୍ଦର ଶୈଳୀରେ ପ୍ରତିଫଳତ କରିଥାଏ । ଚନ୍ଦ୍ର ଆମଠାରୁ ଚାରିଲକ୍ଷ କିମି ଦୁରରେ ରହିଛି ।

ସୂର୍ଯ୍ୟ ଆମକୁ ଉଜ୍ୱଳ ଆଲୋକ ଏବଂ ଉଷ୍ଣତା ପ୍ରଦାନ କରିଥାଏ ପୃଥିବୀ ଓ ଚନ୍ଦ୍ର ମଧ୍ୟରେ ଯେଉଁ ଦୁରତା ରହିଛି ସୁର୍ଯ୍ୟର ବ୍ୟାସ ତା'ଠାରୁ ସାଢ଼େ ତିନିଗୁଣା ଅଧିକା । ପୃଥିବୀର ତୁଳନାରେ ସୂର୍ଯ୍ୟରେ ତିନିଲକ୍ଷ ଗୁଣା ଅଧିକ ପଦାର୍ଥ ରହିଛି । ସୂର୍ଯ୍ୟର ପୃଷ୍ଠ ଭାଗରେ ଯେଉଁ ହଳଦିଆ ରଙ୍ଗ ଆମକୁ ଦିଶୁଅଛି ତାହାର ଉତାପ/ତାପମାତ୍ରା ଛଅ ହଜାର ଡ଼ିଗ୍ରୀ । ଏବଂ ତା'ର ମଧ୍ୟ ଭାଗରେ ଯେଉଁ ଉତାପ ରିହିଛି ତାହା ଏକ କୋଟି ଡ଼ିଗ୍ରୀରୁ ମଧ୍ୟ ଅଧିକା । ଆଣବିକ ଶକ୍ତିର ନିର୍ଗତ ଦ୍ୱାରା ଏହି ଉତାପ ଉତ୍ପନ୍ନ ହୋଇଥାଏ । ସୂର୍ଯ୍ୟ ଆମ ପୃଥିବୀଠାରୁ ୧୫ କୋଟି କିମି ଦୂରରେ ଅବସ୍ଥିତ ।

ଧ୍ୟାନ ଦେବାର କଥା ହେଉଛି ଏହା କି ଏକ ମାମୁଲି ଦୀପ ତିଆରି କରିବାପାଇଁ ମଧ୍ୟ ଜଣେ କାରିଗରର ଆବଶ୍ୟକ ହୋଇଥାଏ । ସୂର୍ଯ୍ୟ ଏବଂ ଚନ୍ଦ୍ର ପରି ଉଜ୍ୱଳ ଆଲୋକ ପ୍ରଦାନକାରୀ ଅସ୍ତିତ୍ୱ ଆପଣା ଛାଏଁ କିପରି ସୃଷ୍ଟି ହୋଇପାରନ୍ତି ? ଜଣେ ବୁଦ୍ଧି ଓ ବିବେକ ରଖିଥିବା ବ୍ୟକ୍ତି କେବଳ ଏହି ଗୋଟିଏ ଦଲିଲ୍ (ଯୁକ୍ତିଯୁକ୍ତ ପ୍ରମାଣ) ଦ୍ୱାରା ହିଁ ଈଶ୍ୱରଙ୍କ ଅସ୍ତିତ୍ୱକୁ ବୁଝିପାରିବ ।

**ଏ ବିଶ୍ୱର ବ୍ୟବସ୍ଥା ଏକ ବଳିଷ୍ଠ ପ୍ରମାଣ**

ସୁରଃ ୟାସିନ୍‌ରେ ଅଲ୍ଲାଃ ତାଲା ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧରେ ନିଜ ଅସ୍ତିତ୍ୱର ପ୍ରମାଣ ଏପରି ଦେଇଛନ୍ତି: **ୱ ଆୟତୁଲ୍ ଲହୁମୁଲ୍ ଲୈଲୁ ନସ୍‌ଲଖୁ ମିନ୍‌ହୁନ୍ ନହାରା ଫଇଜା ହୁମ୍ ମୁଜ୍‌ଲିମୁନ୍ । ୱଶ୍‌ଶମ୍‌ସୁ ତଜ୍‌ରି ଲିମୁସ୍‌ତକର୍‌ରିନ୍ ଲହା ଜାଲିକା ତକ୍‌ଦିରୁଲ୍ ଅଜିଜିଲ୍ ଅଲିମ୍ । ୱଲ୍ କମରା କଦ୍‌ଦର୍‌ନାହୁ ମନାଜିଲା ହତ୍‌ତା ଆଦା କଲ୍ ଉର୍‌ଜୁନିଲ୍ କଦିମ୍ । ଲଶ୍‌ଶମ୍‌ସୁ ୟମ୍‌ବଗି ଲହା ଅନ୍ ତୁଦ୍‌ରିକଲ୍ କମରା ୱଲଲ୍ ଲୈଲୁ ସାବିକୁନ୍ ନହାରି ୱ କୁଲ୍ଲୁନ୍ ଫି ଫଲକିନ୍ ୟସ୍‌ବହୁନ୍ ।** (ୟାସିନ୍:୩୮-୪୧)

ଅର୍ଥାତ: ଏବଂ ସେମାନଙ୍କ ପାଇଁ ରାତ୍ରି ମଧ୍ୟ ଏକ ମହାନ୍ ନିଦର୍ଶନ ଅଟେ; ଯହିଁରୁ ଆମ୍ଭେ ଦିବସକୁ ଆକର୍ଷିତ କରି ବାହାର କରିଥାଉ; ଏହାପରେ ସେମାନେ ହଠାତ୍ ଅନ୍ଧକାର ମଧ୍ୟରେ ରହିଯାଆନ୍ତି ଏବଂ ସୂର୍ଯ୍ୟ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଆଡ଼କୁ ଗତି କରୁଅଛି; ଏହା ପରକ୍ରମୀ (ଓ) ସର୍ବଜ୍ଞ (ଅଲ୍ଲାଃ)ଙ୍କ ଦ୍ୱାରା ନିର୍ଦ୍ଧାରିତ ବିଧାନ ଅଟେ ଏବଂ ଆମେ ଚନ୍ଦ୍ର ପାଇଁ ମଧ୍ୟ ବିଭିନ୍ନ ପର୍ଯ୍ୟାୟ ନିର୍ଦ୍ଦିଷ୍ଟ କରିଅଛୁ, ଏପରି କି ତାହା (ବିଭିନ୍ନ ପର୍ଯ୍ୟାୟ ମଧ୍ୟରେ ଗତି କରି) ଏକ ଖୁଜରି ଘଛର ପୁରାତନ ଶୁଷ୍କ ଶାଖା ସଦୃଶ (ବକ୍ର) ହୋଇ ପୂନର୍ବାର (ନିଜ ପୂର୍ବ ଅବସ୍ଥାକୁ) ଫେରିଆସେ । ସୂର୍ଯ୍ୟ ତାହାର ବାର୍ଷିକ ପରିକ୍ରମାର କୌଣସି ସମୟରେ ମଧ୍ୟ ଚନ୍ଦ୍ରର ନିକଟବର୍ତୀ ହେବାକୁ ସମର୍ଥ ନୁହେଁ (କାରଣ ଯଦି ଏପରି ହେବ, ତେବେ ସୌରଜଗତ ଧ୍ୱସ୍ତବିଧ୍ୱସ୍ତ ହୋଇଯିବ) ଏବଂ ରାତ୍ରି (ଅର୍ଥାତ ଚନ୍ଦ୍ର) ପ୍ରତିଯୋଗିତା କରି ଦିନ (ଅର୍ଥାତ ସୂର୍ଯ୍ୟ)ର ନିକଟବର୍ତୀ ହେବାକୁ ସମର୍ଥ ନୁହେଁ, ବରଂ ଏ ସମସ୍ତେ ଏକ ନିର୍ଦ୍ଦିଷ୍ଟ କକ୍ଷରେ ଅନାୟାସରେ ପ୍ରଦକ୍ଷିଣ କରୁଥାନ୍ତି ।

ଏ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ଏବଂ ଏହାର ନିରନ୍ତର ଗତିକୁ ଏକ ଯୁକ୍ତିଯୁକ୍ତ ପ୍ରମାଣ ରୂପେ ପ୍ରତିପାଦନ କରି ଅଲ୍ଲାଃ ତାଲ ବୁଦ୍ଧିଜୀବୀମାନଙ୍କୁ ଏ ସମ୍ବନ୍ଧରେ ଗଭୀର ଅନୁଶୀଳନ/ଚିନ୍ତା କରିବାପାଇଁ ଆମନ୍ତ୍ରଣ କରି କହିଛନ୍ତି: **ଇନ୍ନା ଫି ଖଲ୍‌କିସ୍ ସମାୱାତି ୱଲ୍‌ଅର୍‌ଜି ୱଖ୍‌ତିଲାଫିଲ୍ ଲୈଲି ୱନ୍ ନହାରି ଲଆୟାତିଲ୍ ଲିଉଲିଲ୍ ଅଲ୍‌ବାବ୍ (ଆଲେ ଇମ୍‌ରାନ୍: ୧୯୧)** ଅର୍ଥାତ ଦିନପରେ ରାତି ଓ ରାତିପରେ ଦିନର ଆଗମନ ହେବା ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱର ବଡ଼ ପ୍ରମାଣ । ଏବେ ଆମେ ଏକଥା ଜାଣିଛେ ଯେ ଏ ପୃଥିବୀ ଗୋଲ୍ ଅଟେ ଏବଂ ପୃଥିବୀ ଘୁରୁଅଛି କିନ୍ତୁ ଏହା ସତ୍ୱେ ମଧ୍ୟ ଆମେ ସାମାନ୍ୟ ଧକ୍କା ଅନୁଭବ କରୁନାହୁଁ । ଦୀର୍ଘ ସମୟ ଧରି ଲୋକମାନେ ଏକଥା ଭାବୁଥିଲେ ଯେ ଏ ପୃଥିବୀ ସ୍ଥିର ଓ ଚାରିପଟେ ଘୁରି ବୁଲୁଛନ୍ତି । ଯେପରି କି ଆମକୁ ଏହା ଦେଖାଯାଉଅଛି ।

ଗୋଟିଏ ଲଟୁକୁ ଯେବେ ଆମେ ଘୂରାଇଥାଉ, ସେ ନିଜ ଅକ୍ଷରେ କିଛି ସମୟ ଘୂରି ତଳେ ପଡ଼ିଯାଇଥାଏ କିନ୍ତୁ ଆମ ପୃଥିବୀ କୋଟି କୋଟି ବର୍ଷ ଧରି ଘୂରିବୁଲୁଛି ଓ ଘୂରିବା ବନ୍ଦ ହେଉନାହିଁ ! ଘୂର୍ଣ୍ଣନ ବେଗରେ କିଛି ପାର୍ଥକ୍ୟ ହୋଇଥାଏ କିନ୍ତୁ ତାହା ଅତି ସାମାନ୍ୟ ପାର୍ଥକ୍ୟ ଥାଏ । ତାହାର ଘୂର୍ଣ୍ଣନ ଗତି ହ୍ରାସ ପାଇଚାଲିଛି । କିନ୍ତୁ ତାହା ଏକ ଶତାବ୍ଦିରେ ଆନୁମାନିକ ଏକ ସେକେଣ୍ଡର ହଜାରେ ଭାଗରୁ ଭାଗେ ଏବଂ ଏହା ଆମ ଗବେଷଣା ପାଇଁ ପ୍ରେରଣା ଯୋଗାଇଥାଏ । ଏତଦ୍‌ଦ୍ୱାରା ଆମକୁ ଅତୀତରେ ପୃଥିବୀ ଓ ଚନ୍ଦ୍ର ମଧ୍ୟରେ ଥିବା ସମ୍ପର୍କ ସମ୍ବନ୍ଧରେ ଜ୍ଞାନ ମିଳିଥାଏ । ଆମକୁ ଏହା ମଧ୍ୟ ଜଣାଗଲା ଯେ ନା କେବଳ ପୃଥିବୀ ନିଜ ଅକ୍ଷପଥରେ ଘୁରୁଅଛି ଓ ଚବିଶି ଘଂଟାରେ ତା'ର ଏକ ରୋଟୋଶନ୍ ହୋଇଥାଏ ବରଂ ପୃଥିବୀ ସୂର୍ଯ୍ୟର ଚତୁଃପାର୍ଶ୍ୱରେ ମଧ୍ୟ ଘୂରୁଅଛି ଓ ସୂର୍ଯ୍ୟ ଚାରିପଟେ ତାକୁ ଏକ ଚକର ମାରିବା ପାଇଁ ଏକ ବର୍ଷ ଲାଗିଥାଏ । ସେ ଘଂଟାପ୍ରତି ୩୦ କିଲୋମିଟର ବେଗରେ ଘୁରୁଅଛି । କିନ୍ତୁ ଏହା ସତ୍ୱେ ମଧ୍ୟ ଆମେ ଏହାର କୌଣସି ଧକ୍କାକୁ ଅନୁଭବ ମଧ୍ୟ କରିପାରୁନାହୁଁ । ଯଦିଚ ଏହାର ଏକ ସ୍ୱଷ୍ଟ ଫଳାଫଳ ଆକାଶକୁ ଦେଖିଲେ ଜଣାପଡ଼ିଯାଉଛି । ଏକ ବର୍ଷରେ ସୂର୍ଯ୍ୟ ବାରଟି ରାଷିଚକ୍ରକୁ ଅତିକ୍ରମ କରି ଏକବର୍ଷ ପରେ ପୁଣି ଆକାଶରେ ନିଜର ପୂର୍ବ ସ୍ଥିତିକୁ ଫେରିଆସୁଛି ।

ଏ ସୌରଜଗତ ଏକ ବହୁତ ବଡ଼ ବ୍ୟବସ୍ଥା ଅର୍ଥାତ ଛାୟାପଥ/ଆକାଶଗଙ୍ଗାର ଏହା ଏକ ଅଂଶ ଅଟେ । ବିଂଶ ଶତାବ୍ଦୀରେ ଏହା ପ୍ରକାଶ ପାଇଲା ଯେ ସୂର୍ଯ୍ୟ ସୌର ଜଗତର ସମସ୍ତ ଗ୍ରହକୁ ବହନ କରି ଆମ ଗାଲାକ୍ସିର କେନ୍ଦ୍ର ଚାରିପଟେ ପ୍ରତି ସେକେଣ୍ଡରେ ଦୁଇଶହ କିଲୋମିଟରରୁ ଅଧିକା ଗତିରେ ଘୂରି ବୁଲୁଛି ଏବଂ ଆମ ଆକଶଗଙ୍ଗା ଚାରିପଟେ ଗୋଟିଏ ଚକ୍ର ପୂରଣ କରିବାପାଇଁ ତାକୁ କୋଡ଼ିଏ କୋଟି ବର୍ଷ ଲାଗିଥାଏ । ସୂର୍ଯ୍ୟ ସହିତ ଆମେ ସମସ୍ତେ ମଧ୍ୟ ସେହି ସମାନ ବେଗରେ ଗାଲାକ୍ସି ଚାରିପଟେ ଘୁରୁଅଛେ । ଏବଂ ନିରନ୍ତର Nonstop ଯାତ୍ରା କରିବା

ସତ୍ୱେ ମଧ୍ୟ ଆମେ କ୍ଲାନ୍ତ ଅନୁଭବ କରୁନାହୁଁ ଏବଂ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଆମକୁ ଏପଟ ସେପଟ ହେବାକୁ ଦିଏନାହିଁ ଓ ଦୃଢ଼ଭାବରେ ଏ ପୃଥିବୀରେ ଧରି ରଖିଛି। ଏହା ଅଲ୍ଲାଃଙ୍କର କୃତି ଯିଏ ସବୁକିଛି ମଜ୍‌ଭୁତ କରି ଗଢ଼ି ତୋଳିଛନ୍ତି ମଟରକାର, ରେଳଗାଡ଼ି, ଉଡ଼ାଜାହାଜ ସମସ୍ତେ କୌଣସି ଚାଳକର ଆବଶ୍ୟକ କରିଥାନ୍ତି। ଏଠାରେ ଆମେ କିପରି କହିପାରିବା ଯେ ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର ଏବଂ ଅନ୍ୟ ସମସ୍ତ ଗ୍ରହନକ୍ଷତ୍ରକୁ ଚଳାଉଥିବା କୌଣସି ଈଶ୍ୱର ନାହାନ୍ତି ବୋଲି !

**ଦୁଆ (ପ୍ରାର୍ଥନା) ଗ୍ରହଣୀୟ ହେବାର ଯୁକ୍ତିଯୁକ୍ତ ପ୍ରମାଣ**

ଗୋଟିଏ ଯୁକ୍ତିଯୁକ୍ତ ପ୍ରମାଣ ଯାହା ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱକୁ ସାବ୍ୟସ୍ତ କରିବା ସମ୍ବନ୍ଧରେ ମିଳୁଅଛି ତାହା ହେଉଛି ଏହା କି ସେ ପ୍ରାର୍ଥନା ଶୁଣିଥାଏ। ଯେବେ କୌଣସି ବ୍ୟକ୍ତି ବ୍ୟତିବ୍ୟସ୍ତ ହୋଇ ତାହାଙ୍କ ନିକଟରେ ପ୍ରାର୍ଥନା କରିଥାଏ ସେ ତାହା ଶୁଣିଥାଏ। ଏହା କୌଣସି ବିଶେଷ ଯୁଗ ମଧ୍ୟରେ ସୀମିତ ନୁହେଁ ବରଂ ପ୍ରତି ଯୁଗରେ ଏହାର ଉଦାହରଣ ଦେଖିବାକୁ ମିଳିଥାଏ। ଅତଏବ ଅଲ୍ଲାଃ ତାଲା କୁହନ୍ତି।

**ୱ ଇଜା ସାଲକା ଇବାଦି ଅନ୍ନି ଫଇନ୍ନି କରିବୁନ୍ ଉଜିବୁ ଦାୱତଦ୍ ଦାଇ ଇଜା ଦଆନି ଫଲ୍‌ୟସ୍‌ତଜିବୁ ଲି ୱଲ୍‌ୟୁମିନୁ ବି ଲାଅଲ୍ଲହୁମ୍ ୟର୍‌ଶୁଦୁନ୍ (ବକ୍‌ରାଃ:୧୮୭)** ଅର୍ଥାତ: ଏବଂ (ହେ ରସୁଲ୍ !) ଯେବେ ଆମ୍ଭ ଭକ୍ତମାନେ ତୁମ୍ଭଙ୍କୁ ଆମ୍ଭ ସଂକ୍ରାନ୍ତରେ ପ୍ରଶ୍ନ କରିବେ ତେବେ (କୁହ) ଆମ୍ଭେ ସେମାନଙ୍କ ନିକଟରେ ଅଛୁ; ପ୍ରାର୍ଥନାକାରୀ ଯେବେ ବି ଆମ୍ଭଙ୍କୁ ପ୍ରାର୍ଥନା କରେ ଆମ୍ଭେ ତାହାର ପ୍ରାର୍ଥନାକୁ ଗ୍ରହଣ କରିଥାଉ; ସୁତରାଂ ଆମ୍ଭର ଆଦେଶ ଗ୍ରହଣ କରିବା ଓ ଆମ୍ଭ ଉପରେ ବିଶ୍ୱାସ ସ୍ଥାପନ କରିବା ସେମାନଙ୍କ ପକ୍ଷେ ବିଧେୟ ଫଳରେ ସେମାନେ ସତ୍‌ପଥଗାମୀ ହେବେ।

ଏବେ ଯଦି କୌଣସି ବ୍ୟକ୍ତି ଏହା କହେ ଯେ କିମିତି ଜାଣିବା ଯେ ଖୁଦା/ଈଶ୍ୱର ପ୍ରାର୍ଥନା ଶୁଣିଥାନ୍ତି ବୋଲି ? କାହିଁକି ଏକଥା କୁହାଯାଇପାରିବ ନାହିଁ ଯେ ସଂଯୋଗବଶତଃ/ ଆକସ୍ମିକ ଭାବେ କିଛି ପ୍ରାର୍ଥନାକାରୀଙ୍କ କାମ ହୋଇଯାଇଥାଏ ବୋଲି ଯେମିତି କିଛି ଲୋକଙ୍କର ପ୍ରାର୍ଥନା ଗ୍ରହଣୀୟ ମଧ୍ୟ ହୋଇନଥାଏ। ଯଦି ସମସ୍ତ ପ୍ରାର୍ଥନା କବୁଲ୍ (ଗ୍ରହଣୀୟ) ହୋଇଯାଆନ୍ତା ତା'ହେଲେ କିଛି କୁହାଯାଇପାରନ୍ତା କିନ୍ତୁ ଆମେ ଏହା ଦେଖିଥାଉଁ ଯେ ଅଧିକାଂଶ ଲୋକଙ୍କ ଦୁଆ କୁବୁଲ୍ (ଗ୍ରହଣୀୟ) ହୋଇନଥାଏ। ଏଥିରୁ ଏ ନିଷ୍କର୍ଷ ବାହାରୁଛି ଯେ, ଯେଉଁମାନେ ଏକଥା କହୁଛନ୍ତି ଯେ ସେମାନଙ୍କ ଦୁଆ କୁବୁଲ୍ ହୋଇଗଲା ବା ସେମାନଙ୍କର କାମ ହୋଇଗଲା ବା ନିରୋଗୀ ହୋଇଗଲେ, ତାହା ସଂଯୋଗବଶତଃ ଆପଣାଛାଏଁ ହୋଇଗଲା ? ଏହାର ଉତର ହେଉଛି ଏହାକି ଦୁଆ ଗ୍ରହଣୀୟ ହେବା ନିଜ ସହିତ ଏକ ନିଦର୍ଶନ ରଖିଥାଏ। ଅତଏବ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଦ୍ୱିତୀୟ ର:ଅ ଲେଖିଛନ୍ତି ଯେ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ କାଦିଆନି ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍ ଆ:ସ ଅଲ୍ଲାଃଙ୍କ ଅସ୍ତିତ୍ୱର ପ୍ରମାଣ ସ୍ୱରୁପ ଏହା ପ୍ରକାଶ କରିଥିଲେ ଯେ କିଛି ଭୟଙ୍କର ରୋଗୀମାନଙ୍କୁ ଚୟନ କରାଯାଉ ଓ ସେହି ରୋଗୀମାନଙ୍କୁ ବାଟିଂ ଦିଆଯାଉ। ଗୋଟିଏ ଦଳକୁ ଡ଼ାକ୍ତରମାନେ ଚିକିତ୍ସା କରନ୍ତୁ ଓ ଅନ୍ୟ ଦଳ ପାଇଁ ମୁଁ ଦୁଆ କରିବି। ତା'ପରେ ଦେଖନ୍ତୁ କାହାର ରୋଗୀମାନେ ଆରୋଗ୍ୟଲାଭ କରୁଛନ୍ତି ? ***(ଅଲ୍ଲାଃଙ୍କ ଅସ୍ତିତ୍ୱର ଦଶଟି ପ୍ରମାଣ, ପୃ-୨୧)***

ଏବେ ଏପରି ପରୀକ୍ଷାରେ କଣ ସନ୍ଦେହ ହୋଇପାରେ।

ଅସାଧ ରୋଗୀମାନଙ୍କର ଆରୋଗ୍ୟ ହେବା କ୍ରମରେ ଆଉ ଏକ ପ୍ରମାଣ ହେଉଛି ଏହାକି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରେ ଜଣେ ଛାତ୍ର ଯାହାର ନାମ ଅବ୍‌ଦୁଲ୍ କରିମ୍ ପିତା ଅବ୍‌ଦୁର୍ ରହ୍‌ମାନ୍ ସାକିନ୍ ହାଇଦ୍ରାବାଦ ଦକ୍ଷିଣରୁ ଶିକ୍ଷା ଗ୍ରହଣ କରିବାପାଇଁ କାଦିଆନ୍ ଆସିଥିଲେ। କାଦିଆନ୍‌ରେ ରହିବା ସମୟରେ ଦିନେ ତାଙ୍କୁ ପାଗଳ କୁକୁର କାମୁଡ଼ି ଦେଲା। ସେ ସମୟରେ ଏମିତି ହେବା ମଣିଷର ମୃତ୍ୟୁ ନିଶ୍ଚିତ ବୋଲି ଧରାଯାଉଥିଲା। ଅତଏବ୍ ହଜ୍‌ତର୍ ମସିହ ମଉଦ୍ ଆ:ସ ଅବ୍‌ଦୁଲ୍ କରିମ୍‌କୁ କସୋଲି (ଜିଲ୍ଲା ସୋଲନ୍ ହିମାଚଳ ପ୍ରଦେଶ) ଚିକିତ୍ସାପାଇଁ ପଠାଇ ଦେଲେ। ସେ ସମୟରେ ସେଠାରେ ଏହିଭଳି ରୋଗୀର ଚିକିତ୍ସା କରାଯାଉଥିଲା। ସେଠାରେ ତାଙ୍କର ଚିକିତ୍ସା କରାଗଲା ଏବଂ ସେ ସ୍ୱାସ୍ଥ୍ୟ ହୋଇ କାଦିଆନ୍ ଚାଲିଆସିଲେ। କିଛି ଦିନ ପରେ ତାଙ୍କଠାରେ ପାଗଳପଣ (ଜଳାତଙ୍କ ରୋଗ)ର ଲକ୍ଷଣ ଦେଖାଦେଲା। କସୋଲିର ଡ଼ାକ୍ତରଙ୍କୁ ଏହାର କାରଣ ସମ୍ବନ୍ଧରେ ପଚାରି ବୁଝାଗଲା। ଡ଼ାକ୍ତର ଏହାର ଉତର ଟେଲିଗ୍ରାମ ଦ୍ୱାରା ପଠାଇଲେ ଯେ, Sorry nothing can be done for Abdul Karim ଅର୍ଥାତ: ବହୁତ ଦୁଃଖର ସହିତ କହିବାକୁ ପଡୁଛି ଯେ ଏବେ ଅବ୍‌ଦୁଲ୍ କରିମ୍ ପାଇଁ କିଛି କରାଯାଇ ପାରିବନାହିଁ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏଭଳି ଅସାଧ ରୋଗୀଙ୍କ ନିମନ୍ତେ ଦୁଆ କଲେ ଏବଂ ସେ ଆରୋଗ୍ୟ ଲାଭ କଲେ।

ଏମିତି ରୋଗୀ ଯାହାଙ୍କ ସମ୍ବନ୍ଧରେ ଡ଼ାକ୍ତରମାନେ ନିରାଶ ହୋଇ ଏକଥା ବତାଇଥିଲେ ଯେ ଦୁଃଖର ବିଷୟ ଏମିତି ଅବସ୍ଥାରେ ରୋଗୀକୁ ବଂଚାଇବା ପାଇଁ କିଛି କରାଯାଇପାରିବ ନାହିଁ। କିନ୍ତୁ ସେ ଦୁଆ (ପ୍ରାର୍ଥନା) ଦ୍ୱାରା ସୁସ୍ଥ ହୋଇଯାଉଛି। ଏହା ହେଉଛି ତା'ର ପ୍ରମାଣ ଯେ ଅଲ୍ଲାଃ ବିଦ୍ୟମାନ। ସେ ଦୁଆ ଶୁଣୁଛନ୍ତି ଓ ଦୁଆ ଗ୍ରହଣ (କବୁଲ୍) କରୁଛନ୍ତି।

ଯାହାଙ୍କୁ ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱର ପ୍ରମାଣ ଦରକାର ସେ ଆନ୍ତରିକତାର ସହିତ ଅଲ୍ଲାଃଙ୍କ ସମ୍ମଖରେ ନତମସ୍ତକ ହୋଇ ତା' ନିକଟରେ ଦୁଆ କରିବା ଉଚିତ। ଅଲ୍ଲାଃ ସ୍ୱୟଂ ତାକୁ ନିଜର ଜ୍ଞାନ ପ୍ରଦାନ କରିବେ। ବୁଦ୍ଧି ବ୍ୟତୀତ ତା'ର ହୃଦୟ ମଧ୍ୟ ଏହି ପ୍ରମାଣ ଦ୍ୱାରା ସନ୍ତୁଷ୍ଟ ହୋଇଯିବ।

**ସର୍ତକତା ଅବଲମ୍ବନ କରିବାର ଯୁକ୍ତିଯୁକ୍ତ ପ୍ରମାଣ**

ବେଳେବେଳେ ଆମେ ଏ ଦୁନିଆରେ ଗୋଟିଏ କାମକୁ କେବଳ ଏଥିପାଇଁ କରିଥାଉଁ ଯେ ତାକୁ କରିବା ଯଦିଚ କୌଣସି ଯୁକ୍ତିପୂର୍ଣ୍ଣ ଆଧାରରେ ଜରୁରୀ ନୁହେଁ କିନ୍ତୁ ସତର୍କତାର ପାର୍ଶ୍ୱକୁ ଦେଖି ଏହା କରିବା ଜରୁରୀ ହୋଇଯାଇଥାଏ। ଉଦାହରଣ ସ୍ୱରପୁ ଯଦି ଆମେ ରାତିବେଳା କୌଣସି ଏକ ଜଙ୍ଗଲରେ କୌଣସି ହିଂଶ୍ର ପଶୁ ବା ଚୋର ଡ଼ାକୁଙ୍କ ଭୟ ନାହିଁ ବୋଲି ତେବେ ମଧ୍ୟ ଆମେ ସତର୍କତା ମୂଳକ ରାତି ସମୟରେ ସେଠାରେ ପହରା ଲାଗଇ ଦେଇଥାଉଁ। ଆମେ ଏକଥା ଭାବିଥାଉଁ ଯେ ଯଦିଚ ଲାଗୁଛି ଏଠାରେ କୌଣସି ବିପଦ ନାହିଁ କିନ୍ତୁ ସମ୍ଭବତଃ କାଳେ କୌଣସି ବିପଦ ଆସିଯାଇପାରେ ଆମ ପାଖରେ କୌଣସି ଉପାୟ ମଧ୍ୟ ନଥିବ। ତେଣୁ ଏହିପରି ପରିସ୍ଥିତିରେ ଆମ ବୁଦ୍ଧି ଓ ବିବେକ ଆମକୁ ଏହି ପରାମର୍ଶ ଦେଇଥାଏ ଯେ ଯଦିଚ କୌଣସି ବିପଦ ଆସିବା ଭଳି ଲାଗୁନାହିଁ ତେବେ ମଧ୍ୟ ବାହାରେ ପହରା ଲଗାଇଦେଲେ ଆମ ପାଇଁ କିଛି ଅସୁବିଧା ନାହିଁ। କିନ୍ତୁ ଯଦି କୌଣସି ବିପଦ ପଡ଼ିଯାଏ ତା'ହେଲେ ନିଶ୍ଚିତ ରୂପେ ଏହି ପହରା ଲାଗିଥିବାର ବ୍ୟବସ୍ଥା ଆମକୁ ବହୁତ ଲାଭ ଦେବ। ଅତଏବ ବେଳେବେଳେ ଆମେ ଗୋଟିଏ କାମକୁ କେବଳ ସତର୍କତାମୂଳକ ଅକ୍ତିଆର କରିଥାଉଁ ଏବଂ ସାରା ଦୁନିଆ ଏକଥାରେ ସହମତ ଯେ ଏହି ପ୍ରକାରର ସତର୍କମୂଳକ ବ୍ୟବସ୍ଥା ଜରୁରୀ ହୋଇଥାଏ ଓ ଲାଭପ୍ରଦ ହୋଇଥାଏ।

ଏବେ ଏହି ନିୟମ ଅର୍ନ୍ତଗତ ଆମେ ଯଦି ଅଲ୍ଲାଃ ତାଲାଙ୍କ ନିୟମ କାନୁନ୍ ଉପରେ ଦୃଷ୍ଟି ନିକ୍ଷେପ କରୁଛେ ତେବେ ଆମ ବୁଦ୍ଧି ଓ ବିବେକ ଏ ନିଷ୍ପତି କରିଥାଉ ଯେ ଅଲ୍ଲାଃ ତାଲାଙ୍କ ଉପରେ ବିଶ୍ୱାସ ଆଣିବା ଅବିଶ୍ୱାସ କରିବାଠାରୁ ଭଲ ଓ ଅଧିକ ସତର୍କମୂଳକ ପ୍ରଣାଳୀ। ଯଦି କୌଣସି ଖୁଦା/ଈଶ୍ୱର ନାହାନ୍ତି ଓ ଏହି ସମସ୍ତ ବିଶ୍ୱର କାରଖାନା କେବଳ ଏକ ଆକସ୍ମିକତାର ଫଳାଫଳ ତେବେ ଠିକ୍ କଥା ଯେ ଆମର ବିଶ୍ୱାସ ଆଣିବା ଆମ ପାଇଁ କୌଣସି କ୍ଷତିକାରକ ହୋଇନପାରେ। କିନ୍ତୁ ଯଦି କୌଣସି ଖୁଦା/ଈଶ୍ୱର ଥାଏ (ଏବଂ ନିଶ୍ଚିତ ଅଛନ୍ତି) ତେବେ ଆମର ଏହି ଇମାନ୍ (ବିଶ୍ୱାସ ଆଣିବା) ନିଶ୍ଚିତ ରୂପେ ଲାଭକାରୀ ସାବ୍ୟସ୍ତ ହେବ।

କୁହାଯାଏ କି କେହି ଜଣେ ହଜ୍‌ରତ୍ ଅଲୀଙ୍କୁ ପଚାରିଲେ ଯେ ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ କଣ ? ହଜ୍‌ରତ୍ ଅଲୀ ଲୋକଟିକୁ ସରଳ ଲୋକ ଭାବେ ଜାଣିପାରି ଏ ଉତର ଦେଇଥିଲେ ଯେ ଦେଖ ତୁମ ପାଇଁ ଏତିକି ଯଥେଷ୍ଟ ହେବ ଯେ ଯଦି ଖୁଦା ନାହାନ୍ତି ତେବେ ସ୍ୱୀକାର କରିବାବାଲା ଓ ଅସ୍ୱୀକାରକାରୀ ସମସ୍ତେ ସମାନ୍। କାହାର କିଛି କ୍ଷତି ନାହିଁ ଏବଂ ଯଦି ଖୁଦା ଥିବେ ତେବେ ଖୁବ୍ ମନେରଖ ଯେ ଅସ୍ୱୀକାର କରୁଥିବା ଲୋକଙ୍କ ପାଇଁ ଏହା ଠିକ୍ ହେବନାହିଁ।

ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ କହିଛନ୍ତି: କେବଳ ଯୁକ୍ତିଯୁକ୍ତ ପ୍ରମାଣ ଧର୍ମର ସତ୍ୟତା ପାଇଁ କୌଣସି ପ୍ରକାରେ ସିଦ୍ଧ ସାକ୍ଷ୍ୟ ହୋଇପାରିବ ନାହିଁ ଏବଂ ଏହା ଏପରି କୌଣସି ମୋହର ନୁହେଁ ଯେ କୌଣସି ଜାଲସାଦ୍ ଏହାକୁ ବନାଇବାକୁ ସମର୍ଥ ହେବନାହିଁ ବରଂ ଏହା ଏକ ସାଧାରଣ ଜ୍ଞାନର ଉତ୍ସରୁ ଗୋଟିଏ ଭିକ୍ଷା ମାଗିବା କଳ୍ପନା କରାଯାଇପାରେ। ପୁଣି ଏକଥାର କିଏ ନିଷ୍ପତି କରିବ ଯେ ଯୁକ୍ତିଯୁକ୍ତ କଥା ଯାହା ଏକ ପୁସ୍ତକରେ ଲେଖାଯାଇଅଛି ତାହା ବାସ୍ତବିକ ଐଶିବାଣୀ ବା ଅନ୍ୟ କୌଣସି ପୁସ୍ତକରୁ ଚୋରାଇ ଲେଖାଯାଇଅଛି। ଯଦି ଏକଥା ମାନି ନିଆଯାଏ ଯେ ତାହା ଚୋରାଯାଇନାହିଁ ବୋଲି ତେବେ ମଧ୍ୟ ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱକୁ ପ୍ରତିପାଦନ କରିବାପାଇଁ ତାହା କେବେ ପୂର୍ଣ୍ଣପ୍ରମାଣ ହୋଇପାରେ ଏବଂ କେବେ କୌଣସି ସତ୍ୟାନୁରାଗୀର ଆତ୍ମା ଏଥିରେ ପୂର୍ଣ୍ଣ ସନ୍ତୁଷ୍ଟି ପାଇପାରିବ ଯେ କେବଳ ସେହି ଯୁକ୍ତିଯୁକ୍ତ କଥା ହିଁ ନିଶ୍ଚିତରୂପେ ଈଶ୍ୱରଙ୍କର ନିଦର୍ଶନ ଏବଂ କେବେ ଏହା ସନ୍ତୋଷଜନକ ହୋଇପାରେ ଯେ ସେହି କଥାଗୁଡ଼ିକ ସମ୍ପୁର୍ଣ୍ଣରୂପେ ତ୍ରୁଟିମୁକ୍ତ ନୁହେଁ। ଅତଏବ ଯଦି ଧର୍ମ କେବଳ କିଛି କଥାକୁ ଯୁକ୍ତିଯକ୍ତ ବା ଦର୍ଶନ ଆଡ଼କୁ ଦର୍ଶାଇ ନିଜ ସତ୍ୟତାର କାରଣ ବର୍ଣ୍ଣନା କରିଥାଏ ଏବଂ ସ୍ୱର୍ଗୀୟ ଚିହ୍ନ ଓ ଆଲୌକିକ କାର୍ଯ୍ୟ ଦେଖାଇବାକୁ ଅସମର୍ଥ ତେବେ ଏପରି ଧର୍ମର ଅନୁଗାମୀମାନେ ଧୋକା ଖାଇଛନ୍ତି ବା ଧୋକା ଦେଉଛନ୍ତି ଏବଂ ସେ ଅନ୍ଧକାରରେ ମରିବ।

ଅତଏବ କେବଳ ଯୁକ୍ତିଯୁକ୍ତ ପ୍ରମାଣ ଦ୍ୱାରା ଈଶ୍ୱରଙ୍କ ଅସ୍ତିତ୍ୱ ନିଶ୍ଚିତ ରୂପେ ପ୍ରମାଣ ହୋଇପାରେନାହିଁ। ଯଦିଚ କୌଣସି ଧର୍ମର ସତ୍ୟତା ଏହା ଦ୍ୱାରା ପ୍ରମାଣ ହୋଇଯାଏ ଏବଂ ଯେ ପର୍ଯ୍ୟନ୍ତ ଗୋଟିଏ ଧର୍ମ ଏଥିପାଇଁ ଦାୟୀ ନ ହୋଇଛି ଯେ ସେ ଈଶ୍ୱରଙ୍କ ଅସ୍ତିତ୍ୱକୁ ନିଶ୍ଚିତ ଭାବରେ ପ୍ରମାଣ କରି ଦେଖାଇବ ସେ ପର୍ଯ୍ୟନ୍ତ ସେହି ଧର୍ମ କିଛି ନୁହେଁ ଏବଂ ବଡ଼ ଅଭାଗା ହେଉଛି ସେହି ବ୍ୟକ୍ତି ଯିଏ ଏମିତିକା ଧର୍ମ ଉପରେ ଉର୍ସ୍ଗ ହେଉଛି। ଏହି ପରି ଧର୍ମଗୁଡିକ ନିଜ ମଥାରେ ଅଭିଷାପର ଟିକା ପିନ୍ଧିଛନ୍ତି। ଯିଏ ମଣିଷର ଜ୍ଞାନକୁ ଏହି ପର୍ଯ୍ୟାୟରେ ପହଂଚାଇ ପାରୁନାହିଁ ଯାହା ସାହାଯ୍ୟରେ ସେ ଈଶ୍ୱରଙ୍କୁ ଦର୍ଶନ କରିପାରିବ ଏବଂ ତା'ର ମାନସିକ ଅନ୍ଧକାର ଆଧ୍ୟାତ୍ମିକତାରେ ପରିବର୍ତନ ହୋଇଯିବ ଏବଂ ଈଶ୍ୱରଙ୍କ ତାଜା ନିଦର୍ଶନରୁ ତାଜା ବିଶ୍ୱାସ ପାପ୍ତ ହେବ ଏବଂ ନା କେବଳ କଥାରେ ବରଂ ବାସ୍ତବିକ ରୂପେ ଏକ ପବିତ୍ର ଜୀବନ ମିଳିଯିବ। ***(ବରାହିନେ ଅହମଦୀୟା, ଖଣ୍ଡ-୫, ରୁହାନୀ ଖଜାଇନ୍ ଖଣ୍ଡ-୨୧, ପୃ-୬୦)***

********

*ପୃଷ୍ଠା-୦୧ ର ଅବଶିଷ୍ଟାଂଶ......*

ପୂଜକମାନେ ମ୍ଳେଛ, ଅଶୁଦ୍ଧ, କୁତ୍ସିତ ପାମର ଜୀବ ଏବଂ ଶୈତାନଙ୍କ ସନ୍ତାନ ଇତ୍ୟାଦି । ସେହିପରି ସେମାନଙ୍କର ଉପାସ୍ୟ ଠାକୁର ନିଆଁରେ ପଡିବେ ତଥା ନର୍କର ଇନ୍ଧନ ହେବେ, ସେତେବେଳେ ଅବୁତାଲିବ ହଜରତ ମୁହମ୍ମଦ[ସଅ]ଙ୍କୁ ଡାକି କହିଲେ ଯେ 'ହେ ମୋର ପୁତୁରା! ଏବେ ତୁମ ସଂପ୍ରଦାୟ ତୁମେ ଏପରି ଅପବାଦ ଜନକ ମନ୍ତବ୍ୟ ଦେବା ଯୋଗୁ ଭୀଷଣ ଉତେଜିତ ହୋଇ ଯାଇଛନ୍ତି । ସମ୍ଭବତଃ ତୁମକୁ ଓ ମୋତେ ନିଃଶେଷ କରିଦେବେ । ଯେହେତୁ ତୁମେ ସେମାନଙ୍କ ବିଜ୍ଞ ଲୋକମାନଙ୍କୁ ନିର୍ବୋଧ ବୋଲି ଅଭିହିତ କରିଛ ଏବଂ ସେମାନଙ୍କ ଗୁରୁଜନମାନଙ୍କୁ ନରାଧମ ରୂପେ ସମ୍ବୋଧନ କରିଛ ତଥା ସେମାନଙ୍କ ଉପାସ୍ୟ ଠାକୁରମାନଙ୍କୁ ନର୍କଗାମୀ ହେବାର କହିଛ । ସାଧାରଣ ଭାବେ ମ୍ଳେଛ ଓ ଶୈତାନର ସନ୍ତାନ ବୋଲି ମଧ୍ୟ କହିଛ । ତେଣୁ ମୁଁ ତୁମର ମଙ୍ଗଳ ସକାଶେ କହୁଛି ଯେ ନିଜକୁ ସଂଯତ କର ଓ ଅପଶବ୍ଦ ବ୍ୟବହାର କରିବାକୁ ନିବୃତ ରୁହ । ନଚେତ ଏହି ଜାତି ସହିତ ଲଢ଼ିବା ପାଇଁ ମୋର ଶକ୍ତି ନାହିଁ ।' ଏହାର ଉତରରେ ମହାଭାଗ କହିଲେ, 'ହେ ମୋର ପିତୃବ୍ୟ! ଏହା ମୋର କୌଣସି ଅପଶବ୍ଦ ନୁହେଁ ବରଂ ସତ୍ୟତାର ପ୍ରକାଶ ଓ ବାସ୍ତବ ଘଟଣାର ସଠିକ ବର୍ଣ୍ଣନା । କେବଳ ଏହି କାର୍ଯ୍ୟ ପାଇଁ ମୋତେ ପଠାଯାଇଛି । ଯଦି ଏଥିପାଇଁ ମୋତେ ମୃତ୍ୟୁ ବରଣ କରିବାକୁ ହୁଏ, ତେବେ ମୁଁ ଆନନ୍ଦର ସହିତ ଏହାକୁ ସ୍ୱୀକାର କରୁଛି, ମୋ ଜୀବନ ଏହି ମାର୍ଗରେ ଉତ୍ସର୍ଗୀକୃତ ।' ମୁଁ ମୃତ୍ୟୁ ଭୟରେ ସତ୍ୟକୁ ପ୍ରକାଶ କରିବାରୁ ଆଦୌ ବିରତ ହୋଇ ନପାରେ । ହେ ମୋର ପିତୃବ୍ୟ! ଯଦି ତୁମକୁ ନିଜର ଅକ୍ଷମତା ପ୍ରକାଶ କରିବା କିମ୍ବା କୌଣସି କଷ୍ଟ ସ୍ୱୀକାର କରିବାର ଭୟ ରହିଛି, ତେବେ ତୁମେ ମୋତେ ଆଶ୍ରୟ ଦେବାକୁ ମୁକ୍ତ ହୋଇଯାଅ । ଈଶ୍ୱରଙ୍କ ରାଣ! ମୋତେ ତୁମର କୌଣସି ସାହାଯ୍ୟ ଲୋଡା ନାହିଁ । ମୁଁ ଏହି ଐଶି ଆଦେଶ ପହଂଚାଇବାରୁ କଦାପି କ୍ଷାନ୍ତ ହେବି ନାହିଁ । ମୋତେ ନିଜ ମୁନିବଙ୍କ ଆଦେଶ ଜୀବନ ଠାରୁ ମଧ୍ୟ ଅଧିକ ପ୍ରିୟ ଈଶ୍ୱରଙ୍କ ରାଣ! ଯଦି ମୁଁ ଏହି ପଥରେ ମୃତ୍ୟୁ ଲାଭ କରିବି, ତେବେ ଏହା ଚାହୁଁଛି ଯେ ବାରମ୍ବାର ଜୀବିତ ହୋଇ ସର୍ବଦା ଏହି ପଥରେ ମରଣ ଲଭୁ ଥିବି । ଏହା ପ୍ରତି ମୋର ଭୟ ନାହିଁ, ବରଂ ମୋତେ ଏଥିରେ ଅତ୍ୟନ୍ତ ତୃପ୍ତି ମିଳୁଛି ଯେ ତାହାଙ୍କ ପଥରେ ଦୁଃଖ କଷ୍ଟ ବହନ କରିବି ।' ହଜରତ ମୁହମ୍ମଦ[ସଅ] ଯେତେବେଳେ ଏହି ବକ୍ତବ୍ୟ ଦେଉଥିଲେ, ତାଙ୍କ ଚେହେରା ଉପରେ ସତ୍ୟତା ଓ ଜ୍ୟୋତିରେ ପରିପୂର୍ଣ୍ଣ ରକ୍ତିମ ଆଭା ପ୍ରକଟିତ ହେଉଥିଲା । ଭାଷଣ ଶେଷ ହେବା ପରେ ସତ୍ୟର ଏହି ଆଲୋକ ଦେଖି ଅବୁତାଲିବଙ୍କ ଆଖିରୁ ଧାର ଧାର ଅଶ୍ରୁ ବହିବାରେ ଲାଗିଲା । ସେ କହି ଉଠିଲେ, 'ମୁଁ ତୁମର ଏପରି ମହାନୁଭବତା ଓ ଏହି ଉଚ୍ଚକୋଟୀର ଅବସ୍ଥା ସମ୍ବନ୍ଧରେ ଜାଣି ନଥିଲି । ତୁମେ ଅନ୍ୟ ଏକ ରଙ୍ଗରେ ଅଛ ଓ ଅନ୍ୟ ଏକ ମହିମା ଧାରଣ କରିଛ । ଏବେ ତୁମେ ଯାଅ, ନିଜ କାର୍ଯ୍ୟରେ ଲାଗିପଡ । ଯେପର୍ଯ୍ୟନ୍ତ ମୁଁ ଜୀବିତ ରହିବି, ଯେତେଦୂର ମୋର ଶକ୍ତି ଥିବ, ମୁଁ ତୁମର ସହାୟତା କରିବି ।" (ଏଜାଲା ଅଉହାମ୍, ରୁହାନି ଖଜାୟିନ, ଗ୍ରନ୍ଥଖଣ୍ଡ ୩, ପୃ-୧୧୦)

ହଜରତ ମୁହମ୍ମଦ[ସଅ] ନିଜ ସଂପ୍ରଦାୟକୁ ଏକେଶ୍ୱରବାଦ ପ୍ରତି ଏପରି ଦୀକ୍ଷାନ୍ତ ପ୍ରବଚନ ଦେଉଥିଲେ ଯେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନର କୌଣସି କ୍ଷଣ ଅଲ୍ଲାଃ ପରମବ୍ରହ୍ମଙ୍କ ଧ୍ୟାନ ଓ ଜପରୁ ଖାଲି ରଖି ନଥିଲେ । ତେଣୁ ସେ କହୁଥିଲେ ମୋର ଚକ୍ଷୁର ଶୀତଳତା ହେଉଛି ନମାଜ । ସାରା ରାତି ନିଜ ପାଳନକ□ାଙ୍କ ସ୍ମରଣରେ ଏବଂ ପ୍ରେମ ଓ ଆସକ୍ତିର ବିଭୋର ହୋଇ କଟାଇ ଦେଉଥିଲେ । ଏହା ଅତ୍ୟନ୍ତ ବିସ୍ମୟକର ଯେ ସେ ଥରେ କହିଲେ 'ହେ ଆୟେଶା! ମୋର ଆଖି ତ ନିଦ୍ରାଗତ ହେଉଛି, କିନ୍ତୁ ମୋର ହୃଦୟ ଶୋଇପାରୁ ନାହିଁ ।' ନିଜର ଶେଷ ପ୍ରାଣ ନାଟିକାକୁ ପ୍ରାଣପ୍ରିୟଙ୍କ ଠାରେ ସମର୍ପିତ କରି ଦେଉଥିବା ସମୟରେ ତାଙ୍କର ଅନ୍ତିମ ଉପଦେଶ ଏହା ଥିଲା ଯେ କେବଳ ଏକ ଈଶ୍ୱରଙ୍କର ପୂଜା କର । ୟହୁଦୀଙ୍କ ପରି ମୂର୍ତି ପୂଜାରେ ମାତି ଯାଅ ନାହିଁ ଓ ମୋ କବରକୁ ସିଜ୍‌ଦା ସ୍ଥଳୀରେ ପରିଣତ କର ନାହିଁ ।

ହଜରତ ଖଲିଫତୁଲ ମସିହ ଦ୍ୱିତୀୟ[ରଅ] କହିଛନ୍ତି: ଈଶ୍ୱର ପ୍ରେମର ଏପରି ଦଶା ଥିଲା ଯେ ଯଦି ଘଡିଏ ପରେ ମେଘ ଆସୁଥିଲା, ସେ ନିଜ ଜିହ୍ୱାରେ ବର୍ଷାର ଏକ ଜଳବିନ୍ଦୁ ନେଉଥିଲେ ଓ କହୁଥିଲେ:

'ଦେଖ! ମୋର ପାଳନକର୍ତାଙ୍କର ସଦ୍ୟତମ ପୁରସ୍କାର ।'

ଯେତେବେଳେ ସଭାରେ ବସୁଥିଲେ କେବଳ କ୍ଷମାଭିକ୍ଷାର ପ୍ରାର୍ଥନା କରୁଥିଲେ । ଏମିତି ତ ସଦା ସର୍ବଦା କରୁଥିଲେ, ଯଦ୍ଦ୍ୱାରା ମହାଭାଗଙ୍କର ସମ୍ପ୍ରଦାୟ ଓ ତାଙ୍କ ସହିତ ସମ୍ପର୍କ ରଖିଥିବା ଲୋକମାନେ ଈଶ୍ୱରଙ୍କ କ୍ରୋଧରୁ ରକ୍ଷା ପାଆନ୍ତୁ ଓ ତାଙ୍କର କ୍ଷମାର ପାତ୍ର ହୋଇଯାଆନ୍ତୁ । ପ୍ରତିକ୍ଷଣ ଈଶ୍ୱରଙ୍କ ସମ୍ମୁଖରେ ଉପସ୍ଥିତ ହୋଇଯିବାର ସ୍ମୃତିକୁ ଜାଗୃତ କରୁଥିଲେ ।

ପରମାତ୍ମାଙ୍କ ସାନିଧ୍ୟଲାଭ କରିବାର ଏପରି ଇଚ୍ଛା ରଖିଥିଲେ ଯେ ସର୍ବଦା ଏହି ପ୍ରାର୍ଥନା କରୁଥିଲେ । ଅର୍ଥାତ 'ହେ ମୋର ପାଳନକର୍ତା! ନିଜ ହୃଦୟରେ ବି ଆପଣା ଦିବ୍ୟଜ୍ୟୋତି ଭରିଦିଅ ଓ ମୋ ଚକ୍ଷୁରେ ଦିବ୍ୟଜ୍ୟୋତି ଭରିଦିଅ ଏବଂ ମୋର କର୍ଣ୍ଣରେ ମଧ୍ୟ । ମୋର ଦକ୍ଷୀଣରେ ବି ତୁମ୍ଭର ଜ୍ୟୋତି ସଂଚାରିତ ହେଉ ଓ ମୋର ବାମରେ ମଧ୍ୟ । ମୋର ଉର୍ଦ୍ଧ୍ୱରେ ବି ତୁମ୍ଭ ଜ୍ୟୋତି ପ୍ରକାଶିତ ହେଉ ଓ ମୋର ନିମ୍ନରେ ମଧ୍ୟ । ମୋର ସମ୍ମୁଖ ଭାଗରେ ବି ତୁମ୍ଭ ଜ୍ୟୋତି ଝଟକୁ ଥାଉ ଓ ମୋର ପଶ୍ଚାତ୍‌ରେ ମଧ୍ୟ ତୁମ୍ଭ ଜ୍ୟୋତି ରହିଥାଉ । ହେ ମୋର ପାଳନକର୍ତା! ମୋର ସର୍ବାଙ୍ଗ ଅସ୍ତିତ୍ୱକୁ ଜ୍ୟୋତିର୍ମୟ କରିଦିଅ ।

**(ନବୀଓଁ କା ସରଦାର୍, ପୃଷ୍ଠା ୨୭୧, କାଦିୟାନ ମୁଦ୍ରିତ ୨୦୧୪)**

ଯେତେବେଳେ ବି ମହାଭାଗ ଈଶ୍ୱରଙ୍କ ନାମ ଜପନ କରୁଥିଲେ, ତାଙ୍କ ସ୍ୱଭାବରେ ଏକ ଆବେଗ ଓ ଉନ୍ମାଦନା ଭରି ଯାଉଥିଲା । ଏପରି ମନେ ହେଉଥିଲା ଯେ ମହାଭାଗଙ୍କ ଶରୀର ଭିତର ଆଡୁ ଓ ବାହାର ଆଡୁ ମଧ୍ୟ ଏକ ଅପୂର୍ବ ଶିହରଣ ସୃଷ୍ଟି ହୋଇ ସତେ ଯେପରି ତାଙ୍କୁ ସଂପୂର୍ଣ୍ଣ ରୂପେ ଈଶ୍ୱରଙ୍କ ପ୍ରେମ କାବୁ କରି ପକାଉଥିଲା । ଅଲ୍ଲାଃଙ୍କ ଉପାସନାରେ ତାଙ୍କୁ ସରଳତା ଏପରି ସପନ୍ଦ ଥିଲା ଯେ ମସଜିଦରେ ଯେଉଁଠି କୌଣସି ଚଟାଣ ନଥିଲା କି କୌଣସି କପଡା ନଥିଲା, ସେହି ଅବସ୍ଥାରେ ସେ ନମାଜ ପଢୁଥିଲେ ଓ ଅନ୍ୟକୁ ପଢ଼ାଉଥିଲେ । ଅନେକ ଥର ବର୍ଷା ଯୋଗୁଁ ଛାତରୁ ପାଣି ଗଳୁଥିଲା ଓ ମହାଭାଗଙ୍କ ଶରୀର ଭିଜି ଯାଇ ଓଦା ସରସର ହୋଇ ଯାଉଥିଲା । କିନ୍ତୁ ସେ ଉପାସନାରେ ସେହିପରି ମଗ୍ନ ରହୁଥିଲେ ଏବଂ ତାଙ୍କ ହୃଦୟରେ ଟିକିଏ ହେଲେ ସୁଦ୍ଧା ଏହାର ଆଭାସ ହେଉ ନଥିଲା ଯେ ନିଜର ଶରୀର ଓ ପିନ୍ଧିଥିବା ବସ୍ତ୍ରର ସୁରକ୍ଷା ପାଇଁ ମହାଭାଗ ସଂପୃକ୍ତ ନମାଜକୁ ମୁଲତବୀ କରିଦେବେ ଅଥବା କୌଣସି ଅନ୍ୟ ସ୍ଥାନରେ ଯାଇ ନମାଜ ପାଠ କରି ନେବେ ।

ନିଜର ଅନୁଚରମାନଙ୍କ ଉପାସନାର ମଧ୍ୟ ତାଙ୍କ ମନରେ ଚିନ୍ତା ଘାରୁଥିଲା । ଥରେ ହଜରତ ଅବଦୁଲ୍ଲା ବିନ୍ ଉମର[ରଅ]ଙ୍କ ସମ୍ବନ୍ଧରେ ଯେ କି ଅତ୍ୟନ୍ତ ଶୁଦ୍ଧପୁତ ଓ ସଦାଚରୀ ମାନବ ଥିଲେ, ମହାଭାଗ କହିଥିଲେ ଯେ କେତେ ଭଲ ହୁଅନ୍ତା ଯଦି ସେ ତହଜୁଦ ମଧ୍ୟ ନିୟମିତ ପାଠ କରନ୍ତେ । ଯେତେବେଳେ ହଜରତ୍ ଅବ୍ଦୁଲ୍ଲା ବିନ ଉମରଙ୍କ ନିକଟରେ ଏହି ଖବର ପହଂଚିଲା, ସେ କାଳ ବିଳମ୍ବ ନକରି ସେହି ଦିନ ଠାରୁ ନମାଜ ତହଜୁଦ ପଢ଼ିବା ଆରମ୍ଭ କରିଦେଲେ ।

**(ପୃଷ୍ଠା-୨୭୪)**

ଅଲ୍ଲାଃଙ୍କ ଉପରେ ଅଟଳ ଭରସା ଏପରି ଥିଲା ଯେ ଜଣେ ଶତ୍ରୁ ଯେତେବେଳେ ମହାଭାଗଙ୍କୁ ନିଛାଟିଆ ଦେଖି ତାଙ୍କ ଉପରେ ତରବାରୀ ଉଠାଇଲା ଓ ପଚାରିଲା 'ଏବେ କିଏ ତୁମକୁ ମୋଠାରୁ ରକ୍ଷା କରି ପାରିବ?' ମହାଭାଗ ସେତେବେଳେ ନିରସ୍ତ୍ର ଥାଇ ସୁଦ୍ଧା ଓ ଶୋଇଥିବା ଯୋଗୁଁ ତାହାର କୌଣସି ପ୍ରତିରୋଧ ମଧ୍ୟ କରିବା ଅବସ୍ଥାରେ ନଥିବା ସତ୍ତ୍ୱେ ଅତ୍ୟନ୍ତ ଧୀରସ୍ଥିର ଓ ନିଶ୍ଚିନ୍ତ ହୋଇ କହିଲେ - 'ଅଲ୍ଲାଃ' । ତାଙ୍କ ମୁଖରୁ ଏହି ଶବ୍ଦ ଏପରି ଦୃଢ଼ ଆତ୍ମବିଶ୍ୱାସ ଓ ଦମ୍ଭୋକ୍ତି ସହିତ ଉଚ୍ଚରିତ ହେଲା ଯେ ସେହି କାଫିର୍ ମହାଭାଗଙ୍କ ଉଚ୍ଚମାନର ଆସ୍ଥା ଓ ବିଶ୍ୱାସରେ ପୂର୍ଣ୍ଣତାକୁ ସ୍ୱୀକାର ନକରି ରହିପାରିଲା ନାହିଁ । ହଠାତ ତା' ହାତରୁ ଖଣ୍ଡା ତଳେ ପଡିଗଲା ଓ ସେହି ବ୍ୟକ୍ତି ଯିଏ ମହାଭାଗଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଆସିଥିଲା, ତାଙ୍କ ଆଗରେ ଅପରାଧି ପରି ଛିଡା ହୋଇଗଲା । **(ପୃଷ୍ଠା ୨୭୦)**

ନିମ୍ନରେ ହଜରତ ମସିହ ମଉଦ[ଅସ] ଙ୍କ ଉକ୍ତିକୁ ଉଲ୍ଲେଖ କରି ଆମେ ନିଜର ପ୍ରସଙ୍ଗକୁ ଶେଷ କରୁଛୁ । ସେ କହିଛନ୍ତି


**ବିଶ୍ୱର ମହାନତମ ଗୁରୁ**

ପ୍ରକୃତ କଥା ହେଉଛି ଯେ ସମସ୍ତ ନବୀଙ୍କ ମଧ୍ୟରେ ଶ୍ରେଷ୍ଠ ସେହି ନବୀ, ଯିଏକି ବିଶ୍ୱର ମହାନତମ ଗୁରୁ । ଅର୍ଥାତ ସେହି ପୁରୁଷ ଯାହାଙ୍କ ହାତରେ ମହା ବିଶୃଙ୍ଖଳିତ ବିଶ୍ୱର ସଂସ୍କାର ସମ୍ଭବ ହେଲା । ସେ ଦୁନିଆରୁ ବିଲୁପ୍ତ ଓ ଅପସାରିତ ଏକେଶ୍ୱରବାଦକୁ ପୁନର୍ବାର ପୃଥିବୀରେ ପ୍ରତିଷ୍ଠା କଲେ । ଯେଉଁ ମହାପୁରୁଷ ସମସ୍ତ ବାତିଲ ଧର୍ମକୁ ବଳିଷ୍ଠ ପ୍ରମାଣ ଦ୍ୱାରା ପରାଜିତ କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ପଥଭ୍ରଷ୍ଟକାରୀର ସନ୍ଦେହକୁ ମିଟାଇ ଦେଲେ । ସକଳ ମିଥ୍ୟାବାଦର ଆଶଙ୍କାକୁ ଦୂରୀଭୁତ କଲେ । ମୋକ୍ଷବାଦ ଓ ପ୍ରାୟଶ୍ଚିତ ମତବାଦକୁ ଖଣ୍ଡନ କରି ମୁକ୍ତିର ଯଥାର୍ଥ ମାର୍ଗ, ଯାହା ସକାଶେ କୌଣସି ନିଷ୍ପାପ ବ୍ୟକ୍ତିକୁ ଫାଶି ଖୁଂଟରେ ଝୁଲାଇବାର ଆବଶ୍ୟକ ନାହିଁ । ପରମେଶ୍ୱରଙ୍କର ଅନାଦି ଓ ଚିରସ୍ଥାୟୀ ଆସନରୁ ଖସାଇ ଆଣି କୌଣସି ନାରୀର ଗର୍ଭରେ ପକାଇବା ଆଦୌ ବିଧିସଂଗତ ନୁହେଁ । ସୁତରାଂ ମହାଭାଗ ପ୍ରକୃତ ବିଧାନଗତ ଶିକ୍ଷାକୁ ପୁଣି ନୂତନ ଦିଗନ୍ତ ପ୍ରଦାନ କଲେ ।

**(ବ୍ରାହିନେ ଅହମଦୀୟା, ରୁହାନି ଖଜାୟିନ, ଗ୍ରନ୍ଥଖଣ୍ଡ ୧, ପୃଷ୍ଠା ୯୭ ପାଦଟିକା)**

*ଅବଶିଷ୍ଟାଂଶ ପୃଷ୍ଠା- ୧୨ ରେ ଦେଖନ୍ତୁ......*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ, ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**



ମସଜିଦ ଦାରୁସ୍ ସଲାମ, ସାଉଥ ହଲ, ବ୍ରିଟେନର ଏକ ମନୋରମ ଦୃଶ୍ୟ



୨୩ ଫେବୃୟାରୀ ୨୦୨୦ ଦିନ ହଜୁର ଅନଓର ମସଜିଦ ଦାରୁସ୍ ସଲାମର ଉଦଘାଟନ କରୁଛନ୍ତି






ମସଜିଦ ଦାରୁସ୍ ସଲାମ, ସାଉଥ ହଲର ଉଦଘାଟନ ଉତ୍ସବ ଅବସରରେ ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ]ଙ୍କ ଉଦ୍‌ବୋଧନ






ମସଜିଦ ଦାରୁସ୍ ସଲାମ, ସାଉଥ ହଲର ଉଦଘାଟନ ଉତ୍ସବ ଅବସରରେ ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ]ଙ୍କ ସହିତ ଅତିଥିମାନଙ୍କର ସାକ୍ଷାତ






୨୨ ଡିସେମ୍ବର ୨୦୧୯ ଦିନ ଅନୁଷ୍ଠିତ ମଜଲିସ ଖୁଦ୍ଦାମୁଲ ଅହମଦିୟା ବ୍ରିଟେନର ଜାତୀୟ କାଏଦ ଫୋରମକୁ ହଜୁର ଅନୱରଙ୍କ ଉଦବୋଧନ

EDITOR
Qamarul Haque Khan
SUB EDITOR
Maqsood Ali Khan (M.A.)
Mob (91+) 9437128786
e-mail:odiabadar@gmail.com

Registered with the Registrar of the Newspapers for India at No. PUN ODI/2016/68750
ସାପ୍ତାହିକ ବଦର Weekly BADAR Qadian
କାଦିୟାନ Qadian - 143516 Distt. Gurdaspur (Pb.) INDIA
Vol. 05 Thursday 24-31 December 2020 Issue 52-53

MANAGER
SHAIKH MUJAHID AHMAD
Mobile : +91 99153 79255
e -mail:managerbadrqnd@gmail.com
SUBSCRIPTION
ANNUAL: Rs. 500
(Per issue : Rs.9/-)
(Weight : 20-50 gms/issue)

## ଅଲ୍ଲାହ୍‌ଙ୍କ ସୌନ୍ଦର୍ଯ୍ୟମୟ ଗୁଣାବଳୀ ସମ୍ବନ୍ଧରେ ହଜରତ ମୁହମ୍ମଦ[ସଅ] ଙ୍କର ଦିବ୍ୟ ହଦିସ କଥନ

ହଜରତ ଅବୁଜର୍[ରଅ] ବର୍ଣ୍ଣନା କରିଛନ୍ତି ଯେ ହଜରତ ମୁହମ୍ମଦ[ସଅ] ଅଲ୍ଲାହ୍‌ଙ୍କ ତରଫରୁ ଏହା କହିଥିଲେ ଯେ ଅଲ୍ଲାହ୍‌ତାଲା ଏହିପରି କହିଛନ୍ତି : ହେ ଆମ୍ଭର ଭକ୍ତଗଣ ! ଆମ୍ଭେ ନିଜର ବ୍ୟକ୍ତିତ୍ୱ ଉପରେ ଅତ୍ୟାଚାରକୁ ନିଷିଦ୍ଧ କରି ରଖିଛି । ତୁମେ ସବୁ ବାଟବୁଡି ବସିଛ, କେବଳ ସେହି ଲୋକମାନଙ୍କ ବ୍ୟତୀତ ଯେଉଁମାନଙ୍କୁ ଆମ୍ଭେ ସତ୍‌ପଥ ପ୍ରଦର୍ଶନ କରିବୁ । ତେଣୁ ଆମ୍ଭ ଠାରୁ ହିଁ ସତ୍‌ପଥ ଭିକ୍ଷା କର, ଆମ୍ଭେ ତୁମମାନଙ୍କୁ ସତ୍‌ଶିକ୍ଷା ପ୍ରଦାନ କରିବୁ । ହେ ଆମ୍ଭର ଭକ୍ତଗଣ ! ତୁମେମାନେ ସବୁ କ୍ଷୁଧାର୍ତ୍ତ କେବଳ ତାହା ବ୍ୟତୀତ ଯାହାକୁ ଆମ୍ଭେ ଭୋଜନ ଦେବୁ । ଅତଃ ଆମ୍ଭଠାରୁ ଜୀବିକା ମାଗ, ଆମ୍ଭେ ତୁମମାନଙ୍କୁ ଜୀବିକା ପ୍ରଦାନ କରିବୁ । ହେ ଆମ୍ଭର ଭକ୍ତଗଣ ! ତୁମେସବୁ ନଗ୍ନ ହୋଇ ରହିବ କେବଳ ତାକୁ ଛାଡି ଦେଇ ଯାହାକୁ ଆମ୍ଭେ ବସ୍ତ୍ର ପିନ୍ଧିବାକୁ ଦେବୁ । ସୁତରାଂ ଆମ୍ଭକୁ ବସ୍ତ୍ର ମାଗ, ଆମ୍ଭେ ଅବଶ୍ୟ ତୁମକୁ ବସ୍ତ୍ର ଯୋଗାଇବୁ । ହେ ଆମ୍ଭର ଭକ୍ତଗଣ ! ତୁମେମାନେ ଦିବାନିଶି ଯେତେ ଦୋଷତ୍ରୁଟି କରି ବସିଲେ ମଧ୍ୟ ଆମ୍ଭେ ତୁମମାନଙ୍କର ପାପ କ୍ଷମା କରିପାରୁ । ସୁତରାଂ ଆମ୍ଭଠାରୁ କ୍ଷମାଭିକ୍ଷା କର, ଆମ୍ଭେ ତୁମକୁ କ୍ଷମା ପ୍ରଦାନ କରିବୁ । ହେ ଆମ୍ଭର ଭକ୍ତଗଣ ! ଯଦି ତୁମେମାନେ ଆମ୍ଭକୁ କ୍ଷତି ପହଞ୍ଚାଇବାକୁ ମନସ୍ଥ କରିବ, ତା'ହେଲେ କଦାପି ଆମ୍ଭର କୌଣସି କ୍ଷତି ପହଞ୍ଚାଇ ପାରିବ ନାହିଁ । ନା ତୁମେମାନେ ଯେତେ ଚେଷ୍ଟା କଲେ ସୁଦ୍ଧା ଆମ୍ଭକୁ କୌଣସି ଲାଭ ପହଞ୍ଚାଇ ପାରିବ । ହେ ଆମ୍ଭର ଭକ୍ତଗଣ ! ଯଦି ତୁମମାନଙ୍କର ସବୁ ଆଗପଛ ମାନବ ଓ ଜିନ୍ ସକଳ ଜନ ସମସ୍ତେ ପ୍ରଥମ ଶ୍ରେଣୀର ଧର୍ମପରାୟଣ ତଥା ଶୁଦ୍ଧପୂତ ମନୁଷ୍ୟ ହୋଇଯିବ ଏବଂ ଏପରି ଜଣେ ବ୍ୟକ୍ତି ସମ ହୋଇଯିବ, ଯିଏକି ତୁମମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ଧର୍ମନିଷ୍ଠତା ଓ ଈଶ୍ୱର ଭୟ ରଖୁଥିବ, ତା'ହେଲେ ତୁମର ଏପରି ହୋଇଯିବା ମଧ୍ୟ ଆମ୍ଭର ସାମ୍ରାଜ୍ୟର କ୍ଷମତା ଧାରଣ କରିବାରେ କାଣିଚାଏ ହେଲେ ସୁଦ୍ଧା ବୃଦ୍ଧି କରିପାରିବ ନାହିଁ । ହେ ଆମ୍ଭର ଭକ୍ତଗଣ ! ଯଦି ତୁମମାନଙ୍କର ସମସ୍ତ ଆଗପଛ ମାନବ ଓ ଜୀନ୍ ତୁମମାନଙ୍କ ମଧ୍ୟରେ ସର୍ବାଧିକ ଦୁରାଚାରୀ ହୋଇଥିବ, ତାହାର ହୃଦୟ ଯେତେ ବିଦ୍ୱେଷରେ ଭରା ଦୁର୍ଦ୍ଦାନ୍ତ ହୋଇଯାଇଥିଲେ ସୁଦ୍ଧା ତଥାପି ମୋର ସାମ୍ରାଜ୍ୟତ୍ୱରେ କିଛି ହେଲେ ହ୍ରାସ କରିପାରିବ ନାହିଁ । ହେ ଆମ୍ଭର ଭକ୍ତଗଣ ! ଯଦି ତୁମମାନଙ୍କର ସବୁ ଆଗପଛ ମାନବ ଓ ଜୀନ୍ ଗୋଟିଏ ପଡିଆରେ ଏକତ୍ରୀତ ହୋଇଯିବେ ଏବଂ ଆମ୍ଭଠାରୁ ଆଶା ପୂରଣ କରିବାର କାମନା ଭିକ୍ଷା କରିବେ ଏବଂ ଯଦି ପ୍ରତ୍ୟେକ ମନୁଷ୍ୟର ମନସ୍କାମନା ପୂରଣ କରି ଦିଆଯାଏ ତଥାପି ମୋର ଭଣ୍ଡାରରୁ କିଞ୍ଚିତ ମାତ୍ର ଊଣା ହେବ ନାହିଁ । ଯେତିକି ସୂଚ୍ୟାଗ୍ରେ ସମୁଦ୍ରରୁ ଜଳ ବାହାର କରିନେଲେ ସମୁଦ୍ରର ଜଳ କମିଯିବ ।

(ହଦିସ ସହି ମୁସଲିମ୍, କିତାବୁଲ୍ ବିର୍‌ରେ ଓ୍ୱସ୍‌ସିଲତେ)

## ଏକେଶ୍ୱରବାଦର ମୂଳମନ୍ତ୍ର

ହଜରତ ମସିହ ମଉଦ[ଅସ] କହିଛନ୍ତି :

ମନେରଖ ଯେ ବାସ୍ତବ ଏକେଶ୍ୱରବାଦ ସମ୍ବନ୍ଧରେ ଈଶ୍ୱର ଯେଉଁ ସ୍ୱୀକାରୋକ୍ତି ଆମଠାରୁ ଚାହୁଁଛନ୍ତି ଏବଂ ଯାହାକୁ ସ୍ୱୀକାର କରିବା ଦ୍ୱାରା ମୋକ୍ଷପ୍ରାପ୍ତି ସମ୍ଭବ ହୋଇଥାଏ, ପରମେଶ୍ୱରଙ୍କୁ ନିଜର ଅସ୍ତିତ୍ୱରେ ପ୍ରତ୍ୟେକ ପ୍ରକାର ଶିର୍କ ତାହା ପ୍ରତୀମା ହେଉ କି ମନୁଷ୍ୟ ହେଉ, ତାହା ସୂର୍ଯ୍ୟ ହୋଇଥାଉ କିମ୍ବା ଚନ୍ଦ୍ର ଅଥବା ନିଜର ସ୍ୱାର୍ଥ ହେଉ କି ନିଜର ଯୋଜନା ଏବଂ ଯେତେ ମିଥ୍ୟା ପ୍ରବଞ୍ଚନା ମଧ୍ୟ ହୋଇଥାଉ ନା କାହିଁକି, ସବୁରି ମଧ୍ୟରେ ସେ ପବିତ୍ର ତଥା ଖାଣ୍ଟି ବୋଲି ବିବେଚନା କରିବା । ତାହାଙ୍କ ମୁକାବିଲାରେ ଅନ୍ୟ କାହାକୁ ସର୍ବକର୍ତ୍ତୃକ ଓ ସର୍ବଶକ୍ତିମାନ ହୋଇଥିବାର ମତ ପୋଷଣ ନକରିବା, କାହାକୁ ଜୀବିକା ପ୍ରଦାନକାରୀ ବୋଲି ନମାନିବା, ଅନ୍ୟ କେହି ଅଧିକ ସମ୍ଭ୍ରାନ୍ତ ଓ ଉଚ୍ଚ ପ୍ରତିଷ୍ଠିତ ବୋଲି ମନରେ ଧାରଣା ନରଖିବା, ଅନ୍ୟ କାହାକୁ ସହାୟକ ବନ୍ଧୁ ଓ ସାହାଯ୍ୟକାରୀ ରୂପେ ଆଖ୍ୟାୟିତ ନକରିବା । ଦ୍ୱିତୀୟତଃ ସେହି ସର୍ବମୟ କର୍ତ୍ତାଙ୍କ ଠାରେ ହିଁ କେବଳ ଆନ୍ତରିକ ପ୍ରେମଭାବ ପ୍ରତିଷ୍ଠା କରିବା, ତାଙ୍କରି ଠାରେ ହିଁ ସକଳ ଉପାସନା ସମର୍ପିତ କରିବା, ସମସ୍ତ ନିନ୍ଦା ଅପମାନକୁ ସହ୍ୟ କରିବା, ନିଜର ସବୁ ଆଶାଭରସା ଓ ଭୟଭୀତି ତାଙ୍କରି ଉପରେ ନ୍ୟସ୍ତ କରିବାକୁ ହେବ । ସୁତରାଂ ଏହି ତିନି ପ୍ରକାର ବିଶେଷତ୍ୱ ବିନା କୌଣସି ଏକେଶ୍ୱର ମହିମା ସମ୍ପୂର୍ଣ୍ଣ କରାଯାଇ ପାରିବ ନାହିଁ । ପ୍ରଥମତଃ ବ୍ୟକ୍ତିଗତ ଦୃଷ୍ଟିକୋଣରୁ ଈଶ୍ୱରଙ୍କ ଏକତ୍ୱ । ତାହା ହେଉଛି, ତାହାଙ୍କ ଅସ୍ତିତ୍ୱର ମୁକାବିଲାରେ ସକଳ ବିଦ୍ୟମାନ ବସ୍ତୁର ସତ୍ତାକୁ ସଂପୂର୍ଣ୍ଣ ନିଷ୍କ୍ରୀୟ ଓ ନିର୍ଚ୍ଚିହ୍ନ ହୋଇଯାଇଛି ବୋଲି ଭାବିବା ଏବଂ ସେ ସମସ୍ତକୁ ବିନାଶଶୀଳ ଓ ବାସ୍ତବଶୂନ୍ୟ ବୋଲି ଧାରଣା କରିବା । ଦ୍ୱିତୀୟତଃ ବୈଶିଷ୍ଟ୍ୟଗତ ଦୃଷ୍ଟିକୋଣରୁ ଏକେଶ୍ୱରବାଦ । ତାହା ହେଉଛି : କେବଳ ଈଶ୍ୱରଙ୍କ ଗୁଣାବଳୀକୁ ଛାଡିଦେଲେ ବିଭିନ୍ନ ପ୍ରକାର ବସ୍ତୁର ପ୍ରତିପାଳକ କିମ୍ବା ବଦାନ୍ୟତା ସ୍ୱରୂପ ଯେତେଯାହା ଅନୁଗ୍ରହ ପ୍ରଦର୍ଶନ କରନ୍ତି, କାହାରି ଉପରେ ନିର୍ଭିକ ଓ ନିର୍ଭରଶୀଳ ହୋଇ ବସି ନଯିବା । ପ୍ରକାଶ୍ୟ ରୂପେ ଦେଖାଯାଉଥିବା ସେହିସବୁ କୃତ୍ରିମ ପ୍ରକ୍ରୀୟା ସେହି ପରମ ବିଧାତାଙ୍କ ହସ୍ତର ଏକ ଦୈବି ବ୍ୟବସ୍ଥିତ ଅଂଶ ହୋଇଥିବାର ଦୃଢ଼ ଆସ୍ଥା ପୋଷଣ କରିବା । ତୃତୀୟତଃ ଆପଣାର ପ୍ରେମ, ଅନୁରକ୍ତି ଓ ସତ୍ୟନିଷ୍ଠତା ଦୃଷ୍ଟିକୋଣରୁ ଈଶ୍ୱରଙ୍କୁ ଏକକ ସତ୍ତା ରୂପେ ଏକୀଭୂତ ହୋଇଥିବାର ଧାରଣ ରଖିବା । ଅର୍ଥାତ ପ୍ରେମ ଓ ଆସକ୍ତି ଇତ୍ୟାଦି ଉପାସନାର ମୂଳତତ୍ତ୍ୱକୁ ଆଧାର କରି ଅନ୍ୟ କାହାରିକୁ ଈଶ୍ୱରଙ୍କ ସହିତ ସମକକ୍ଷ ନକରି ବାସ୍ତବ ଈଶ୍ୱରଙ୍କ ପ୍ରେମରେ ମଗ୍ନ ହେବା, ଏପରିକି ତାଙ୍କର ପରମ ସତ୍ତାରେ ଲୀନ ହୋଇଯିବା ହିଁ ଏହାର ମୂଳମନ୍ତ୍ର ।

(ସୀରାଜୁଦ୍ଦୀନ ଇସାଇକେ ଚାର୍ ସଓ୍ୱାଲୌଁ କା ଜଓ୍ୱାବ, ରୁହାନି ଖଜାୟିନ୍, ଗ୍ରନ୍ଥ ଖଣ୍ଡ ୧୨, ପୃଷ୍ଠା ୩୪୯)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab.
And published at office of Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor : Qamrul Haque Khan